R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୩୨୧
ତିଥି: ତ୍ରୟୋଦଶୀ
୨୬ ଅଗଷ୍ଟ ୨୦୨୬, ବୁଧବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 321
26 August 2026, Wednesday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

# ମହାନଦୀରେ ଛୋଟ ବନ୍ୟା ଆଶଙ୍କା

ଭୁବନେଶ୍ୱର, ୨୫।୮ (ସବ୍ୟୁ) : ଉପରମୁଣ୍ଡ ଛତିଶଗଡ଼ରେ ଲଗାଣ ବର୍ଷା ଯୋଗୁ ମହାନଦୀରେ ପାଣି ବଢ଼ିବାରେ ଲାଗିଛି । ମହାନଦୀରେ ଛୋଟ ବନ୍ୟା ଆଶଙ୍କା ଦେଖାଦେଇଛି। ମହାନଦୀରେ ବଢୁଛି ଜଳସ୍ତର । ଏପଟେ ୧୬ଟି ଗେଟ୍ ଖୋଲା ରହିଥିବାରୁ ତଳମୁଣ୍ଡକୁ ଅଧିକ ପାଣି ଆସିବାର ଆଶଙ୍କା ରହିଛି। ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଦିଲ୍ଲୀପ ରାଉତଙ୍କ ସୂଚନା ଅନୁସାରେ, ମହାନଦୀରେ ଛୋଟ ବନ୍ୟା ସ୍ଥିତି ଉପୁଜିପାରେ । ପ୍ରାୟ ୮ରୁ ୧୦ ଘଣ୍ଟା ପର୍ଯ୍ୟନ୍ତ ମହାନଦୀରେ ଅଧିକ ପାଣି ରହିବାର ସମ୍ଭାବନା ରହିଛି । ଆସନ୍ତାକାଲି(ବୁଧବାର)



ସୁଦ୍ଧା ମୁଣ୍ଡଳୀରେ ପ୍ରାୟ ୬ ଲକ୍ଷ ୫୦ ହଜାରରୁ ୬ ଲକ୍ଷ ୭୦ ହଜାର କ୍ୟୁସେକ୍ ପାଣି ପ୍ରବାହିତ ହୋଇପାରେ । ତେଣୁ ତଳମୁଣ୍ଡରେ ଜଳସ୍ତର ଉପରେ ନଜର ରଖାଯାଇଛି ।

ରାଜ୍ୟରେ ଲଘୁଚାପଜନିତ ବର୍ଷା ଓ କେତେକ ଅଞ୍ଚଳରେ ବନ୍ୟା ପରିସ୍ଥିତି ଉପରେ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟ ତଥା ରାଜ୍ୟ ଜରୁରୀକାଳୀନ ପରିଚାଳନା କେନ୍ଦ୍ର ପକ୍ଷରୁ ୨୪ ଘଣ୍ଟିଆ ନଜର ରଖାଯାଇଛି । ବୁଧବାର ସକାଳ

### ରାଜ୍ୟରେ ବର୍ଷା ଓ ବନ୍ୟା ପରିସ୍ଥିତି ନିୟନ୍ତ୍ରଣାଧୀନ

### ୭୯ ଓଡ୍ରାଫ୍, ଏନ୍‌ଡିଆର୍‌ଏଫ୍ ଓ ଅଗ୍ନିଶମ ବାହିନୀ ଟିମ୍ ନିୟୋଜିତ

୧୧ଟା ପର୍ଯ୍ୟନ୍ତ ମିଳିଥିବା ସ୍ଥିତି ଅନୁଯାୟୀ, ସମଗ୍ର ରାଜ୍ୟର ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି । (୯ ପୃଷ୍ଠାରେ)

# ଦିନକରେ ସାପ ନେଲା ୬ ଜୀବନ

## ବଣାଇରେ ଅଜା-ନାତି, ରାଉରକେଲାରେ ଭାଇ-ଭଉଣୀ

ବାଲେଶ୍ୱର/ଭଦ୍ରକ/ସୁନ୍ଦରଗଡ଼, ୨୫।୮ (ସବ୍ୟୁ): ଏକାଦିନରେ ସାପ କାମୁଡ଼ାରେ ଚାଲିଗଲା ୬ ଜଣଙ୍କ ଜୀବନ । ସୁନ୍ଦରଗଡ଼, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାରୁ ଆସିଛି ଏହି ଦୁଃଖଦ ଖବର । ଶୋଇଥିବା ସମୟରେ ସାପ କାମୁଡ଼ାରେ ସୁନ୍ଦରଗଡ଼ରେ ୪ ଜଣ ଏବଂ ବାଲେଶ୍ୱର ଓ ଭଦ୍ରକରେ ଜଣେ ଲେଖାଏଁ ନାବାଳିକାଙ୍କ ମୃତ୍ୟୁ ହୋଇଛି। ସୁନ୍ଦରଗଡ଼ ଜିଲ୍ଲା ବଣାଇଁଗଡ଼ ଟିକାୟତପାଲି ଥାନା ଅନ୍ତର୍ଗତ ତିଲେଇମାଲ ଗାଁ ଭୂୟାଁସାହିରେ ରାତିରେ ଶୋଇଥିବା ବେଳେ ଅଜା-ନାତି ସର୍ପାଘାତର ଶିକାର ହୋଇଛନ୍ତି ।



ମୃତକ ହେଲେ ଅଜା ରବି ଭୂୟାଁ (୭୬) ଓ ନାତି ସଞ୍ଜୟ ନାଏକ (୮) । ଉଭୟେ ଏକାଠି ଶୋଇଥିବା ବେଳେ ବିଷାକ୍ତ ସାପ କାମୁଡ଼ିଥିଲା । ପରିବାର ଲୋକେ ଉଭୟଙ୍କୁ ତୁରନ୍ତ ବଣାଇଁ ଡାକ୍ତରଖାନାକୁ ନେଇଥିଲେ । ହେଲେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ ।

ସେହିପରି ରାଉରକେଲା ଉପକଣ୍ଠ ଲାଠିକଟା ଅଞ୍ଚଳରେ ସାପ କାମୁଡ଼ାରେ ଦୁଇ ଭାଇ-ଭଉଣୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଭାଇ ସମୀର ହରୋ (୭) ଓ ଭଉଣୀ ସାଇରେନ ହରୋ(୧୦)। ସୋମବାର ରାତିରେ ପରିବାର ସହ ଖାଇସାରି ଦୁଇ ଭାଇ-ଭଉଣୀ ଖଟ ଉପରେ ଶୋଇଥିଲେ । ଭୋର ପ୍ରାୟ ୩ଟାରେ ସମୀର ପେଟ (୯ ପୃଷ୍ଠାରେ)

### ବିପିଏସ୍‌ସି ପରୀକ୍ଷା ବାତିଲ ଦାବିରେ ଛାତ୍ରଙ୍କ ପ୍ରତିବାଦ

# ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରିବା ଉଦ୍ୟମ

ନୂଆଦିଲ୍ଲୀ, ୨୫।୮ : ବିହାରରେ ଛାତ୍ର ପ୍ରତିବାଦ ଜୋରଦାର ହୋଇଛି। ଆନ୍ଦୋଳନରତ ଛାତ୍ରଙ୍କୁ ଘଉଡାଇବା ପାଇଁ ପୋଲିସ ଲାଠି ଚାର୍ଜ କରିଛି। ପ୍ରତିବାଦକାରୀ ଛାତ୍ରମାନେ ବିହାର ଲୋକସେବା କମିଶନର ପରୀକ୍ଷା ପ୍ରତିବାଦରେ ବିକ୍ଷୋଭ କରିଥିଲେ। ସେମାନେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ କରିବାକୁ ଯାଉଥିଲେ। ମାତ୍ର ପୋଲିସ ତାଙ୍କୁ ବାଟରେ ଅଟକାଇଥିଲା। ଛାତ୍ରମାନେ ବିପିଏସ୍‌ସିର ପରୀକ୍ଷାକୁ ବାତିଲ କରିବା ପାଇଁ ଦାବି କରିଛନ୍ତି।

ପ୍ରତିବାଦକାରୀମାନେ ନିଷିଦ୍ଧାଞ୍ଚଳ ଦେଇ ଯିବାକୁ ଚେଷ୍ଟା କରୁଥିଲେ। ଛାତ୍ରଙ୍କୁ ଅଟକାଇବା ପାଇଁ ପୋଲିସ ଏହି ରାସ୍ତାରେ ବ୍ୟାରିକେଡ୍ କରିଥିଲା। ରାଜଭବନରୁ ଛାତ୍ରମାନେ ଶୋଭାଯାତ୍ରାରେ ବାହାରି ଗାନ୍ଧି ମୈଦାନ ନିକଟରେ ପହଞ୍ଚିଥିଲେ। ୭୦ତମ ବିପିଏସ୍‌ସି ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ହେବାସହ ଅନିୟମିତତା ହୋଇଛି ବୋଲି ଛାତ୍ରମାନେ ଅଭିଯୋଗ କରିଛନ୍ତି। ପୋଲିସ ସୂତ୍ରରୁ ଜଣାପଡ଼ିଛି ଯେ ନିଷିଦ୍ଧାଞ୍ଚଳକୁ ଛାତ୍ରମାନେ ପ୍ରବେଶ କରିବାକୁ ଉଦ୍ୟମ (୯ ପୃଷ୍ଠାରେ)

# ୪୫୨ ଶୈବପୀଠରେ ୩୪ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ଜଳଲାଗି

ଭୁବନେଶ୍ୱର, ୨୫।୮ (ସବ୍ୟୁ) : ରାଜ୍ୟରେ ଥିବା ୪୫୨ଟି ପ୍ରମୁଖ ଶୈବପୀଠରେ ଶ୍ରାବଣ ମାସର ଚାରି ସୋମବାରରେ ୩୪ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଜଳଲାଗି କରିଛନ୍ତି । ସବୁ ଶୈବପୀଠରେ ଶ୍ରାବଣର ରବିବାର, ସୋମବାର ସୁରକ୍ଷା ବ୍ୟବସ୍ଥା ରାଜ୍ୟ ପୋଲିସ ପକ୍ଷରୁ କଡାକଡି କରାଯାଇଥିଲା। ଶ୍ରଦ୍ଧାଳୁମାନେ ସୁରକ୍ଷିତ ଭାବେ ଜଳଲାଗି କରିଥିଲେ । କୌଣସି ସ୍ଥାନରେ ବିଶୃଙ୍ଖଳା ନଜରକୁ ଆସିନଥିବା ଡିଜିପି ବିନୟତୋଷ ମିଶ୍ର କହିଛନ୍ତି ।



ଶ୍ରାବଣ ମାସର ଚାରି ସୋମବାରରେ ୩୫ଟି ପୋଲିସ ଜିଲ୍ଲାରେ ଥିବା ଶୈବପୀଠ ଗୁଡିକରେ ଭିଡ ଓ ଯାତାୟାତ ପରିଚାଳନା ପାଇଁ ରାଜ୍ୟ ବ୍ୟାପୀ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। କୌଣସି ସ୍ଥାନରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ କିମ୍ବା ଦଳାଚକଟା (୯ ପୃଷ୍ଠାରେ)

### ଆଇଏଏସ୍ ସ୍ତରରେ ଅଦଳବଦଳ

# ସଞ୍ଜୟ ବିଶ୍ୱାଳ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ

ଭୁବନେଶ୍ୱର, ୨୫।୮ (ସବ୍ୟୁ) : ରାଜ୍ୟ ସରକାର ଆଇଏଏସ୍ ସ୍ତରରେ ଏକ ଛୋଟ ଧରଣର ଅଦଳବଦଳ କରିଛନ୍ତି। ବାଣିଜ୍ୟ ଓ ପରିବହନ ବିଭାଗର ଅତିରିକ୍ତ ଶାସନ ସଚିବ ୨୦୧୫ ବ୍ୟାଚର ଆଇଏଏସ୍ ଅଫିସର ସଞ୍ଜୟ କୁମାର ବିଶ୍ୱାଳଙ୍କୁ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଛି ।

ସାଧାରଣ ପ୍ରଶାସନ ବିଭାଗରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ୨୦୧୪ ବ୍ୟାଚର ଆଇଏଏସ୍ ଅଫିସର ବିରେନ୍ଦ୍ର କୋରକୋରାଙ୍କୁ ସ୍ୱରାଷ୍ଟ୍ର ବିଭାଗର ଅତିରିକ୍ତ ଶାସନ ସଚିବ ଭାବେ ବଦଳି କରାଯାଇଥିବା ବେଳେ ୨୦୧୪ ବ୍ୟାଚର ଆଇଏଏସ୍ (୯ ପୃଷ୍ଠାରେ)

# ସେପ୍ଟେମ୍ବର ୨୨ରୁ ବିଧାନସଭା

ଭୁବନେଶ୍ୱର, ୨୫।୮ : ସେପ୍ଟେମ୍ବର ୨୨ ରୁ ବିଧାନସଭାର ମୌସୁମୀ ଅଧିବେଶନ ଆରମ୍ଭ ହେବ। ଯାହା ଅକ୍ଟୋବର ୩ ତାରିଖ ଯାଏ ଚାଲିବ ବୋଲି ସୂଚନା ମିଳିଛି। ଏଥର ମୌସୁମୀ ଅଧିବେଶନରେ ୯ ଟି କାର୍ଯ୍ୟ ଦିବସ ରହିଛି । ଗୋଟିଏ ଦିନ ଛୁଟି ରହିଛି । ଚଳିତ ମୌସୁମୀ ଅଧିବେଶନରେ ସରକାର ବହୁ ଗୁରୁତ୍ୱପୂର୍ଣ୍ଣ ବିଲ୍ ବିଧାନସଭାରେ ଆଗତ କରିବାରେ ସମ୍ଭାବନା ରହିଛି। ତେବେ ଅପରପକ୍ଷରେ ସରକାରଙ୍କୁ ଘେରିବା ପାଇଁ ବିରୋଧୀ ଦଳ ରଣନୀତି ପ୍ରସ୍ତୁତ କରୁଛନ୍ତି । ବିଶେଷ କରି ପାଠ୍ୟ ପୁସ୍ତକରେ ତୃଟି ଓ ଏମଏମଡିଆର ସଂଶୋଧନ ବିଲ ନେଇ ସରକାରଙ୍କୁ ବିରୋଧୀ ଘେରିବାର ସମ୍ଭାବନା ରହିଛି ।

# ଡିଆର୍‌ଡିଓ ଶିଳ୍ପ ସଂସ୍ଥାକୁ ଦେବ କ୍ଷେପଣାସ୍ତ୍ର ବୈଷୟିକ କୌଶଳ

ନୂଆଦିଲ୍ଲୀ, ୨୫।୮ : ପ୍ରତିରକ୍ଷା କ୍ଷେତ୍ରରେ ଘରୋଇ କମ୍ପାନୀଗୁଡିକର ପ୍ରବେଶ ହୋଇଛି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଆଜି ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଂଗଠନ (ଡିଆରଡିଓ) କୁ ଭାରତୀୟ ଶିଳ୍ପ ସଂସ୍ଥାଗୁଡିକୁ ବିକଶିତ ସମସ୍ତ ପାରମ୍ପରିକ କ୍ଷେପଣାସ୍ତ୍ର ପ୍ରଣାଳୀର ବୈଷୟିକ ଜ୍ଞାନ କୌଶଳ ହସ୍ତାନ୍ତର ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି ।

ପ୍ରତିରକ୍ଷା ମନ୍ତ୍ରଣାଳୟର ସୂଚନା ଅନୁଯାୟୀ ଏହି ପଦକ୍ଷେପ ଦେଶର ପ୍ରତିରକ୍ଷା ବ୍ୟବସ୍ଥାରେ ଭାରତୀୟ ଶିଳ୍ପର ଭୂମିକା ବଢାଇବା ସହ ଉନ୍ନତ କ୍ଷେପଣାସ୍ତ୍ର ପ୍ରଣାଳୀର ସ୍ୱଦେଶୀ ଉତ୍ପାଦନକୁ ପ୍ରୋତ୍ସାହିତ (୯ ପୃଷ୍ଠାରେ)

# ଟିଏମ୍‌ସି ବିଦ୍ରୋହୀ ସାଂସଦଙ୍କୁ ନୋଟିସ୍

ନୂଆଦିଲ୍ଲୀ, ୨୫।୮ : ତୃଣମୂଳ କଂଗ୍ରେସ (ଟିଏମସି)ର ବିଦ୍ରୋହୀ ୨୦ ସାଂସଦଙ୍କୁ ସୁପ୍ରିମକୋର୍ଟ ନୋଟିସ୍ ପ୍ରଦାନ କରିଛନ୍ତି। ଟିଏମସି ସାଧାରଣ ସମ୍ପାଦକ ତଥା ଲୋକସଭା ସଂସଦୀୟ ଦଳର ନେତା ଅଭିଶେକ ବାନାର୍ଜୀଙ୍କ ରିଟ୍ ପିଟିସନ ଉପରେ ଏହି ନୋଟିସ ପ୍ରଦାନ କରାଯାଇଛି । ଶ୍ରୀ ବାନାର୍ଜୀ ତାଙ୍କ ଯାଚିକାରେ ଉଲ୍ଲେଖ କରିଛନ୍ତି ଯେ, ଏହି ସାଂସଦମାନଙ୍କୁ ଅଯୋଗ୍ୟ ଘୋଷଣା କରାଯାଉ । ଏହା (୯ ପୃଷ୍ଠାରେ)

### ମଝି ସମୁଦ୍ରରେ ଜାହାଜ ବୁଡ଼ି ଘଟଣା

# ମିଳିଲା ଲାଇଫ ବୋଟ, ନାହାନ୍ତି ନାବିକ

ପାରାଦୀପ, ୨୫।୮ (ଜିପ୍ର) : ଦୀର୍ଘ ୧୦୦ ଘଣ୍ଟାର ପରିଶ୍ରମ ପାରେ କୋଷ୍ଟଗାର୍ଡର ଜାହାଜ ଭରଦ ପାଇଛି ମଝି ସମୁଦ୍ରରେ ବୁଡି ଯାଇଥିବା ଓସେନ ଉଇନର ଜାହାଜର ଲାଇଫ ବୋଟ । ସେହି ଲାଇଫ ବୋଟ ମଧ୍ୟରେ କେହି ନାବିକ ନଥିବା ଜଣାପଡିଛି । ଜାହାଜ ଭିତରେ ଏହି ଲାଇଫ ବୋଟଟି ନାବିକ ମାନଙ୍କ ବିପଦ କାଳୀନ ସମୟରେ ରକ୍ଷା କବଚ ସାଜିଥାଏ । କିନ୍ତୁ ବୋଟ ମଧ୍ୟରେ କୌଣସି ନାବିକ ନଥିବାରୁ




ଏବେ ନାବିକ ମାନଙ୍କ ଜୀବନ କେଉଁ ପରିସ୍ଥିତିରେ ଅଛି ତାକୁ ନେଇ ଉଠିଛି ପ୍ରଶ୍ନ । ଦୂର ସମୁଦ୍ର ମଧ୍ୟରେ ବୁଡି ଯାଇଥିବା ଓସେନ ଉଇନର ଜାହାଜ ଓ ଜାହାଜରେ ଥିବା ୨୨ ନାବିକଙ୍କ ସନ୍ଧାନ କରିବାରେ ସମସ୍ତେ ବ୍ୟସ୍ତ ।

ଆଜି ଏହି ସର୍ଚ୍ଚ ଅପରେସନରେ ସାମିଲ ହୋଇଛି ଚାଇନାର ଦୁଇ ଭେସେଲ । ଚାଇନା ମାଲିକଙ୍କ ଜାହାଜ ଓ ସେଥିରେ ଦୁଇ ନାବିକଙ୍କ ଉଦ୍ଧାର ପରେ ଆହୁରି ୧୮ ଚାଇନିଜ ନାବିକ ଅଛନ୍ତି। ଭାରତ ସରକାରଙ୍କ (୯ ପୃଷ୍ଠାରେ)

15001/94/2627



ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ଅବସରରେ
ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା ।

ମହାପୁରୁଷ ମହମ୍ମଦଙ୍କ ପବିତ୍ର ଜନ୍ମ ତିଥି ଅବସରରେ ମୁଁ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଆନ୍ତରିକ ଅଭିନନ୍ଦନ ଜଣାଉଛି ।

ଏହି ପବିତ୍ର ଅବସର ଆମ ସମାଜରେ ଶାନ୍ତି, ପାରସ୍ପରିକ ସମ୍ମାନ ଓ ସଦ୍‌ଭାବନାକୁ ଅଧିକ ସୁଦୃଢ କରିବ ବୋଲି ମୋର ଆଶା ଓ ବିଶ୍ୱାସ ।

(ହରି ବାବୁ କମ୍ଭମପାଟି)



ମହାପୁରୁଷ
ମହମ୍ମଦଙ୍କ ଜୟନ୍ତୀ ଅବସରରେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ମହାପୁରୁଷ ମହମ୍ମଦଙ୍କ ପବିତ୍ର ଜୟନ୍ତୀ ଅବସରରେ ମୁସଲମାନ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ଏବଂ ସମସ୍ତଙ୍କର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରୁଛି ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR: 15001/15001/2/26-27/0094

## କିଆରାଙ୍କ ନୂଆ ଫିଲ୍ମ ପାଇଁ ଆଗ୍ରହ




କିଆରା ଆଡଭାନୀ ପ୍ରଥମ ଥର ପାଇଁ ଏକାଠି ସୈଫ ଅଲ୍ଲୀ ଖାନଙ୍କ ସହିତ ଏକ ନୂଆ ଫିଲ୍ମରେ ଏକାଠି ନଜର ଆସିବାକୁ ଯାଉଛନ୍ତି। ।ଯାହାକୁ ନେଇ ତାଙ୍କ ଫ୍ୟାନମାନେ ଖୁବ ଏକ୍ସାଇଟେଡ ଅଛନ୍ତି। ଏହି ଫିଲ୍ମଟି ଏକ ସୁପରନ୍ୟାଚୁରାଲ୍ ଫିଲ୍ମ ହୋଇଥିବାରୁ ଫ୍ୟାନମାନେ ଏହାକୁ ନେଇ ଅନେକ ଆଲୋଚନା ସୋସିଆଲ ମିଡିଆରେ କରୁଥିବା ଦେଖିବାକୁ ମିଳୁଛି। ସେହିଭଳି ମେକର୍ସମାନେ ଏହି ଦୁଇ କଳାକାରଙ୍କୁ ଧ୍ୟାନରେ ରଖି ସ୍କ୍ରିପ୍ଟ ପ୍ରସ୍ତୁତ କରିଥିବା ଜଣାପଡିଛି । ସୂଚନା ଅନୁସାରେ ଏକ୍ସେଲ୍ ଏଣ୍ଟରଟେନ୍‌ମେଣ୍ଟ ଏବଂ ସେମାନଙ୍କ ଲେଖକ ଟିମ୍ ବହୁ ସମୟରୁ ଏହି କାହାଣୀ ଉପରେ କାମ କରୁଛନ୍ତି ଏବଂ ଏବେ ନିର୍ମାତାମାନେ ଏହାକୁ ଆଗକୁ ନେବାକୁ ଯୋଜନା କରୁଛନ୍ତି। 'ମନ୍‌ମର୍ଜିୟାଁ', 'କେଦାରନାଥ', 'ଜଜ୍‌ମେଣ୍ଟାଲ୍ ହୈ କ୍ୟା', 'ହସୀନ୍ ଦିଲ୍‌ରୁବା', 'ରଶ୍ମି ରକେଟ୍', 'ରକ୍ଷା ବନ୍ଧନ' ଏବଂ 'ଡଙ୍କି' ଭଳି ଚଳଚ୍ଚିତ୍ରରେ ନିଜର ଦମଦାର୍ କାହାଣୀ ପାଇଁ ଜଣାଶୁଣା କନିକା, ହିନ୍ଦୀ ସିନେମାରେ ଜଣେ ଶ୍ରେଷ୍ଠ ସ୍କ୍ରିପ୍ଟ ରାଇଟର୍ ଭାବେ ନିଜକୁ ପ୍ରତିଷ୍ଠିତ କରିସାରିଛନ୍ତି । ସେହିଭଳି କିଆରାଙ୍କୁ ଏକ ଭିନ୍ନ ଅବତାରରେ ଦେଖିବାକୁ ଫ୍ୟାନମାନେ ମଧ୍ୟ ଖୁବ ଉତ୍ସାହିତ ଅଛନ୍ତି।

## ଓନମ୍



ମାଲାୟାଲୀ କ୍ୟାଲେଣ୍ଡରର ପ୍ରଥମ ମାସ 'ଚିଙ୍ଗମ୍' (ଅଗଷ୍ଟ-ସେପ୍ଟେମ୍ବର) ରେ ମଧ୍ୟରେ ପାଳନ ହୋଇଥାଏ ଓଣମ । ଏହି ୧୦ ଦିନିଆ ଶସ୍ୟ ଅମଳର ପର୍ବ କେବଳ କେରଳରେ ନୁହେଁ, ବରଂ ବିଶ୍ୱସାରା ବାସକରୁଥିବା ମାଲାୟାଲୀ ସମ୍ପ୍ରଦାୟ ଦ୍ୱାରା ଅତ୍ୟନ୍ତ ଉତ୍ସାହର ସହ ପାଳନ କରାଯାଇଥାଏ । ପୌରାଣିକ ମାନ୍ୟତା ଅନୁଯାୟୀ, କେରଳର ପ୍ରଜାବତ୍ସଳ ତଥା ଦାନୀ ସମ୍ରାଟ ମହାବଳୀଙ୍କ ଆତ୍ମା ନିଜ ପ୍ରଜାମାନଙ୍କର ସୁଖସମୃଦ୍ଧି ଦେଖିବା ପାଇଁ ବର୍ଷକରେ ଥରେ ମର୍ତ୍ତ୍ୟମଣ୍ଡଳକୁ ଆସିଥାନ୍ତି। ତାଙ୍କର ଏହି ଭବ୍ୟ ଆଗମନକୁ ସ୍ୱାଗତ କରିବା ପାଇଁ ଘରେ ଘରେ ଓଣମ୍ ପର୍ବର ଆୟୋଜନ କରାଯାଏ । ଏହି ଉତ୍ସବ ଅବସରରେ ପ୍ରତ୍ୟେକ ଗୃହର ପ୍ରବେଶ ଦ୍ୱାରରେ ରଙ୍ଗବେରଙ୍ଗର ପ୍ରାକୃତିକ ଫୁଲରେ ତିଆରି ସୁନ୍ଦର ଚିତା 'ପୋକ୍କଲମ୍' ସଜାଯାଇଥାଏ। ଯାହା ଶୁଭ ଓ ସମୃଦ୍ଧିର ପ୍ରତୀକ । ଓଣମ୍‌ର ମୁଖ୍ୟ ଦିନ 'ଥିରୁବୋଣମ୍'ରେ ପାରମ୍ପରିକ କଦଳୀ ପତ୍ରରେ ପରିବେଷିତ ହେଉଥିବା 'ଓଣସାଦ୍ୟା' ଏହି ପର୍ବର ପ୍ରଧାନ ଆକର୍ଷଣ । ଏହି ଶାକାହାରୀ ଭୋଜନରେ ସମ୍ବର, ଅବିୟାଲ୍, ପ୍ରଥମନ୍ (ପାୟସ) ସମେତ ୨୬ରୁ ଊର୍ଦ୍ଧ୍ୱ ସୁସ୍ୱାଦୁ ପାରମ୍ପରିକ ବ୍ୟଞ୍ଜନ ପ୍ରସ୍ତୁତ କରାଯାଏ । ଏହା ସହିତ କେରଳର ପ୍ରସିଦ୍ଧ ନଦୀଗୁଡ଼ିକରେ ଆୟୋଜିତ ହେଉଥିବା 'ବଲ୍ଲମ୍ କଲ୍ଲୀ' (ସର୍ପ ନୌକା ଦୌଡ଼), ନୃତ୍ୟଶିଳ୍ପୀମାନଙ୍କ ଦ୍ୱାରା ପ୍ରଦର୍ଶିତ 'ପୁଲିକଳି' (ବାଘ ନୃତ୍ୟ) ଏବଂ ସ୍ତ୍ରୀପୁରୁଷମାନଙ୍କ ପାରମ୍ପରିକ ନୃତ୍ୟ 'ଥିରୁବାତିରାକଳି' ସମଗ୍ର ପରିବେଶକୁ ଉତ୍ସବମୁଖର କରିଦିଏ । ଜାତି, ଧର୍ମ, ବର୍ଣ୍ଣ ଓ ସମ୍ପ୍ରଦାୟର ଭେଦଭାବ ଭୁଲି ସମସ୍ତଙ୍କୁ ଏକତାର ସୂତ୍ରରେ ବାନ୍ଧୁଥିବା ଏହି ମହାପର୍ବ କେବଳ ପ୍ରକୃତି ଓ କୃଷିର ଉତ୍ସବ ନୁହେଁ, ବରଂ ଏହା ଭାଇଚାରା, ଶାନ୍ତି ଏବଂ ଏକ ସମୃଦ୍ଧ ଭବିଷ୍ୟତର ବାର୍ତ୍ତା ବହନ କରେ ।

## ଓଡ଼ିଆ ରୁଚି




### ଖଡ଼ାଶାଗ ମାଛ ହଳଦୀପାଣି

**ସାମଗ୍ରୀ-** ବଡ ମାଛ, ଖଡା ଶାଗ (ଅଳ୍ପ), ପିଆଜ, ଅଦା, ରସୁଣ, କଞ୍ଚା ଲଙ୍କା, ଟମାଟୋ, ଜିରା ଗୁଣ୍ଡ, ଧନିଆ ଗୁଣ୍ଡ, ଲୁଣ, ହଳଦୀ, ଆମ୍ବୁଲ ।

**ପ୍ରଣାଳୀ-** ପ୍ରଥମେ ମାଛକୁ ଭାଜି ନିଅନ୍ତୁ । ଏହାପରେ କରେଇରେ ତେଲ ଦେଇ ସେଥିରେ ଫୁଟଣ ପକାଇ ପିଆଜ ପକାଇ ଭାଜନ୍ତୁ । ପିଆଜ ଭାଜିହେବାପରେ ଏଥିରେ ଅଦା ରସୁଣ ଛେଚା ପକାଇ ଭାଜନ୍ତୁ । ଭାଜିହେବା ପରେ ଏଥିରେ ଟମାଟୋ ଓ ସମସ୍ତ ଗୁଣ୍ଡ ମସଲା ପକାଇ କଷନ୍ତୁ । ମସଲା କଷିହେବା ପରେ ଏଥିରେ ପାଣି ଦିଅନ୍ତୁ ପାଣି ଫୁଟିବା ପରେ ଏଥିରେ ମାଛ ଓ ଖଡା ଶାଗକୁ ପକାନ୍ତୁ । ଗୋଟିଏ ଥର ଫୁଟିବା ପରେ ଏଥିରେ ଆମ୍ବୁଲ ପକାନ୍ତୁ । ଅଳ୍ପ ସମୟ ଫୁଟିବା ପରେ ଗ୍ୟାସ ବନ୍ଦ କରି ଦିଅନ୍ତୁ ପ୍ରସ୍ତୁତ ହୋଇଯିବ ଶାଗ ମାଛ ହଳଦୀ ପାଣି ।

## ସୋସିଆଲ କୋଟ୍ସ



ରଙ୍ଗୀଲା ଫିଲ୍ମରେ ଉର୍ମିଳା ମାତୋଣ୍ଡକର ଡ୍ୟାନ୍ସ ନିଜେନିଜେ କୋରିଓ ଗ୍ରାଫ କରିଥିଲେ । ସେଦିନ କୋରିଓଗ୍ରାଫର ଆସି ନଥିଲେ ତେଣୁ ସେ ଏହାକୁ ନିଜେ କରିଥିଲେ।

ରାମ ଗୋପାଲ ବର୍ମା, ଫିଲ୍ମମେକର



ବଲିଉଡ ହିରୋଙ୍କୁ ସାଉଥରେ ଭିଲିଆନ ଚରିତ୍ର ମିଳିଥାଏ । ଯାହା ମୋତେ ପସନ୍ଦ ଆସେ ନାହିଁ । ତେଣୁ ମୁଁ ସାଉଥ ଠାରୁ ଦୂରରେ ରହେ ।

ସୁନିଲ ସେଟ୍ଟି, ଅଭିନେତା



ଭାବି ଜୀ ଘର ପର ହେ ସବୁବେଳେ ମୋ ହୃଦୟର ନିକଟତର ରହିବ । ଏହି ସେଟରୁ ମୁଁ ଅନେକ କିଛି ଶିଖିଛି । ଶୋ କୁ ମିସ କରୁଛି ।

ଶୁଭାଙ୍ଗି, ଅଭିନେତ୍ରୀ

## ମୁଖ୍ୟଅତିଥି ରୋବଟ୍

ଉଜ୍ଜୈନରେ ଏକ ସାଣ୍ଡୱିଚ୍ ଦୋକାନର ଉଦ୍‌ଘାଟନ ସମାରୋହରେ କୌଣସି ରାଜନେତା କିମ୍ବା ଅଭିନେତାଙ୍କ ବଦଳରେ ଏକ ହ୍ୟୁମାନଏଡ୍ ରୋବୋଟ୍‌କୁ ମୁଖ୍ୟଅତିଥି ଭାବେ ଆମନ୍ତ୍ରିତ କରାଯାଇଥିଲା । ଦୋକାନର ଉଦ୍‌ଘାଟନକୁ ସ୍ମରଣୀୟ କରିବା ପାଇଁ ଏହି ଚାଇନିଜ୍ କମ୍ପାନୀ 'ୟୁନିଟ୍ରି'ର ରୋବୋଟ୍‌କୁ ଅତିଥି କରାଯାଇଥିବା ଜଣାପଡିଛି । ଏହା ସୁରକ୍ଷା କର୍ମୀଙ୍କ ସହ ରେଡ୍ କାର୍ପେଟ୍‌ରେ ଦୋକାନ ମଧ୍ୟକୁ ପ୍ରବେଶ କରିଥିଲା । ସେଠାରେ



ରୋବୋଟ୍‌ର କପାଳରେ ତିଳକ ଲଗାଯାଇ, ଉତ୍ତରୀୟ ଏବଂ ଫୁଲମାଳ ପିନ୍ଧାଇ ପାରମ୍ପରିକ ଭାବେ ସ୍ୱାଗତ କରାଯାଇଥିଲା। ଏହାପରେ ରୋବୋଟ୍‌ଟି ଉପସ୍ଥିତ ଲୋକଙ୍କ ସହ ହାତ ମିଳାଇବା ସହ ସେଲଫି ଉଠାଇଥିଲା ଏବଂ ନିଜର ଦମଦାର୍ ଡ୍ୟାନ୍ସ ମାଧ୍ୟମରେ ସମସ୍ତଙ୍କ ମନୋରଞ୍ଜନ କରିଥିଲା । ଏହି ନିଆରା କାର୍ଯ୍ୟକ୍ରମରେ ଦୋକାନ ତୁଳନାରେ ରୋବୋଟ୍‌ର ଏଣ୍ଟ୍ରି ଓ ଡ୍ୟାନ୍ସକୁ ନେଇ ଅଧିକ ଚର୍ଚ୍ଚା ହୋଇଥିଲା । ରୋବଟର ଭିଡିଓ ବର୍ତ୍ତମାନ ସୋସିଆଲ୍ ମିଡିଆରେ ବେଶ୍ ଭାଇରାଲ୍ ହେବାରେ ଲାଗିଛି ।

## ଜର୍ମାନୀର ନିଆରା ଖେଳ

ଜର୍ମାନୀରେ 'ଫିଙ୍ଗରହାକଲନ୍' ନାମକ ଏକ ନିଆରା ଖେଳ ଖେଳାଯାଏ, ଯେଉଁଥିରେ ପୂରା ହାତ ବଦଳରେ କେବଳ ଗୋଟିଏ ଆଙ୍ଗୁଠିର ଶକ୍ତି ଦେଖାଇବାକୁ ପଡ଼ିଥାଏ । ଏହି ପ୍ରତିଯୋଗିତାରେ ଦୁଇଜଣ ଖେଳାଳି ଟେବୁଲର ସାମନା ସାମନି ବସି ଚମଡ଼ାର ଏକ ଫାନ୍ଦରେ ନିଜ ନିଜର ମଝି ଆଙ୍ଗୁଠି ଗଳାଇ ପରସ୍ପରକୁ ନିଜ ଆଡ଼କୁ ଟାଣିଥାନ୍ତି । ଯେଉଁ ଖେଳାଳି ପ୍ରତିପକ୍ଷଙ୍କୁ ଟେବୁଲର ଆରପାଖକୁ ଟାଣିଆଣିବାରେ ସଫଳ ହୁଏ, ସିଏ ବିଜୟୀ ହୋଇଥାଏ । ଚଳିତ ବର୍ଷ ଏହାର ୬୫ତମ ଚାମ୍ପିୟନସିପ୍ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ପ୍ରାୟ ୧୫୦ ଜଣ ଖେଳାଳି ଭାଗ ନେଇଥିଲେ । ଏହି ଖେଳରେ ଏତେ ମାତ୍ରାରେ ବଳ ପ୍ରୟୋଗ ହୁଏ ଯେ ଆଙ୍ଗୁଠି ମୋଡିହେବା କିମ୍ବା ଆହତ ହେବାର ଭୟ ଥାଏ । ତେଣୁ ଖେଳାଳି ଅଚାନକ ପଛକୁ ଓଲଟି ନପଡ଼ିବା ପାଇଁ ସେମାନଙ୍କ ପଛରେ ସହାୟକ ଭାବେ ଜଣେ ବ୍ୟକ୍ତି ବସିଥାନ୍ତି । ୧୯ଶ ଶତାବ୍ଦୀରୁ ଚାଲିଆସୁଥିବା ଏହି ପାରମ୍ପରିକ ଖେଳ ଜର୍ମାନୀର ଆଲପାଇନ୍ ଅଞ୍ଚଳ ଏବଂ ପଡ଼ୋଶୀ ଅଷ୍ଟ୍ରିଆରେ ଖେଳାଯାଉଥିବା ବେଳେ, ପୂର୍ବରୁ ବିବାଦର ସମାଧାନ ପାଇଁ ଶକ୍ତି ପରୀକ୍ଷା ସ୍ୱରୂପ ଏହାକୁ ବ୍ୟବହାର କରାଯାଉଥିଲା । କିନ୍ତୁ ଏବେ ଏହା ପାଇଁ ନିର୍ଦ୍ଦିଷ୍ଟ ମାପର ଟେବୁଲ୍ ଓ ଚମଡ଼ା ଫାନ୍ଦର ନିୟମାବଳୀ ସ୍ଥିର କରାଯାଇଛି ।



## ଇତିହାସ

୧୩୦୩- ଚିତ୍ତୋରଗଡ ଉପରେ ଆଲ୍ଲାଉଦ୍ଦୀନ ଖିଲିଜ୍‌ଙ୍କ କବ୍‌ଜା ।

୧୬୭୬- ବ୍ରିଟେନ୍‌ର ପ୍ରଥମ ପ୍ରଧାନମନ୍ତ୍ରୀ ରବର୍ଟ ୱାଲପୋଲ୍‌ଙ୍କ ଜନ୍ମ ।

୧୯୧୦- ଭାରତରତ୍ନ ସମ୍ମାନିତ ମଦର ଟେରେସାଙ୍କ ଜନ୍ମ ।

୧୯୧୦- ପ୍ରସିଦ୍ଧ ଆମେରିକୀୟ ଦାର୍ଶନିକ ତଥା ମନୋବୈଜ୍ଞାନିକ ୱିଲିୟମ୍ ଜେମ୍ସଙ୍କ ପରଲୋକ ।

୧୯୨୦- ଆମେରିକାରେ ମହିଳାମାନଙ୍କୁ ମତାଧିକାର ମିଳିଲା ।

୧୯୨୮- ହୀରୋ ସାଇକେଲ୍‌ର ସହସଂସ୍ଥାପକ ତଥା ସମାଜସେବୀ ଓମ୍ ପ୍ରକାଶ ମୁଞ୍ଜାଲଙ୍କ ଜନ୍ମ ।

୧୯୫୬- ପ୍ରସିଦ୍ଧ ରାଜନେତ୍ରୀ ତଥା ସଞ୍ଜୟ ଗାନ୍ଧୀଙ୍କ ପତ୍ନୀ ମେନକା ଗାନ୍ଧୀଙ୍କ ଜନ୍ମ ।

୧୯୯୯- ୪୦୦ ମିଟର ଦୌଡରେ ମାଇକେଲ୍ ଜନ୍‌ସନ୍‌ଙ୍କ ବିଶ୍ୱ ରେକର୍ଡ ।

୨୦୦୮- ତେଲୁଗୁ ଫିଲ୍ମ ସୁପରଷ୍ଟାର୍ ଚିରଞ୍ଜିବୀ ନୂତନ ପାର୍ଟି ପ୍ରଜା ରାଜ୍ୟମ୍‌ର ଉଦ୍‌ଘାଟନ କଲେ ।



**ମେଷ:** ମନସ୍ତାପ, କିଛିକାର୍ଯ୍ୟ ସଫଳ, ନୂତନକାର୍ଯ୍ୟରେ ବିଳମ୍ବ, ପାରିବାରିକ ଶାନ୍ତି, ଅର୍ଥସମସ୍ୟା ସମାଧାନ, ଶରୀରସୁସ୍ଥ, ବିଶିଷ୍ଟବ୍ୟକ୍ତି ସହାୟତା, ଅନୁଷ୍ଠାନରୁ ଲାଭ, ଉଚ୍ଚଆଶା ବିଳମ୍ବ, ଦାମ୍ପତ୍ୟଖୁସି, ବିଦ୍ୟାରେ ସଫଳତା, ଅଶ୍ୱିନୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୮, ଆରାଧନା-ମହାଲକ୍ଷ୍ମୀ ।

**ବୃଷ:** କାର୍ଯ୍ୟରେ ଉନ୍ନତି, ବ୍ୟକ୍ତିସହାୟତା, ଶରୀରସୁସ୍ଥ, ବ୍ୟବସାୟରେ ସାମାନ୍ୟ ଲାଭ, ଗୃହକାର୍ଯ୍ୟ ଅଗ୍ରଗତି, ନୂତନ କର୍ମଆରମ୍ଭ, ବନ୍ଧୁଲାଭ, ଶୁଭଖବର, ଦାମ୍ପତ୍ୟଖୁସି, ରୋହିଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୭, ଆରାଧନା-ଭଗବାନ ଶଙ୍କର ।

**ମିଥୁନ:** ଶତ୍ରୁରେ ବିଜୟ, ଅର୍ଥଲାଭ, ଦୂରଯାତ୍ରା ସଫଳ, ନୂତନ ସମ୍ପର୍କ, ବ୍ୟବସାୟରେ ସ୍ୱଳ୍ପଲାଭ, ସୁସମାଚାର, ବନ୍ଧୁଲାଭ, ପାରିବାରିକ ଶତ୍ରୁତା, ଲୋକସମ୍ପର୍କବୃଦ୍ଧି, ମାମଲା ସମାଧାନ, ହଠାତ୍ ମନସ୍ତାପ, ଆଦ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୮, ଆରାଧନା-ମା' ଭଗବତୀ ।

**କର୍କଟ:** ବନ୍ଧୁସାହାଯ୍ୟ, ଅନୁଷ୍ଠାନରୁ ଲାଭ, ଆଶାରେ କଷ୍ଟ, ନୂତନ କର୍ମଆରମ୍ଭ, ଦୂରଯାତ୍ରା, ବହୁପରିଶ୍ରମ, ଲାଭକମ୍ ଶରୀର ସୁସ୍ଥ, ବିଦ୍ୟାରେ ସଫଳତା, ସନ୍ତାନସୁଖ, ଦାମ୍ପତ୍ୟସୁଖ, ଶତ୍ରୁକଷ୍ଟ, ପୁଷ୍ୟା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଦାମି, ସଂଖ୍ୟା-୬, ଆରାଧନା-ମା' ଦକ୍ଷିଣକାଳୀ ।

**ସିଂହ:** ମାନସିକକଷ୍ଟ, ଲୋକସମ୍ପର୍କରେ ଉନ୍ନତି, ଯାତ୍ରାରେ ସତର୍କ, ଅର୍ଥଲାଭ, ସମ୍ପତ୍ତିବିବାଦ, ବିଶିଷ୍ଟ କାର୍ଯ୍ୟରେ ଧନବ୍ୟୟ, ନୂତନ ଯୋଜନା ଅସଫଳ, ଶରୀରସୁସ୍ଥ, ବ୍ୟବସାୟରେ କଷ୍ଟ, ମଘା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୯, ଆରାଧନା-ପ୍ରଭୁ ରାଧାବଲ୍ଲଭ ।

**କନ୍ୟା:** କର୍ମରେ ସଫଳ, ମାମଲା ସମାଧାନ, ପଦବୀଲାଭ, ଦୂରସମ୍ପର୍କରେ ଲାଭ, ମନସ୍ତାପ, ହଠାତ୍ ଦୂରଯାତ୍ରା, ଶତ୍ରୁସମସ୍ୟା ସମାଧାନ, ଦାମ୍ପତ୍ୟଖୁସି, ବନ୍ଧୁଲାଭ, ହସ୍ତା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ପିଙ୍କ, ସଂଖ୍ୟା-୧୦, ଆରାଧନା-ମା' ବଗଳାମୁଖୀ ।

**ତୁଳା:** ନୂତନ କର୍ମଆରମ୍ଭ, ପାରିବାରିକ ବିବାଦ, ଅର୍ଥଲାଭ, ସମ୍ପତ୍ତିବିବାଦ, ଶରୀରସୁସ୍ଥ, ବନ୍ଧୁଲାଭ, ଦୂରଯାତ୍ରାସଫଳ, ସୁସମାଚାର, ବିଶିଷ୍ଟ କାର୍ଯ୍ୟରେ ଲାଭ, ଦାମ୍ପତ୍ୟସୁଖ, ବିଦ୍ୟାରେ ସଫଳ, ସ୍ୱାତୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୮, ଆରାଧନା-ଲକ୍ଷ୍ମୀନାରାୟଣ ।

**ବିଛା:** କାର୍ଯ୍ୟସଫଳ, ପାରିବାରିକ ସୁଖ, ସମ୍ପତ୍ତିଲାଭ, ସନ୍ତାନପ୍ରାପ୍ତି, ବିଶିଷ୍ଟ ବ୍ୟକ୍ତି ସହାୟତା, ବ୍ୟବସାୟରେ ସ୍ୱଳ୍ପଲାଭ, ନୂତନ କାର୍ଯ୍ୟରେ ବିରୋଧ, କଚେରୀ ମାମଲା, ବନ୍ଧୁ ସହଯୋଗ, ଅନୁରାଧା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୫, ଆରାଧନା-ମା' ଗ୍ରାମଦେବତୀ ।

**ଧନୁ:** କାର୍ଯ୍ୟରେ ଅଶାନ୍ତି, ଅଯଥାଖର୍ଚ୍ଚ, ପାରିବାରିକ ସହଯୋଗ, ନୂତନ ବନ୍ଧୁଲାଭ, ଦେବକାର୍ଯ୍ୟରେ ସନ୍ତୁଷ୍ଟ, ଦୂରଯାତ୍ରା, ଧନଲାଭ, ଶତ୍ରୁସମସ୍ୟା, ଭ୍ରାତୃ ବିବାଦ, ଦାମ୍ପତ୍ୟସୁଖ, ନୂତନ କର୍ମାରମ୍ଭ, ମୂଳା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୯, ଆରାଧନା-ପ୍ରଭୁ ଲିଙ୍ଗରାଜ ।

**ମକର:** କାର୍ଯ୍ୟରେ ସଫଳ, ସନ୍ଥଦର୍ଶନ, ଅନୁଷ୍ଠାନରୁ ଲାଭ, ବନ୍ଧୁଲାଭ, ଦୂରଯାତ୍ରା, ଦ୍ରବ୍ୟପ୍ରାପ୍ତି, ଆଭୂଷଣ ପ୍ରାପ୍ତି, ଲୋକସମ୍ପର୍କ ବୃଦ୍ଧି, ପ୍ରୀତିବୃଦ୍ଧି, ସମସ୍ୟା ସମାଧାନ, ବ୍ୟବସାୟରେ ଉନ୍ନତି, ଶ୍ରବଣା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗଣୀ, ସଂଖ୍ୟା-୮, ଆରାଧନା-ମା' ଭୁବନେଶ୍ୱରୀ ।

**କୁମ୍ଭ:** ସମ୍ମାନଲାଭ, ବନ୍ଧୁଦର୍ଶନ, ବ୍ୟବସାୟରେ ଧନାଗ୍ରହ, ଶତ୍ରୁସମସ୍ୟା, ଶରୀର ଅସୁସ୍ଥ, ଦାମ୍ପତ୍ୟଖୁସି, ନୂତନ କାର୍ଯ୍ୟଭାର ଗ୍ରହଣ, ସମ୍ପତ୍ତିଲାଭ, ବିଶିଷ୍ଟ କାର୍ଯ୍ୟରେ ଧନବ୍ୟୟ ଶତଭିଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୯, ଆରାଧନା-ମା' ଉଗ୍ରତାରା ।

**ମୀନ:** ଦ୍ରବ୍ୟଲାଭ, ସନ୍ତାନପ୍ରାପ୍ତି, ବ୍ୟକ୍ତିସହାୟତା, ଲୋକସମ୍ପର୍କ ବୃଦ୍ଧି, ପାରିବାରିକ ସମସ୍ୟା, ଶତ୍ରୁସମସ୍ୟା, ଧନଲାଭ, ବ୍ୟବସାୟିକ ଲାଭ, ଶରୀର ସୁସ୍ଥ, ଉତ୍ତରଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୧୦, ଆରାଧନା-ଭଗବାନ ବିଷ୍ଣୁ ।

ଶ୍ରାବଣ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ
୨୬.୮.୨୦୨୬, ବୁଧବାର



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

### ରାଜ୍ୟସ୍ତରୀୟ ପରିଚାଳନା କମିଟିର ପ୍ରଥମ ବୈଠକ

## ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର କାର୍ଯ୍ୟର ସମୀକ୍ଷା

ଭୁବନେଶ୍ୱର (ସବ୍ୟୁ): ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଗୁରୁତ୍ୱପୂର୍ଣ୍ଣ "ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ' ଯୋଜନାର କାର୍ଯ୍ୟକାରିତା ସଂପର୍କିତ ରାଜ୍ୟସ୍ତରୀୟ ପରିଚାଳନା କମିଟିର ପ୍ରଥମ ବୈଠକ ମଙ୍ଗଳବାର ଲୋକସେବା ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟରେ ଗୁଣାତ୍ମକ ଓ ସମାବେଶୀ ପ୍ରାଥମିକ ଶିକ୍ଷାର ବିକାଶ ପାଇଁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମି ନିର୍ମାଣର ଅଗ୍ରଗତି, ଯୋଜନାର କାର୍ଯ୍ୟାନ୍ୱୟନ ଓ ବିଭିନ୍ନ ପ୍ରସଙ୍ଗ ଉପରେ ବିସ୍ତୃତ ସମୀକ୍ଷା କରାଯାଇଥିଲା ।

ବୈଠକ ପ୍ରାରମ୍ଭରେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବ, ରାଜ୍ୟସ୍ତରୀୟ ପରିଚାଳନା କମିଟିର ଭୂମିକା, ଦାୟିତ୍ୱ, ଯୋଜନାର କାର୍ଯ୍ୟାନ୍ୱୟନ ଏବଂ ନିରୀକ୍ଷଣ ଓ ତଦାରଖ ପାଇଁ ଗଠିତ ରାଜ୍ୟସ୍ତରୀୟ ସ୍ୱତନ୍ତ୍ର ସେଲର କାର୍ଯ୍ୟକାରିତା ସମ୍ପର୍କରେ ଉପସ୍ଥାପନା କରିଥିଲେ । ବୈଠକରେ ଯୋଜନାର ସଠିକ୍ କାର୍ଯ୍ୟାନ୍ୱୟନ ପାଇଁ ଆନ୍ତଃ ବିଭାଗୀୟ ସମନ୍ୱୟ, ନିୟମିତ ଅଗ୍ରଗତି ସମୀକ୍ଷା ଏବଂ ଆବଶ୍ୟକତା ଅନୁଯାୟୀ ନୀତିଗତ ପଦକ୍ଷେପ ଗ୍ରହଣ ଉପରେ ଗୁରୁତ୍ୱ ଦିଆଯାଇଥିଲା ।

ରାଜ୍ୟର ବିଭିନ୍ନ ଜିଲ୍ଲାରେ କାର୍ଯ୍ୟନ୍ୱୟନକାରୀ ସଂସ୍ଥାମାନଙ୍କ ଦ୍ୱାରା ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟଗୁଡ଼ିକର ନିର୍ମାଣ କାର୍ଯ୍ୟରେ କେତେ ଅଗ୍ରଗତି ହୋଇଛି, ସେ ସଂପର୍କରେ ସମୀକ୍ଷା କରାଯାଇଥିଲା । ପ୍ରଥମ ପର୍ଯ୍ୟାୟରେ ୧୧୮ଟି ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୨୦୪ଟି, ସମୁଦାୟ ୩୨୨ଟି ବିଦ୍ୟାଳୟ ନିର୍ମାଣ ଏହି ଯୋଜନାରେ ସାମିଲ ହୋଇଛି । ବୈଠକରେ ମୁଖ୍ୟ ସଚିବ ବିଭିନ୍ନ ନିର୍ମାଣକାରୀ ସଂସ୍ଥାମାନଙ୍କ ଦ୍ୱାରା ନିର୍ମାଣ କାର୍ଯ୍ୟ ଅଗ୍ରଗତି ନେଇ ସମୀକ୍ଷା କରି କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି ।



ବିଦ୍ୟାଳୟଗୁଡ଼ିକରେ ଆଧୁନିକ ଓ ଶିଶୁ-ଅନୁକୂଳ ଶିକ୍ଷା ପରିବେଶ ସୃଷ୍ଟି ଲକ୍ଷ୍ୟରେ ଶ୍ରେଣୀକକ୍ଷ, ଶିଶୁ ବାଟିକା, ପ୍ରବେଶ ଲବି, ପ୍ରଧାନଶିକ୍ଷକଙ୍କ କକ୍ଷ, ଷ୍ଟାଫ୍ ରୁମ୍, ଷ୍ଟୋର୍ ରୁମ୍, ଅଫିସ୍ ଓ ଅନ୍ୟାନ୍ୟ ଆବଶ୍ୟକ ସୁବିଧା ରହିବ । ସ୍ଥାନର ପରିସ୍ଥିତି ଅନୁଯାୟୀ ନକ୍ସାରେ ଆବଶ୍ୟକ ପରିବର୍ତ୍ତନ କରି ଭିତ୍ତିଭୂମିର ଗୁଣବତ୍ତା ବଜାୟ ରଖିବା ଉପରେ ଗୁରୁତ୍ୱ ଦିଆଯିବ । ଏହି ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂହ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଏନ୍ ତିରୁମାଲା ନାଏକଙ୍କ ସମେତ କମିଟିର ସଦସ୍ୟ ଥିବା ଅନ୍ୟ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

# ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା

### "ସୁଭଦ୍ରା' ଯୋଜନାର ପଞ୍ଚମ କିସ୍ତି ସମ୍ପର୍କରେ ଆଲୋଚନା

ଭୁବନେଶ୍ୱର (ସବ୍ୟୁ): ନୂଆଦିଲ୍ଲୀ ଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ା ମଙ୍ଗଳବାର ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି । "ସୁଭଦ୍ରା' ଯୋଜନାର ପଞ୍ଚମ କିସ୍ତି ହିତାଧିକାରୀଙ୍କୁ ପ୍ରଦାନ କରାଯିବା ପୂର୍ବରୁ ଏହି ଗୁରୁତ୍ୱପୂର୍ଣ୍ଣ ସାକ୍ଷାତକାର ଅନୁଷ୍ଠିତ ହୋଇଛି ।

ଏହି ସାକ୍ଷାତକାର ସମୟରେ ଆସନ୍ତା ୨୮ ଅଗଷ୍ଟ ୨୦୨୬ (ରାଖୀ ପୂର୍ଣ୍ଣିମା) ଅବସରରେ ନୟାଗଡ଼ ଠାରୁ ପ୍ରଦାନ କରାଯିବାକୁ ଥିବା "ସୁଭଦ୍ରା' ଯୋଜନାର ପଞ୍ଚମ କିସ୍ତି ବଣ୍ଟନ ପ୍ରସ୍ତୁତି ସମ୍ପର୍କରେ ଉପମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଇଥିଲେ । ଏହି ପଞ୍ଚମ କିସ୍ତି ମାଧ୍ୟମରେ ପ୍ରତ୍ୟେକ ଯୋଗ୍ୟ ମହିଳା ହିତାଧିକାରୀଙ୍କ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର (ଡିବିଟି) ଜରିଆରେ ୫,୦୦୦ ଟଙ୍କା ଲେଖାଏଁ ପାଇବେ



। ସାମ୍ପ୍ରତିକ ପ୍ରସ୍ତୁତି ଅନୁଯାୟୀ, ମୋଟ ୧,୦୩,୨୬,୧୬୨ ଜଣ ଯୋଗ୍ୟ ମହିଳା ହିତାଧିକାରୀ ଏହି କିସ୍ତି ଗ୍ରହଣ କରିବାକୁ ମନୋନୀତ ହୋଇଛନ୍ତି । ଯେଉଁଥିପାଇଁ ମୋଟ ୫,୧୬୦ କୋଟିରୁ ଅଧିକ ଟଙ୍କା ହସ୍ତାନ୍ତର କରାଯିବ ।

ସମସ୍ତ ଯୋଗ୍ୟ ହିତାଧିକାରୀଙ୍କ ପାଖରେ ସଠିକ୍ ସମୟରେ ଏବଂ ସୁରୁଖୁରୁରେ ସହାୟତା ରାଶି ପହଞ୍ଚାଇବା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଶ୍ରୀମତୀ ପରିଡ଼ା ପ୍ରଧାନମନ୍ତ୍ରୀଙ୍କୁ ଜଣାଇଥିଲେ । ବିଶେଷ କରି ହିତାଧିକାରୀଙ୍କ ଯାଞ୍ଚ, ଇ-କେଓ୍ୱାଇସି, ଆଧାର-ସଂଯୋଗୀକୃତ ବ୍ୟାଙ୍କ ଆକାଉଣ୍ଟ, ଏନପିସିଆଇ ମ୍ୟାପିଂ ଏବଂ ଅନ୍ୟାନ୍ୟ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାକୁ ସୁଦୃଢ଼ କରାଯାଇଛି । ଯାହାଦ୍ୱାରା ବିନା କୌଣସି ବିଳମ୍ବରେ ଆର୍ଥିକ ସହାୟତା ପହଞ୍ଚିପାରିବ ।

ସୂଚନାଯୋଗ୍ୟ ଯେ, ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ୧୭ ସେପେଟମ୍ବର ୨୦୨୪ ରେ ଭୁବନେଶ୍ୱରଠାରେ ଯୁଗାନ୍ତକାରୀ "ସୁଭଦ୍ରା' ଯୋଜନାର ଶୁଭାରମ୍ଭ କରିଥିଲେ । ଓଡ଼ିଶା ସରକାରଙ୍କର ଏହି ପ୍ରମୁଖ ମହିଳା-କୈନ୍ଦ୍ରିକ ଯୋଜନାର ଲକ୍ଷ୍ୟ ହେଉଛି ୫ ବର୍ଷ ମଧ୍ୟରେ ଯୋଗ୍ୟ ମହିଳାମାନଙ୍କୁ ମୋଟ ୫୦,୦୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିବା । "ସୁଭଦ୍ରା' ଯୋଜନାର ସଫଳ ରୂପାୟନ କ୍ଷେତ୍ରରେ ଏହି ପଞ୍ଚମ କିସ୍ତି ଅନ୍ୟ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇଛି । ଏହା ମହିଳାମାନଙ୍କ ଆର୍ଥିକ ସ୍ୱାବଲମ୍ବନକୁ ସୁଦୃଢ଼ କରିବା ସହ ସରକାରୀ ଜନକଲ୍ୟାଣକାରୀ ଯୋଜନାର ସୁଫଳ ସ୍ୱଚ୍ଛ ଓ କାର୍ଯ୍ୟକ୍ଷମ ଭାବେ ପ୍ରକୃତ ହିତାଧିକାରୀଙ୍କ ପାଖରେ ପହଞ୍ଚାଇବା ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଇଛି ।

## ନାଟ୍ୟମଣ୍ଡପରେ ଝୁଲଣ ଉତ୍ସବ

କୋଣାର୍କ,(ସବ୍ୟୁ): ସୋମବାର ସନ୍ଧ୍ୟାରେ କୋଣାର୍କ ନାଟ୍ୟମଣ୍ଡପ ପରିସରରେ ଝୁଲଣ ଉତ୍ସବ ଉଦଘାଟିତ ହୋଇଛି । ଏହି ଉତ୍ସବରେ ଅତିଥି ଭାବେ କୋଣାର୍କ ଏନଏସି ଅଧ୍ୟକ୍ଷା ସଂଯୁକ୍ତା ତ୍ରିପାଠୀ, ପଦ୍ମଶ୍ରୀ ଗୁରୁ ଆନନ୍ଦା ଶଙ୍କର ଜେନ, ଅବସରପ୍ରାପ୍ତ ପ୍ରଧ୍ୟାପକ ଶରତ ଚନ୍ଦ୍ର ପ୍ରଧାନ,ପୁରୀ ଜିଲ୍ଲା ମହିଳା ସଂଘ ସଭାପତି ମୀନାକ୍ଷୀ ପୃଷ୍ଟି,ନାଟ୍ୟମଣ୍ଡପ ସମ୍ପାଦକ ଶିବାଶିଷ ପ୍ରଧାନ, ସୁଲୋଚନା ପ୍ରଧାନ ପ୍ରମୁଖ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦଘାଟନ କରିଥିଲେ । ପ୍ରଥମ ପର୍ଯ୍ୟାୟରେ ପଶ୍ଚିମବଙ୍ଗର ଅନିଶା ମଣ୍ଡଳଙ୍କ ଓଡ଼ିଶୀ ନୃତ୍ୟ ଦର୍ଶକଙ୍କୁ ଚକିତ କରିଥିଲା । ପରେ ହାଇଦ୍ରାବାଦର ସୁହାନି ଚାଟାର୍ଜୀ ପରିବେଷଣ କରିଥିଲେ ଭାରତନାଟ୍ୟମ ନୃତ୍ୟ । ଶେଷରେ ଗୁରୁ ଜବାହାର ମିଶ୍ର ପରିବେଷଣ କରିଥିଲେ ବଂଶୀ ବାଦନ । ଏହି ଅବସରରେ ରାଧାକୃଷ୍ଣଙ୍କ ଝୁଲଣ ଝାଙ୍କି ପ୍ରଦର୍ଶିତ ହୋଇଥିଲା ଏହି କାର୍ଯ୍ୟକ୍ରମକୁ ନିରଂଜନ ପାଲତା,ଶ୍ରେୟା ମିଶ୍ର ସଂଯୋଜନା କରିଥିବାବେଳେ ନାଟ୍ୟ ମଣ୍ଡପର ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ ।

### ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ପ୍ରସ୍ତୁତି ବୈଠକ

## ସେପ୍ଟେମ୍ବର ୨ରେ ପ୍ରଥମ ପର୍ଯ୍ୟାୟ ଯାତ୍ରା

ଭୁବନେଶ୍ୱର(ସବ୍ୟୁ): ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ବୈଠକ ଖୋରଧା ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରାଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି । ଚଳିତ ଆର୍ଥିକ ବର୍ଷର ପ୍ରଥମ ପର୍ଯ୍ୟାୟରେ ଖୋରଧା, ପୁରୀ, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା ଓ ଢେଙ୍କାନାଳ ଜିଲ୍ଲାର ୭୭୫ ଜଣ ତୀର୍ଥଯାତ୍ରୀ ଆସନ୍ତା ସେପେଟମ୍ବର ୨ ତାରିଖରେ ଭୁବନେଶ୍ୱରରୁ ସ୍ୱତନ୍ତ୍ର ଟ୍ରେନରେ ବାରଣାସୀ-ଅଯୋଧ୍ୟା ଯାତ୍ରା କରିବେ । ସେମାନେ ତୀର୍ଥ ସାରି ସେପେଟମ୍ବର ୭ତାରିଖରେ ଭୁବନେଶ୍ୱରରେ ପହଞ୍ଚିବେ । ସେମାନଙ୍କୁ ସହଯୋଗ କରିବାକୁ ୨୫ଜଣ ଅଧିକାରୀ ମଧ୍ୟ ଯାତ୍ରା କରିବେ ।



ଏହି ପ୍ରଥମ ପର୍ଯ୍ୟାୟରେ ଖୋରଧା ଜିଲ୍ଲାର ୧୬୯ ଜଣ, ପୁରୀରୁ ୧୨୭, କଟକର ୧୯୭, ଜଗତସିଂହପୁର ଜିଲ୍ଲାର ୮୫, କେନ୍ଦ୍ରାପଡ଼ାରୁ ୧୦୮ ଓ ଢେଙ୍କାନାଳ ଜିଲ୍ଲାର ୮୯ଜଣ ତୀର୍ଥଯାତ୍ରୀ ଯାତ୍ରା କରିବେ । ରାଜ୍ୟ ସରକାରଙ୍କ ଏହି ଯୋଜନା ମାଧ୍ୟମରେ ଆର୍ଥିକ ସ୍ୱଚ୍ଛଳ ନଥିବା ବରିଷ୍ଠ ନାଗରିକ ମାନେ ବିନା ମୂଲ୍ୟରେ ବିଭିନ୍ନ ତୀର୍ଥ ସ୍ଥାନ ଭ୍ରମଣ କରିବାର ସୁଯୋଗ ପାଇପାରିବେ । ଆସନ୍ତା ୧ ତାରିଖରେ ସମ୍ପୃକ୍ତ ଜିଲ୍ଲାରୁ ସ୍ୱତନ୍ତ୍ର ବସ ଦ୍ୱାରା ତୀର୍ଥଯାତ୍ରୀମାନେ ପହଞ୍ଚିବା ପରେ ସେମାନଙ୍କୁ ଆତିଥେୟତା ପ୍ରଦାନ କରାଯିବ । ଏଥିନିମନ୍ତେ କ୍ୟାପିଟାଲ ହାଇସ୍କୁଲ, ଭାରତ ସ୍କାଉଟ ଓ ଗାଇଡ଼, ବିପିନ ବିହାରୀ ଚୌଧୁରୀ ଶ୍ରୁତିବାଧିତ ଓ ଭୀମ ଭୋଇ ଦୃଷ୍ଟି ବାଧିତ ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ରହିବା, ସୁରକ୍ଷା ଖାଦ୍ୟପେୟ ଓ ଭଜନ କାର୍ଯ୍ୟକ୍ରମର ବ୍ୟାପକ ବନ୍ଦୋବସ୍ତ କରାଯିବ । ସ୍ୱତନ୍ତ୍ର ଅଧିକାରୀମାନେ ଉପସ୍ଥିତ ରହି ପ୍ରକ୍ରିୟାର ଯାଞ୍ଚ କରିବେ ।

ଏଥିନିମନ୍ତେ ଆବଶ୍ୟକୀୟ ବ୍ୟବସ୍ଥା କରିବା ସହ ଅଧିକାରୀମାନେ ଉପସ୍ଥିତ ରହି ଦାୟିତ୍ୱ ସମ୍ପର୍ଣ୍ଣ କରିବାକୁ ଶ୍ରୀ ବେଉରା ପରାମର୍ଶ ଦେଇଛନ୍ତି । ଏହି ବୈଠକରେ ପରିମଳ, ଖାଦ୍ୟ, ପାନୀୟ ଅଗ୍ନି ନିରାପତ୍ତା, ସୁରକ୍ଷା ଆଦି ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା । ଏହି ଅବସରରେ ଭୁବନେଶ୍ୱର ଉପ-ଜିଲ୍ଲାପାଳ ଡଃ ମନୋରଞ୍ଜନ ସାହୁ, ପର୍ଯ୍ୟଟନ ସହ ନିର୍ଦ୍ଦେଶକ ଅଞ୍ଜନ କୁମାର ବାରିକ, ବିଭିନ୍ନ ବ୍ଲକର ବିଡ଼ିଓ ଓ ତହସିଲଦାର, ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ,ଶିକ୍ଷକ ଶିକ୍ଷୟିତ୍ରୀ, ସ୍ୱେଚ୍ଛାସେବୀ ସଂସ୍ଥାର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ ।

### ସକାଳ ଓ ନନ୍ଦିଘୋଷ ଟିଭିର ଓଡ଼ିଶା ଅଭ୍ୟୁଦୟ କନକ୍ଲେଭ୍

## ଓଡ଼ିଶାର ଭବିଷ୍ୟତ ନିର୍ମାଣ ପାଇଁ ସମସ୍ତଙ୍କ ମିଳିତ ପ୍ରୟାସ ଆବଶ୍ୟକ: ରାଜ୍ୟପାଳ

ଭୁବନେଶ୍ୱର(ସବ୍ୟୁ): ସରକାର, ନାଗରିକ, ଶିକ୍ଷାନୁଷ୍ଠାନ, ଶିକ୍ଷାବିତ, ସିଭିଲ ସୋସାଇଟି ଓ ଗଣମାଧ୍ୟମର ସମ୍ମିଳିତ ପ୍ରୟାସ ମାଧ୍ୟମରେ ଓଡ଼ିଶା ଗଢ଼ିବାକୁ ହେବ । ଯେଉଁଠି ପ୍ରତ୍ୟେକ ଯୁବକ ବିଶ୍ୱାସର ସହ ସ୍ୱପ୍ନ ଦେଖିପାରିବେ, ମହିଳାମାନେ ମର୍ଯ୍ୟାଦାର ସହ ନେତୃତ୍ୱ ନେଇପାରିବେ, ଶିଶୁମାନେ ସୁଯୋଗ ସହିତ ଶିକ୍ଷା ଗ୍ରହଣ କରିପାରିବେ ଏବଂ ବିକାଶ ଧାଡ଼ିର ଶେଷ ବ୍ୟକ୍ତି ପାଖରେ ପହଞ୍ଚି ପାରିବ । ଓଡ଼ିଶାର ଭବିଷ୍ୟତ ନିର୍ମାଣ ପାଇଁ ସମସ୍ତଙ୍କ ମିଳିତ ପ୍ରୟାସ ଆବଶ୍ୟକ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି କହିଛନ୍ତି ।




ମଙ୍ଗଳବାର ଓଡ଼ିଆ ଦୈନିକ ସମ୍ବାଦପତ୍ର ସକାଳ ଓ ନନ୍ଦିଘୋଷ ଟିଭି ଆନୁକୂଲ୍ୟରେ ଆୟୋଜିତ ଓଡ଼ିଶା ଅଭ୍ୟୁଦୟ କନକ୍ଲେଭ୍ ୨୦୨୬'ର ଉଦଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟପାଳ କହିଛନ୍ତି, ଓଡ଼ିଶା ବିକଶିତ ଓଡ଼ିଶା ୨୦୩୬ ଦିଗରେ ଅଗ୍ରସର ହେଉଥିବା ସମୟରେ ଏହି ଦୁଇଦିନିଆ କନକ୍ଲେଭ ସମୟୋପଯୋଗୀ ଓ ପ୍ରାସଙ୍ଗିକ । ଓଡ଼ିଶା ଏକ ନୂଆ ଦ୍ୱାରଦେଶରେ ଠିଆ ହୋଇଛି । ଖଣିଜ ସମ୍ପଦରୁ ମୂଲ୍ୟ ସଂଯୋଜନ, ଉତ୍ପାଦନ, ନବୀକରଣ, ପ୍ରଯୁକ୍ତି, ଉଦ୍ୟମିତା ଓ ଗୁଣବତ୍ତାସମ୍ପନ୍ନ ନିଯୁକ୍ତି ଦିଗରେ ଅଗ୍ରସର ହେବାର ଆବଶ୍ୟକତା ଉପରେ ଆଲୋକପାତ କରିବା ସହିତ ରାଜ୍ୟର ଖଣିଜ ସମ୍ପଦ ମାନବ ବିକାଶ ଓ ସମୃଦ୍ଧିର ଉତପ୍ରେରକ ହେବା ଉଚିତ ବୋଲି ରାଜ୍ୟପାଳ କହିଛନ୍ତି ।

ଶିକ୍ଷାକୁ ବିକାଶର ପ୍ରମୁଖ ପ୍ରାଥମିକତା ଭାବେ ଚିହ୍ନଟ କରି ଜ୍ଞାନ, ଗବେଷଣା, ନବୀକରଣ ଓ ନେତୃତ୍ୱ ଉପରେ କେନ୍ଦ୍ରିତ ଉତ୍କର୍ଷ କେନ୍ଦ୍ର ଗଢ଼ିବାକୁ ରାଜ୍ୟପାଳ ଆହ୍ୱାନ ଜଣାଇଛନ୍ତି । ଯୁବପିଢ଼ୀକୁ କେବଳ ଚାକିରି ଖୋଜିବା ନୁହେଁ, ଚାକିରି ସୃଷ୍ଟି କରିବା ପାଇଁ ମଧ୍ୟ ପ୍ରସ୍ତୁତ କରାଯିବା ଉଚିତ ବୋଲି ରାଜ୍ୟପାଳ ଅବତାରଣା କରିଥିଲେ । ମହିଳା ନେତୃତ୍ୱାଧୀନ ବିକାଶ ଉପରେ ଗୁରୁତ୍ୱାରୋପ କରିବା ସହ ମହିଳାମାନଙ୍କ ପାଇଁ ଶିକ୍ଷା, ପ୍ରଯୁକ୍ତି, ଅର୍ଥ, ସମ୍ପତ୍ତି, ଉଦ୍ୟମିତା ଓ ନେତୃତ୍ୱ ସୁଯୋଗ ବୃଦ୍ଧି କରିବାକୁ ରାଜ୍ୟପାଳ କହିଥିଲେ । କ୍ରୀଡ଼ା କ୍ଷେତ୍ରରେ ଓଡ଼ିଶାର ଉଂାନକୁ ପ୍ରଶଂସା କରିବା ସହ ପ୍ରତ୍ୟେକ ଜିଲ୍ଲାରେ ଗୁଣବତ୍ତାସମ୍ପନ୍ନ କ୍ରୀଡ଼ା ଭିତ୍ତିଭୂମି ଏବଂ ଶିଶୁ ଓ ଯୁବ ଖେଳାଳିମାନଙ୍କ ପ୍ରତିଭା ବିକାଶ ପାଇଁ ଅଧିକ ସୁଯୋଗ ସୃଷ୍ଟି କରିବାକୁ ରାଜ୍ୟପାଳ କହିଥିଲେ । ବିକଶିତ ଓଡ଼ିଶାକୁ କେବଳ ଆର୍ଥିକ ଅଭିବୃଦ୍ଧି ଓ ଭିତ୍ତିଭୂମି ଦ୍ୱାରା ନୁହେଁ, ଶିକ୍ଷାର ଗୁଣବତ୍ତା, ମହିଳାଙ୍କ ମର୍ଯ୍ୟାଦା, ଗୋଷ୍ଠୀ ସ୍ଥାୟିତ୍ୱତା, ନାଗରିକଙ୍କ ସ୍ୱାସ୍ଥ୍ୟ ଓ ଯୁବପିଢ଼ିର ଆତ୍ମବିଶ୍ୱାସ ଦ୍ୱାରା ମଧ୍ୟ ମପାଯିବା ଉଚିତ ବୋଲି ରାଜ୍ୟପାଳ କହିଛନ୍ତି । ଏହି ଅବସରରେ ରାଜ୍ୟସଭା ସାଂସଦ ଏବଂ ନନ୍ଦିଘୋଷ ଟିଭି ଓ ସକାଳର ଅଧ୍ୟକ୍ଷ ମାନସ ମଙ୍ଗରାଜ ଏବଂ ସକାଳର ମୁଦ୍ରାକର ଓ ପ୍ରକାଶକ ଅମିତ ମଲ୍ଲିକ ମଧ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରାରମ୍ଭରେ ନନ୍ଦିଘୋଷ ଟିଭିର ସିଓଓ ଜବର ସିଂହ ପାନଓ୍ୱାର ସ୍ୱାଗତ ଭାଷଣ ଦେଇଥିବା ବେଳେ ଶେଷରେ ନନ୍ଦିଘୋଷ ଟିଭି ଓ ସକାଳର ମୁଖ୍ୟ ସମ୍ପାଦକ ସମରେନ୍ଦୁ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

### ହଳଦିଆ ମହାବିଦ୍ୟାଳୟରେ ଆତ୍ମ ସୁରକ୍ଷା କାର୍ଯ୍ୟକ୍ରମ ଉଦ୍ୟାପିତ

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧା ଉପକଣ୍ଠ ହଳଦିଆ ମହାବିଦ୍ୟାଳୟ ପରିସରରେ ଶକ୍ତି ଶ୍ରୀ ସଶକ୍ତିକରଣ କୋଷ ଆନୁକୂଲ୍ୟରେ ସଂଯୋଜିକା ଅଧ୍ୟାପିକା ଲିଲି ବେହେରାଙ୍କ ତତ୍ତ୍ୱାବଧାନରେ ଚାଲିଥିବା ଦୁଇଦିନିଆ ଆତ୍ମ ସୁରକ୍ଷା କାର୍ଯ୍ୟକ୍ରମ ଆଜି ଉଦଯାପିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଶାନ୍ତନୁ କୁମାର ମିଶ୍ର ସଭାପତିତ୍ୱ କରିଥିଲେ। ମହିଳା ଓ ଛାତ୍ରୀମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବୃଦ୍ଧି, ସଚେତନତା ସୃଷ୍ଟି ଏବଂ ଆତ୍ମସୁରକ୍ଷା କୌଶଳ ବିକାଶ ଉଦ୍ଦେଶ୍ୟରେ ଏହି ପ୍ରଶିକ୍ଷଣ ଆୟୋଜିତ ହୋଇଥିଲା। ପ୍ରଶିକ୍ଷଣ ସମୟରେ ଅଂଶଗ୍ରହଣକାରୀମାନଙ୍କୁ ବିଭିନ୍ନ ଆତ୍ମସୁରକ୍ଷା କୌଶଳ ସମ୍ପର୍କରେ ତାଲିମ ଦିଆଯାଇଥିଲା। ନିଜକୁ ବିପଦରୁ ସୁରକ୍ଷିତ ରଖିବା ସହ ଜରୁରୀ ପରିସ୍ଥିତିରେ କିପରି ସାହସିକତାର ସହିତ ପଦକ୍ଷେପ ନେଇପାରିବେ, ସେନେଇ ମଧ୍ୟ ପ୍ରଶିକ୍ଷଣ ଦିଆଯାଇଥିଲା। ଅଧ୍ୟାପକ ସନାତନ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ପ୍ରସନ୍ନ ବିଶ୍ୱାଳ, ଡ.ଅମୂଲ୍ୟ କୁମାର ବେହେରା, ରଞ୍ଜନା ଖୁଁଟିଆ, ନିରଞ୍ଜନ ମହାପାତ୍ର,ହୃଦୟରାମ ବରାଡ ଓ ଜୟନ୍ତୀ ପୃଷ୍ଟି ସହଯୋଗ କରିଥିଲେ।

## ନନ୍ଦନକାନନରେ ଗୟଳ ଶାବକ ଜନ୍ମ

ବାରଙ୍ଗ ,(ସବ୍ୟୁ): ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ସୋମବାର ଜନ୍ମ ନେଇଥିବା ଗୟଳ ଶାବକ ନେଇଛି । ଏହି ଖବର ଶୁଣିବା ପରେ କର୍ତ୍ତୃପକ୍ଷ ଖୁସି ଯେତିକି , ସେତିକି ଚିନ୍ତା ବଢ଼ିଛି । କାହିଁକି ନା ଜନ୍ମ ପରେ ଶାବକଟି ଅତ୍ୟନ୍ତ ଦୁର୍ବଳ ଥିବା ଏବଂ ନିଜ ଗୋଡରେ ଠିକ ସେ ଠିଆ ହୋଇପାରୁନଥିବା ବିଶେଷ ସୂତ୍ରରୁ ସୂଚନା ମିଳିଛି । ମିଳିଥିବା ଖବର ଅନୁସାରେ, ଶାବକଟି ଜନ୍ମ ହେବାର ଘଣ୍ଟାଏ ପରେ ମଧ୍ୟ ମାଆ କ୍ଷୀର ପିଇବା ପାଇଁ ସଂଘର୍ଷ କରୁଛି । ଏହାକୁ ଦେଖି ନନ୍ଦନକାନନ କର୍ତ୍ତୃପକ୍ଷ ତୁରନ୍ତ ପ୍ରାଣୀ ଚିକିତ୍ସକ ଦଳକୁ ନିୟୋଜିତ କରିଥିବା ସୂଚନା ମିଳିଛି । ପ୍ରାଣୀ ଉଦ୍ୟାନର ୪୨ ନମ୍ବର ଖୁଆଡ଼ରେ ଏକ ମାଈ ଗୟଳ ଏକ ମାଈ ଶାବକକୁ ଜନ୍ମ ଦେଲା ପରେ କର୍ମଚାରୀଙ୍କ ମଧ୍ୟରେ ଖୁସି ଲହରୀ ଖେଳିଯାଇଥିଲା । ହେଲେ ରାତି ବଢ଼ିବା ସହ ଖୁସି ଚିନ୍ତାରେ ବଦଳିଗଲା । ନବଜାତ ଗୟଳ ଶାବକଟି ଅତ୍ୟନ୍ତ ଦୁର୍ବଳ ଅଛି ଏବଂ ନିଜ ଗୋଡରେ ଠିକ ସେ ଠିଆ ହୋଇପାରୁନି । ସାଧାରଣତଃ ଗୟଳ ଶାବକ ଜନ୍ମର ୩୦-୪୦ ମିନିଟ ମଧ୍ୟରେ ଠିଆ ହୋଇ ମାଆ କ୍ଷୀର ପିଇଥାଏ । ହେଲେ ଏହି ଶାବକଟି ୩ ଘଣ୍ଟା ବିତିଯିବା ପରେ ମଧ୍ୟ ବାରମ୍ବାର ପଡିଯାଉଛି । ଏହା ଦେଖି କିପର ତୁରନ୍ତ କର୍ତ୍ତୃପକ୍ଷ ଏବଂ ମୁଖ୍ୟ ପ୍ରାଣୀ ଚିକିତ୍ସକଙ୍କୁ ଖବର ଦେଇଥିଲେ ।ପ୍ରାଣୀ ଚିକିତ୍ସକ ଶାବକକୁ ମାଆଠାରୁ ଅଲଗା ନକରି ତାର ଚିକିତ୍ସା ଜାରି ରଖିଥିବା ଜଣାପଡିଛି । ଏହି ଜନ୍ମ ପରେ, ଚିଡ଼ିଆଖାନାରେ ମୋଟ ଗୟଳ ସଂଖ୍ୟା ବୃଦ୍ଧି ପାଇ ୯ ରେ ପହଞ୍ଚି ଥିବା ସୂଚନା ମିଳିଛି ।

### ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ଅନୁଷ୍ଠାନ ସମୀକ୍ଷା କଲେ ସ୍ୱାସ୍ଥ୍ୟମନ୍ତ୍ରୀ

## ସ୍ୱାସ୍ଥ୍ୟସେବାର ମାନବୃଦ୍ଧି ଉପରେ ମନ୍ତ୍ରୀଙ୍କ ଗୁରୁତ୍ୱାରୋପ

କଟକ, (ସବ୍ୟୁ): ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ ଆଜି କଟକସ୍ଥିତ ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ଅନୁଷ୍ଠାନ ଗସ୍ତ କରି ସ୍ୱାସ୍ଥ୍ୟସେବା ଓ ଚିକିତ୍ସା ବ୍ୟବସ୍ଥାର ଅନୁଧ୍ୟାନ କରିଛନ୍ତି । ଏହି ଗସ୍ତ ସମୟରେ ମନ୍ତ୍ରୀ ବିଭିନ୍ନ ବିଭାଗ ପରିଦର୍ଶନ କରି ରୋଗୀମାନଙ୍କୁ ମିଳୁଥିବା ଚିକିତ୍ସାସେବା, ଆବଶ୍ୟକ ସୁବିଧା ଏବଂ ହସ୍ପିଟାଲର ସାମଗ୍ରିକ ବ୍ୟବସ୍ଥା ସମ୍ପର୍କରେ ଅବଗତ ହୋଇଥିଲେ । ସେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ସହ ମଧ୍ୟ ଆଲୋଚନା କରି ସ୍ୱାସ୍ଥ୍ୟସେବା ସମ୍ପର୍କରେ ସେମାନଙ୍କ ମତାମତ ପଚାରିଥିଲେ ।

ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନ ଏବଂ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରୋଗୀକେନ୍ଦ୍ରିକ ସ୍ୱାସ୍ଥ୍ୟସେବାକୁ ସର୍ବାଧିକ ପ୍ରାଥମିକତା ଦେଇ ଉନ୍ନତ ଚିକିତ୍ସା ସୁବିଧା ସୁନିଶ୍ଚିତ କରିବା ସରକାରଙ୍କ ମୁଖ୍ୟ ଲକ୍ଷ । କର୍କଟ ରୋଗୀଙ୍କୁ ଅଧିକ ଉନ୍ନତ, ଗୁଣାତ୍ମକ ଓ ସୁବିଧାଜନକ ସ୍ୱାସ୍ଥ୍ୟସେବା ପ୍ରଦାନ, ଚିକିତ୍ସା ବ୍ୟବସ୍ଥାର ସୁଦୃଢ଼ୀକରଣ ଏବଂ ହସ୍ପିଟାଲର ଭିତ୍ତିଭୂମିର ବିକାଶ ନିମନ୍ତେ



ମାନ୍ୟବର ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । କର୍କଟ ରୋଗୀଙ୍କୁ ସମୟୋପଯୋଗୀ ଓ ଉନ୍ନତମାନର ଚିକିତ୍ସା ଯୋଗାଇବା ସହ ଅନୁଷ୍ଠାନର ସେବା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ।

ଅନୁଷ୍ଠାନର ସାମଗ୍ରିକ ବିକାଶ ସହ ରୋଗୀ ଓ ସେମାନଙ୍କ ପରିବାରକୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ସରକାରଙ୍କ ପକ୍ଷରୁ ଆବଶ୍ୟକ ସହଯୋଗ ଓ ପଦକ୍ଷେପ ଜାରି ରହିବ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। ମାନ୍ୟବର ମନ୍ତ୍ରୀଙ୍କ ଏହି ଗସ୍ତ ବେଳେ ବାଙ୍କିର ମାନ୍ୟବର ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ଅନୁଷ୍ଠାନ ନିର୍ଦ୍ଦେଶକ ଡାକ୍ତର ଦୀପକ ରାଉତରାୟ ଏବଂ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ । ସୂଚନା ଅନୁସାରେ ରାଜ୍ୟରେ କର୍କଟ ରୋଗୀମାନଙ୍କୁ ଅଧିକ ବ୍ୟାପକ, ସମୟୋପଯୋଗୀ ଓ ଉନ୍ନତମାନର ଚିକିତ୍ସା ସୁବିଧା ଯୋଗାଇ ଦେବା ଦିଗରେ ଓଡ଼ିଶା ସରକାର ମୁଖ୍ୟମନ୍ତ୍ରୀ କ୍ୟାନସର କେୟାର ଅଭିଯାନ ଅଧୀନରେ ଅତିରିକ୍ତ ୯୧ଟି କ୍ୟାନସର ଚିକିତ୍ସା ପ୍ୟାକେଜକୁ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା (ଏ.ବି. ପି.ଏମ୍.ଜେ.ଏ.ୱାଇ.) ଓ ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା (ଜି. ଜେ.ଏ.ୱାଇ.)ର ସମନ୍ୱିତ ପ୍ୟାକେଜ ମାଷ୍ଟରରେ ସ୍ୱତନ୍ତ୍ର ରାଜ୍ୟ ପ୍ୟାକେଜ ଭାବେ ସାମିଲ କରିଛନ୍ତି । କ୍ୟାନସର ପାଇଁ ରାଜ୍ୟ ସରକାର ନିଜ ଉଦ୍ୟମରେ ଦେୟମୁକ୍ତ ଚିକିତ୍ସା ଯୋଗାଇଦେବା ନିମନ୍ତେ ବିଗତ ବଜେଟରେ ୩୧୧ କୋଟି ପ୍ରବଧାନ କରିଛନ୍ତି । ବର୍ତ୍ତମାନ ଏହି କର୍କଟ ରୋଗ ଅନୁଷ୍ଠାନରେ ଆନାସ୍ଥେସିଓଲୋଜି, ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି, ସ୍ତ୍ରୀରୋଗ ବିଜ୍ଞାନ ଅଙ୍କୋଲୋଜି, ମେଡିକାଲ୍ ଅଙ୍କୋଲୋଜି, ମେଡିକାଲ୍ ଫିଜିକ୍ସ, ମାଇକ୍ରୋବାଇଲୋଜି, ନ୍ୟୁକ୍ଲିୟର ମେଡିସିନ୍, ପାଥୋଲୋଜି, ପ୍ଲାଷ୍ଟିକ୍ ସର୍ଜରି, ରେଡିଓ ଡାଇଗ୍ନୋସିସ୍. ରେଡିଏସନ୍ ଅଙ୍କୋଲୋଜି, ସର୍ଜିକାଲ୍ ଅଙ୍କୋଲୋଜି ଭଳି ଅନେକ ବିଭାଗରେ ରୋଗୀ ସ୍ୱାସ୍ଥ୍ୟ ସେବା ପାଉଛନ୍ତି । ସେହିପରି ଶିକ୍ଷା ଏବଂ ଗବେଷଣା, ନିରାମୟ , ଟେଲିମେଡିସିନ୍ ପରି ସୁବିଧା ମଧ୍ୟ ରୋଗୀଙ୍କୁ ଉପଲବ୍ଧ କରାଯାଉଛି ।

## ଦୋକାନ ଘର ଦେବାକୁ କହି ୩୫ଲକ୍ଷ ଠକେଇ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ମଧୁସୂଦନନଗରରେ ଦୋକାନ ଘର ଦେବାକୁ କହି ୩୫ଲକ୍ଷ ଟଙ୍କା ଠକେଇ କରିଥିବା ଅଭିଯୁକ୍ତ ରାଧାକାନ୍ତ ପଣ୍ଡା(୭୦)କୁ ଗିରଫ କରିଛି ଭରତପୁର ଥାନା ପୋଲିସ ।

ଅଭିଯୋଗକାରୀ ନୃସିଂହ ସୁନ୍ଦରରାୟଙ୍କ ବ୍ୟବସାୟିକ କାରଣରୁ ଅଭିଯୁକ୍ତ ସହିତ ୨୦୧୭ ମସିହାରୁ ପରିଚୟ ଥିଲା । ଅଭିଯୁକ୍ତ ରାଧାକାନ୍ତ ପଣ୍ଡା ମଧୁସୂଦନନଗର (ୟୁନିଟ୍-୪)ଠାରେ ଏକ ଦୋକାନ ଘର କରାଇ ଦେବା ପାଇଁ ପ୍ରତିଶ୍ରୁତି ଦେଇ ନୃସିଂହଙ୍କଠାରୁ ୩୫ଲକ୍ଷ ଟଙ୍କା ଅଗ୍ରୀମ ଆକାରରେ ନେଇଥିଲା । ୬ ମାସ ମଧ୍ୟରେ ଦୋକାନ ଘର ରେଜିଷ୍ଟ୍ରି କରିଦେବାକୁ ପ୍ରତିଶ୍ରୁତି ଥିବାବେଳେ ତାହା ସମ୍ଭବ ହୋଇନଥିଲା ।

ଅଭିଯୋଗକାରୀ ଅଭିଯୁକ୍ତଙ୍କୁ ଟଙ୍କା ଫେରସ୍ତ ମାଗିବାରୁ ସେ ଦୁଇଟି ଚେକ୍ ଦେଇଥିଲା । ବ୍ୟାଙ୍କରେ ଚେକ୍ ଲଗାଇବା ବେଳେ ତାହା ବାଉନ୍ସ ହୋଇଥିଲା । ଏହା ପରେ ଉଭୟଙ୍କ ମଧ୍ୟରେ ପୁଣି ଆଲୋଚନା ହେଲା । ସୁଧ ମିଶାଇ ୪୦ଲକ୍ଷ ଟଙ୍କା ଫେରସ୍ତ ଦେବାକୁ ଅଭିଯୁକ୍ତ ଅଭିଯୋଗକାରୀଙ୍କୁ ପ୍ରତିଶ୍ରୁତି ଦେଇଥିଲା । ଟଙ୍କା ଦେବା ପରିବର୍ତ୍ତେ



ବିଭିନ୍ନ ଆଳ ଦେଖାଇ ନୃସିଂହ ସୁନ୍ଦରରାୟଙ୍କୁ ଅଭିଯୁକ୍ତ ରାଧାକାନ୍ତ ପଣ୍ଡା ବହଲାଇ ଚାଲିଲା । ଗତ ୧୭ ତାରିଖରେ ଅଭିଯୋଗକାରୀ କୋଳଥିଆସ୍ଥିତ ବ୍ୟାଙ୍କ ଅଫ୍ ବରୋଦା ନିକଟରେ ଅଭିଯୁକ୍ତକୁ ଭେଟିଥିଲେ । ମୋ ଜୀବନ ଯାକର ସଞ୍ଚୟ ଟଙ୍କା ଦେଲି, ହେଲେ ଦୋକାନ ଘର ମିଳିଲା ନାହିଁକିମ୍ବା ମୋ ଟଙ୍କା ମୁଁ ଫେରିପାଇଲି ନାହିଁ । ତେଣୁ ମୋତେ ମୋ ଟଙ୍କା ଏବେ ଫେରାଅ ବୋଲି ନୃସିଂହ ଜିଦ୍ ଧରିବାରୁ ଅଭିଯୁକ୍ତ ସଦାନନ୍ଦ ତାଙ୍କୁ ଗାଳିଗୁଲଜ କରି ଜୀବନରୁ ମାରିଦେବାକୁ ଧମକ ଦେଇଥିଲା ବୋଲି ପୋଲିସ କହିଛି ।

ନୃସିଂହଙ୍କ ଏତଲା ଅନୁଯାୟୀ ପୋଲିସ ତଦନ୍ତ କରି ସତ୍ୟାସତ୍ୟ ଜାଣିବା ପରେ ଅଭିଯୁକ୍ତ ରାଧାକାନ୍ତ ପଣ୍ଡାକୁ ତାଙ୍କ ମଧୁସୂଦନନଗର ଘରୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।



ଆସୁଛି ରକ୍ଷା ବନ୍ଧନ : ବଜାରରେ ଲାଗିଛି ଭିଡ଼

### କିମ୍‌ସରେ ହୃତପିଣ୍ଡ ଧମନୀର ସଫଳ ଅସ୍ତ୍ରୋପଚାର

# ନୂଆ ଜୀବନ ପାଇଲେ ୨୧ ବର୍ଷୀୟ ଯୁବକ

ଭୁବନେଶ୍ୱର, (ସବ୍ୟୁ): ଭଦ୍ରକର ଜଣେ ୨୧ ବର୍ଷୀୟ ଅନାଥ ଯୁବକଙ୍କ ଜୀବନ ବଞ୍ଚାଇବାରେ କିମସ ଭୁବନେଶ୍ୱରର ଡାକ୍ତରମାନେ ସଫଳ ହୋଇଛନ୍ତି । ବେକରେ ବଢ଼ୁଥିବା ଏକ ବିଶାଳ ଫୁଲା ଯୋଗୁଁ ରୋଗୀଙ୍କ ଶ୍ୱାସକ୍ରିୟା ଓ ଖାଦ୍ୟପାନୀୟ ଗିଳିବାରେ ଗୁରୁତର ସମସ୍ୟା ଦେଖାଦେଇଥିଲା । କିମ୍‌ସରେ ଜଟିଳ ଜରୁରୀକାଳୀନ ଅସ୍ତ୍ରୋପଚାର ମାଧ୍ୟମରେ ତାଙ୍କୁ ସୁସ୍ଥ କରାଯାଇଛି । ଅଗଷ୍ଟ ୧୫ରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ଜଣେ ବନ୍ଧୁ ତାଙ୍କୁ କିମସକୁ ଆଣିଥିଲେ । କାର୍ଡିଆକ୍ ସର୍ଜରୀ ବିଭାଗର ପ୍ରଫେସର ତଥା ବିଭାଗୀୟ ମୁଖ୍ୟ ଡା. ଚନ୍ଦନ ରାୟ ମହାପାତ୍ର ରୋଗୀଙ୍କୁ ପରୀକ୍ଷା କରିବା ପରେ ବେକର ମଝି ଭାଗରେ ପ୍ରାୟ ୪ ଇଞ୍ଚ ଲମ୍ବ ଓ ୩ ଇଞ୍ଚ ଚଉଡ଼ା ଏକ ବଡ଼, ଟାଣ ଏବଂ ନାଡ଼ି ସ୍ପନ୍ଦନ କରୁଥିବା ଫୁଲା ଥିବା ଜାଣିବାକୁ ପାଇଥିଲେ । ଏହି ଫୁଲା ଏତେ ବଡ଼ ହୋଇଯାଇଥିଲା ଯେ ଏହା ଫୁସଫୁସକୁ ବାୟୁ ନେଉଥିବା ଶ୍ୱାସନଳୀ ଉପରେ ଚାପ ପକାଉଥିଲା । ଫଳରେ ରୋଗୀଙ୍କୁ ଶ୍ୱାସ ନେବା ଅତ୍ୟନ୍ତ କଷ୍ଟକର ହୋଇପଡ଼ିଥିଲା ।



ପ୍ରାୟ ୬ ମାସ ପୂର୍ବେ ଯୁବକଜଣକ ଏକ ଦୁଇଚକିଆ ଯାନରୁ ପଡ଼ିଯାଇଥିଲେ । ଏଥିରେ ତାଙ୍କ ଡାହାଣ ପାଖର୍ ବେକ ହାଡ଼ ଭାଙ୍ଗିଯାଇଥିଲା । କିଛି ଦିନ ପୂର୍ବରୁ ତାଙ୍କ ବେକ ନିକଟରେ ଫୁଲିବା ଆରମ୍ଭ ହୋଇଥିଲା । କିମସରେ ସିଟି ସ୍କାନ୍‌ରୁ ଜଣାପଡ଼ିଲା, ଏକ ଧମନୀ କଣା ହୋଇଥିବାରୁ ରକ୍ତ ଜମି ଏହି ବଡ଼ ଫୁଲା ସୃଷ୍ଟି ହୋଇଛି । ରକ୍ତଭରା ଫୁଲାଟି ବଢ଼ିବା ସହ ଶ୍ୱାସନଳୀ ଉପରେ ଚାପ ପଡ଼ି ବେକ, ହାତ ଓ ପିଠିରେ ମଧ୍ୟ ଯନ୍ତ୍ରଣା ହେଉଥିଲା । ଚିକିତ୍ସା ସମୟରେ ନିଶ୍ଚେତକ ଦେବା ସମୟରେ ଡାକ୍ତରୀ ଦଳ ପାଇଁ ଆହୁରି ବଡ଼ ଚ୍ୟାଲେଞ୍ଜ ସୃଷ୍ଟି ହୋଇଥିଲା । ଯଦିଓ ରୋଗୀଙ୍କ ପାଟି ଯଥେଷ୍ଟ ଖୋଲୁଥିଲା, ତଥାପି ବେକରେ ଥିବା ବିଶାଳ ଓ ନାଡ଼ି ସ୍ପନ୍ଦନଶୀଳ ଫୁଲା ଶ୍ୱାସନଳୀକୁ ଏତେ ଚାପି ଦେଇଥିଲା ଯେ ସାଧାରଣ ଉପାୟରେ ରୋଗୀଙ୍କୁ ଭେଣ୍ଟିଲେଟ୍ କରିବା ସମ୍ଭବ ହୋଇନଥିଲା । କାର୍ଡିଆକ୍ ଆନେସ୍ଥେସିଓଲୋଜିଷ୍ଟ ଡା. ଅଶୋକ ବଡ଼ମାଲୀ ନିଶ୍ଚେତକ ପରିଚାଳନାର ଦାୟିତ୍ୱ ନେଇଥିଲେ । କାର୍ଡିଆକ୍ ସର୍ଜରୀ କନସଲଟାଣ୍ଟ ଡା. ସତ୍ୟଜିତ ସାମଲ ଓ ସିନିୟର ପର୍ଫ୍ୟୁଜନିଷ୍ଟ ଦେବବ୍ରତ ମହାପାତ୍ରଙ୍କୁ ନେଇ ଗଠିତ ଅସ୍ତ୍ରୋପଚାର ଦଳ ରୋଗୀଙ୍କୁ ହାର୍ଟ-ଲଙ୍ଗ ମେସିନ୍ ସହ ସଂଯୋଗ କରିଥିଲେ ।

ଅସ୍ତ୍ରୋପଚାର ସମୟରେ ରୋଗୀଙ୍କ ଛାତି ଖୋଲାଯାଇ କଣା ହୋଇଥିବା ଧମନୀର ଅସ୍ତ୍ରୋପଚାର କରାଯାଇଥିଲା । ହାର୍ଟ-ଲଙ୍ଗ ମେସିନର ସହାୟତାରେ ପ୍ରାୟ ୪ରୁ ୫ ଘଣ୍ଟା ଧରି ଚାଲିଥିବା ଏହି ଜଟିଳ ଅସ୍ତ୍ରୋପଚାର ସଫଳତାର ସହ ସଂପନ୍ନ ହୋଇଥିଲା । ଅସ୍ତ୍ରୋପଚାରର ପରଦିନ ରୋଗୀଙ୍କ ଶ୍ୱାସନଳୀ ସ୍ୱାଭାବିକ ଭାବେ କାର୍ଯ୍ୟ କରିବା ପରେ ତାଙ୍କୁ ହସ୍ପିଟାଲରୁ ଡିସଚାର୍ଜ କରାଯାଇଥିଲା । ଏବେ ସୁସ୍ଥ ଅଛନ୍ତି । ରୋଗୀ ଜଣକ ଛୋଟବେଳୁ ବାପା-ମାଙ୍କୁ ହରାଇଥିଲେ । କିମସରେ ଜୀବନ ବଞ୍ଚିଯାଇଥିବାରୁ ରୋଗୀ ଓ ତାଙ୍କ ଗାଁର ସଂପର୍କୀୟମାନେ କିମସ ଡାକ୍ତର ଓ ନର୍ସମାନଙ୍କ ପ୍ରତି ଗଭୀର କୃତଜ୍ଞତା ଜଣାଇଛନ୍ତି । ଏହି ବିରଳ ଚିକିତ୍ସା ପାଇଁ କିଟ୍, କିସ୍ ଓ କିମସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଡାକ୍ତରୀ ଦଳକୁ ଧନ୍ୟବାଦ ଜଣାଇବା ସହ ରୋଗୀଙ୍କ ଆରୋଗ୍ୟ କାମନା କରିଛନ୍ତି ।

### ଯଶୋଦା ହସ୍ପିଟାଲ ହାଇଦ୍ରାବାଦ ପକ୍ଷରୁ

## ଶରୀରର ଗୁରୁତ୍ୱପୂର୍ଣ୍ଣ ଜୀବନରେଖା ମହାଧମନୀ ଉପରେ କର୍ମଶାଳା

ଭୁବନେଶ୍ୱର, (ସବ୍ୟୁ) : ମହାଧମନୀ କେବଳ ଏକ ମୁଖ୍ୟ ରକ୍ତବାହୀ ନଳୀ ନୁହେଁ ବରଂ ଏହା ନିଜେ ଏକ ଅଙ୍ଗ । ରକ୍ତ ସଞ୍ଚାଳନ ପ୍ରଣାଳୀର ମୁଖ୍ୟ ଧମନୀ ଭାବରେ ଏହା ଆପଣଙ୍କ ହୃଦୟରୁ ଅମ୍ଳଜାନଯୁକ୍ତ ରକ୍ତ ଶରୀରର ଅନ୍ୟ ସମସ୍ତ ଭାଗକୁ ସିଧାସଳଖ ପହଞ୍ଚାଇଥାଏ । ମହାଧମନୀ ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ । ଥୋରାସିକ୍ ମହାଧମନୀ ଯାହା ଛାତି ଭିତରେ ଅବସ୍ଥିତ । ଏବଡୋମିନାଲ୍ ମହାଧମନୀ ପେଟ ଭିତରେ ଅବସ୍ଥିତ । ମହାଧମନୀ ସବୁବେଳେ ଉଚ୍ଚ ରକ୍ତଚାପର ସାମ୍ନା କରିଥାଏ । ଉଚ୍ଚ ରକ୍ତଚାପ, ଉଚ୍ଚ କୋଲେଷ୍ଟ୍ରୋଲ୍, ଆନୁବଂଶିକ ସମସ୍ୟା, ଶାରୀରିକ ଆଘାତ ଏବଂ ପ୍ରଦାହ ଯୋଗୁଁ ଏହା ଦୁର୍ବଳ ହୋଇପାରେ । ମହାଧମନୀ କ୍ଷତିଗ୍ରସ୍ତ ହେଲେ ସାଧାରଣତଃ ଦୁଇଟି ସାଂଘାତିକ ଜଟିଳତା ଦେଖାଦିଏ । ମହାଧମନୀ ଫାଟିଯିବା, ହୃଦଘାତ, ବ୍ରେନ୍ ଷ୍ଟ୍ରୋକ୍ କିମ୍ବା ହଠାତ ହୃଦୟ ଅଚଳ ହୋଇଯିବା ଭଳି ଭୟଙ୍କର ବିପଦକୁ ଏଡ଼ାଇବା ପାଇଁ ଏଥିରେ ତୁରନ୍ତ ଏମର୍ଜେନ୍ସି ସର୍ଜରୀ ଆବଶ୍ୟକ ହୋଇଥାଏ । ଏହାର ଚିକିତ୍ସା ସାଧାରଣତଃ ଔଷଧ କିମ୍ବା ଷ୍ଟେଣ୍ଟିଂ ମାଧ୍ୟମରେ କରାଯାଇପାରିବ ।




ମହାଧମନୀ ସର୍ଜରୀ ଅତ୍ୟନ୍ତ ଜଟିଳ । ରୋଗୀର ସଫଳ ଚିକିତ୍ସା କେବଳ ଜଣେ ସର୍ଜନଙ୍କ ଉପରେ ନିର୍ଭର କରେ ନାହିଁ ବରଂ ଏକ ନିଷ୍ଠାପର, ସୁସଙ୍ଗଠିତ 'ଏଓର୍ଟିକ୍ ଟିମ୍' ଏବଂ ବିଶ୍ୱସ୍ତରୀୟ ଇଣ୍ଟେନ୍ସିଭ୍ କେୟାର୍‌ୟୁନିଟ୍‌ର ସହଯୋଗ ଉପରେ ନିର୍ଭର କରେ ।ଯଶୋଦା ହସ୍ପିଟାଲ୍ସରେ ଏକ ସକ୍ରିୟ, ବିଶେଷଜ୍ଞ ଏଓର୍ଟିକ୍ ସର୍ଜରୀ ପ୍ରୋଗ୍ରାମ୍ ରହିଛି । ଯେଉଁଠାରେ ସର୍ଜରୀ ସଫଳତା ସହିତ ସମ୍ପନ୍ନ ହୋଇଥାଏ । ଯାହା ଆନ୍ତର୍ଜାତୀୟ ମାନଦଣ୍ଡ ସହିତ ସମକକ୍ଷ । ଏହି ପ୍ରୋଗ୍ରାମ୍ ଆମ ହସପିଟାଲର ଶ୍ରେଷ୍ଠ ଚିକିତ୍ସା ବିଶେଷଜ୍ଞଙ୍କ ସହିତ ଏକ ସୁଦୃଢ଼ ଭିତ୍ତିଭୂମି ରହିଛି । ହସପିଟାଲର ମୁଖ୍ୟ ପ୍ରାଥମିକତା ହେଉଛି ସମ୍ବେଦନଶୀଳ ରୋଗୀମାନଙ୍କୁ ଆତ୍ମୀୟତା ଏବଂ ସୁବିଧା ମୂଲ୍ୟରେ ସମଗ୍ର ଚିକିତ୍ସା ସେବା ଯୋଗାଇଦେବା । ଏହି ଗୁରୁତର ସ୍ୱାସ୍ଥ୍ୟସେବା ସମୟରେ ରୋଗୀ ଓ ସେମାନଙ୍କ ପରିବାର ବର୍ଗଙ୍କୁ ଆବଶ୍ୟକ ବ୍ୟାପକ ସହାୟତା, ମାର୍ଗଦର୍ଶନ ଏବଂ ସମ୍ପୂର୍ଣ୍ଣ ସହଯୋଗ ପ୍ରଦାନ କରିବା ଆମର ପ୍ରାଥମିକତା ବୋଲି ହସପିଟାଲର ମୁଖ୍ୟ ନିର୍ଦ୍ଦେଶକ ଓ କାର୍ଯ୍ୟକର୍ତ୍ତାମାନେ ସୂଚନା ଦେଇଛନ୍ତି ।

### ଚିଲିକା କୂଳରୁ ବ୍ରାଉନସୁଗର ଜବତ, ୨ ଗିରଫ

ବାଲୁଗାଁ ,(ସବ୍ୟୁ):ବାଲୁଗାଁ ପୋଲିସ ମଙ୍ଗଳବାର ସକାଳେ ଚଢ଼ାଉ କରି ବାଲୁଗାଁ କଲେଜ ପଛ ପାଖର୍ ତଥା ଚିଲିକା କୂଳ ଜେଟି ନିକଟରୁ ବେଆଇନ କାରବାର ହେଉଥିବା ୩୦.୪ ଗ୍ରାମ ଓଜନର ବ୍ରାଉନ ସୁଗାର ସମେତ ଏକ ସ୍କୁଟି ଏବଂ ଦୁଇଟି ମୋବାଇଲ ଫୋନ ଜବତ କରିଛନ୍ତି । ଏଥିରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ସେମାନେ ହେଲେ ଖୋର୍ଦ୍ଧା ଆଦର୍ଶ ଥାନା ଅଧିନସ୍ଥ ସାମନ୍ତରା ପୁର ଗ୍ରାମର ବାବୁ ଦାସ ଓରଫ ଅଗାଧୁ (୨୪) ଏବଂ ବଳଭଦ୍ର ପରିଡା ଓରଫ ଟିଟୁ (୨୧) । ବାଲୁଗାଁ ପୋଲିସ ଏ ସଂକ୍ରାନ୍ତରେ କେସ ନଂ ୩୭୭/୨୬, ଏନ ଡ଼ି ପି ଏସ ଧାରା ୨୧(ବି) ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି । ମଙ୍ଗଳବାର ସକାଳେ ଚିଲିକା କୂଳ ଜେଟି ନିକଟରେ ବ୍ରାଉନ ସୁଗାର କାରବାର ହେବାକୁ ଥିବା ନେଇ ପୋଲିସକୁ ସୂଚନା ମିଳିଥିଲା ।

### ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରକୁ ଘରୋଇକରଣ ପ୍ରସଙ୍ଗ

## ରାଜ୍ୟର ସମ୍ପଦ ଲୁଟ ହେଉଥିବା ବେଳେ ସରକାର ନିରବ : ବିଜେଡି

ଭୁବନେଶ୍ୱର, (ସବ୍ୟୁ): ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରକୁ ଲିଜ୍ ଦେଇ ଘରୋଇକରଣ କରାଇବାକୁ ବିଜେପି ସରକାର ପ୍ରୟାସ କରିଛନ୍ତି । ଯାହାକୁ ନେଇ ବିଜେଡି ପକ୍ଷରୁ ନିନ୍ଦା କରାଯାଇଛି । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ସାଧାରଣ ସମ୍ପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର ବିଜେପି ସରକାର ଉପରେ ବର୍ଷିଛନ୍ତି । ଡ. ସାମନ୍ତସିଂହାର କହିଛନ୍ତି ଯେ, ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରକୁ ଘରୋଇ ସଂସ୍ଥା ହାତକୁ ଟେକି ଦେବାକୁ ବିଜେପି ସରକାର ଅନୁମୋଦନ କରିଛନ୍ତି । ଯାହାକି ଓଡିଆ ଅସ୍ମିତା ପ୍ରତି କୁଠାରଘାତ କରିବା ସଦୃଶ୍ୟ । ଏ ଖବର ଜାଣିବା ପରେ ସମଗ୍ର ରାଜ୍ୟବାସୀ ମର୍ମାହିତ ହୋଇଛନ୍ତି । ପ୍ରବାଦ ପୁରୁଷ ବିଜୁବାବୁଙ୍କ ନାମରେ ନାମିତ ଉକ୍ତ ବିମାନ ବନ୍ଦର ଦେଶର ପ୍ରମୁଖ ଓ ଲାଭନ୍ୱିତ ବିମାନ ବନ୍ଦର । ବର୍ଷକୁ ୨୦୦କୋଟିରୁ ଉର୍ଦ୍ଧ୍ୱ ଲାଭ ହେବା ସହ ୫୦ଲକ୍ଷ ଲୋକେ ଯାତାୟାତ କରିଥାନ୍ତି । ତେବେ ଏହାକୁ ଘରୋଇ କରଣ କରିବା କେତେ ଯୁକ୍ତିଯୁକ୍ତ ବୋଲି ପ୍ରଶ୍ନ କରିଛନ୍ତି ।

ଓଡ଼ିଶାର ଅନେକ କ୍ଷତି ହେଉଥିଲେ ସୁଦ୍ଧା କେନ୍ଦ୍ର ସରକାରଙ୍କ ସମ୍ମୁଖରେ ରାଜ୍ୟ ସରକାର ଚୁପ ରହୁଛନ୍ତି । ଏମଏମଡିଆର ଆକ୍ଟ ଯୋଗେ ରାଜ୍ୟର ଖଣିକୁ ବିକ୍ରି କରିଛନ୍ତି । ବିଭିନ୍ନ ବନ୍ଦର ଗୁଡିକ ଘରୋଇ କମ୍ପାନୀ ମାନଙ୍କ ହାତକୁ ଟେକି ଦେଇଛନ୍ତି । ଜାତୀୟ ରାଜପଥ ଗୁଡ଼ିକ ଅବସ୍ଥା ଶୋଚନୀୟ ହୋଇପଡ଼ିଥିବା ବେଳେ ଯାତାୟାତ ବାଧାପ୍ରାପ୍ତ ହେଉଛି । ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ନାମରେ ନାମିତ ଏହା ଏକ ପ୍ରମୁଖ ବିମାନ ବନ୍ଦର । ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନ କାଳରେ ଏହାର ଉନ୍ନତି ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଥିଲେ । ବିଜୁ ପଟ୍ଟନାୟକ ବିମାନ ବନ୍ଦର ୭୦୦୦ରୁ ୮୦୦୦ କୋଟି ଟଙ୍କାର ହେବ । ଓଡ଼ିଶା ବାସୀଙ୍କ ସ୍ୱାର୍ଥକୁ ଲୁଟ କରିବା ପାଇଁ ବିଜେପି ସରକାର ବସି ରହିଛନ୍ତି । ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ଓଡିଆ ଅସ୍ମିତାର ପ୍ରତୀକ । ଉକ୍ତ ନିଷ୍ପତ୍ତିକୁ ବିଜେପି ସରକାର ଯଦି ରଦ୍ଦ ନକରନ୍ତି ତେବେ ବିଜେଡି ପକ୍ଷରୁ ଘୋର ବିରୋଧ କରି ଆନ୍ଦୋଳନ କରାଯିବ ବୋଲି ଡ. ସାମନ୍ତସିଂହାର କହିଛନ୍ତି ।

### ବେଟି ବଚାଓ, ବେଟି ପଢାଓ' ଉପରେ ଜିଲ୍ଲାସ୍ତରୀୟ ଓରିଏଣ୍ଟେସନ୍ ଓ ଜିଲ୍ଲା କାର୍ଯ୍ୟଯୋଜନା ପ୍ରସ୍ତୁତି

ପୁରୀ, (ସବ୍ୟୁ): ପୁରୀ ଜିଲ୍ଲା ପ୍ରଶାସନ ଦ୍ୱାରା 'ବେଟି ବଚାଓ, ବେଟି ପଢାଓ' କାର୍ଯ୍ୟକ୍ରମ ଅଧୀନରେ ଜିଲ୍ଲାସ୍ତରୀୟ ଓରିଏଣ୍ଟେସନ୍ ଓ ଜିଲ୍ଲା କାର୍ଯ୍ୟଯୋଜନା ପ୍ରସ୍ତୁତି ସମ୍ପର୍କିତ କାର୍ଯ୍ୟକ୍ରମ ସ୍ପେସିଆଲ ସର୍କିଟ ହାଉସ ସଭା ଗୃହରେ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା ଅଧ୍ୟକ୍ଷତା କରିଥିଲେ । ଏହି କାର୍ଯ୍ୟକ୍ରମରେ ପୁରୀ ଜିଲ୍ଲା ର ମୁଖ୍ୟ ଚିକିତ୍ସାଧିକାରୀ ଡା ସୁକାନ୍ତ ରଥ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୌମ୍ୟ ରଂଜନ ମଲ୍ଲିକ, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପ୍ରିୟଦର୍ଶିନୀ ସାହୁ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ମନୋଜ କୁମାର ତ୍ରିପାଠୀ, ମୁଖ୍ୟ ପରିଦର୍ଶିକା ବାଲ୍ୟବତୀ ମହାନ୍ତି , ବିଦ୍ୟାଧର ମଲିକ୍ , କାର୍ଯ୍ୟାଳୟ ର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।ତତ ସହିତ ଉପସ୍ଥିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ, ପରିଦର୍ଶୀକା , ଅଙ୍ଗନୱାଡି କର୍ମୀ, କିଶୋରୀ ବାଳିକା ଓ ଆଶା କର୍ମୀ ଅଂଶ ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ପୁରୀ ଜିଲ୍ଲା ସାଇବର୍ ଥାନାର ପ୍ରଶିକ୍ଷକ ସୂର୍ଯ୍ୟ ପ୍ରକାଶ ତ୍ରିପାଠୀ ଡ଼ିଜିଟାଲ୍ ଅପରାଧ, ମୋବାଇଲ ରେ ବ୍ୟକ୍ତିଗତ ବିବରଣୀର ସୁରକ୍ଷା ଯଥା ଆରକ୍ଷୀ ଅଧିକାରୀ ବାଳିକାଙ୍କ ସୁରକ୍ଷା, ଶିକ୍ଷା, ସ୍ୱାସ୍ଥ୍ୟ, ପୋଷଣ ଓ ସଶକ୍ତିକରଣ ସହିତ ଲିଙ୍ଗଭିତ୍ତିକ ବୈଷମ୍ୟ ଦୂରୀକରଣ ଉପରେ ଆଲୋଚନା କରାଯାଇଥିଲା । ଏଥିସହ ଶିଶୁ ବିବାହ ରୋକିବା, ବାଳିକାଙ୍କ ସ୍କୁଲ୍ ଡ୍ରପ୍‌ଆଉଟ୍ ହ୍ରାସ, ଶିକ୍ଷାରେ ନିରନ୍ତରତା ଏବଂ ସମାଜରେ ଲିଙ୍ଗ ସମାନତା ପ୍ରତିଷ୍ଠା ପାଇଁ ଆବଶ୍ୟକ ପଦକ୍ଷେପ ଉପରେ ଗୁରୁତ୍ୱ ଦିଆଯାଇଥିଲା । ଜିଲ୍ଲାର ବିଭିନ୍ନ ବିଭାଗ ଓ ଅଂଶୀଦାରଙ୍କ ସମନ୍ୱୟରେ ବାଳିକାଙ୍କ ସର୍ବାଙ୍ଗୀଣ ବିକାଶ ନିମନ୍ତେ ଏକ ସୁଦୃଢ଼ ଜିଲ୍ଲା କାର୍ଯ୍ୟଯୋଜନା ପ୍ରସ୍ତୁତ କରିବା ଉପରେ ମତବିନିମୟ ହୋଇଥିଲା । ବାଳିକାଙ୍କୁ ସୁରକ୍ଷିତ, ଶିକ୍ଷିତ ଓ ସଶକ୍ତ କରିବା ସହିତ ସମାଜରେ ତାଙ୍କ ପ୍ରତି ସକାରାତ୍ମକ ମନୋଭାବ ସୃଷ୍ଟି କରିବା ଏହି ଅଭିଯାନର ପ୍ରମୁଖ ଲକ୍ଷ୍ୟ । ଶେଷରେ ପ୍ରୋଗ୍ରାମ ଅଫିସର ସୁହାଗି ହେମ୍ବ୍ରମ ଧନ୍ୟବାଦ ଅର୍ପଣ କରି ସଭା ଶେଷ କରିଥିଲେ ।

### ନିସ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜିର ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ଉତ୍ସବ

ଭୁବନେଶ୍ୱର, (ସବ୍ୟୁ) : ଛତାବର ସ୍ଥିତ ନିସ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜିର ନୂତନ ଶିକ୍ଷାବର୍ଷ ପାଇଁ ନବାଗତ ଡିପ୍ଲୋମା, ବିଟେକ୍ ଓ ଏମ୍‌ସିଏ ବିଭାଗ ଛାତ୍ରଛାତ୍ରୀମାନଙ୍କୁ ଅନୁଷ୍ଠାନ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ । ନିସ୍ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ଡ଼. ସୁଭାଷ ଚନ୍ଦ୍ର ନାୟକ ଛାତ୍ରଛାତ୍ରୀମାନେ ଇଞ୍ଜିନିୟରିଂ ଓ ଡିପ୍ଲୋମା ଶିକ୍ଷା ଗ୍ରହଣ କରିବା ସହିତ ଅନୁଷ୍ଠାନର ନୀତି, ନିୟମ ଓ ଆଦର୍ଶରେ ଅନୁପ୍ରାଣିତ ହୋଇ କିପରି ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିପାରିବେ




ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସ୍ୱାଗତ ଉତ୍ସବରେ ଆଇଆଇଟି ଭୁବନେଶ୍ୱରର ପ୍ରଫେସର୍ ଡ଼. ପି. ଦିନାକର, ପ୍ରିସେଲ ପ୍ରାଇଭେଟ୍ ଲିମିଟେଡ଼ର ନିର୍ଦ୍ଦେଶକ ଏସ୍. କେ ମୁଲିକ, ଆକ୍ୟୁରେଟ୍ କଟକର ପ୍ରତୀକ୍ ବୋଷ୍ ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗଦେଇ ସେମାନଙ୍କ ସାରଗର୍ଭକ ବକ୍ତବ୍ୟ ତାହା ପ୍ରକାଶ କରିଥିଲେ । ଏଥିରେ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଡ଼. ହିମାଂଶୁ ଶେଖର ମହାରଣା, ଉପାଧ୍ୟକ୍ଷ ପ୍ରଫେସର୍ ମୃତ୍ୟୁଞ୍ଜୟ ସେନାପତି, ଡ଼ିନ୍ ଡ଼. ସସ୍ମିତା ନାୟକ, ଆଡ଼ଭାଇଜର ଲୋକନାଥ ଓଝାଙ୍କ ସମେତ ଅନୁଷ୍ଠାନର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ଥିଲେ ।

### ଓଡ଼ିଶାର ବୁଲବୁଲ କବି କୁନ୍ତଳା କୁମାରୀ ସାବତଙ୍କ ୮୮ତମ ଶ୍ରାଦ୍ଧ ବାର୍ଷିକୀ

ଭୁବନେଶ୍ୱର(ସବ୍ୟୁ): ଦିଲ୍ଲୀ ଉତ୍କଳ ଅସ୍ମିତା ଆନୁକୂଲ୍ୟରେ କବି କୁନ୍ତଳା କୁମାରୀ ସାବତଙ୍କ ୮୮ତମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ଏକ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ସଭା ଗୁଗୁଲ ମିଟ୍ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି ।

ଏହି ସଭାକୁ ନିବେଦିତା ଗିରି ସଞ୍ଚାଳନ କରିଥିଲେ ଏବଂ ସଭାପତିତ୍ୱ କରିଥିଲେ ଡକଫର ଅନୀତା ପଣ୍ଡା । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଲୋପାମୁଦ୍ରା ମହାନ୍ତି ବିସ୍ତୃତ ରୂପେ ତାଙ୍କର ସ୍ମୃତିକୁ ସଭା ସମ୍ମୁଖରେ ଉପସ୍ଥାପନ କରିଥିଲେ । ସାହିତ୍ୟ ଏକାଡ଼େମୀ ସମ୍ମାନିତା ବିଶିଷ୍ଟ ସାହିତ୍ୟିକା ରଞ୍ଜିତା ନାୟକ କୁନ୍ତଳାଙ୍କ ଗଳ୍ପ ଉପନ୍ୟାସ ଉପରେ ବିସ୍ତୃତ ରୂପେ ଆଲୋକପାତ କରିଥିବା ସମୟରେ କବି ଶୈଳବାଳା ମହାପାତ୍ର କବିତା ମାନଙ୍କର ସମକ ବିବରଣୀ ପ୍ରଦାନ କରିଥିଲେ । ବକ୍ତା ବାସନ୍ତୀ ମହାନ୍ତି କୁନ୍ତଳାଙ୍କ ନାରୀବାଦ ଉପରେ ଗଭୀର ଆଲୋକପାତ କରିଥିଲେ ।

ସଭାପତି ଡକଫର ଅନୀତା ପଣ୍ଡା କୁନ୍ତଳାଙ୍କ ଜୀବନର ଦିବା ସ୍ୱପ୍ନ ଏବଂ ନିଦ୍ରା ବସ୍ଥା ସ୍ୱପ୍ନଗୁଡ଼ିକ ଉଲ୍ଲେଖ କରି କହିବା ସଂଗେ ସଂଗେ ତାଙ୍କ ଜୀବନ ଉପରେ ତିନିଟି ପୁରୁଷଙ୍କର ଅବହେଳା,ବୃଥା ଆଚ୍ଛନ୍ନତା ଏବଂ କୂଟ କପଟପାଶାର ତାଙ୍କର କଳ୍ପିତ ସ୍ୱପ୍ନ ମାନଙ୍କୁ ଭାଙ୍ଗି ରୁଜି ଦେଇ ଥିଲେ ମଧ୍ୟ ସେ ବିପକ୍ଷରେ ସ୍ୱର ଉତ୍ତୋଳନ କରି ନଥିଲେ । ଆହୁରି ମଧ୍ୟ ଈଶ୍ୱରଙ୍କ ଅନୁଗ୍ରହ କିପରି ସମସ୍ତ କ୍ଷେତ୍ରରେ ଭାରସାମ୍ୟ ରଚନା କରିଥାନ୍ତି ତାହା କୁନ୍ତଳାଙ୍କ ପାଇଁ ସମ୍ଭବ ହୋଇଥିଲା ତାଙ୍କର କଳ୍ପିତ ପୂର୍ବଜନ୍ମ ସନ୍ତାନ ଚକ୍ରଧର ମହାପାତ୍ରଙ୍କ ଜରିଆରେ । ୩୦ରୁ ଊର୍ଦ୍ଧ୍ୱ ଶ୍ରୋତାମାନଙ୍କ ର ଉପସ୍ଥିତି ସଭାର ମର୍ଯ୍ୟାଦା ବୃଦ୍ଧି କରି ଥିଲା । ଉପରାନ୍ତେ ଡା. ସାଧୁ ଚରଣ



ପଣ୍ଡା ସ୍ୱର ଚିତ ଶ୍ରଦ୍ଧାଞ୍ଜଳି କବିତା ପାଠ କରିବା ସଙ୍ଗେ ସଙ୍ଗେ କଲ୍ୟାଣୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଅବଶେଷରେ ସଭାପତି କୁନ୍ତଳା କୁମାରୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ସଭା ଭଙ୍ଗ କରିଥିଲେ ।

## ଏସିଏସ୍ ଉଷା ପାଢ଼ୀଙ୍କୁ ଭେଟିଲେ ମୋହୁଆ ପ୍ରତିନିଧିମଣ୍ଡଳୀ

ଭୁବନେଶ୍ୱର, (ସବ୍ୟୁ): ଭାରତ ସରକାରଙ୍କ ଗୃହ ନିର୍ମାଣ ଓ ନଗର ବ୍ୟାପାର ମନ୍ତ୍ରଣାଳୟର ତିନିଜଣିଆ ପ୍ରତିନିଧିମଣ୍ଡଳୀ ଆଜି ଖାରବେଳ ଭବନଠାରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ହେବାକୁ ଥିବା ୧୯ତମ ଅର୍ବାନ୍ ମୋବିଲିଟି ଇଣ୍ଡିଆ ସମ୍ମିଳନୀ ଓ ପ୍ରଦର୍ଶନୀ-୨୦୨୬ର ପ୍ରସ୍ତୁତି ନେଇ ବିସ୍ତୃତ ଆଲୋଚନା ହୋଇଥିଲା । ଓଡ଼ିଶାରେ ଆୟୋଜିତ ହେବାକୁ ଥିବା ଏହି ପ୍ରତିଷ୍ଠିତ ଜାତୀୟ



ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀଙ୍କୁ ସାକ୍ଷାତ କରିଥିଲେ । ପ୍ରତିନିଧିମଣ୍ଡଳୀରେ ଏସ୍‌ଓ ଶ୍ରୀ ସୁଧୀର ସିଂହ, ଗାଇଡେଡ୍ ଟ୍ରାନ୍ସପୋର୍ଟ ସ୍ପେସିଆଲିଷ୍ଟ ରଞ୍ଜିଶ କୁମାର ଏବଂ ମ୍ୟାନେଜର୍, ୟୁଏମ୍‌ଆଇ ଶ୍ରୀମତୀ ରୀନା ଆରୋରା ଶ୍ରୀବାସ୍ତବ ରହିଥିଲେ । ଏହି ଅବସରରେ ଆସନ୍ତା ଅକ୍ଟୋବର ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଆୟୋଜିତ ସ୍ତରର ପ୍ରମୁଖ କାର୍ଯ୍ୟକ୍ରମରେ ଦେଶ ତଥା ବିଦେଶର ନୀତି ନିର୍ଦ୍ଧାରକ, ସହରୀ ପରିବହନ ବିଶେଷଜ୍ଞ, ପ୍ରଶାସକ, ଶିଳ୍ପ ନେତୃତ୍ୱ, ଶିକ୍ଷାବିତ୍ ଏବଂ କ୍ଷେତ୍ର ବିଶେଷଜ୍ଞମାନେ ଯୋଗଦେଇ ସହରୀ ଗମନାଗମନ କ୍ଷେତ୍ରରେ ଉଦୀୟମାନ ପ୍ରବଣତା, ଆହ୍ୱାନ ଓ ସୁଯୋଗ ସମ୍ପର୍କରେ ଆଲୋଚନା କରିବେ । "ଏଥିରେ ସୁଗମ, ସ୍ଥାୟୀ, ସମାବେଶୀ, ପ୍ରଯୁକ୍ତି ଭିତ୍ତିକ ଏବଂ ଜଳବାୟୁ-ସହନଶୀଳ ସହରୀ ପରିବହନ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯିବ ।

ଆଲୋଚନା ସମୟରେ ଶ୍ରୀମତୀ ପାଢ଼ୀ ଏକ ସୁସମନ୍ୱିତ ଓ ପ୍ରଭାବଶାଳୀ ୟୁଏମ୍‌ଆଇ ସମ୍ମିଳନୀ ଆୟୋଜନ ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ । ଓଡ଼ିଶାରେ ଏହି ସମ୍ମିଳନୀ ଆୟୋଜନ ରାଜ୍ୟର ସହରୀ ଗମନାଗମନ କ୍ଷେତ୍ରରେ ରୂପାନ୍ତରଣମୂଳକ ଯାତ୍ରାକୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପ୍ରଦର୍ଶନ କରିବାର ଏକ ବଡ଼ ସୁଯୋଗ ପ୍ରଦାନ କରିବ ବୋଲି ସେ କହିଥିଲେ । ବୈଠକରେ କାର୍ଯ୍ୟକ୍ରମ ପ୍ରସ୍ତୁତିର ବିଭିନ୍ନ ଦିଗ ଯଥା ସମ୍ମିଳନୀ ସ୍ଥଳର ବ୍ୟବସ୍ଥା, ବୈଷୟିକ ଅଧିବେଶନ, ପ୍ରଦର୍ଶନୀ ପାଭିଲିୟନ୍, ପ୍ରତିନିଧିମାନଙ୍କ ରହଣି ଓ ଯାତାୟାତ, ସ୍ଥାନୀୟ ପରିବହନ ବ୍ୟବସ୍ଥା, ପ୍ରୋଟୋକଲ, ସୁରକ୍ଷା ଓ ନିରାପତ୍ତା ଏବଂ ବୈଷୟିକ ସ୍ଥଳ ପରିଦର୍ଶନ ଆଦି ନେଇ ଆଲୋଚନା ହୋଇଥିଲା । ଶ୍ରୀମତୀ ପାଢ଼ୀ ସମ୍ମିଳନୀର ସୁଚାରୁ ଆୟୋଜନ ପାଇଁ ଗକ୍ଟ୍ୱାଇଟଇ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଏବଂ ସମ୍ପୃକ୍ତ ସମସ୍ତ ରାଜ୍ୟ ସରକାରୀ ସଂସ୍ଥା ମଧ୍ୟରେ ଘନିଷ୍ଠ ସମନ୍ୱୟର ଆବଶ୍ୟକତା ଉପରେ ଜୋର ଦେଇଥିଲେ । ବୈଠକରେ ଅତିରିକ୍ତ ସଚିବ-ତଥା-ଜିଏମ୍, ଉଜଟ ଶ୍ରୀ ସାହେଦେବ ସମାଧିଆ, ଯୁଗ୍ମ ସଚିବ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଶ୍ରୀମତୀ ମମତାରାଣୀ ନାୟକଙ୍କ ସମେତ ଅନ୍ୟାନ୍ୟ ସମ୍ପୃକ୍ତ ଅଧିକାରୀ ଉପସ୍ଥିତ ଥିଲେ ।

### ବନ୍ଦ ଘରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ବାରଙ୍ଗ ,(ସବ୍ୟୁ): ଗୋଡିସାହି ଫାଣ୍ଡି ନିକଟସ୍ଥ ରାମଦାସପୁର ବିଦ୍ୟୁତ ବିଭାଗ କାର୍ଯ୍ୟାଳୟ ନିକଟରେ ଥିବା ଏକ ପରିତ୍ୟକ୍ତ ବନ୍ଦ ଘରୁ ଜଣେ ଯୁବକଙ୍କ ମୃତଦେହ ମଙ୍ଗଳବାର ସକାଳେ ଉଦ୍ଧାର ହୋଇଛି । ମୃତ ଯୁବକ ଜଣକ ଗୋଡିସାହି ଗ୍ରାମର ପ୍ରଦୀପ ନାୟକ ବୋଲି ଜଣାପଡିଛି । ସେ ଗତ ୧୯ ଦିନ ହେବ ନିଖୋଜ ଥିଲେ ।ପ୍ରକାଶ ଯେ, ପ୍ରଦୀପ ଘରୁ କେଉଁଆଡେ ଚାଲିଯାଇଥିଲେ । ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ମଧ୍ୟ ତାଙ୍କ ପତ୍ତା ନମିଳିବାରୁ ଗୋଡିସାହି ଫାଣ୍ଡିରେ ଗତ ୭ ତାରିଖରେ ନିଖୋଜ ନେଇ ଲିଖିତ ଅଭିଯୋଗ କରିଥିଲେ । ପୋଲିସ ଏକ ନିଖୋଜ ମାମଲା ରୁଜୁ କରି ତଦନ୍ତ କରୁଥିଲା । ଏହି ସମୟରେ ପରିବାର ଲୋକେ ମାନସିକ ଦୁଶ୍ଚିନ୍ତାରେ ଥିଲେ । ମଙ୍ଗଳବାର ସକାଳେ କିଛି ସ୍ଥାନୀୟ ଯୁବକ ଉକ୍ତ ରାସ୍ତା ଦେଇ ଯାଉଥିବା ବେଳେ ବନ୍ଦ ଘର ଭିତରୁ ଦୁର୍ଗନ୍ଧ ଆସୁଥିବା ଅନୁଭବ କରିଥିଲେ । ସନ୍ଦେହ ହେବାରୁ ଘର ନିକଟକୁ ଯାଇ ଦେଖିବା ବେଳେ ଭିତରେ ଜଣେ ଯୁବକଙ୍କ ମୃତଦେହ ଝୁଲୁଥିବା ଅବସ୍ଥାରେ ଦେଖିବାକୁ ପାଇଥିଲେ । ଖବର ପାଇ ଗୋଡିସାହି ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲା । ମୃତଦେହଟି ପଚିଯାଇ ଦୁର୍ଗନ୍ଧ ହେଉଥିବା ଦେଖିବାକୁ ମିଳିଥିଲା ।ପୋଲିସ ୨୬/୨୬ ନମ୍ବରରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ତେବେ ଯୁବକଙ୍କ ମୃତ୍ୟୁ ହତ୍ୟା ନା ଆତ୍ମହତ୍ୟା ତାହା ଏପର୍ଯ୍ୟନ୍ତ ଅସ୍ପଷ୍ଟ ରହିଛି । ଅନ୍ୟପକ୍ଷରେ ଏହି ଘଟଣା ପଛରେ ପ୍ରେମ ସମ୍ପର୍କକୁ ନେଇ ଚର୍ଚ୍ଚା ହେଉଥିବା ବେଳେ ପୋଲିସ ମୃତକଙ୍କ ମୋବାଇଲ ଫୋନର କଲ ଡିଟେଲ୍ସ ଯାଞ୍ଚ କରି ଜଣେ ମହିଳାଙ୍କୁ ପଚରାଉଚରା କରୁଥିବା ବିଶେଷ ସୂତ୍ରରୁ ଜଣାପଡିଛି ।

### ଏମଏମଡିଆର ବିଲକୁ ପ୍ରତ୍ୟାହାର ଦାବିରେ ଇଣ୍ଡିଆମେଣ୍ଟ ତରଫରୁ ପଦଯାତ୍ରା ଓ ବିକ୍ଷୋଭ

ଭୁବନେଶ୍ୱର (ସବ୍ୟୁ): କେନ୍ଦ୍ର ସରକାର ଦେଶର ବିକାଶ ପାଇଁ ସର୍ବଦା ଡିଣ୍ଡିମ ପିଟୁଛନ୍ତି । ଶିକ୍ଷାନୀତି ସଂପୂର୍ଣ୍ଣ ଭୁଷୁଡ଼ିପଡ଼ିଛି । ପ୍ରାକୃତିକ ସମ୍ପଦ ଭରା ଓଡ଼ିଶା ପ୍ରତି କେନ୍ଦ୍ର ସରକାରଙ୍କର ଦୃଷ୍ଟି ସଂପୂର୍ଣ୍ଣ ଭିନ୍ନ । ଖୁବ ନିକଟରେ ଏମଏମଡିଆର ବିଲ ପାସ କରି ଓଡ଼ିଶାର ଲକ୍ଷ ଲକ୍ଷ କୋଟି ଟଙ୍କା କ୍ଷତି ପହଂଚାଇଛନ୍ତି । ଏଥିରେ ରାଜ୍ୟ ସରକାର ପ୍ରତିବାଦ ନକରି ନିରବ ରହିବା ରାଜ୍ୟବାସୀଙ୍କ ପ୍ରତି କେତେ ଦରଦ ତାହା ସ୍ପଷ୍ଟ ହୋଇଛି । ଏହି ବିଲକୁ ରଦ୍ଦ କରିବା ଦାବିରେ ଇଣ୍ଡିଆମେଣ୍ଟର ସମସ୍ତ ବିରୋଧି ରାଜନୈତିକ ଦଳମାନେ ଭୁବନେଶ୍ୱର ଠାରେ ଏକ ଜୋରଦାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଏହି ଉପଲକ୍ଷେ ଏକ ବିଶାଳ ପଦଯାତ୍ରା କଂଗ୍ରେସ ଭବନ ଠାରୁ ବାହାରି ଲୋୟର ପିଏମଜି ପର୍ଯ୍ୟନ୍ତ ଯାଇଥିଲା । ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ପ୍ରକାଶ ଚନ୍ଦ୍ର ଜେନାଙ୍କ ପରିଚାଳନାରେ ବିଭିନ୍ନ ରାଜନୈତି ଦଳର ନେତୃବୃନ୍ଦ ସର୍ବଶ୍ରୀ ସନ୍ତୋଷ ସିଂ ସାଲୁଜା, ସୁରେଶ କୁମାର ରାଉତରାୟ, ସୁର ଜେନା, ଜୟନ୍ତ ଦାସ, ମହେନ୍ଦ୍ର ପରିଡ଼ା, ପ୍ରଦୀପ ନାୟକ, ଜଗନ୍ନାଥ ପଟ୍ଟନାୟକ, ରାମଚନ୍ଦ୍ର ଖୁଣ୍ଟିଆ, ଶିବାନନ୍ଦ ରାୟ, ହେମନ୍ତ ବେହେରା, ପ୍ରଭାତ ସାମନ୍ତରାୟ, ସୁରେଶ ପାଣିଗ୍ରାହୀ, ଜ୍ୟୋତିରଞ୍ଜନ ମହାପାତ୍ର, ବିଶ୍ୱଜିତ ଦାଶ, ଚିନ୍ମୟ ସୁନ୍ଦର ଦାସ, ରଜନୀ ମହାନ୍ତି, ଶ୍ରୀନିବାସ ରାଉତରାୟ, ଲିଙ୍ଗରାଜ ସାହୁ, ହିମାଂଶୁ ଲେଙ୍କା, ସୁବ୍ରତ ମହାପାତ୍ର, ସରୋଜ ଲେଙ୍କା, ଶ୍ରୀୟା ମହାନ୍ତି, ଜୟକୃଷ୍ଣ ସୁବୁଦ୍ଧି, ପ୍ରଶାନ୍ତ ଚମ୍ପତି, ଜୟକୃଷ୍ଣ ମଲ୍ଲିଆ, ପ୍ରଭାତ ପ୍ରତାପ ସିଂ, ଶ୍ରୀୟା ପଣ୍ଡା, ପ୍ରାଚୀ ରାଉତରାୟ, ଅଶୋକ ଦାସ, ମନୋରଞ୍ଜନ ଦାଶ, ଆରିୟାନ ମହାପାତ୍ର, ଭାଗବତ ଜେନା,




ଚଣ୍ଡିପ୍ରସାଦ ମହାପାତ୍ର, ସୁକାନ୍ତ କୁମାର ବରାଳ, ମୋହନ ଚନ୍ଦ୍ର ପଣ୍ଡା, ସାଇ ପ୍ରସାଦ ରାଓ, ଦେଓ ପ୍ରସାଦ, ଦେବେନ୍ଦ୍ର କୁମାର ନାୟକଙ୍କ ସହିତ ଶତାଧିକ ବିଭିନ୍ନ ରାଜନୈତିକ ଦଳର କର୍ମୀ ଅଂଶଗ୍ରହଣ କରିଥିଲେ । ଆଜିର ଏହି କାର୍ଯ୍ୟକ୍ରମକୁ ସୂର୍ଯ୍ୟକାନ୍ତ ଜେନା ଓ ମିହିର ଆଚାର୍ଯ୍ୟ ତତ୍ତ୍ୱାବଧାନ କରିଥିଲେ ।

# ଏମ୍ଏମ୍ଡିଆର୍ ସଂଶୋଧନ ଆଇନ୍ ବିରୋଧରେ ଗର୍ଜିଲେ ବିରୋଧୀ



ବାରିପଦା, (ସବ୍ୟୁ) : ଏମ୍ଏମ୍ଡିଆର୍ ସଂଶୋଧନ ଆଇନ୍-୨୦୨୬କୁ ରଦ୍ଦ କରିବା ଏବଂ ଓଡ଼ିଶାର ଖଣିଜ ସମ୍ପଦ ଓ ରାଜସ୍ୱ ଅଧିକାର ସୁରକ୍ଷା ଦାବିରେ ମିଳିତ ବିରୋଧୀ ଦଳ ପକ୍ଷରୁ ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିରୋଧ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟବ୍ୟାପୀ ପ୍ରତିରୋଧ ଦିବସର ଅଂଶବିଶେଷ ଭାବେ ଇଣ୍ଡି ବ୍ଲକ୍ କଂଗ୍ରେସ, ସିପିଆଇ ଓ ସିପିଏମ୍ ପକ୍ଷରୁ ଆୟୋଜିତ ଏହି ବିକ୍ଷୋଭରେ କଂଗ୍ରେସ (ପୂର୍ବ) ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ ସଭାପତିତ୍ୱ କରିଥିଲେ। ବିକ୍ଷୋଭକାରୀମାନେ ଏମ୍ଏମ୍ଡିଆର୍ ସଂଶୋଧନ ଆଇନ୍କୁ ରାଜ୍ୟ ସ୍ୱାର୍ଥ ବିରୋଧୀ ବୋଲି ଅଭିହିତ କରିବା ସହ ଏହାକୁ ରଦ୍ଦ କରିବା ପାଇଁ ଦାବି କରିଥିଲେ। ବକ୍ତାମାନେ କହିଥିଲେ ଯେ, ଓଡ଼ିଶାର ଖଣିଜ ସମ୍ପଦ, ରାଜସ୍ୱ ଅଧିକାର ଓ ସଂଘୀୟ ବ୍ୟବସ୍ଥାର ସ୍ୱାର୍ଥକୁ କ୍ଷତି ପହଞ୍ଚାଇବା ଭଳି ବ୍ୟବସ୍ଥା ଏହି ଆଇନ୍ରେ ରହିଛି । ସୁପ୍ରିମକୋର୍ଟଙ୍କ ୨୦୨୪ ମସିହାର ଖଣିଜ ଟିକସ ସମ୍ପର୍କିତ ରାୟ ପରେ ଓଡ଼ିଶା ପାଇବାକୁ ଥିବା ରାଜସ୍ୱକୁ ନେଇ ମଧ୍ୟ ସେମାନେ ଉଦ୍‌ବେଗ ପ୍ରକାଶ କରିଥିଲେ ।

ଏହି ପ୍ରସଙ୍ଗରେ ରାଜ୍ୟ ସରକାର ତୁରନ୍ତ ସ୍ୱତନ୍ତ୍ର ବିଧାନସଭା ଅଧିବେଶନ ଡାକି ଏମ୍ଏମ୍ଡିଆର୍ ଆଇନ୍ର ବିଭିନ୍ନ ପ୍ରାବଧାନ ଉପରେ ଆଲୋଚନା କରିବା ସହ ଓଡ଼ିଶାର ସ୍ୱାର୍ଥ ସୁରକ୍ଷା ପାଇଁ ଦୃଢ଼ ପଦକ୍ଷେପ ନେବାକୁ ବିକ୍ଷୋଭକାରୀମାନେ ଦାବି କରିଥିଲେ । ପ୍ରତିରୋଧ ସଭାରେ କଂଗ୍ରେସ (ପଶ୍ଚିମ) ସଭାପତି ଭୁବନବିହାରୀ ସାହୁ, ଜ୍ୟୋତି ପ୍ରକାଶ ରଥ, ନାରାୟଣ ପଟ୍ଟନାୟକ, ଚୈତନ୍ୟ ହାଁସଦାଃ, ସବିତା ସୋରେନ୍ ଓ ସୁନିତା ନାଏକ ପ୍ରମୁଖ ଯୋଗଦେଇଥିଲେ। ସିପିଆଇ ପକ୍ଷରୁ ଜିଲ୍ଲା ସମ୍ପାଦକ ସାଥୀ ଜଗବନ୍ଧୁ ମିଶ୍ର, ପରମେଶ୍ୱର ମହାନ୍ତ ଏବଂ ସିପିଏମ୍ ପକ୍ଷରୁ ଜିଲ୍ଲା ସମ୍ପାଦକ ସାଥୀ ମୃତ୍ୟୁଞ୍ଜୟ ବେହେରା, ରବି ଗୋସ୍ୱାମୀ ଓ ଅମଲ ଦେ ପ୍ରମୁଖ ଆଇନ୍ର ବିଭିନ୍ନ ଦିଗ ଉପରେ ବକ୍ତବ୍ୟ ରଖିଥିଲେ। କଂଗ୍ରେସର ଶାନ୍ତନୁ ପାଲ୍ ସଭା ପରିଚାଳନା କରିଥିବା ବେଳେ ଶେଷରେ ସୁସ୍ମିତା ଘୋଷାଲ ଧନ୍ୟବାଦ ଅର୍ପଣ କରିଥିଲେ । ବିକ୍ଷୋଭର ଶେଷ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ରାଜ୍ୟର ୨୦ ଜଣ ସାଂସଦ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପ୍ରତୀକାତ୍ମକ କୁଶପୁତ୍ତଳିକା ଦାହ କରାଯାଇଥିଲା।

ବିକ୍ଷୋଭରେ କଂଗ୍ରେସ, ସିପିଆଇ ଓ ସିପିଏମ୍ର ବହୁ ନେତା ଓ କର୍ମୀ ଯୋଗ ଦେଇଥିଲେ। ମାଧବୀ ସେନାପତି, ଗୌରୀ ନାୟକ, ଭୁବନେଶ୍ୱରୀ ଜେନା, ଜ୍ୟୋତିରଞ୍ଜନ ଦାସ, ଅସିତ ଦାସ, ସେକ୍ ରଖିମ୍, ସେକ୍ ଏକବାଲ, ପ୍ରଫୁଲ୍ଲ ଦାସ, ଦୁଃଖୀଶ୍ୟାମ ମୁର୍ମୁ, ନିହାର ରଞ୍ଜନ ମହୁଆଳ, ଠାକୁର ସୋରେନ୍, ଦିଲ୍ଲୀପ ନାୟକ, ଜବାମଣି ଟୁଡୁ, ସ୍ୱରୂପ ମିଶ୍ର, ପ୍ରଦୀପ ମିଶ୍ର, ରବୀନ୍ଦ୍ର ଗିରି, ପ୍ରଫୁଲ୍ଲ ନାୟକ, ପ୍ରଦୀପ ଦାସ, ସେକ୍ କାଲୁମୁଦ୍ଦିନ, ଭବାନୀଶଙ୍କର ସାହୁ, ଜୀବନ ବାରିକ, ସତ୍ୟକାମ ରଣା, ବିଜୟ ସିଂହ, ଉତ୍ତମ ବେହେରା, କହ୍ନେଇ ମହାନ୍ତ ଓ ବିକାଶ ମହାଭୋଇଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ । ସେହିପରି ସିପିଆଇ ପକ୍ଷରୁ ଶ୍ରୀକାନ୍ତ ସାମଲ, ନାରାୟଣ ଟୁଡୁ, କାହ୍ନୁଚରଣ ବେହେରା, ପାରାଉ ହାଁସଦା ପ୍ରମୁଖ ଯୋଗ ଦେଇଥିଲେ ।

# ଦୁଇ କାର୍‌ରୁ ୧୯୫ କେଜି ଗଞ୍ଜେଇ ଜବତ, ୩ ଗିରଫ

ବ୍ରହ୍ମପୁର, (ସବ୍ୟୁ) : ବ୍ରହ୍ମପୁରକୁ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ଖବର ପାଇ ଅବକାରୀ ଗୋଇନ୍ଦା ଡ଼ିଏସପି ଶ୍ରୁତିକାନ୍ତ ରାଉତଙ୍କ ନେତୃତ୍ୱରେ ଦୁଇଟି ଟିମ ମଙ୍ଗଳବାର ସକାଳୁ ଫାଷ୍ଟଗେଟ ଓ ଅଟୋନଗରରେ ଦୁଇଟି ସ୍ଥାନରେ ଯାନବାହାନ ଯାଞ୍ଚ କରୁଥିଲା । ବ୍ରହ୍ମପୁର ଅଭିମୁଖେ ଆସୁଥିବା ଏକ ହୋଣ୍ଡା ସିଟି କାର ନଂ (ଓଡି ୦୨ ସିଏକ୍ସ ୩୮୦୮ )କୁ ବଡବଜାର ଥାନା ଅଧୀନ ଫାଷ୍ଟ ଗେଟ୍ ଛକ ନିକଟରେ ଅଟକାଇ ଯାଞ୍ଚ କରିଥିଲା ।

ଉକ୍ତ କାର ଭିତରୁ ତିନୋଟି ଜରି ବସ୍ତାରେ ଥିବା ୭୫ କେଜି ଗଞ୍ଜେଇ ଜବତ କରିବା ସହ ଜଣେ ଯୁବକଙ୍କୁ ପୋଲିସ ଗିରଫ କରିଛି । ଅଭିଯୁକ୍ତ ଜଣଙ୍କ ହେଲେ କନ୍ଧମାଳ ଜିଲ୍ଲା ଟିକାବାଲି ଥାନା ଅଂଚଳର ପିଙ୍କୁ ଦେହୁରୀ (୩୧) । ଏହାସହ ଗଞ୍ଜେଇ ଚାଲାଣରେ ବ୍ୟବହୃତ ହୋଣ୍ଡା ସିଟି କାର୍, ଗୋଟିଏ ଆଣ୍ଡ୍ରଏଡ୍ ମୋବାଇଲ୍ ଫୋନ୍ ଏବଂ ଅଭିଯୁକ୍ତଙ୍କ ଆଧାର କାର୍ଡର ଜେରକ୍ସ କପି ଜବତ କରାଯାଇଛି । ମାମଲା ନଂ ୩୨୩/୨୬-୨୭ ରେ ଉକ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ସେହିପରି ଅନ୍ୟ ଏକ ଟିମ ଫାଷ୍ଟଗେଟ ଅଟୋନଗର ଦେଇ ବ୍ରହ୍ମପୁର ଅଭିମୁଖେ ଆସୁଥିବା ହୁଣ୍ଡାଇ ଭେନ୍ୟୁ କାର୍ (ନଂ. ଓଡି -୦୨ ବିଏଫ -୦୦୧୫) କୁ ଅଟକାଇ ଯାଞ୍ଚ ବେଳେ ୪ଟି ଜରି ବସ୍ତାରେ ଥିବା ୧୨୦କେଜି ଗଞ୍ଜେଇ ଜବତ ହୋଇଛି । ଗଞ୍ଜେଇ ଚାଲାଣ ଅଭିଯୋଗରେ ଦୁଇ ଜଣଙ୍କୁ କାବୁ କରିଥିଲା । ସେମାନେ ହେଲେ ନୟାଗଡ଼ ଜିଲ୍ଲା ସରଣକୁଳ ଥାନା ଅଧୀନ ଗୁଣଜବରଣ ଗ୍ରାମର ସୁଶାନ୍ତ କୁମାର ମଲ୍ଲିକ (୨୯) ଏବଂ ଶିଖରପୁର ଗ୍ରାମର କୁନା ସ୍ୱାଇଁ (୩୦) ।

ମାମଲା ନଂ ୩୨୨/୨୬-୨୭ ଉକ୍ତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି । ଜବତ ଗଞ୍ଜେଇ, ଦୁଇଟି କାର ମୋବାଇଲର ମୂଲ୍ୟ ଆନୁମାନିକ ୪୫ଲକ୍ଷ ହେବ ବୋଲି ଡ଼ିଏସପି ରାଉତ ସୂଚନା ଦେଇଛନ୍ତି । ଏହି ଚଢ଼ାଉରେ ଏସଆଇ ନମ୍ରତା ନାହାକ, ବିଶ୍ୱରଂଜନ ନରା, କନେଷ୍ଟେବଲ ପବିତ୍ର ସାମଲ ପ୍ରମୁଖ ସାମିଲ ଥିଲେ । ମାମଲାର ତଦନ୍ତ ଜାରି ରହିଛି ବୋଲି ଡ଼ିଏସପି ରାଉତ ସୂଚନା ଦେଇଛନ୍ତି ।

# ଛାତ୍ର ସଂସଦ ନିର୍ବାଚନ ପାଇଁ ଏବିଭିପି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ

ବୁଗୁଡା, (ସବ୍ୟୁ) : ଘୁମୁସର ସାଙ୍ଗଠନିକ ଜିଲ୍ଲା ବୁଗୁଡ଼ା ନଗର ଏବିଭିପି (ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ) ପକ୍ଷରୁ ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ଏବଂ ପରିଚାଳନା କମିଟି ଗଠନ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଏକ ସ୍ମାରକପତ୍ର ସ୍ଥାନୀୟ ପିପୁଲ୍ସ କଲେଜ ଅଧ୍ୟକ୍ଷ ଭଗବାନ ଶତପଥୀଙ୍କ ଜରିଆରେ ପ୍ରେରଣ କରାଯାଇଥିବା ଜଣାଯାଇଛି । ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ଘୁମୁସର ସାଙ୍ଗଠନିକ ଜିଲ୍ଲା ସଂଯୋଜକ ସଂଗ୍ରାମ ଦାସଙ୍କ ନେତୃତ୍ୱରେ ଏକ ଛାତ୍ରଦଳ କଲେଜ ଅଧ୍ୟକ୍ଷଙ୍କୁ ସାକ୍ଷାତ କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରେରିତ ସ୍ମାରକପତ୍ର ତାଙ୍କୁ ପ୍ରଦାନ କରିବା ସହ କଲେଜ ଛାତ୍ରଛାତ୍ରୀଙ୍କ ପାନୀୟ ଜଳ, ପରିସ୍ରାଗାର ଓ ବଏଜ କମନରୁମର ଅଭାବ ଭଳି କେତେକ ମୌଳିକ ସମସ୍ୟାର ଦୂରୀକରଣ ସକାଶେ ଦାବି କରିଥିବା ଜଣାପଡିଛି ।

## ମୟୂରଭଞ୍ଜରେ ଓଜେସିର ପ୍ରଥମ ପ୍ରସ୍ତୁତି ବୈଠକ

# ୱାର୍ଡସ୍ତରରୁ ସଙ୍ଗଠନ ସୁଦୃଢ଼ କରିବାକୁ ଗୁରୁତ୍ୱ



ବାରିପଦା, (ସବ୍ୟୁ): ମୟୂରଭଞ୍ଜ ଜିଲ୍ଲାରେ ଓଡ଼ିଶା ଜନତା କଂଗ୍ରେସର ପ୍ରଥମ ପ୍ରସ୍ତୁତି ବୈଠକ ଦଳର ରାଜ୍ୟ ସଭାପତି ତଥା ବାରବାଟୀ-କଟକର ପୂର୍ବତନ ବିଧାୟକ ମହମ୍ମଦ ମୋକିମଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ସମ୍ପାଦକ ଅଂଶୁମାନ ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଦଳର ବରିଷ୍ଠ ନେତା ତଥା ରାଜ୍ୟ ଉପସଭାପତି ନିକୁଞ୍ଜ ପଶାୟତ, ରାଜ୍ୟ ଉପସଭାପତି ପ୍ରଦୀପ ପ୍ରଧାନ ଏବଂ ଓଡ଼ିଶା ଯୁବ ଜନତା କଂଗ୍ରେସର ରାଜ୍ୟ ସଭାପତି ଆର୍ଯ୍ୟବୀର ଲେଙ୍କା ଯୋଗ ଦେଇଥିଲେ । ଏଥିରେ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ମୌଳିକ ସମସ୍ୟା, ଲୋକଙ୍କ ଅଧିକାର ଏବଂ ଜନସାଧାରଣଙ୍କ ସମସ୍ୟାକୁ ନେଇ ଆଗାମୀ ଦିନରେ ଦଳର ଭୂମିକା ସମ୍ପର୍କରେ ଆଲୋଚନା ହୋଇଥିଲା। ବିଶେଷକରି ଜିଲ୍ଲାରେ ଦଳୀୟ ସଂଗଠନକୁ ତୃଣମୂଳସ୍ତରରୁ ସୁଦୃଢ଼ କରିବା, ୱାର୍ଡସ୍ତରରେ ଲୋକଙ୍କ ନିକଟରେ ପହଞ୍ଚିବା ଏବଂ ସାଧାରଣ ଲୋକଙ୍କ ଅଧିକାର ପାଇଁ ସ୍ୱର ଉଠାଇବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଲୋକଙ୍କ ପ୍ରତି ହେଉଥିବା ଅନ୍ୟାୟ ଓ ଅବହେଳା ବିରୋଧରେ ସଂଗଠିତ ଭାବେ ଆନ୍ଦୋଳନ ଗଢ଼ି ତୋଳିବା ନେଇ ମଧ୍ୟ ମତ ବିନିମୟ ହୋଇଥିଲା। ବୈଠକରେ ମୟୂରଭଞ୍ଜରୁ ନରୋତ୍ତମ ମହାନ୍ତ, ଧନୁର୍ଜୟ ସିଂ, ଶେଖ ସିଦ୍ଦିକି, ମନୋରଞ୍ଜନ ସିଂ, ମୋନାଲିଶା କବାଟ, ସୁମିତ୍ରା ରାଉତ ଓ ମୋନାଲିସା ଗିରି ପ୍ରମୁଖ ଉପସ୍ଥିତ ରହି ଦଳର ଆଗାମୀ ସାଙ୍ଗଠନିକ ରଣନୀତି ସମ୍ପର୍କରେ ନିଜ ନିଜ ମତ ରଖିଥିଲେ । ତୃଣମୂଳସ୍ତରରେ ଦଳର ଉପସ୍ଥିତି ବଢ଼ାଇବା ସହ ଜନସାଧାରଣଙ୍କ ସମସ୍ୟାକୁ ପ୍ରାଥମିକତା ଦେଇ ସେଗୁଡ଼ିକର ସମାଧାନ ଦିଗରେ କାର୍ଯ୍ୟ କରିବାକୁ ବୈଠକରେ ମତ ପ୍ରକାଶ ପାଇଥିଲା ।

# ଚକ୍ଷୁଦାନ ପକ୍ଷ ପାଳନରେ ସଚେତନତା ପଦଯାତ୍ରା

ବ୍ରହ୍ମପୁର, (ସବ୍ୟୁ) : ମହାରାଜ କୃଷ୍ଣ ଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟର ଚକ୍ଷୁ ବିଭାଗ ପକ୍ଷରୁ ୪୧ତମ ଚକ୍ଷୁଦାନ ପକ୍ଷ ପାଳନର ପ୍ରଥମ ଦିବସରେ ଏକ ସଚେତନତା ପଦଯାତ୍ରା କରାଯାଇଛି । ଏହି କାର୍ଯ୍ୟକ୍ରମରେ ଫ୍ରେଣ୍ଡସ୍ ହେଲପିଙ୍ଗ କ୍ଲବ, ମାରୁଆଡ଼ି ମହିଳା ସମିତି ସହଯୋଗ କରିଥିଲେ । ପଦଯାତ୍ରା ଆରମ୍ଭରୁ ଫ୍ରେଣ୍ଡସ୍ ହେଲପିଙ୍ଗ କ୍ଲବ ଦ୍ୱାରା ପ୍ରସ୍ତୁତ ପ୍ରଚାର ପତ୍ରକୁ ଚକ୍ଷୁ ବିଭାଗର ମୁଖ୍ୟ ପ୍ରଫେସର ଡଃ. ସରିତା ପଣ୍ଡା ଉନ୍ମୋଚନ କରିଥିଲେ । ପ୍ରଥମେ ବି. ଲକ୍ଷ୍ମୀନାରାୟଣ ପାତ୍ର, ଏହି ପ୍ରକଳ୍ପର ଅଧ୍ୟକ୍ଷ କହିଥିଲେ ଯେ ଆଜିଠାରୁ ଆସନ୍ତା ନଭେମ୍ବର ୮ ଯାଏଁ ବ୍ରହ୍ମପୁର ମହାନଗର ନିଗମର ବିଭିନ୍ନ ଅଞ୍ଚଳରେ ପ୍ରତିଦିନ ସଚେତନତା ପାଇଁ ପଥପ୍ରାନ୍ତ ସଭା ଓ ପଦଯାତ୍ରା କରିବା ପାଇଁ ସ୍ଥିର କରାଯାଇଛି । ଚକ୍ଷୁ ବିଭାଗ ଠାରୁ ପଦଯାତ୍ରାରେ ବାହାରି କଲେଜର ମୁଖ୍ୟ ଦ୍ୱାରରେ ପରେ ଓପିଡ଼ି ଠାରେ ପଥପ୍ରାନ୍ତ ସଭା କରାଯାଇଥିଲା । ଏଥିରେ ଚକ୍ଷୁ ବିଭାଗର ମୁଖ୍ୟ ପ୍ରଫେସର ସରିତା ପଣ୍ଡା, ଅବସରପ୍ରାପ୍ତ ମୂଖ୍ୟ ପ୍ରଫେସର ଡଃ. ବି. ନାଗେଶ୍ୱର ରାଓ ସୁବୁଦ୍ଧି, ପ୍ରଫେସର ପ୍ରଜ୍ଞା ପଣ୍ଡା, ଡଃ. ଶିବାନୀ ଦେବୀ, ଫ୍ରେଣ୍ଡସ୍ ହେଲପିଙ୍ଗ କ୍ଲବର ପୂର୍ବତନ ସଭାପତି ଇ.ଟି. ରାଓ, କେ.ନାନ୍ଦେଶୁ ସେନାପତି, କେ. ନାଗେଶ୍ୱ ରାଓ ନିଜ ନିଜର ମତ ରଖିଥିଲେ । ଭାରତରେ କରିନିଆ ଜନିତ ସମ୍ପୂର୍ଣ୍ଣ ବା ଆଂଶିକ ଦୃଷ୍ଟି ହରାଇ ଥିବା ବ୍ୟକ୍ତି ପ୍ରାୟ ୩୦ ଲକ୍ଷ୍ୟ ଲୋକଥିବା ଓ ଏମାନଙ୍କୁ ଦୃଷ୍ଟି ଶକ୍ତି ଯୋଗାଇବାର ଏକମାତ୍ର ପନ୍ଥା ଅନ୍ୟ ମୃତବ୍ୟକ୍ତି ଠାରୁ ସଂଗ୍ରହ କରାଯାଇଥିବା କରିନିଆ ପ୍ରତିରୋପଣ । ଭାରତରେ ୨୯୨୫ ମସିହାରେ କେବଳ ୫୩୭୯୭ କରିନିଆ ସଂଗ୍ରହ କରାଯାଇଥିଲା । ଏହାକୁ ବୃଦ୍ଧି କରିବା ପାଇଁ ପ୍ରତିବର୍ଷ ଏହି ପକ୍ଷ ପାଳନ କରାଯାଇ ସଚେତନତା ସୃଷ୍ଟି କରାଯାଉଛି ବୋଲି ବକ୍ତାମାନେ କହିଥିଲେ । ଯେଉଁ ବ୍ୟକ୍ତି ମୃତ୍ୟୁ ପରେ ଚକ୍ଷୁ ଦାନ କରିବା ପାଇଁ ଇଚ୍ଛୁକ, ତାଙ୍କ ଦାୟାଦ ବା ବନ୍ଧୁବାନ୍ଧବ ପ୍ରଥମେ ମୃତ ବ୍ୟକ୍ତିଙ୍କ ମୁଣ୍ଡକୁ ତକିଆ ଦେଇ ରଖିବେ ଓ ଆଖିରେ ଓଦା ତୁଳା ବା କନାଦେଇ ଘୋଡାଇ ରଖିବା ପରେ ଚକ୍ଷୁ ବିଭାଗକୁ ଜଣାଇଲେ ଚକ୍ଷୁ ବିଶେଷଜ୍ଞ ଘରକୁ ପହଂଚି ଚକ୍ଷୁ (କରିନିଆ) ବା ଆଖି ଉପରେ ଥିବା ସ୍ୱଚ୍ଛପରଳ ସଂଗ୍ରହ କରିବେ । ଏଠାରେ ମନେରଖିବାକୁ ପଡିବ ମୃତ୍ୟୁର ଛଅ ଘଣ୍ଟା ମଧ୍ୟରେ ଏହା କରିବାକୁ ପଡିବ ।

# କାର୍‌ରୁ ୩ ବସ୍ତା ଗଞ୍ଜେଇ ଜବତ, ୨ ଗିରଫ

ବୁଗୁଡା, (ସବ୍ୟୁ): ଗଞ୍ଜାମ ଜିଲ୍ଲା ଅବକାରୀ ବିଭାଗୀୟ ଅଧୀକ୍ଷକ ଅମରେନ୍ଦ୍ର ଜେନାଙ୍କ ନିର୍ଦ୍ଦେଶ କ୍ରମେ ସ୍ଥାନୀୟ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ୨ଟି ଗଞ୍ଜେଇ ବୋଝେଇ ଦାମୀ କାର (ନଂ-ଓଡି-୦୨-ସିଇ ୦୭୫୨ ଏବଂ ଓଡି-୦୨-ଓ୍ୱାଇ ୪୧୧୪) କୁ ଜବତ କରାଯାଇ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଜଣାଯାଇଛି । ଗିରଫ ୨ଜଣ ହେଲେ ନୟାଗଡ ଜିଲ୍ଲା ଓଡଗାଁ ଅଞ୍ଚଳର ଭିକାରୀ ଚନ୍ଦ୍ର ନାୟକ (୪୨) ଓ ଗୌତମ ବୁଦ୍ଧ(୨୧) । ଏନେଇ ବୁଗୁଡା ଅବକାରୀ ଥାନା ପକ୍ଷରୁ କେସ୍ ନଂ ୮୦/୨୦୨୬-୨୭ରେ ଏକ ମାମଲା ରୁଜୁ ହୋଇଥିବା ଓଆଇସି



ଜ୍ୟୋତି ରଞ୍ଜନ ସେନାପତିଙ୍କଠାରୁ ପ୍ରକାଶ ପାଇଛି । ପ୍ରକାଶ ଯେ, ମଙ୍ଗଳବାର ଦିନ କନ୍ଧମାଳରୁ ୩ଟି ବସ୍ତା ଗଞ୍ଜେଇ ବୋଝେଇ ହୋଇ ୨ଟି କାରରେ ଭୁବନେଶ୍ୱରକୁ ଚାଲାଣ ହେଉଥିଲା । କୌଣସି ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଅବକାରୀ ଅଧୀକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ବୁଗୁଡା ଅବକାରୀ ବିଭାଗର ଏକ ଟିମ୍ ସକାଳ ପ୍ରାୟ ୧୦ଟା ସମୟରେ ଗୋଶାଳା ଫାୟାର ଷ୍ଟେସନ ଛକରେ କାର ୨ଟି ଉପରେ ଚଢାଉ କରି ୬୬ କି.ଗ୍ରା ଓଜନର ଗଞ୍ଜେଇ ଜବତ ସହ ୨ଜଣଙ୍କୁ ଗିରଫ କରିଥିଲେ । ଉକ୍ତ ଚଢାଉ କାର୍ଯ୍ୟରେ ବୁଗୁଡା ଅବକାରୀ ଓଆଇସିଙ୍କ ସମେତ କନଷ୍ଟେବଲ କାମନା ବେହେରା, ସୁବଳ ପ୍ରଧାନ, କାହ୍ନୁ ନାହାକ, କୃଷ୍ଣଚନ୍ଦ୍ର ସେଠୀ ପ୍ରମୁଖ ସାମିଲ ଥିଲେ ।

## ବାଲିସିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

# ରୋଗୀ କଲ୍ୟାଣ ସମିତି ବୈଠକ

ଆସିକା, (ସବ୍ୟୁ) : ଆସିକା ବ୍ଲକ ବାଲିସିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରୋଗୀ କଲ୍ୟାଣ ସମିତିର ବୈଠକ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଆଜି ଅନୁଷ୍ଠିତ ହୋଇଛି । ସ୍ଥାନୀୟ ବିଧାୟକ ସରୋଜ କୁମାର ପାଢ଼ୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ବୈଠକକୁ ବିପିଏମ ସାଗରିକା ମିଶ୍ର ସଂଯୋଜନା କରିଥିଲେ । ଆସିକା ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକ୍ଷକ ବାଲ ଗୋପାଳ ବେହେରା, ବାଲିସିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକ୍ଷକ ମଧୁସୁଧନ ବାରିକ, ସିଡିପିଓ ଶାନ୍ତି କରସୁଧା ପଟ୍ଟନାୟକ, ରୋଗୀ କଲ୍ୟାଣ ସମିତିର ସଦସ୍ୟ ନିରଞ୍ଜନ ମାହାନ୍ତି, ଭଜରାମ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ । ରୋଗୀ କଲ୍ୟାଣ ସମିତିର ୪ଲକ୍ଷ ୩୦ହଜାର ଟଙ୍କାର ବାର୍ଷିକ ଅଟକଳକୁ ଏଥିରେ ଅନୁମୋଦନ କରାଯାଇଥିଲା । ବାଲିସିରା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ଲଗାତାର ଭାବେ ପଞ୍ଚମ ବର୍ଷ ପାଇଥିବା କାୟାକଳ୍ପ ପୁରସ୍କାର ନିମନ୍ତେ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟ କରୁଥିବା ଡାକ୍ତର ମଧୁସୂଦନ ବାରିକ, ବିପିଏମ ସାଗରିକା ମିଶ୍ର, ଆୟୁଷ ଡାକ୍ତର ଏ. ଲକ୍ଷ୍ମୀ ଦେବୀ, ସୁଜିତ ପାତ୍ର, ବିଏଏମ ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ବିଡିଏମ ସରୋଜ ପାଢୀ ଙ୍କ ସମେତ ୪୦ ଜଣ କର୍ମଚାରଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ଆରମ୍ଭରେ ବିଧାୟକ ଶ୍ରୀ ପାଢ଼ୀଙ୍କ ଉପସ୍ଥିତରେ ସମସ୍ତଙ୍କୁ ନେଇ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସମୁହ ସଫେଇ କାର୍ଯ୍ୟ ସମ୍ପାଦନ ହୋଇଥିଲା। ନିରୀକ୍ଷଣ ସାଥି ଯୋଜନାରେ ଗର୍ଭବତୀ ମହିଳାଙ୍କୁ ଅଲଟ୍ରାସାଉଣ୍ଡ, ପ୍ରସବ ଓ ଏକବର୍ଷ ପର୍ଯ୍ୟନ୍ତ ଶିଶୁଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିବା ଉଦ୍ଦେଶ୍ୟରେ ତିନୋଟି ଅଟୋର ଶୁଭାରମ୍ଭ ବିଧାୟକ ଶ୍ରୀ ପାଢ଼ୀ କରିଛନ୍ତି ।

# ନିଷ୍ଟ ବିଶ୍ୱବିଦ୍ୟାଳୟରେ ନବାଗତ ପିଜି ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ବ୍ରହ୍ମପୁର, (ସବ୍ୟୁ) : ଦକ୍ଷିଣ ଓଡିଶାର ପ୍ରମୁଖ ବୈଷୟିକ ଶିକ୍ଷାନୁଷ୍ଠାନ ନିଷ୍ଟ ବିଶ୍ୱବିଦ୍ୟାଳୟ ପରିସରରେ ନବାଗତ ପିଜି (ଏମବିଏ, ଏମସିଏ, ଏମଏସସି, ଏବଂ କାର୍ଯ୍ୟରତ ବୃତ୍ତିଗତ ) ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଏହି ଅବସରରେ ନିଷ୍ଟ ପ୍ରତିଷ୍ଠାତା ତଥା ସଭାପତି ଡକଫର ସୁକାନ୍ତ କେ. ମହାପାତ୍ର, ପରାମର୍ଶଦାତା ଇଂ ଅରୁଣ ରଥ, ଭାରପ୍ରାପ୍ତ କୁଳପତି ଡ଼. ପି. ରାଜେଶ କୁମାର, ଭାରପ୍ରାପ୍ତ କୁଳସଚିବ ଡ. ବିଷ୍ଣୁକର ନାୟକ ମଞ୍ଚାସୀନ ଥିଲେ । ଉପ-ସଭାପତି ସଞ୍ଜିତା ମହାପାତ୍ର ଦୂରଭାଷ ମାଧ୍ୟମରେ ଯୋଗ ଦେଇଥିଲେ । ଏହି ଅବସରରେ ପ୍ରତିଷ୍ଠାତା ତଥା ସଭାପତି ବିଶ୍ୱସ୍ତରୀୟ ନବସୃଜନ କେନ୍ଦ୍ର ବିଷୟରେ ବିସ୍ତୃତ ଭାବରେ




ବର୍ଣ୍ଣନା କରିଥିଲେ । ନିଷ୍ଟରେ ଗୁଣାତ୍ମକ ଶିକ୍ଷା ମାଧ୍ୟମରେ ପ୍ରତିଦ୍ୱନ୍ଦିତା ମୂଳକ ପରିସ୍ଥିତିକୁ ସମ୍ମୁଖୀନ ନେଇ ପ୍ରସ୍ତୁତ କରିବା ଯୁଗପଯୋଗୀ ଶିକ୍ଷାଦାନର ବାଞ୍ଛା ସହ ଛାତ୍ରଛାତ୍ରୀଙ୍କୁ ସଫଳତାର ଶୀର୍ଷରେ ପହଁଚିବାକୁ ଉପ -ସଭାପତି ଉପଦେଶ ଦେଇଥିଲେ । ଡ. ଆକାଂକ୍ଷା ପଟ୍ଟନାୟକ ସଭା ପରିଚାଳନା କରିଥିଲେ । ହଷ୍ଟେଲ ସୁପରିଟେଣ୍ଡେଣ୍ଟ ଡ଼. ସସ୍ମିତା ପାଢ଼ୀ ହଷ୍ଟେଲର ନିୟମାବଳୀ ସମ୍ପର୍କରେ ସୂଚନା ଦେଇଥିଲେ । କ୍ୟାରିୟର ଆଣ୍ଡ ଡେଭଲପମେଣ୍ଟ ମ୍ୟାନେଜର ରାଜୀବ ପାଢ଼ୀ କ୍ୟାରିୟର ଡେଭଲପମେଣ୍ଟ ଓ ପ୍ଲେସମେଣ୍ଟ ପରି ସଙ୍ଖ୍ୟାନ ସମ୍ପର୍କରେ ଦକ୍ଷତା ପ୍ରଦାନ ଉପରେ ବିବରଣୀ ରଖିଥିଲେ । ଆସୋସିଏଟ୍ ଡିନ୍ ଛାତ୍ର କଲ୍ୟାଣ ଡ଼. ପ୍ରୀତି ରଞ୍ଜନ ସାହୁ ବିଶ୍ୱବିଦ୍ୟାଳୟର ଶୃଙ୍ଖଳା ଏବଂ ବିଭିନ୍ନ ନିୟମାବଳୀ ସମ୍ପର୍କରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ । ଡ଼. ସୁଶାନ୍ତ ସାହୁ ନିଷ୍ଟ ଇନକ୍ୟୁବେଟର ବିଷୟରେ ବୁଝାଇଲେ । କୋର୍ସ କୋଅର୍ଡିନେଟର ଡ଼. ଅମରନାଥ ପାଢ଼ୀ ଛାତ୍ର ଛାତ୍ରୀ ମାନଙ୍କୁ ପ୍ରଥମ ବର୍ଷର ସମୟ ସାରଣୀ ଏବଂ ଇଣ୍ଡକ୍ସନ କାର୍ଯ୍ୟକ୍ରମ ବିଷୟରେ କହିଥିଲେ। ଏମବିଏ ଛାତ୍ରୀ ଅପୂର୍ବା ପଟ୍ଟନାୟକ ଏବଂ ଛାତ୍ର ସୁରଜ ଦଳାଇ, ଲୋକନାଥ ତ୍ରିପାଠୀ ଶିକ୍ଷାର୍ଥୀମାନଙ୍କୁ ଅନୁଷ୍ଠାନର ପାଠ୍ୟଶୈଳୀ, ଶୃଙ୍ଖଳା ସମ୍ପର୍କରେ ଜଣାଇଥିଲେ । ଶେଷରେ କୁଳସଚିବ ଡ଼. ବିଷ୍ଣୁଙ୍କର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# କଲେଜ ଛକ ଯୁଗଳ କିଶୋର ମନ୍ଦିରରେ ଝୁଲଣ ଯାତ୍ରା

କଟକ, (ସ୍ୱପ୍ର): କଟକ କଲେଜ ଛକ ଅନ୍ତର୍ଗତ ପାଟରା ସାହିସ୍ଥିତ ଶ୍ରୀଶ୍ରୀ ଯୁଗଳ କିଶୋର ଠାକୁର ମନ୍ଦିର ପ୍ରାଙ୍ଗଣରେ ଶ୍ରଦ୍ଧା ଓ ଭକ୍ତିପୂର୍ଣ୍ଣ ପରିବେଶରେ ଝୁଲଣ ଯାତ୍ରା ଆରମ୍ଭ ହୋଇଛି । ମନ୍ଦିର ପ୍ରାଙ୍ଗଣରେ ରାଧାକୃଷ୍ଣଙ୍କ ସୁସଜ୍ଜିତ ଝୁଲଣ ଦର୍ଶନ ପାଇଁ ଭକ୍ତମାନଙ୍କ ସମାଗମ ହୋଇଥିଲା ।



ଏହି ଅବସରରେ ରାଧାକୃଷ୍ଣଙ୍କ ମହିମା ଓ ଝୁଲଣ ଯାତ୍ରାର ଧାର୍ମିକ ମହତ୍ତ୍ୱ ସମ୍ପର୍କରେ ଆଲୋଚନା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଭଜନ ପରିବେଷଣ ଅନୁଷ୍ଠିତ ହୋଇଥିଲା । ଭକ୍ତିମୟ ପରିବେଶରେ ରାଧାକୃଷ୍ଣଙ୍କ ଝୁଲଣ ଦର୍ଶନ କରି ଶ୍ରଦ୍ଧାଳୁମାନେ ଆନନ୍ଦିତ ହୋଇଥିଲେ । କାର୍ଯ୍ୟକ୍ରମରେ ଶୋଭାବତୀ କର, ରଞ୍ଜିତା ନାୟକ, ବାସନ୍ତି ଦେଇ, ମିନୁ ଚୌଧୁରୀ, ଆରତୀ ଷଣ୍ଢ, ଲିଲି ବେହେରା, ସୁକାନ୍ତି ପଣ୍ଡା, ପୁଷ୍ପ ସାହୁ, ମିନୁ ପଣ୍ଡା ଓ ଡଲି ବାରିକ ପ୍ରମୁଖ ଯୋଗ ଦେଇଥିଲେ । ଆଗାମୀ ଦିନଗୁଡ଼ିକରେ ମଧ୍ୟ ମନ୍ଦିର ପ୍ରାଙ୍ଗଣରେ ବିଭିନ୍ନ ଧାର୍ମିକ ଓ ସାଂସ୍କୃତିକ ଆୟୋଜନ ହେବ ବୋଲି ଜଣାପଡ଼ିଛି ।

## ପ୍ରତିଭା ଆଗରେ ହାର ମାନିଲା ଦାରିଦ୍ର୍ୟ

# ଚୀନରେ ଦେଶ ପାଇଁ ରଗବି ଖେଳିବେ ସନ୍ଧ୍ୟାରାଣୀ




ବାରିପଦା, (ସବ୍ୟୁ): ଦୃଢ଼ ଇଚ୍ଛାଶକ୍ତି, ଅଦମ୍ୟ ମନୋବଳ ଓ କଠିନ ପରିଶ୍ରମ ଆଗରେ ଦାରିଦ୍ର୍ୟ ଆର୍ଥିକ ଅନଟନ ଯେ, ବାଧା ହୋଇପାରେ ନାହିଁ, ତାହା ପ୍ରମାଣ କରିଛନ୍ତି ବାରିପଦା ବ୍ଲକ ଅନ୍ତର୍ଗତ ରାଧିକାଶୋଳ ଗ୍ରାମର ସନ୍ଧ୍ୟାରାଣୀ ଟୁଡୁ । ଏକ ସାଧାରଣ ଚାଷୀ ପରିବାରରୁ ଆସିଥିବା ସନ୍ଧ୍ୟାରାଣୀ ନିଜ ପ୍ରତିଭା ବଳରେ ଭାରତୀୟ ବରିଷ୍ଠ ମହିଳା ରଗବି ଦଳରେ ସ୍ଥାନ ପାଇଛନ୍ତି । ଚୀନରେ ଅନୁଷ୍ଠିତ ହେବାକୁ ଥିବା ଏସୀୟ ରଗବି ସେଭେନ୍ସ ସିରିଜରେ ସେ ଦେଶ ପକ୍ଷରୁ ଖେଳିବାର ସୁଯୋଗ ପାଇଛନ୍ତି । ସନ୍ଧ୍ୟାରାଣୀଙ୍କ ଏହି ସଫଳତା ମୟୂରଭଞ୍ଜ ଜିଲ୍ଲା ସମେତ ସମଗ୍ର ଓଡ଼ିଶା ପାଇଁ ଗୌରବର ବିଷୟ ହୋଇଛି । ବାରିପଦାସ୍ଥିତ ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡେମୀରେ ପ୍ରଶିକ୍ଷଣ ନେଇ ସେ ଏହି ସଫଳତା ହାସଲ କରିଛନ୍ତି । ନିଜ ସଫଳତା ପାଇଁ ସେ ଏକାଡେମୀର ସମସ୍ତ କୋଚ୍ଙ୍କ ସମେତ ବିଶେଷ କରି ପ୍ରତିଷ୍ଠାତା ଦିବ୍ୟରଞ୍ଜନ ଦାସଙ୍କୁ ଶ୍ରେୟ ଦେଇଛନ୍ତି ।

ଗତବର୍ଷ ମଧ୍ୟ ସନ୍ଧ୍ୟାରାଣୀ ଏସୀୟ ରଗବି ସିରିଜରେ ଟପ୍ ସ୍କୋରର ଭାବେ ପୁରସ୍କୃତ ହୋଇଥିଲେ । ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଓଡ଼ିଶା ପାଇଁ ଏକାଧିକ ପଦକ ଜିତିବାରେ ମଧ୍ୟ ତାଙ୍କର ଉଲ୍ଲେଖନୀୟ ଅବଦାନ ରହିଛି । ଏବେ ଭାରତୀୟ ବରିଷ୍ଠ ମହିଳା ଦଳରେ ସ୍ଥାନ ପାଇବା ତାଙ୍କ କ୍ରୀଡ଼ା ଜୀବନର ଆଉ ଏକ ବଡ଼ ସଫଳତା । ସାଧାରଣ ଚାଷୀ ପରିବାରରୁ ଉଠି ଜାତୀୟ ଦଳରେ ସ୍ଥାନ ପାଇଥିବା ସନ୍ଧ୍ୟାରାଣୀ ଆଜି ଅନେକ ଯୁବ କ୍ରୀଡ଼ାପ୍ରତିଭାଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି । ଆର୍ଥିକ ଅଭାବ ସତ୍ତ୍ୱେ ନିଜ ଲକ୍ଷ୍ୟରୁ ବିଚ୍ୟୁତ ନହୋଇ ନିରନ୍ତର ପରିଶ୍ରମ କଲେ ସଫଳତା ନିଶ୍ଚିତ ବୋଲି ସେ ନିଜ ସଫଳତା ମାଧ୍ୟମରେ ବାର୍ତ୍ତା ଦେଇଛନ୍ତି । ସନ୍ଧ୍ୟାରାଣୀଙ୍କ ଚୟନ ଖବର ପ୍ରଚାର ପାଇବା ପରେ ଫ୍ୟୁଚର ଷ୍ଟାର ସ୍ପୋଟର୍ସ ଏକାଡେମୀର ପ୍ରତିଷ୍ଠାତା ଦିବ୍ୟରଞ୍ଜନ ଦାସଙ୍କ ସମେତ ଜିଲ୍ଲାର କ୍ରୀଡ଼ାପ୍ରେମୀ, ଜିଲ୍ଲା ପ୍ରଶାସନ ଓ ଜିଲ୍ଲାବାସୀ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଚୀନରେ ସନ୍ଧ୍ୟାରାଣୀ ଦେଶ ପାଇଁ ଶ୍ରେଷ୍ଠ ପ୍ରଦର୍ଶନ କରି ଗୌରବ ଆଣିବେ ବୋଲି ସମସ୍ତେ ଆଶା ପ୍ରକାଶ କରିଛନ୍ତି । ସନ୍ଧ୍ୟାରାଣୀଙ୍କ ସଫଳତା ପାଇଁ ମୟୂରଭଞ୍ଜ ମହାରାଜା ପ୍ରବୀଣଚନ୍ଦ୍ର ଭଞ୍ଜଦେଓ, ମହାରାଣୀ ରଶ୍ମି ରାଜଲକ୍ଷ୍ମୀ ଭଞ୍ଜଦେଓ, ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ମୟୂରଭଞ୍ଜ ଜିଲ୍ଲା କ୍ରୀଡ଼ା ସଂଘ ସମ୍ପାଦକ ବିଜୟ କୁମାର ଦାସ, ଏକାଡେମୀ ନିର୍ଦ୍ଦେଶକ ଅମର କୁମାର ସେଠୀ, ଉପଦେଷ୍ଟା ସୋମନାଥ ସିଂହ, ମଙ୍ଗଲ ହାଁସଦା ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି । ଏଥିସହ ମୟୂରଭଞ୍ଜ ଜିଲ୍ଲା ରଗବି ସଂଘ, ଓଡ଼ିଶା ରଗବି ସଂଘ ଏବଂ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର ସହଯୋଗ ପାଇଁ ଏକାଡେମୀର ଖେଳାଳି ଓ ପ୍ରତିଷ୍ଠାତା ଦିବ୍ୟରଞ୍ଜନ ଦାସ କୃତଜ୍ଞତା ଜଣାଇଛନ୍ତି ।

## ଟିପିଏସ୍ଓଡିଏଲକୁ ସିଏସ୍ଆର୍ ଇମ୍ପାକ୍ଟ ଆୱାର୍ଡ଼

# ସାମାଜିକ ପରିବର୍ତ୍ତନ ଓ ସଂପ୍ରଦାୟ ବିକାଶ ପାଇଁ ମିଳିଲା ସମ୍ମାନ

ବ୍ରହ୍ମପୁର, (ସବ୍ୟୁ): ଦକ୍ଷିଣ ଓଡ଼ିଶାରେ ଦୀର୍ଘସ୍ଥାୟୀ ପରିବର୍ତ୍ତନ ଆଣିବା ଦିଗରେ ନିରନ୍ତର ପ୍ରୟାସ ପାଇଁ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏସ୍ଓଡିଏଲ୍କୁ ସିଏସ୍ଆର୍ ଇମ୍ପାକ୍ଟ ଆୱାର୍ଡ ୨୦୨୬ ସମ୍ମାନ ପ୍ରଦାନ କରାଯାଇଛି । ଓଡ଼ିଶା ସରକାରଙ୍କ ପବ୍ଲିକ୍ ଏଣ୍ଟରପ୍ରାଇଜ ବିଭାଗ ଓ ଓଡ଼ିଶା କର୍ପୋରେଟ୍ ଫାଉଣ୍ଡେସନ୍ ଓ ଫ୍ରିଡମ୍ ଏଡୁ ମିଳିତ ଉଦ୍ୟମରେ ଏହି ପୁରସ୍କାର ସମାରୋହ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଥିଲା । ସ୍ୱାସ୍ଥ୍ୟସେବା, ଜୀବିକା, ଦକ୍ଷତା ବିକାଶ ଓ ସଂପ୍ରଦାୟ ସଶକ୍ତିକରଣ ଭଳି କ୍ଷେତ୍ରରେ ଦୀର୍ଘସ୍ଥାୟୀ ପ୍ରଭାବ ସୃଷ୍ଟି କରୁଥିବା ହେତୁ ଟିପିଏସ୍ଓଡିଏଲ୍କୁ ଏହି ସମ୍ମାନ ମିଳିଛି।

ଏହି କାର୍ଯ୍ୟକ୍ରମକୁ ରାଜ୍ୟପାଳ ଡ. ହରି ବାବୁ କମ୍ଭମପତି ଉଦଘାଟନ କରିଥିଲେ। ଏହି ଅବସରରେ ଓଡ଼ିଶା ସରକାରଙ୍କ ପବ୍ଲିକ୍ ଏଣ୍ଟରପ୍ରାଇଜ ବିଭାଗର କମିଶନର-ତଥା-ସଚିବ ଏମ୍.ଡି. ସାଦିକ୍ ଆଲମ୍ ଫୁଲବାଣୀ ସାଂସଦ ସୁକାନ୍ତ ପାଣିଗ୍ରାହୀ ଏବଂ ଯାଜପୁର ସାଂସଦ ରବୀନ୍ଦ୍ର ନାରାୟଣ



ବେହେରା ଉପସ୍ଥିତ ଥିଲେ । ଉଦଯାପନୀ ଅଧିବେଶନରେ ରାଜ୍ୟସଭା ସାଂସଦ ସୁଜିତ କୁମାର ଟିପିଏସ୍ଓଡିଏଲର ସିଏସ୍ଆର୍ ବିଭାଗ ମୁଖ୍ୟ ଦିଲ୍ଲୀପ କୁମାର ସାହୁ ଓ ଟିମ୍କୁ ଏହି ପୁରସ୍କାର ପ୍ରଦାନ କରିଥିଲେ । ଏହି ଅବସରରେ ନାଲକୋର ପୂର୍ବତନ ସିଏମ୍ଡି ତପନ ଚାନ୍ଦ, ଗ୍ରୀଡକୋର ନିର୍ଦ୍ଦେଶକ (ଅର୍ଥ) ଗଗନ ସ୍ୱାଇଁ ଏବଂ ସେଣ୍ଟର ଅଫ୍ କର୍ପୋରେଟ୍ ଗଭର୍ଣ୍ଣାନ୍ସ, ସିଏସ୍ଆର୍ ଓ ସଷ୍ଟେନେବିଲିଟିର ଅଧ୍ୟକ୍ଷ ଅରୁଣ ରଥଙ୍କ ସମେତ ଅନେକ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ । ଏହି ସମ୍ମାନ ସମ୍ପର୍କରେ ଟିପିଏସ୍ଓଡିଏଲ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, ଏହି ପୁରସ୍କାର ଆମ ଟିମ୍, ସହଯୋଗୀ ସଂସ୍ଥା ଏବଂ ଆମ ସହ କାମ କରୁଥିବା ସମୁଦାୟର ମିଳିତ ପ୍ରୟାସର ସ୍ୱୀକୃତି। ଆମେ ବିଶ୍ୱାସ କରୁ ଯେ ଦାୟିତ୍ୱବୋଧର ପ୍ରକୃତ ମାପକ କେବଳ ପଦକ୍ଷେପରେ ନୁହେଁ ବରଂ ଏହା ଲୋକଙ୍କ ଜୀବନରେ କେତେ ପରିବର୍ତ୍ତନ ଆଣିପାରିଛି ତାହା ଉପରେ ନିର୍ଭର କରେ । ଦକ୍ଷିଣ ଓଡ଼ିଶାରେ ବିଭିନ୍ନ ସଂପ୍ରଦାୟଗୁଡ଼ିକର ଆବଶ୍ୟକତାକୁ ନଜରରେ ରଖି ଟିପିଏସ୍ଓଡିଏଲ୍ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଇଛି । ଭ୍ରାମ୍ୟମାଣ ଚିକିତ୍ସା କେନ୍ଦ୍ର, ଲ୍ୟାବ୍-ଅନ୍-ହ୍ୱିଲ୍ସ ସୁବିଧା ମାଧ୍ୟମରେ ସ୍ୱାସ୍ଥ୍ୟ ପରୀକ୍ଷା, ପାଥୋଲୋଜିକାଲ୍ ଟେଷ୍ଟ, ଡାକ୍ତରୀ ପରାମର୍ଶ ଏବଂ ମାଗଣାରେ ଔଷଧ ପ୍ରଦାନ କରାଯାଉଛି ।

କମ୍ପାନୀ ଆଦିବାସୀ ବହୁଳ ଅଞ୍ଚଳରେ ଜୈବିକ ଚାଷକୁ ପ୍ରୋତ୍ସାହନ ଦେବା ସହିତ ଧୂପକାଠି ଉତ୍ପାଦନ ଓ ବିକ୍ରୟ, ଧନ୍ଦାମୂଳକ ପ୍ରଶିକ୍ଷଣ, ଶେଫ୍ ପ୍ରଶିକ୍ଷଣ ଏବଂ ବ୍ୟୁଟି ଥେରାପି ପାଠ୍ୟକ୍ରମ ଭଳି ପଦକ୍ଷେପ ମାଧ୍ୟମରେ ଜୀବିକାର ସୁଯୋଗକୁ ସମର୍ଥନ କରୁଛି । "ଅନୋଖା ଧାଗା' ମାଧ୍ୟମରେ ପାରମ୍ପରିକ କୌଶଳ ଓ ଜୀବିକା ସହ ଜଡ଼ିତ ସୁଯୋଗ ସୃଷ୍ଟି କରିବା ପାଇଁ ସମୁଦାୟ ଗୁଡ଼ିକୁ ସହାୟତା ଦିଆଯାଉଛି । ଦକ୍ଷିଣ ଓଡ଼ିଶାର ସ୍ଥାନୀୟ ଆବଶ୍ୟକତାକୁ ଗୁରୁତ୍ୱ ଦେଇ ସଂପ୍ରଦାୟର ସହନଶୀଳତା ବଢ଼ାଇବା ଏବଂ ଦକ୍ଷିଣ ଓଡ଼ିଶାରେ ଦୀର୍ଘସ୍ଥାୟୀ ସାମାଜିକ ପ୍ରଭାବ ସୃଷ୍ଟି କରିବା ଦିଗରେ ଟିପିଏସ୍ଓଡିଏଲ୍ ନିଜର କାର୍ଯ୍ୟ ଜାରି ରଖିଛି ।

# ଇନଷ୍ଟଗ୍ରାମରୁ ପ୍ରେମ : ନବମଶ୍ରେଣୀ ଛାତ୍ରୀ ଫେରାର, ଜେଲ ଗଲା ପ୍ରେମିକ



ମୁରିବାହାଲ, (ସବ୍ୟୁ): ଇନଷ୍ଟାଗ୍ରାମରେ ବଲାଙ୍ଗିର ଜିଲ୍ଲାର ଜଣେ ନବମ ଶ୍ରେଣୀ ନାବାଳିକା ଛାତ୍ରୀ (୧୪) ଓ ବରଗଡ଼ ଜିଲ୍ଲାରେ ଥିବା ତାଙ୍କ ତଥା କଥିତ ପ୍ରେମିକ(୧୮)ଙ୍କ ମଧ୍ୟରେ ଗଢ଼ିଉଠେ ପ୍ରେମ ସମ୍ପର୍କ। ଛାତ୍ରୀଜଣଙ୍କ ଘରୁ ଲୁଚି ଫେରାର ହୋଇଯାଆନ୍ତି ପ୍ରେମିକଙ୍କ ନିକଟକୁ। ଉଭୟ ପ୍ରେମିକଙ୍କ ଘରେ କିଛିଦିନ ସ୍ୱାମୀ ସ୍ତ୍ରୀ ଭଳି ଚଳିବା ପରେ ପୁଣି ମାଉସୀ ଘରେଥିବା ବେଳେ ହଠାତ୍ ପୁଲିସ ଚଢ଼ାଉ କରି ଆଣି ଗିରଫ ପରେ ଜେଲ ପଠାଇ ଦେଇଛି ପ୍ରେମିକ ପ୍ରବରଙ୍କୁ।ଜେଲ ଯାଇଥିବା ପ୍ରେମିକ ଜଣଙ୍କ ବରଗଡ଼ ଜିଲ୍ଲା ବରପାଲି ଥାନା ମହଦା ଗ୍ରାମର ଦିଲ୍ଲୀପ କୁମ୍ଭାରଙ୍କ ପୁଅ ଅଜିତ୍ କୁମ୍ଭାର(୧୮)ବୋଲି ପୁଲିସ ପ୍ରକାଶ କରିଛି। ପ୍ରେମିକ ଅଜିତ ଓ ମୁରିବାହାଲ ଥାନା ଲେବଡ଼ା ପଞ୍ଚାୟତ ମାକ୍ରିପଡ଼ା ଗ୍ରାମର ଜଣେ ନବମ ଶ୍ରେଣୀ ନାବାଳିକା ଛାତ୍ରୀ(୧୪)ଙ୍କ ମଧ୍ୟରେ ଦୀର୍ଘଦିନରୁ ଇନଷ୍ଟାଗ୍ରାମରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଉଭୟ ଉଭୟଙ୍କୁ ପ୍ରେମ ସମ୍ପର୍କ ସ୍ଥାପନ ପରେ ଗତ କିଛି ଦିନ ତଳେ ଛାତ୍ରୀଜଣଙ୍କ ହଠାତ୍ ଘରୁ କେଉଁଆଡେ ଫେରାର ହୋଇଯାଇଥିଲେ। ପରିବାର ଲୋକେ ତାଙ୍କୁ ବହୁ ସ୍ଥାନରେ ଖୋଜାଖୋଜି କରିବା ପରେ ନ ପାଇବାରୁ ଗତ ୧୩ତାରିଖ ଦିନ ମୁରିବାହାଲ ଥାନାରେ ଏକ ନିଖୋଜ ଏତଲା ଦେଇଥିଲେ। ନାବାଳିକା ନିଖୋଜ ପରେ ପୁଲିସ ଏକ ମାମଲା ରୁଜୁ କରି ତନାଘନା ତଦନ୍ତ ଆରମ୍ଭ କରିଥିଲା। ଘଟଣାଟି ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଥିଲା।ନାବାଳିକା ଛାତ୍ରୀଙ୍କୁ ଅପହରଣ ଓ ଦୁଷ୍କର୍ମ ମାମଲାରେ ଅଭିଯୁକ୍ତ ପ୍ରେମିକ ଅଜିତ୍ କୁମ୍ଭାରଙ୍କୁ ପୋକସୋ ମାମଲାରେ ଗିରଫ କରି ବଲାଙ୍ଗିର କୋର୍ଟ ଚାଲାଣ କରାଯାଇଥିବା ଥାନା ଆଇଆଇସି ବୁଲୁ ମୁଣ୍ଡା ପ୍ରକାଶ କରିଛନ୍ତି।

## ବାରବନ୍ଧରେ ୧୮ ଟିକିଆ ହାତୀପଲଙ୍କ ଉତ୍ପାତ

# ଘର ଭାଙ୍ଗି ଖାଇଲେ ଚାଉଳ ସହ ସୁନା, ୩୫ ହଜାର ଟଙ୍କା !

ମୁରିବାହାଲ,(ସବ୍ୟୁ): ବଲାଙ୍ଗୀର ଜିଲ୍ଲା ମୁରିବାହାଲ ରେଞ୍ଜ ତିଖାରୀ ସଂରକ୍ଷିତ ଜଙ୍ଗଲରେ ଦୀର୍ଘ ଦୁଇ ବର୍ଷରୁ ଉର୍ଦ୍ଧ୍ୱ ହେବ ବଣୁଆ ହାତୀପଲଙ୍କ ଉପଦ୍ରବ ଜାରି ରହିଛି।ଏବେ ଏହି ହାତୀପଲ ଜଙ୍ଗଲ ଅଞ୍ଚଳ ଛାଡ଼ି ଗାଁ ମୁହାଁ ହେଉଥିବାରୁ ବନ ବିଭାଗ କର୍ମଚାରୀ ନାକେଦମ ହେଉଥିବା ବେଳେ ସାଧାରଣ ଲୋକେ ଘରୁ ବାହାରିବା ପାଇଁ ଭୟ କରୁଛନ୍ତି।କିଛି ଦିନ ତଳେ ହାତୀପଲ ବାରବନ୍ଧ ଗାଁର ଗଙ୍ଗାଧର ମାଝୀଙ୍କ ଘର ଭାଙ୍ଗିବାକୁ ଉଦ୍ୟମ କରୁଥିବା ବେଳେ ଗ୍ରାମବାସୀ ପାଟିତୁଣ୍ଡ କରିବାରୁ ସେ ସ୍ଥାନ ଛାଡି ଚାଲିଯାଇଥିଲେ। ରବିବାର ରାତିରେ ବନବିଭାଗ ପକ୍ଷରୁ ଯିଏ ବାହାରେ ବା ଏକାକୀ ଘରେ ଥିବେ ସମସ୍ତେ ଗାଁ ଭିତରକୁ ଯିବାକୁ ପରାମର୍ଶ ଦିଆଯାଇଥିଲା।ଠିକ ସାଢ଼େ ୧୦ ଘଣ୍ଟା ସମୟରେ ୧୮ଟିକିଆ ହାତୀପଲ ଗାଁର ଭୀଷ୍ମ ପଧାନଙ୍କ ଘରକୁ ଭାଙ୍ଗିରୁଜି ଚୁରମାର କରିଦେଇଥିଲେ।ହାତୀପଲ ପାଖକୁ ଆସିବା ଜାଣିପାରି ପରିବାର ଲୋକେ ଜୀବନ ବିକଳରେ ଚିତ୍କାର କରି ଘରୁ ବାହାରି ଗାଁ ଭିତରକୁ ଦୌଡ଼ି ଜଣଙ୍କ ଘରେ ଆଶ୍ରୟ ନେଇ ଥିବାରୁ ପରିବାରର ୬ଜଣ ସଦସ୍ୟ ଏକ ବଡ଼ ଅଘଟଣରୁ ଅଳ୍ପକେ ବର୍ତ୍ତି ଯାଇଥିଲେ।ହାତୀପଲ ଘରକୁ ଭାଙ୍ଗିରୁଜି ଦେବା ସହ ଖାଇବା ପାଇଁ ଘରେ ଏକ ଡ୍ରମରେ ରଖାଯାଇଥିବା ଚାଉଳକୁ ମଧ୍ୟ ଖାଇଦେଇଥିବା ଭୀଷ୍ମ କାନ୍ଦି କାନ୍ଦି ପ୍ରକାଶ କରିଛନ୍ତି।ଘରେ ଥିବା ଧାନକୁ ହାତୀପଲ ସଂପୂର୍ଣ୍ଣ ଖାଇ ଘରର ଆସବାବପତ୍ର ମଧ୍ୟ ସବୁ ନଷ୍ଟ କରିଦେଇଛନ୍ତି।ଚାଉଳ ଡ୍ରମ ଭିତରେ ଭୀଷ୍ମ ରଖିଥିବା ଏକ ଭରି ଓଜନର ସୁନା ଗହଣା ଓ ଏକ ଆଟାଚିରେ ଥିବା ୩୫ହଜାର ଟଙ୍କା ନ ଥିବାରୁ ସେ ଏହା କୁଆଡ଼େ ଗଲା ବୋଲି ପ୍ରଶ୍ନ କରିଛନ୍ତି।ଚାଉଳ ଡ୍ରମ ଓ ଆଟାଚି ଘର ବାହାରେ ପଡ଼ିଥିଲା। ଏବେ ଭୀଷ୍ମଙ୍କ ବାପା,ସ୍ତ୍ରୀ ଓ ତିନି ପୁଅଝିଅଙ୍କ ପରିବାର ପୁରାପୁରି ବେସାହାରା ହୋଇଯାଇଛନ୍ତି। ସେହିପରି ହାତୀପଲ ଗାଁର ଚାଷୀ ଦେବରାଜ ପଧାନ,ଗଣନାଥ ପଧାନଙ୍କ ସମେତ ବହୁ ଚାଷୀଙ୍କ ଧାନ ଓ କପା ଫସଲ ନଷ୍ଟ କରିଦେଇଥିବା ଦେଖିବାକୁ ମିଳିଛି।ବନ ବିଭାଗ ଓ ରାଜସ ବିଭାଗ ତଦନ୍ତ କରି ସରକାରୀ ସହାୟତା ଯୋଗାଇ ଦେବା ସହ ଭୀଷ୍ମ ପଧାନଙ୍କୁ ଏକ ପ୍ରଧାନମନ୍ତ୍ରୀ ଆବାସ ଘର ଖଣ୍ଡେ ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବୀ କରିଛନ୍ତି । ଏ ନେଇ ପୀଡ଼ିତ ଭୀଷ୍ମ ବନବିଭାଗ ଓ ତହସିଲ କାର୍ଯ୍ୟାଳୟକୁ ଆସି ସହାୟତା ପ୍ରଦାନ ପାଇଁ ଅନୁରୋଧ କରିଥିଲେ। ଗୁଡିଘାଟ ଆରଆଇ ମୀନିକେତନ ମାଝୀ ପହଞ୍ଚି ହାତୀପଲ ଦ୍ୱାରା କ୍ଷତିଗ୍ରସ୍ତ ଭୀଷ୍ମଙ୍କ ଘରର କ୍ଷୟକ୍ଷତି ଆକଳନ କରିବା ସହ ଏକ ପଲିଥିନ ପ୍ରଦାନ କରିଥିଲେ।ସରକାରୀ ସହାୟତା ଯୋଗାଇ ଦେବାକୁ ସେ ତହସିଲଦାରଙ୍କୁ ରିପୋର୍ଟ ପ୍ରଦାନ କରିବେ ବୋଲି ପ୍ରକାଶ କରିଛନ୍ତି।



# ଲାଞ୍ଚ ମାମଲାରେ ପୂର୍ବତନ ପିଇଓଙ୍କୁ ୪ ବର୍ଷ ଜେଲ



ପଦ୍ମପୁର,(ସବ୍ୟୁ): ଲାଞ୍ଚ ନେବା ମାମଲାରେ ପଦ୍ମପୁର ଉପଖଣ୍ଡ ରାଜବୋଡ଼ାସମ୍ବର ବ୍ଲକ ପୁରେନା ଗ୍ରାମ ପଞ୍ଚାୟତର ପୂର୍ବତନ ପଞ୍ଚାୟତ ଏକ୍ସିକ୍ୟୁଟିଭ ଅଫିସର (ପିଇଓ) ଛବିଳ ବାରିହାଙ୍କୁ ୪ ବର୍ଷ ସଶ୍ରମ କାରାଦଣ୍ଡ ହୋଇଛି। ବରଗଡ଼ ଭିଜିଲାନ୍ସର ସ୍ୱତନ୍ତ୍ର ଅଦାଲତ ଏହି ରାୟ ଦେବା ସହ ତାଙ୍କୁ ୨୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ହେଲେ ଅତିରିକ୍ତ ଦଣ୍ଡ ଭୋଗିବାକୁ ପଡ଼ିବ। ଭିଜିଲାନ୍ସ ଠାରୁ ମିଳିଥିବା ତଥ୍ୟ ଅନୁସାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣର ଜଣେ ହିତାଧିକାରୀଙ୍କୁ ଘରର ଶେଷ କିସ୍ତି ଟଙ୍କା ମିଳିବାରେ ସହଯୋଗ କରିବା ପାଇଁ ଛବିଳ ବାରିହା ସାତ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ ଏବଂ ଗ୍ରହଣ କରିଥିଲେ। ଏହି ମାମଲାରେ ଓଡ଼ିଶା ଭିଜିଲାନ୍ସ ତାଙ୍କ ବିରୋଧରେ ଦୁର୍ନୀତି ନିବାରଣ ଆଇନ ଅନୁଯାୟୀ ମାମଲା ରୁଜୁ କରିଥିଲା। ରାୟ ପରେ ଦୋଷୀ ସାବ୍ୟସ୍ତ ଛବିଳ ବାରିହାଙ୍କୁ ଜେଲ ହାଜତକୁ ପଠାଯାଇଛି। ଅବସରପ୍ରାପ୍ତ ପୂର୍ବତନ ପିଇଓ ଛବିଳ ବାରିହାଙ୍କ ପେନସନ ବନ୍ଦ କରିବା ପାଇଁ ଭିଜିଲାନ୍ସ ପକ୍ଷରୁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ନିକଟରେ ପଦକ୍ଷେପ ନିଆଯିବ ବୋଲି ପ୍ରେସ ବିଜ୍ଞପ୍ତିରେ କୁହାଯାଇଛି।ସମ୍ବଲପୁର ଭିଜିଲାନ୍ସ ଡିଭିଜନର ପୂର୍ବତନ ଇନ୍ସପେକ୍ଟର ପୁନିତା ପ୍ରଭା ବାଗେ ମାମଲାର ତଦନ୍ତ କରିଥିଲେ। ଭିଜିଲାନ୍ସ ବରଗଡ଼ର ସ୍ୱତନ୍ତ୍ର ସରକାରୀ ଓକିଲ ଗୌରମୋହନ ଦାଶ ଓ ରବି ନାରାୟଣ ଭୋଇ ଅଭିଯୋଗପକ୍ଷ ପକ୍ଷରୁ ମାମଲା ପରିଚାଳନା କରିଥିଲେ।

# ଶ୍ରାବଣରେ ଶ୍ରଦ୍ଧାଳୁଙ୍କ ଭିଡ଼

ଜୟପାଟଣା,(ସବ୍ୟୁ): କଳାହାଣ୍ଡି ଜିଲ୍ଲା –ଜୟପାଟଣାବ୍ଲକ ଇନ୍ଦ୍ରାବତୀ ମଙ୍ଗଳପୁର ହାତୀ ବ୍ୟାରେଜ ପାର୍ଶ୍ୱରେ ଥିବା ପାରେଶ୍ୱର ଶିବ ମନ୍ଦିର ରେ ଶ୍ରାବଣ ଶେଷ ସୋମବାର ଜଳଲାଗି ଉପଲକ୍ଷେ ବେଶ ଭିଡ଼ ଲାଗିଥିଲା। ବହୁ ଦୂର ଦୁରାନ୍ତରୁ ଆନ୍ତଃରାଜ୍ୟ କାଉଡିଆ ମାନଙ୍କ ଜଳ ଲାଗି ଭିଡ଼ ଏବଂ ଶ୍ରଦ୍ଧାଳୁ ଙ୍କ ମହାଦେବ ଦର୍ଶନ, ଆଶ୍ରିବାଦ ଭିକ୍ଷା ମନ୍ଦିର ପରିସରକୁ ଭବ୍ୟ ପରିବେଶ ସୃଷ୍ଟି କରିଦେଇଥିଲା। ଏହି ସବୁ କୁ ଆଖିଆଗରେ ରଖି ମନ୍ଦିର ପରିଚାଳନା କମିଟି ତରଫରୁ ଯଥେଷ୍ଟ ତତ୍ପରତା ପ୍ରକାଶ ପାଇବାସହ ଅଂଚଳର ବଦାନ୍ୟ ବ୍ୟକ୍ତି, ବୋଲବମ ଦଳ ମାନଙ୍କ ଦାରା ପାନୀୟ ଜଳ, ଖାଦ୍ୟପେୟ ର ସୁବନ୍ଦୋବସ୍ତ କରାଯାଇଥିଲା.। ପୂର୍ବାହ୍ନ୧୧ଟାରୁ ସନ୍ଧ୍ୟା ୫ଟା ଯାଏ ଅନ୍ନ ପ୍ରସାଦ ସେବନ ବ୍ୟବସ୍ଥା ସମସ୍ତ ଙ୍କୁ ଆପ୍ୟାୟିତ କରିଦେଇଥିଲା। ମନ୍ଦିର ପୁଝାରୀ ଗିରିଧାରୀ ରାଉତ ସତ୍ୟ, ନିଷ୍ଠାର ସହ ପୂଜନ କାର୍ଯ୍ୟ ସମାପନ କରିଥିବାବେଳେ ଯୁବସଂଗଠକ ପବିତ୍ର ରାଉତ, ଧରସିଙ୍ଗ ପୁଝାରୀ, ଦେବ ନାଏକଙ୍କ ଆହ୍ୱାନ କ୍ରମେ ଅଂଚଳର ଯୁବସମାଜ, ବୋଲ ବମ ଦଳ, ସକ୍ରିୟ ସହଯୋଗ କରି ପ୍ରତ୍ୟେକ କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିଥିଲେ।

# ପାଢେଲ –ବରିଗୁଭା ରାସ୍ତା କାଦୁଅ ପଚପଚ ଯାତାୟାତରେ ହନ୍ତସନ୍ତ ଅଞ୍ଚଳବାସୀ



କନ୍ଧମାଳ, (ସବ୍ୟୁ) : ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ ବରଗାଁ ପଞ୍ଚାୟତ ଅନ୍ତର୍ଗତ ପାଢେଲ ଗ୍ରାମରୁ ବରିଗୁଭାକୁ ସଂଯୋଗ କରୁଥିବା ରାସ୍ତାର ଅବସ୍ଥା ଦିନକୁ ଦିନ ଶୋଚନୀୟ ହୋଇପଡ଼ିଛି। ଲଗାଣ ବର୍ଷା ଯୋଗୁଁ ମାଟି ରାସ୍ତାର ବିଭିନ୍ନ ସ୍ଥାନରେ ବଡ଼ବଡ଼ ଖାଲଖମା ସୃଷ୍ଟି ହେବା ସହ ପାଣି କାଦୁଅ ପଚପଚ ହୋଇପଡ଼ିଥିବାରୁ ଯାତାୟାତ କରୁଥିବା ଲୋକେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ବର୍ଷାଦିନେ ସମସ୍ୟା ଅଧିକ ଗମ୍ଭୀର ହୋଇପଡୁଛି। ପାଣି କାଦୁଅ ପରିପୂର୍ଣ୍ଣ ରାସ୍ତାରେ ଟ୍ରାକ୍ଟର ଯିବାଆସିବା ଯୋଗୁଁ ରାସ୍ତାସାରା ଖାଲଖମା ହୋଇ ଲୋକଙ୍କ ଯାତାୟାତରେ ବାଧକ ସାଜିଛି ଓ କର୍ଦ୍ଦମାକ୍ତ ଖାଲ ଗୁଡିକରେ ବର୍ଷାଜଳ ଜମି ରହୁଥିବାରୁ ଗଭୀରତା ଜଣାପଡୁନାହିଁ। ଫଳରେ ଦୁଇଚକିଆ ଯାନ ଚାଳକଙ୍କ ସମେତ ପଥଚାରୀମାନେ ଦୁର୍ଘଟଣାର ଆଶଙ୍କାରେ ଯାତାୟାତ କରୁଛନ୍ତି। ରାତି ସମୟରେ ଏହି ସମସ୍ୟା ଆହୁରି ହେଉଛି।ଏହି ରାସ୍ତା ଉପରେ ପାଢେଲ , ବରିଗୁଭା ଓ ଆଖପାଖ ଅଞ୍ଚଳର ଲୋକ ଦୈନନ୍ଦିନ ଯାତାୟାତ ପାଇଁ ନିର୍ଭରଶୀଳ। ଛାତ୍ରଛାତ୍ରୀମାନେ ସ୍କୁଲ ଓ କଲେଜକୁ ଯିବାଆସିବା ସମୟରେ ହଇରାଣ ହେଉଥିବା ବେଳେ ରୋଗୀଙ୍କୁ ଡାକ୍ତରଖାନା ନେବା ସମୟରେ ମଧ୍ୟ ପରିବାର ଲୋକଙ୍କୁ ଅସୁବିଧା ଭୋଗିବାକୁ ପଡୁଛି। ଚାଷୀ, ଶ୍ରମିକ ଓ ଦୈନନ୍ଦିନ ଯାତ୍ରୀମାନଙ୍କ ଯାତାୟାତ ମଧ୍ୟ ଏହି ରାସ୍ତାର ଖରାପ ଅବସ୍ଥା ଯୋଗୁଁ ପ୍ରଭାବିତ ହେଉଛି।ଦୀର୍ଘଦିନ ଧରି ରାସ୍ତାର ଏଭଳି ଅବସ୍ଥା ରହିଥିଲେ ମଧ୍ୟ ଏହାର ସ୍ଥାୟୀ ସମାଧାନ ହେଉନଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି। ତୁରନ୍ତ ରାସ୍ତାର ଅନୁଧ୍ୟାନ କରାଯାଇ ଖାଲଖମା ପୂରଣ, ଆବଶ୍ୟକ ସ୍ଥାନରେ ମରାମତି ଏବଂ ରାସ୍ତାର ଉନ୍ନତିକରଣ କାର୍ଯ୍ୟ କରାଯିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଓ ପ୍ରଶାସନ ଏହି ସମସ୍ୟା ପ୍ରତି ତୁରନ୍ତ ଦୃଷ୍ଟି ଦେଇ ରାସ୍ତାର ଅବସ୍ଥା ଅନୁଧ୍ୟାନ କରି ଆବଶ୍ୟକ ମରାମତି କାର୍ଯ୍ୟ ହାତକୁ ନେଲେ ଅଞ୍ଚଳବାସୀ ଉପକୃତ ହେବା ସହ ଦୈନନ୍ଦିନ ଯାତାୟାତ ସମସ୍ୟାରୁ ମୁକ୍ତି ପାଇପାରିବେ।

# ପୋଖରୀର ଭ୍ରମ ସୃଷ୍ଟି କରୁଛି କୋରାପୁଟ ରାଣିଗଡ଼ ରାସ୍ତା

କୋରାପୁଟ, (ସବ୍ୟୁ): କୋରାପୁଟର ରାଣିଗଡ଼ ରାସ୍ତାର ଦୟନୀୟ ଅବସ୍ଥାରେ ରହିଛି।ରାସ୍ତାର ଅନେକ ସ୍ଥାନରେ ବର୍ଷାଜଳ ଭର୍ତ୍ତି ହୋଇ ରାସ୍ତାଟି ଏବେ ପୂରା ପୋଖରୀର ଭ୍ରମ ସୃଷ୍ଟି କରୁଛି । ବଡ଼ ବଡ଼ ଗର୍ତ୍ତ ଯୋଗୁଁ ଭାରିଯାନଠାରୁ ଆରମ୍ଭ କରି ଦୁଇଚକିଆ ଯାନ ଚାଳକମାନେ ପ୍ରତିଦିନ ନାକେଦମ ହେଉଛନ୍ତି। ପାଣି ଭର୍ତ୍ତି ହୋଇ ରହିଥିବାରୁ ଗର୍ତ୍ତର ଗଭୀରତା ଜାଣି ହେଉନାହିଁ, ଯାହାଫଳରେ ଯେକୌଣସି ମୁହୂର୍ତ୍ତରେ ଏକ ବଡ଼ଧରଣର ଦୁର୍ଘଟଣା ଘଟିପାରେ ବୋଲି ନବରଙ୍ଗପୁର ବାସିନ୍ଦା ଆୟୁଷ ମହାପାତ୍ର କହିଛନ୍ତି। ଏକ ବଡ଼ ଦୁର୍ଘଟଣା ଘଟିବା ପୂର୍ବରୁ ପ୍ରଶାସନ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ବୋଲି ସାଧାରଣରେ ଦାବି ଜୋର ଧରିଛି। ନବରଙ୍ଗପୁର, କୋଟପାଡ, ବୋରିଗୁମ୍ମା ଅଞ୍ଚଳର ଲୋକମାନେ ଦୂରତା କମ ରହିଥିବା ଯୋଗୁଁ ରାଣିଗଡ ଦେଇ ଜୀବନକୁ ବାଜି ଲଗାଇ ଏହି ରାସ୍ତାରେ ଯିବାକୁ ସାଧାରଣ ଲୋକ ବାଧ୍ୟ ହେଉଛନ୍ତି । ଏବେ ପ୍ରଶ୍ନ ଉଠୁଛି, କେବେ ଜାଗିବ ଜିଲ୍ଲା ପ୍ରଶାସନ ଏକ ବଡ଼ ଦୁର୍ଘଟଣା ଘଟିବା ପୂର୍ବରୁ ପ୍ରଶାସନ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ବୋଲି ସାଧାରଣରେ ଦାବି ଜୋର ଧରିଛି।

# ଡକାୟତଙ୍କ ମାରଣାସ୍ତ୍ର ଦେଖି ଦୌଡିଲେ ପୋଲିସ ଟିମ୍



ବୋରିଗୁମ୍ମା,(ସବ୍ୟୁ): ବୋରିଗୁମ୍ମା ପୋଲିସ ସୋମବାର ବିଳମ୍ବିତ ରାତିରେ ପେଟ୍ରୋଲିଂ କରୁଥିବା ବେଳେ ଏକ ଡକାୟତି ଗାଡିକୁ ପୋଲିସ ଠାବକଲା।ପୋଲିସ ଠାରୁ ବଞ୍ଚିବା ପାଇଁ ଡକାୟତ ଦଳ ବୋଲେରୋ ଗାଡି ଅଟକାଇବା ବଦଳରେ ଦ୍ରୁତଗତିରେ ଗାଡିଚଳାଇ ସେଠାରୁ ଖସିବା ପାଇଁ ଯୋଜନା କଲେ। ପୋଲିସ ଗାଡି ମଧ୍ୟ ଡକାୟତ ଦଳରର ଗାଡିକୁ ପ୍ରାୟ ୧୦ କିଲୋମିଟର ପର୍ଯ୍ୟନ୍ତ ଫିଲ୍ମ ଷ୍ଟାଇଲରେ ଚ୍ୟାଲେଞ୍ଜ କରିଥିଲା।କାମରା ଗାଁ ଶ୍ମଶାନ ରାସ୍ତା ନିକଟରେ ଆଉ ଆଗକୁ ରାସ୍ତା ନଥିବା ଯୋଗୁଁ ଗାଡି ଅଟକାଇ , ଗାଡିରୁ ମାରଣାସ୍ତ୍ର ବାହାର କରି ପୋଲିସକୁ ଭୟଭୀତ କରି ପୋଲିସ ଗାଡି ସ୍କୋର୍ପିଓକୁ ଭଙ୍ଗା ରୁଜା କରିବା ସହ ପୋଲିସ ଗାଡିର ଚାବି ନେଇ ନିଜ ଗାଡ଼ିକୁ ସେହି ସ୍ଥାନରେ ଛାଡି ସ୍ଥାନୀୟ ଜଙ୍ଗଲକୁ ଚାଲିଯାଇଥିଲେ। ଦୁର୍ବୃତ୍ତ ମାନେ ବୋଲେରୋ(ଓ ଗାଡି ବ୍ୟବହାର କରିବା ସହ ସେହି ଗାଡ଼ିରେ ପ୍ରାୟ ୭ ରୁ ୮ ଜଣ ଥିଲେ।ଯାହାଫଳରେ ବୋରିଗୁମ୍ମା ପୋଲିସ ସେମାନଙ୍କୁ ଚ୍ୟାଲେଞ୍ଜ କରି ନ ପାରି ପ୍ରାଣ ବିକଳରେ ଗାଡି ଛାଡି କାମାରା ଗ୍ରାମ ଅଭିମୁଖେ ଦୌଡ଼ି ପଳେଇ ଥିଲେ। ବୋରିଗୁମ୍ମା ପୋଲିସ ରାତ୍ରିକାଳୀନ ପେଟ୍ରୋଲିଂ ରେ ଜଣେ ପୋଲିସ ଅଧିକାରୀ, ଦୁଇ ଜଣ ହୋମ ଗାର୍ଡ ସହ ଡ୍ରାଇଭର ଥିବା ସୂଚନା ମିଳିଛି।ପୋଲିସ ଗାଁ ଲୋକ ଙ୍କୁ କହିବା ପରେ ରାତି ୨ ଟା ଠାରୁ ପୋଲିସ ସହ କାମରା ଅଞ୍ଚଳ ର ୨୦୦ ରୁ ଉର୍ଦ୍ଧ ଲୋକ ସେମାନଙ୍କୁ ଖୋଜା ଖୋଜି ରେ ଲାଗିଛନ୍ତି।ଆଜି ସକାଳୁ ପୋଲିସ ର ବିଭିନ୍ନ ଟିମ ଦୁର୍ବୃତ୍ତ ମାନଙ୍କୁ ଖୋଜିବାରେ ଲାଗିଛନ୍ତି। ଦୁର୍ବୃତ୍ତମାନେ ବ୍ୟବହାର କରିଥିବା ବୋଲେରୋ କାହାର, ସେମାନେ ଚୋରା ବୋଲେରୋକୁ ବ୍ୟବହାର କରୁଥିଲେ କି ? ସେମାନଙ୍କୁ ଗିରଫ କରିବା ପୋଲିସ ପାଇଁ ଚ୍ୟାଲେଞ୍ଜ ହୋଇଛି। ଅନ୍ୟପଟେ ପୋଲିସ ଡକାୟତ ଙ୍କୁ ଖୋଜିବା ବେଳେ ଆଳୁ ଖୋଳୁ ଖୋଳୁ ମହାଦେବ ଆର୍ବିଭାବ ଭଳି ଭାରତମାଳା ରାସ୍ତା ଦେଇ ତିନି ଯୁବକ ତିନୋଟି ବାଇକ ଯୋଗେ ଗଞ୍ଜେଇ ଚାଲାଣ କରୁଥିବା ସମୟରେ ପୋଲିସ ତିନି ଗଞ୍ଜେଇ ଚାଲାଣକାରୀଙ୍କୁ ଅଟକ ରଖିଥିବା ଜଣାପଡିଛି।


# ପୂର୍ବତନ ବିଧାୟକଙ୍କ ବନ୍ୟାଞ୍ଚଳ ଗସ୍ତ

କଳମପୁର, (ସବ୍ୟୁ) : ଇନ୍ଦ୍ରାବତୀ ଜଳ ବିଦ୍ୟୁତ୍ ପ୍ରକଳ୍ପର ମଙ୍ଗଳପୁର ବ୍ୟାରେଜରୁ ହଠାତ ହାତୀନଦୀ ରେ ଜଳ ଛଡାଯିବା ପରେ ଏକ ଭୟାବହ ବନ୍ୟା ସୃଷ୍ଟି ହୋଇଥିଲା । ସୂଚନା ପାଇ ନ ପାରିଥିବା ନଈ କୁଳିଆ ଗାଁ ଲୋକଙ୍କ ନଦୀରେ ଲାଗିଥିବା ପାଣି ମୋଟର, କୃଷି ଉପକରଣ ସାମଗ୍ରୀ ଭଳି ଜିନିଷ ସବୁ କେତେ ପାଣିରେ ବୁଡିଗଲା। ଆଉ କେତେ ପାଣିରେ ଭାସିଗଲା। ଏପରି ବନ୍ୟା ବିପନ୍ନଙ୍କ ଦୁର୍ଦ୍ଦଶା ସମୟରେ ପୂର୍ବତନ ବିଧାୟକ ମହୋୖଷଧି ବାଗ କଳମପୁର ଅଞ୍ଚଳ ପରିଦର୍ଶନରେ ଆସି ବନ୍ୟା ବିପନ୍ନ ଙ୍କୁ ସାକ୍ଷାତ କରି ଆଲୋଚନା କରିଛନ୍ତି। ଗସ୍ତ ସମୟରେ ଜିଲ୍ଲାପରିଷଦ ସଭ୍ୟା ନିବେଦିତା ହଂସ,ସଭାପତି ଅଭିମନ୍ୟୁ ବାଗ ସମେତ ଅଞ୍ଚଳର ବିଜେଡି କର୍ମୀ ମାନେ ଉପସ୍ଥିତ ରହି ରାସ୍ତା,କେନାଲ,ଭାଙ୍ଗିଥିବା ଘର ସବୁକୁ ପୁନଃଉଦ୍ଧାର କରିବାନେଇ ସରକାର ଏବଂ ପ୍ରଶାସନ ପାଖରେ ଦାବୀ ରଖିବାକୁ ପୂର୍ବତନ ବିଧାୟକ ଶ୍ରୀ ବାଗଙ୍କୁ ଅନୁରୋଧ କରିଥିଲେ।

# ମଦ ଦୋକାନ ସ୍ଥାନାନ୍ତର ଦାବିରେ ଜାତୀୟ ରାଜପଥରେ ରାସ୍ତାରୋକ

ଏମ. ରାମପୁର, (ସବ୍ୟୁ) : ଏମ. ରାମପୁର ବିଦେଶୀ ମଦ ଦୋକା ସ୍ଥାନାନ୍ତର ଦାବି ଏମ. ରାମପୁର ସହର ଠାରେ ନୂତନ ଭାବେ ଖୋଲାଯାଇଥିବା ବେଆଇନ ସ୍ଥାନରେ ଠିପି ବନ୍ଦ ବିଦେଶୀ ମଦ ଦୋକାନ ପ୍ରତିବାଦ ଓ ସ୍ଥାନାନ୍ତର ଦାବି ନେଇ ଗତ ୨ ମାସରେ ୪ ଟି ଦାବି ପତ୍ରଜିଲା କତୃପକ୍ଷଙ୍କୁ ପ୍ରଦାନ ପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନ ହେବା ଯୋଗୁ ଲୋକମାନେ ରୟପୁର ଠାରୁ ଗୋପାଳପୁର ଯାଇଥିବା ଜାତୀୟ ରାଜପଥ ୫୯ ଏମ. ରାମପୁର ଉକ୍ତ ମଦ ଦୋକାନ ସମ୍ମୁଖରେ ରେ ରାସ୍ତା ରୋକ କରିଛନ୍ତି । ସକାଳ ୯ ଟା ଠାରୁ ରାସ୍ତା ରୋକ ହେଇଛି। ଫଳର ରାସ୍ତାର ଉଭୟ ପଟେ ଅନ୍ତଃରାଜ୍ୟ, ବହିଃରାଜ୍ୟ ହାଲୁକା ଓ ଭାରି ଯାନ ଅଟକି ରହିଛ। ତହସିଲ, ନିବନ୍ଧନ, ଜାତୀୟ ରାଜପଥ କର୍ତ୍ତୃପକ୍ଷ, ଖଣି, ଅବକାରୀ ବିଭାଗ ଦ୍ୱାରା ଉକ୍ତ ମଦ ଦୋକାନ ଖୋଲା ଯିବା ପୂର୍ବରୁ ଆବଶ୍ୟକ ଆଇନ ଗତ ଦସ୍ତାବିଜ ତଥା ଅନୁମୋଦନ ନଥାଇ ଅନୁମୋଦନ କରାଯାଇଛି। ରାସ୍ତାରୁ ୨୨୦ ମିଟର ଦୂରତା ପରିବେର୍ତ୍ତେ ୬୦ ମିଟର, ବାହାଲରେ ତଥା ମୃତଙ୍କ ପରିବାର କେହି ଚଞ୍ଚକତା କରି ଜମି ଦେବା,ଲିଜ ଚୁକ୍ତି ନଥିବା, ଖଣି ବିଭାଗ ଅଳ୍ପ ରୟାଲଟି ବାନ୍ଧି ରାସ୍ତା କରି ସରକାର ରାଜସ୍ୱ ହାନି କରିବା, ରାସ୍ତାରେ ଯାଉଥିବା ଛାତ୍ରୀ ଛାତ୍ର, ଯୁବତୀ, ଗୃହଣି ଆଦି ମଦ୍ୟପ ଦ୍ୱାରା ପ୍ରଭାବିତ ହେବା ଘଟଣା ଅସନ୍ତୋଷ ବଢିବା ସହିତ ଅସନ୍ତୋଷ ରାଜରାସ୍ତା ଉପରକୁ ଆସିଛି। ଏହି ଆନ୍ଦୋଳନରେ ସମିତି ସଭ୍ୟ ଯଜ୍ଞସେନ ପଣ୍ଡା, ଖ୍ରୀଷ୍ଟଦତ୍ତ ରାଉତ, ଦେବଦତ୍ତ ପ୍ରହରାଜ, ପ୍ରଶାନ୍ତ ତ୍ରିପାଠୀ, ମୋହନ ମନହୀରା, ନିର୍ମଳ ମହାଖୁଡ଼ ଯୋଗେନ୍ଦ୍ର ନାଗ, ରମେଶ ମାଝୀ ପ୍ରମୁଖ ନେତୃତ୍ୱରେ ଶତାଧିକ ଯୁବକ ରାସ୍ତା ରୋକ କରିଛନ୍ତ।ତିରିକ୍ତ ତହସିଲଦାର ଶମ୍ଭୁ ନାଏକ, ଅବକାରୀ ଉପ ନିରୀକ୍ଷକ ଅଜିତ ନାଏକ, ପୋଲିସ ଏ ଏସ ଆଇ ଅଜିତ ବେନିଆ ପ୍ରମୁଖ ଆନ୍ଦୋଳନ ସ୍ଥଳୀକୁ ଆସି ଲୋକମାନଙ୍କୁ ବୁଝାସୁଝା କରିବା ସହିତ ଉକ୍ତ ମଦ ଦୋକାନ ସ୍ଥାନାନ୍ତରିତ ତଥା ବେଆଇନ କାର୍ଯ୍ୟରେ ଲିପ୍ତ ଅଫିସର ବିରୁଦ୍ଧରେରେ କାର୍ଯ୍ୟାନୁଷ୍ଠାନ ହେବା ଲିଖିତ ପ୍ରତିଶୃତି ପରେ ରାସ୍ତା ରୋକ ହଟିବ ବୋଲି ଆନ୍ଦୋଳନକାରୀମାନେ ସ୍ପଷ୍ଟ ଭାବେ କହିଛନ୍ତି

# ପ୍ରକୃତିର କୋଳରେ ମୃତ୍ୟୁର ଫାଶ ଦେବଝରଣ : ବର୍ଷା ଦିନେ ସୁନ୍ଦର, କିନ୍ତୁ ବିପଦପୂର୍ଣ୍ଣ



ସମ୍ବଲପୁର,(**ସତ୍ୟଜିତ ମହାପାତ୍ର**): ଯୁଯୋମୁରା ସ୍ଥିତ ଦେବଝରଣ ଜଳପ୍ରପାତ ସମ୍ବଲପୁର ଜିଲ୍ଲାର ଅନ୍ୟତମ ଆକର୍ଷଣୀୟ ପଯ୍ୟଟନ ସ୍ଥଳୀ। ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ଏହି ଜଳପ୍ରପାତ ବର୍ଷା ଦିନେ ଏହାର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରେ। ଚିରସ୍ରୋତା ଜଳପ୍ରପାତର ସୁଶୀତଳ ଜଳରେ ଗାଧୋଇବାର ମଜା ବେଶ ନିଆରା। ଛୋଟରୁ ବଡ ସମସ୍ତେ ଗାଧୋଇବାର ମଜା ନିଅନ୍ତି । ବିଶେଷ କରି ପିକନିକ୍ ଋତୁରେ ଲୋକଙ୍କ ଭିଡ ଜମିଥାଏ। ଏଠାକୁ ପରିବାର, ବନ୍ଧୁବାନ୍ଧବ, ସାଙ୍ଗସାଥି ବଣଭୋଜି କରିବାକୁ ଆସିଥାନ୍ତି। ଯାହାକି ମଜାକୁ ଦ୍ୱିଗୁଣିତ କରିଥାଏ। ତେଣୁ ରାଜ୍ୟ ତଥା ରାଜ୍ୟ ବାହାରୁ ପର୍ଯ୍ୟଟକଙ୍କ ଆଗମନ ହୋଇଥାଏ। ପ୍ରକୃତିର ଅନନ୍ୟ ଉପହାରକୁ ସେମାନେ ମନଭରି ଉପଭୋଗ କରିଥାନ୍ତି। ମନୋରମ ପରିବେଶରେ କିଛି ମୂହୁର୍ତ୍ତ ବିତେଇବା ପାଇଁ ବର୍ଷତମାମ ପର୍ଯ୍ୟଟକଙ୍କ ଭିଡ ଜମିଥାଏ। ତେବେ ଏହି ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ଅନେକ ସମୟରେ ମୃତ୍ୟୁର ଫାଶ ପାଲଟିଛି। ପାଣିର ସ୍ରୋତ, ଜଳସ୍ତର ହଠାତ୍ ବୃଦ୍ଧି, ପଥରରୁ ଖସି ପଡିବା ଓ ଜଳର ଗଭୀରତା ଆକଳନ କରିନପାରି ଅନେକ ପର୍ଯ୍ୟଟକ ଦୁର୍ଘଟଣାର ଶିକାର ହୋଇଥାନ୍ତି। ଏଥିପାଇଁ ଅନେକ ସମୟରେ ଲୋକଙ୍କ ଧନଜୀବନ ହାନି ହୋଇଛି। ବାରମ୍ବାର ଏଭଳି ଦୁଃଖଦ ଘଟଣା ଘଟୁଥିବା ବେଳେ ଦେବଝରଣରେ ପର୍ଯ୍ୟଟକ ଓ ସାଧାରଣ ଲୋକଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜଳପ୍ରପାତ ଅଞ୍ଚଳରେ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା, ସତର୍କତା ସୂଚନା ଫଳକ ଓ ଉଦ୍ଧାରକାରୀ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେବାକୁ ଦାବି ହେଉଛି।

ସମ୍ବଲପୁର ଜିଲ୍ଲା ଯୁଯୋମୁରା ଗ୍ରାମ ନିକଟରେ ଦେବଝରଣ ଜଳପ୍ରପାତ ରହିଛି। ଏହା ସମ୍ବଲପୁର ଠାରୁ ମାତ୍ର ୩୫କିମି ଦୂରରେ ଅବସ୍ଥିତ। ସମ୍ବଲପୁର–କଟକ ୫୩ନଂ ଜାତୀୟ ରାଜପଥରେ ଯୁଯୋମୁରା ମୁଖ୍ୟାଳୟ ଠାରୁ ଏହା ମାତ୍ର ୫କିମି ଭିତରେ ରହିଛି। ସବୁଜ ବନାନୀ ମଧ୍ୟରେ କଳା ମସ୍‌ମସ୍ ସର୍ପିଳ ପିଚୁ ରାସ୍ତା ପର୍ଯ୍ୟଟକଙ୍କୁ ହାତ ଠାରି ଡାକିଥାଏ। ଚାରିପଟେ ଘଞ୍ଚ ଜଙ୍ଗଲ ଘେରା ପାହାଡର ଅପରୂପ ଦୃଶ୍ୟ ସମସ୍ତଙ୍କୁ ବିମୋହିତ କରିଥାଏ। ପାହାଡ ଗର୍ଭରୁ ଘର୍ଘର ଶବ୍ଦରେ ଜଳପ୍ରପାତ ଝରି ପଡୁଛି। ପାଦଦେଶରେ ଗଭୀର ଜଳକୁଣ୍ଡ ଓ ସେଠାରୁ ତଳମୁଣ୍ଡକୁ ଝରଣାର ଜଳରାଶି ବୋହି ଯାଉଛି। ତେବେ ଅସାବଧାନତା କାରଣରୁ ଅନେକ ସ୍ଥାନୀୟ ଯୁବକ ଓ ପର୍ଯ୍ୟଟକଙ୍କ ବିଭିନ୍ନ ସମୟରେ ଜୀବନ ହରାଇଛନ୍ତି। ବୁର୍ଲା ଭିସୁଟ୍‌ର ୨ଜଣ ଇଞ୍ଜିନିୟରିଂ ଛାତ୍ର ସୌମ୍ୟରଞ୍ଜନ ବେଉରିଆ ଓ ଅଭିଜିତ୍ ସାମଲ ଗତ ୧୮ଜାନୁଆରୀ, ୨୦୨୦ରେ ଏହି ଜଳପ୍ରପାତରେ ବୁଡି ପ୍ରାଣ ହରାଇଥିଲେ। ସେହିପରି ୨୬ଜୁଲାଇ, ୨୦୨୫ ବୁର୍ଲା ଭିମସାରର ୨ଜଣ ଡାକ୍ତରୀ ଛାତ୍ର ମୋନିକା ମୀନା ଓ ସନ୍ଦୀପ ପୁରୀ ମୃତ୍ୟୁବରଣ କରିଥିଲେ। ଏଥିସହ ଗତ ୨୩ମେ, ୨୦୨୬ରେ କଲିକତା ଖଡଗପୁର ନିବାସୀ ନିର୍ମ୍ମୟ ଖାନ୍ ଓ ୨୩ଅଗଷ୍ଟ, ୨୦୨୬ରେ ଉତ୍ତରପ୍ରଦେଶ ଇଟୱା ଗ୍ରାମର ମନୋହର ପ୍ରତାପ ସିଂଙ୍କ ମୃତ୍ୟୁ ହୋଇଛି। ଏତେ ସଂଖ୍ୟକ ମୃତ୍ୟୁପରେ ମଧ୍ୟ ଜିଲ୍ଲା ପ୍ରଶାସନର ନିଦ ଭାଙ୍ଗୁନି। ଏଠାରେ ବ୍ୟାରିକେଟ୍ ଓ ଲାଇଫ୍‌ଗାର୍ଡନଥିବା ବେଳେ ଏହି ବ୍ୟବସ୍ଥା ଯୋଗାଇ ଦେବାକୁ ସ୍ଥାନୀୟ ଲୋକେ ଦାବି କରୁଛନ୍ତି। ନଚେତ୍ ପର୍ଯ୍ୟଟକଙ୍କ ସୁରକ୍ଷା ଦୃଷ୍ଟିରୁ ଜଳପ୍ରପାତରେ ଗୋଧାଇବା ନିଷିଦ୍ଧ ଘୋଷଣା କରିବାକୁ ସବୁ ମହଲରୁ ଦାବି ହେଉଛି।

# ଗୁଣୁପୁରରେ ୨୩୯ ଅଙ୍ଗନବାଡ଼ି କେନ୍ଦ୍ର ବନ୍ଦ, ଧାରଣାରେ କର୍ମୀ



ରାୟଗଡ଼ା, (ସବ୍ୟୁ):ରାୟଗଡ଼ା ଜିଲ୍ଲା ଗୁଣପୁର ସିଡିପିଓଙ୍କ କାର୍ଯ୍ୟକୁ ବିରୋଧ କରି ଗୁଣୁପୁର ଆଇସିଡିଏସ ଅଧୀନ ୭ଟି ସେକ୍ଟରର ୨୩୯ ଅଙ୍ଗନବାଡ଼ି କର୍ମୀ ଅର୍ନିଦ୍ଦିଷ୍ଟକାଳୀନ ଧାରଣାରେ ବସିଛନ୍ତି। ଫଳରେ ସମସ୍ତ ୨୩୯ ଅଙ୍ଗନବାଡ଼ି କେନ୍ଦ୍ର ବନ୍ଦ ରହିଛି। ଅଲ ଓଡ଼ିଶା ଅଙ୍ଗନବାଡ଼ି ଲେଡିଜ ୱାର୍କର୍ସ ଆସୋସିଏସନ୍ସ, ଗୁଣୁପୁର ଶାଖା ପକ୍ଷରୁ ସିଡିପିଓ କାର୍ଯ୍ୟାଳୟ ସମ୍ମୁଖରେ ଏହି ଧାରଣା ଦିଆଯାଇଛି। ସଂଘର ଅଭିଯୋଗ ଅନୁଯାୟୀ, ସିଡିପିଓ ସୁଷମା ପ୍ରସାଦଙ୍କ ବିରୋଧରେ ବେଆଇନ ପିସି କାରବାର, ସରକାରୀ ଅର୍ଥରେ ଅନିୟମିତତା, ଦୁର୍ନୀତି ଓ କର୍ମୀଙ୍କୁ ମାନସିକ ନିର୍ଯାତନା ଭଳି ଅଭିଯୋଗ ରହିଛି। ଘରଭଡ଼ା ବାବଦ ସରକାରୀ ଅର୍ଥରୁ ପ୍ରତ୍ୟେକ କର୍ମୀଙ୍କଠାରୁ ୫ ହଜାର ଟଙ୍କା ଲେଖାଏଁ ପିସି ଆଦାୟ କରାଯାଇଥିବା ଏବଂ ଏହି ବାବଦରେ ପ୍ରାୟ ୨ ଲକ୍ଷ ୭୫ ହଜାର ଟଙ୍କା ଆଦାୟ ହୋଇଥିବା ସଂଘ ଦାବି କରିଥିଲେ। ଏହାଛଡ଼ା ଛତୁଆ ପ୍ରସ୍ତୁତି, କିଶୋରୀ ବାଳିକା ଯୋଜନା, ବିଦ୍ୟୁ ବିଲ ଓ ବିଭିନ୍ନ ସାମଗ୍ରୀ କ୍ରୟ ବାବଦ ଅନୁଦାନରେ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। କେନ୍ଦ୍ରକୁ ଯୋଗାଣ ହେଉଥିବା ଚାଉଳ ବସ୍ତାରେ ନିର୍ଦ୍ଧାରିତ ପରିମାଣଠାରୁ କମ ଚାଉଳ ରହୁଥିବା ଏବଂ ଗତ ୬ ମାସର ଅଣ୍ଡା ବାବଦ ପ୍ରାପ୍ୟ ଅର୍ଥ ମିଳିନଥିବା ମଧ୍ୟ ସଂଘ ଅଭିଯୋଗ କରିଛି। ଏନେଇ ପୂର୍ବରୁ ଜିଲ୍ଲାପାଳ ଓ ଉପଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ ଦିଆଯାଇଥିଲା। ଜୁଲାଇ ୨୪ ଓ ଅଗଷ୍ଟ ୧୧ରେ ତଦନ୍ତ ଓ ସାକ୍ଷ୍ୟଗ୍ରହଣ ହୋଇଥିଲେ ମଧ୍ୟ ଦାବି ପୂରଣ ଦିଗରେ ନିଷ୍ପତ୍ତି ନ ହେବାରୁ ଅସନ୍ତୋଷ ବଢ଼ିଛି। ସୋମବାର ସଂଘ ପକ୍ଷରୁ ୧୭ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଦିଆଯାଇଥିଲା। ଉପଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ସହକାରୀ ଜିଲ୍ଲାପାଳ ବିପିନ ଚନ୍ଦ୍ର ନାୟକ ଏହା ଗ୍ରହଣ କରିଥିଲେ। ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି କର୍ମୀ ସୁବାସିନୀ ଶବର ଓ ବୃନ୍ଦାବତୀ ବିଡ଼ିକା କହିଛନ୍ତି। ଦୀର୍ଘଦିନ ଧାରଣା ଚାଲିଲେ ଅଙ୍ଗନବାଡ଼ି ସେବା ପ୍ରଭାବିତ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି।

# ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ସିନ୍ଧେକେଲା ଥାନା ଘେରାଉ



ବଙ୍ଗୋମୁଣ୍ଡା, (ସବ୍ୟୁ) : ମା'ର ଗହଣା ଚୋରି ହେଲା, ୧୫ ଦିନ ବିତିଗଲା, ସିନ୍ଧେକେଲା ପୁଲିସ ହାତ ଖାଲି । ଏହାକୁ ନେଇ ଆଜି ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ବିଧାନସଭା କ୍ଷେତ୍ର ବଙ୍ଗୋମୁଣ୍ଡା ବ୍ଲକ ସିନ୍ଧେକେଲା ରେ ପ୍ରତିବାଦ କରାଯାଇଛି। ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ଆଜି ସିନ୍ଧେକେଲା ଥାନା ଘେରାଓ କରାଯାଇଛି। ଶହ ଶହ ଆଦିବାସୀ ହାତରେ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଓ ଢ଼କା ବଜାଇ ରାସ୍ତାକୁ ଓହ୍ଲାଇଲେ। ୧୫ ଦିନ ତଳେ ସିନ୍ଧେକେଲା ର ଅଧିଷ୍ଠାତ୍ରୀ ଦେବୀ ମା' ଦୁଆରସନି ମନ୍ଦିରରୁ ଚୋରି ହୋଇଥିଲା। ଚୋର ମାନେ ରାତି ଅଧ ରେ ମନ୍ଦିର ର ତାଲା ଭାଙ୍ଗି ମା'ଙ୍କ ସୁନା-ରୂପା ଗହଣା ଲୁଟି ନେଇଥିଲେ। ଏହି ମନ୍ଦିର କେବଳ ଏକ ମନ୍ଦିର ନୁହେଁ, ସିନ୍ଧେକେଲା ଅଞ୍ଚଳର ଆଦିବାସୀ ସମାଜର ଆସ୍ଥାର କେନ୍ଦ୍ର। ଘଟଣା ପରେ ପୁଲିସରେ ଅଭିଯୋଗ ହୋଇଥିଲା। କିନ୍ତୁ ୧୫ ଦିନ ବିତିଯିବା ପରେ ବି ପୁଲିସ ଚୋରଙ୍କୁ ଧରିପାରିଲା ନାହିଁ। ଯାହାକୁ ନେଇ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ବଢ଼ିଥିଲା। ମଙ୍ଗଳବାର ଏହାକୁ ନେଇ ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ତାତିଲା। ସଂଘର ଜିଲ୍ଲା ସଭାପତି ସତ୍ୟନାରାୟଣ ଭୋଇ ଓ କଣ୍ଟାବାଞ୍ଜି ଅଞ୍ଚଳର ଆଦିବାସୀ ନେତା ଗିରିରାଜ ସିଂ ମାଝୀଙ୍କ ନେତୃତ୍ୱରେ ମନ୍ଦିର ପରିସରରୁ ଏକ ବିରାଟ ରାଲି ବାହାରିଥିଲା। ଶତାଧିକ ଆଦିବାସୀ ପୁରୁଷ-ମହିଳା ହାତରେ ଟାଙ୍ଗୀ, ତୀର-ଧନୁ ଭଳି ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି, ମାଦଳ ଓ ଢାପ ବଜାଇ ସହରର ମୁଖ୍ୟ ରାସ୍ତା ଦେଇ ସିନ୍ଧେକେଲା ଥାନା ଆଡକୁ ଆସିଥିଲେ। ରାଲି ଥାନାରେ ପହଞ୍ଚିବା ପରେ ଥାନା ଘେରାଓ କରାଯାଇଥିଲା ଏବଂ ପୁଲିସ ବିରୋଧରେ ନାରାବାଜି କରାଯାଇଥିଲା। ଅନ୍ୟପକ୍ଷରେ ଏହି ଆନ୍ଦୋଳନକୁ ସମର୍ଥନ କରି ସିନ୍ଧେକେଲା ବ୍ୟବସାୟୀ ସଂଘ ସମେତ ବିଭିନ୍ନ ସଂଗଠନ ସାମିଲ ହୋଇଥିଲେ। ଆଜି ସିନ୍ଧେକେଲା ଦୋକାନ ବଜାର ବନ୍ଦ ପାଳନ କରାଯାଇଛି। ଘଟଣାସ୍ଥଳରେ ପୁଲିସ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିବା ସହ ଶୀଘ୍ର ଚୋରଙ୍କୁ ଧରିବାକୁ ପ୍ରତିଶ୍ରୁତି ଦେଇଛି। ଅଭିଯୁକ୍ତ ମାନଙ୍କୁ ଗିରଫ କରିବା ପାଇଁ ଦାବି କରାଯାଇଛି । ଶାନ୍ତି ଶୃଙ୍ଖଳା ପାଇଁ ବଲାଙ୍ଗୀର ଅତିରିକ୍ତ ଆରକ୍ଷୀ ଅଧିକ୍ଷକଙ୍କ ନେତୃତ୍ୱରେ ବହୁ ପୋଲିସ ସାମିଲ ହୋଇଥିଲେ। ଥାନା ସମ୍ମୁଖରେ ଗୋଟିଏ ପ୍ରକାର ଉତ୍ତେଜନା ପରିସ୍ଥିତି ଦେଖିବାକୁ ମିଳିଛି ।

# ଆଇଟିଡିଏର ପାଇଖାନା ମରାମତି, ନଦୀ ନେଲା ଛାତ୍ରଙ୍କ ଜୀବନ

ରାୟଗଡ଼ା, (ସବ୍ୟୁ): :ଛାତ୍ରାବାସରେ ଶୌଚାଳୟ ଥିଲେ ମଧ ଦୀର୍ଘଦିନ ଧରି ମରାମତି ଓ ନବୀକରଣ କାର୍ଯ୍ୟ ଚାଲିଥିବାରୁ ବିକଳ୍ପ ବ୍ୟବସ୍ଥା ଉପରେ ନିର୍ଭର କରୁଥିଲେ ଛାତ୍ରଛାତ୍ରୀ। ଏହି ସମୟରେ ରାତିରେ ଶୌଚ ପାଇଁ ନଦୀକୁ ଯାଇ ଜଣେ ଦଶମ ଶ୍ରେଣୀ ଛାତ୍ରଙ୍କ ଜୀବନ ଯାଇଛି। ରାୟଗଡ଼ା ଜିଲ୍ଲାର କଲ୍ୟାଣସିଂହପୁର ବ୍ଲକ ବୁଢ଼ାଗୁଡ଼ା ଏସଏସ୍ଟି ଉଚ୍ଚ ବିଦ୍ୟାଳୟ ସଂଲଗ୍ନ ୧୦୦ ଶଯ୍ୟା ବିଶିଷ୍ଟ ଆଦିବାସୀ ଛାତ୍ରାବାସର ଦଶମ ଶ୍ରେଣୀ ଛାତ୍ର ଜଗନ୍ନାଥ ମାଝୀଙ୍କ ନଦୀରେ ବୁଡ଼ି ମୃତ୍ୟୁ ଘଟିଛି। ଗତ ୨୨ ତାରିଖ ବିଳମ୍ବିତ ରାତିରେ ଜଗନ୍ନାଥ ଶୌଚ ଯିବା ପାଇଁ ତାଙ୍କର ଦୁଇ ସହପାଠୀଙ୍କୁ ଉଠାଇଥିଲେ। ତେବେ ନିଦ୍ରାରେ ଥିବାରୁ କୌଣସି ସାଙ୍ଗ ତାଙ୍କ ସହ ଯାଇନଥିଲେ। ଏହାପରେ ଜଗନ୍ନାଥ ଏକୁଟିଆ ଛାତ୍ରାବାସରୁ ବାହାରି ଯାଇଥିବା ଜଣାପଡ଼ିଛି। ପରଦିନ ସକାଳେ ଛାତ୍ରାବାସରେ ଜଗନ୍ନାଥଙ୍କୁ ଦେଖିବାକୁ ନମିଳିବାରୁ ସହପାଠୀମାନେ ପ୍ରଧାନଶିକ୍ଷକଙ୍କୁ ଜଣାଇଥିଲେ। ଖବର ପାଇ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀ ଓ କିଛି ଛାତ୍ର ତାଙ୍କ ଘରକୁ ଯାଇ ପରିବାରବର୍ଗଙ୍କୁ ଖବର ଦେବା ସହ ଖୋଜାଖୋଜି କରିଥିଲେ। ତାଙ୍କର କୌଣସି ସନ୍ଧାନ ନମିଳିବାରୁ ବିଦ୍ୟାଳୟ ପକ୍ଷରୁ କଲ୍ୟାଣସିଂହପୁର ଥାନାରେ ଏତଲା ଦିଆଯାଇଥିଲା। ପରେ ପ୍ରଧାନଶିକ୍ଷକ ଅନ୍ୟ ଛାତ୍ରମାନଙ୍କୁ ପଚରାଉଚରା କରିବାରୁ ଘଟଣାର ଗୁରୁତ୍ୱପୂର୍ଣ୍ଣ ସୂଚନା ମିଳିଥିଲା। ଏହାପରେ ୨୪ ତାରିଖରେ ନଦୀରୁ ଜଗନ୍ନାଥଙ୍କ ମୃତଦେହ ଠାବ କରାଯାଇଥିଲା। ଶୌଚ ପାଇଁ ଯାଇଥିବା ବେଳେ ନଦୀରେ ବୁଡ଼ି ତାଙ୍କର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି।ଛାତ୍ରାବାସରେ ଶୌଚାଳୟ ଭିତ୍ତିଭୂମିର ସମସ୍ୟା ରହିଥିବା ଜଣାପଡ଼ିଛି। ଚଳିତ ଶିକ୍ଷାବର୍ଷର ଅଧା ସମୟ ବିତିଯାଇଥିବା ବେଳେ ଏବେ ଛାତ୍ରାବାସର ଶୌଚାଳୟ ଗୁଡ଼ିକର ମରାମତି ଓ ନବୀକରଣ କାର୍ଯ୍ୟ ଚାଲିଛି। ଏହି କାରଣରୁ ଛାତ୍ରାବାସ ନିକଟରେ ଶୌଚ ପାଇଁ ବିକଳ୍ପ ବ୍ୟବସ୍ଥା କରାଯାଇଥିବା ବିଦ୍ୟାଳୟ ପକ୍ଷରୁ କୁହାଯାଇଛି। ଶିକ୍ଷାବର୍ଷର ମଝିରେ ଛାତ୍ରାବାସର ଶୌଚାଳୟ ମରାମତି କରାଯିବାକୁ ନେଇ ଏବେ ପ୍ରଶ୍ନ ଉଠିଛି। ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଅଧୀନରେ ଛାତ୍ରଛାତ୍ରୀଙ୍କୁ ଛାତ୍ରାବାସରେ ରଖି ଶିକ୍ଷା ପ୍ରଦାନ କରାଯାଉଛି। ଶିକ୍ଷାଦାନ ବ୍ୟବସ୍ଥା ମଙ୍ଗଳ ବିଭାଗ ଅଧୀନରେ ଥିବାବେଳେ ଛାତ୍ରାବାସ ଓ ବିଦ୍ୟାଳୟର ଭିତ୍ତିଭୂମି ସଜାଡ଼ିବା ଭଳି ଗୁରୁଦାୟିତ୍ୱ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ) ଉପରେ ନ୍ୟସ୍ତ ରହିଛି। କିନ୍ତୁ ଶିକ୍ଷାବର୍ଷର ମଝିରେ ବିଦ୍ୟାଳୟ ଓ ଛାତ୍ରାବାସରେ ମରାମତି ଏବଂ ନବୀକରଣ କାର୍ଯ୍ୟ ଚାଲିବା ଆଇଟିଡିଏର କାର୍ଯ୍ୟଧାରା ଉପରେ ପ୍ରଶ୍ନ ଉଠାଇଛି। ରାୟଗଡ଼ା ଜିଲ୍ଲାର ବିଭିନ୍ନ ଛାତ୍ରାବାସରେ ପ୍ରାୟ ୬୦ ହଜାରରୁ ଅଧିକ ଛାତ୍ରଛାତ୍ରୀ ରହି ଅଧ୍ୟୟନ କରୁଥିବା କୁହାଯାଉଛି। ପ୍ରତିବର୍ଷ ପ୍ରାୟ ଦୁଇମାସ ଧରି ଗ୍ରୀଷ୍ମ ଛୁଟି ରହୁଥିବାରୁ ଏହି ସମୟରେ ଛାତ୍ରାବାସର ଆବଶ୍ୟକ ମରାମତି ଓ ନବୀକରଣ କାର୍ଯ୍ୟ ସାରିବାକୁ ସରକାରୀ ନିର୍ଦ୍ଦେଶ ରହିଛି। ଛୁଟି ସମୟରେ ଶୌଚାଳୟ ମରାମତି କାମ ସମ୍ପୂର୍ଣ୍ଣ କରାଯାଇଥାନ୍ତା, ତେବେ ଏଭଳି ଏକ ଦାରୁଣ ଅଘଟଣକୁ ଏଡ଼ାଇ ଦିଆଯାଇପାରିଥାନ୍ତା। ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଘୋର ଅବହେଳିତ

# ଆଲୋଚନାଚକ୍ରରେ ମତ ପ୍ରକାଶିତ

ସୋନପୁର, (ସବ୍ୟୁ) : ସୁବର୍ଣ୍ଣପୁର ଜିଲ୍ଲା ସାମ୍ବାଦିକ ସଂଘ ଆନୁକୂଲ୍ୟରେ ଆଜି ଜିଲ୍ଲା ସାମ୍ବାଦିକ ଭବନ ଠାରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ଏଭଳି ମତାମତ ପ୍ରକାଶ ପାଇଥିଲା ଯେ ଗଣତନ୍ତ୍ରର ଚାରୋଟି ସ୍ତମ୍ଭ ମଧ୍ୟରୁ ଚତୁର୍ଥ ସ୍ତମ୍ଭ ଗଣମାଧ୍ୟମ ଆଧୁନିକ ଯୁଗରେ ଯେତିକି ଅବହେଳିତ ସେତିକି ଅସୁରକ୍ଷିତ । କର୍ପୋରେଟ ହାଉସ, ଶିଳ୍ପପତି, ରାଜନୈତିକ ଦଳ ହାତରେ ଗଣମାଧ୍ୟମ ଏବେ ଅଧିକ ଲଗାମଛଡା ହୋଇ ଯାଇଛି । ତାହାସତ୍ତ୍ୱେ ଏହା ଗଣତନ୍ତ୍ରର ମୂଳଦୁଆକୁ ମଜବୁତ କରିବାରେ ସହାୟକ ହେଉଛି ଔ ଗଣତନ୍ତ୍ରର ଅନ୍ୟ ତିନୋଟି ସ୍ତମ୍ଭ ଯେପରି ସୁବିଧା ସୁଯୋଗ ଉପଭୋଗ କରୁଛନ୍ତି ଚତୁର୍ଥ ସ୍ତମ୍ଭ ମଧ୍ୟ ସେହିପରି ସୁବିଧା ସୁଯୋଗ ପାଇବା ଉଚିତ ବୋଲି ବକ୍ତାମାନେ ମତ ଦେଇଥିଲେ । ଗଣତନ୍ତ୍ର ସୁରକ୍ଷାରେ ଗଣମାଧ୍ୟମର ଭୂମିକା ଶୀର୍ଷକ ଏହି ଆଲୋଚନା ଚକ୍ର ସୁବର୍ଣ୍ଣପୁର ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ଗୋରେଖନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ ମୁଖ୍ୟ ଅତିଥି ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ନାରାୟଣ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାମ୍ବାଦିକ ତଥା ବୁଦ୍ଧିଜୀବୀମାନଙ୍କୁ ଉଦବୋଧନ ଦେଇଥିଲେ । ବରିଷ୍ଠ ସାମ୍ବାଦିକ ସ୍ୱୟଂମ୍ଭୁନାଥ ଖଣ୍ଡଗିରି, ଅଶୋକ କୁମାର ସାହୁ, ଇନ୍ଦ୍ରମଣି ଦାଶ, ପର୍ଶୁରାମ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ । କିଶୋର କୁମାର ହୋତା, ପବିତ୍ର ମୋହନ ପାଣ୍ଡିଆ, ରାଜେଶ ମେହେର, ଜ. ଜ୍ୟୋତି ରଂଜନ ବହିଦାର ପ୍ରମୁଖ ନିଜସ୍ୱ ବକ୍ତବ୍ୟ ପ୍ରଦାନ କରିଥିଲେ । ସଂଘର ସାଧାରଣ ସଂପାଦକ ବ୍ୟୋମକେଶ ଦାଶ ବିବରଣୀ ଉପସ୍ଥପିତ କରିଥିଲେ ଔ ଶେଷରେ ଯୁଗଳ କିଶୋର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ଔ ଏହି ଉପଲକ୍ଷେ ଉପସ୍ଥିତ ସମସ୍ତଙ୍କୁ ସିନେମା ଜଙ୍ଗଲ ଜଲୁଛେର ଟ୍ରେଲର ପ୍ରଦର୍ଶିତ ହୋଇଥିଲା । ଏଥିରେ ସିନେମାର ନିର୍ଦ୍ଦେଶକ ସରୋଜ କୁମାର ଭୂୟାଁ ସହଯୋଗ କରିଥିଲେ । ଏହି ଆଲୋଚନା ଚକ୍ରରେ ଜିଲ୍ଲା ସଦର ମହକୁମା ସହିତ ଛଅଗୋଟି ବ୍ଲକର ସାମ୍ବାଦିକମାନ ତଥା ସହରର ବରିଷ୍ଠ ନାଗରୀକ, ବୁଦ୍ଧିଜୀବିମାନେ ଯୋଗ ଦେଇଥିଲେ ।

# ଭିକ୍ଟୋରିଆ ସାଗରରୁ ମୃତ ସମ୍ବର ଉଦ୍ଧାର

ବରଗଡ/ସୋହେଲା, (ସବ୍ୟୁ) : ବରଗଡ ଜିଲ୍ଲା ଘେଁସ ବନାଞ୍ଚଳ ଅଧୀନ ଝାଞ୍ଜ ଜଙ୍ଗଲ ସ୍ଥିତ ପ୍ରସିଦ୍ଧ ଭିକ୍ଟୋରିଆ ସାଗରରୁ ଏକ ମୃତ ସମ୍ବର ଉଦ୍ଧାର ହୋଇଛି। ସୋମବାର ସକାଳେ କେତେକ ପର୍ଯ୍ୟଟକ ଭିକ୍ଟୋରିଆ ସାଗର ବୁଲିବାକୁ ଯାଇଥିବା ବେଳେ ଡ୍ୟାମ୍ ପାର୍ଶ୍ୱରେ ଏକ ସମ୍ବରର ମୃତଦେହ ପଡ଼ିଥିବା ଦେଖିଥିଲେ। ଏନେଇ ବନ ବିଭାଗକୁ ସୂଚନା ଦେବା ପରେ ଘେଁସ ବନ ବିଭାଗର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲା। ବନ ବିଭାଗ କର୍ମଚାରୀମାନେ ମୃତ ସମ୍ବରକୁ ଉଦ୍ଧାର କରିଥିଲେ। ଭିକ୍ଟୋରିଆ ସାଗର ଭଳି ଜଙ୍ଗଲ ଓ ବନ୍ୟପ୍ରାଣୀଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳରେ ସମ୍ବରର ମୃତ୍ୟୁ ଘଟଣାକୁ ନେଇ ସ୍ଥାନୀୟ ପରିବେଶବି ଓ ପ୍ରକୃତି ପ୍ରେମୀମାନେ ଚିନ୍ତା ପ୍ରକାଶ କରିଛନ୍ତି। ଘଟଣାର ପ୍ରକୃତ କାରଣ ସାମ୍ନାକୁ ଆଣିବା ସହ ବନ୍ୟପ୍ରାଣୀଙ୍କ ସୁରକ୍ଷା ଦିଗରେ ଅଧିକ ତତ୍ପରତା ଆବଶ୍ୟକ ବୋଲି ସେମାନେ ମତ ଦେଇଛନ୍ତି।

## ୱାର୍ଲଡ ୱାରସିପ ଫାଉଣ୍ଡେସନ

# ପକ୍ଷରୁ ୧୦ ହଜାର ଚାରାରୋପଣ

ସମ୍ବଲପୁର, (ସବ୍ୟୁ): ପରିବେଶ ପ୍ରଦୂଷଣ ରୋକିବା, ସବୁଜ ବନାନୀ ସୃଷ୍ଟି, ଉତ୍ତମ ଅମ୍ଳଜାନ ଗ୍ରହଣ ଓ ସୁସ୍ଥ ସମାଜ ଗଠନରେ ବୃକ୍ଷର ଭୂମିକା ଗୁରୁତ୍ୱପୂର୍ଣ୍ଣ। ବୃକ୍ଷରୋପଣ ଏକ ପୂଣ୍ୟ କାମ ଅଟେ। ଏହା ବିଶ୍ୱ ତାପମାତ୍ରା ନିୟନ୍ତ୍ରଣ ଏବଂ ଓଜନସ୍ତର କ୍ଷୟ ହେବାରୁ ରକ୍ଷା କରିପାରିବ। ଏହି ଲକ୍ଷ୍ୟ ନେଇ ଫାଉଣ୍ଡେସନ ଚାରାରୋପଣ କରି ପରିବେଶର ସୁରକ୍ଷା କରିବା ସହ ସୁସ୍ଥ ସମାଜ ଗଠନରେ ସହାୟକ ହେବ। ମଙ୍ଗଳବାର ହୋଟେଲ ସ୍ୱାଗତ ଠାରେ ୱାର୍ଲଡ ୱାରସିପ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଟ୍ରଷ୍ଟର ଅଧ୍ୟକ୍ଷ ବ୍ରଜ ମୋହନ ଗୋଏଲ ଏହା କହିଥିଲେ। ସେ ଆହୁରି କହିଥିଲେ ଯେ, ଗତ ୨ ମାସ ମଧ୍ୟରେ ନିଜସ୍ୱ ସମ୍ବଳରେ ସମ୍ବଲପୁରର ବିଭିନ୍ନ ଅଞ୍ଚଳରେ ବିଭିନ୍ନ ପ୍ରଜାତିର ୧୦ହଜାର ଚାରାରୋପଣ କରାଯାଇଛି। ଆସନ୍ତା ୧୦ବର୍ଷ ମଧ୍ୟରେ ପ୍ରାୟ ୧୦ଲକ୍ଷ ଚାରାରୋପଣ ଲକ୍ଷ୍ୟ ରହିଛି। ଟ୍ରଷ୍ଟର ସମ୍ପାଦକ ମଧୁଦୂଦନ ଚଇନି କହିଥିଲେ ଯେ, ସମ୍ବଲପୁର ବନ ବିଭାଗ ବିଭିନ୍ନ ପ୍ରଜାତିର ଚାରା ପ୍ରଦାନ କରିଛି। ଏଥିସହ ୨୦କିଗ୍ରା ମଞ୍ଜି କିଣି ରୋପଣ କରାଯାଇଛି। ବିଶେଷ କରି ଡେଙ୍ଗସର୍ଗି କେନାଲ ଓ ଜଙ୍ଗଲ, ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରିସର, ହୀରାକୁଦ, ଠିଠେଇପାଲି, ଯୋଗୀପାଲି ଏବଂ କୁକୁଡ଼ାପାଲି ଗ୍ରାମରେ ବ୍ୟାପକ ଚାରାରୋପଣ କରାଯାଇଛି। ଏଥିରେ ସ୍ଥାନୀୟ ଅଧିବାସୀଙ୍କ ମଧ୍ୟ ସହଯୋଗ କରିଛି। ଏହି ଅବସରରେ ଅଭିଯାନ ସମ୍ପର୍କିତ ଏକ ବୃତ୍ତଚିତ୍ର ମଧ୍ୟ ପ୍ରଦର୍ଶିତ କରାଯାଇଥିଲା। ଏହି ସାମ୍ବାଦିକ ସମ୍ମିଳନୀରେ ଉପଦେଷ୍ଟା ଭଚ୍ଛ ପ୍ରସାଦ ନନ୍ଦ, କୋଷାଧ୍ୟକ୍ଷ ବିମଳା ଦେବୀ ଗୋଏଲ ଓ ଉପସଭାପତି ପାର୍ବତୀ ସେଠ ପ୍ରମୁଖ ମଞ୍ଚାସୀନ ଥିଲେ।

# ଅସୀ ଚାଳନା ପ୍ରଶିକ୍ଷଣ ନେବେ ତାପସ

ସମ୍ବଲପୁର, (ସବ୍ୟୁ): ସମ୍ବଲପୁରର ତାପସ ରଞ୍ଜନ ଓରାମ ଅସୀ ଚାଳନା ପ୍ରଶିକ୍ଷଣ ନେବେ। ସେ ବଲାଙ୍ଗୀର ସ୍ଥିତ ସରକାରୀ ହଷ୍ଟେଲରେ ରହିବା ପାଇଁ ମନୋନୀତ ହୋଇଛନ୍ତି। ଏହି ଖବର ଜଣାପଡିବା ପରେ କୋଚ ରଶ୍ମିତା ପୁରୋହିତ ଶୁଭେଚ୍ଛା ଜଣାଇଛନ୍ତି। ସମ୍ବଲପୁର ପାଇଁ ତାପସ ଜଣେ ଭଲ ଖେଳାଳି ହେଇପାରିବ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ସମ୍ବଲପୁର ଓଏଭିଏସ୍ ସ୍କୁଲର ଛାତ୍ର ତାପସ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଓଡିଶା ସରକାରଙ୍କ ଅଧିନସ୍ଥ କ୍ରୀଡା ଛାତ୍ରାବାସରେ ଆବାସିକ ପ୍ରଶିକ୍ଷଣ ନିମନ୍ତେ ଚୟନ ହୋଇଛନ୍ତି।

# ବାଇକ୍ ଚୋରି ଅଭିଯୋଗରେ ୧ ଗିରଫ

ସମ୍ବଲପୁର, (ସବ୍ୟୁ): ଅଇଁଠାପାଲି ଥାନା ଅନ୍ତର୍ଗତ ଏସ୍ଆର୍ଆଇଟି କଲୋନୀରୁ ଏକ ବାଇକ୍ ଚୋରି ମାମଲାରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ବଲାଙ୍ଗୀର ଜିଲ୍ଲା ଟିଟଲାଗଡ଼ ଥାନା ଅନ୍ତର୍ଗତ ଖୋଲାନ ଗ୍ରାମର ଓମ୍ ସୁନା(୧୯)ବୋଲି ଜଣାପଡିଛି। ତାଙ୍କ ନିକଟରୁ ଚୋରି ବାଇକ ଜବତ ହୋଇଛି। ସୂଚନାଯୋଗ୍ୟ, ଏସ୍ଆର୍ଆଇଟି କଲୋନୀର ରାହୁଲ ଶର୍ମାଙ୍କ ବାଇକ୍ ଗାଡି ନମ୍ବର (ଓଡି୧୫କ୍ୟୁ-୯୫୩୮) ଗତ ୨୨ ତାରିଖ ରାତିରେ ଚୋରି ହୋଇଥିଲା। ଅଭିଯୋଗ କ୍ରମେ ଅଇଁଠାପାଲି ଥାନା ପୋଲିସ ୨୪୬/୨୬ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ତଦନ୍ତ ବେଳେ ଅଭିଯୁକ୍ତଙ୍କୁ ବରେଇପାଲି ଅଞ୍ଚଳରୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି।

# ଠିକା କାମକୁ ନେଇ ହାଇଡ୍ରାମା : ଠିକାଦାର ଓ ସଂଘ ମୁହାଁମୁହିଁ



ସମ୍ବଲପୁର, (ସବ୍ୟୁ): ସମ୍ବଲପୁର ଜିଲ୍ଲା କ୍ଷୁଦ୍ର ଜଳସେଚନ ବିଭାଗର ଠିକା କାମକୁ ନେଇ ହାଇଡ୍ରାମା ଦେଖିବାକୁ ମିଳିଛି। ଜିଲ୍ଲା ଠିକାଦାର ସଂଘର ସିଡ୍ୟୁଲ ଦରକୁ ଅଣଦେଖା କରି ଲେସ୍‌ରେ ଜଣେ ଠିକାଦାର କାମ ହାତେଇବା ଘଟଣା ପଦାକୁ ଆସିଛି। ଏହାକୁ ନେଇ ସଂପୃକ୍ତ ଠିକାକାର ଓ ସଂଘ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଉପୁଜିଛି। ମଙ୍ଗଳବାର ସମ୍ବଲପୁର ଜିଲ୍ଲାର କୁଚିଣ୍ଡା, ରେଢ଼ାଖୋଲ ଓ ସମ୍ବଲପୁରର ଶହଶହ ଠିକାଦାର ସଂପୃକ୍ତ ଠିକାଦାର ଘର ସମ୍ମୁଖରେ ହୋହାଲ୍ଲା କରିଥିଲେ। ନାରାବାଜି କରିବା ସହ ଜବାବ ମାଗିଥିଲେ। ଘଟଣାସ୍ଥଳରେ ପୋଲିସ ଆସି ବୁଝାସୁଝା କରିବା ପରେ ପରିସ୍ଥିତି ନିୟନ୍ତ୍ରଣାଧିନ ହୋଇଥିଲା। ସୂଚନାଯୋଗ୍ୟ, କୌଣସି ଠିକାଦାର ସରକାରୀ ଧାର୍ଯ୍ୟ ଦର ଠାରୁ କମ ଦରରେ ଟେଣ୍ଡର ପକାଇବେ ନାହିଁ ବୋଲି ସମ୍ବଲପୁର ଜିଲ୍ଲା ଠିକାଦାର ସଂଘ ନିଷ୍ପତି ନେଇଛି। ମାତ୍ର ଜିଲ୍ଲାର ସୁକ୍ରିତି ଏଣ୍ଟରପ୍ରାଇଜେସ -୧.୦୨ କମ୍ ଦରରେ ଆବେଦନ କରି ଏମ୍ଆଇର ସବୁ ଟେଣ୍ଡର ହାତେଇଛନ୍ତି। ଏହାକୁ ନେଇ ସଂଘ ଆଜି ଶୁକ୍ରିତି ଏଣ୍ଟରପ୍ରାଇଜେସର ମାଲିକ କ୍ରିଷ୍ଣା ପୁରୋହିତ ଓ ତାଙ୍କ ସ୍ୱାମୀ ଦେବାଶିଷ ପୁରୋହିତଙ୍କ ପୁଟିବନ୍ଧ ବାସଭବନ ଘେରାଉ କରିଥିଲେ। ଧାର୍ଯ୍ୟ ଠାରୁ କମ୍ ଦରରେ କାମ ନେଲେ ଠିକାଦାର କ୍ଷତି ସହିବା ସହ ନିମ୍ନମାନର କାମ ହେଉଥିବା ସଂଘ ଅଭିଯୋଗ କରିଛି। ଅନ୍ୟପଟେ ଠିକାଦାର ଦେବାଶିଷ ପୁରୋହିତ କହିଛନ୍ତି ଯେ, ମୁଁ ଏହି ସଂଘରେ ନାହିଁ । କୌଣସି ସରକାରୀ ନିୟମର ଖିଲାଫ ମଧ୍ୟ କରିନି। ନିୟମ ଅନୁସାରେ ଆବେଦନ କରି ଟେଣ୍ଡର ପାଇଛି। କିଛି ମୁଷ୍ଟିମେୟ ପୁଞ୍ଜିପତି ଠିକାଦାର ନିଜ ଫାଇଦା ପାଇଁ ଏପରି ସିଡ୍ୟୁଲ ଦର ବାହାନା କରୁଛନ୍ତି। ଜିଲ୍ଲା ଠିକାଦାର ସଂଘ ଟେଣ୍ଡର ଫିକ୍ସିଂ କରୁଥିବା ସେ ଅଭିଯୋଗ କରିଛନ୍ତି।

# ରକ୍ତ ଭଣ୍ଡାର କାର୍ଯ୍ୟକ୍ଷମ ଦାବିରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା



ରେଢ଼ାଖୋଲ, (ସବ୍ୟୁ) : ରେଢ଼ାଖୋଲ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଦୀର୍ଘ ସାତ ମାସ ହୋଇ ପଡିରହିଥିବା ରକ୍ତ ଭଣ୍ଡାରକୁ ତୁରନ୍ତ କାର୍ଯ୍ୟକ୍ଷମ ଦାବିରେ ଆଜି ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସ୍ଥାନୀୟ ଜନ ସାଧାରଣ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ । ରେଢ଼ାଖୋଲ ରକ୍ତ ଭଣ୍ଡାର ଦୀର୍ଘ ଦିନ ହେଲା ବନ୍ଦ ରହିବା ଫଳରେ ରୋଗୀମାନେ ରକ୍ତ ପାଇଁ ସମ୍ବଲପୁର, ଅନୁଗୁଳ ଦୌଡିବାକୁ ପଡୁଛି। ବିଶେଷ କରି ଗର୍ଭବତୀ ମହିଳା ଓ ଦୁର୍ଘଟଣାଗ୍ରସ୍ତ ରୋଗୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରକ୍ତ ଭଣ୍ଡାର କାର୍ଯ୍ୟକ୍ଷମ ନହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଧାରଣାରେ ବସିଥିବା ବ୍ୟକ୍ତିମାନେ ପ୍ରକାଶ କରିଛନ୍ତି। ଦୀର୍ଘ ଦିନ ହେଲା ବନ୍ଦ ହୋଇ ପଡ଼ିଥିବା ରକ୍ତ ଭଣ୍ଡାରକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ପାଇଁ ରେଢ଼ାଖୋଲ ଜିଲ୍ଲାପାଳଙ୍କୁ ପୂର୍ବରୁ ଦାବିପତ୍ର ଦିଆଯାଇଥିଲା। ପ୍ରଶାସନକୁ ଅଗଷ୍ଟ ୨୪ ତାରିଖ ସୁଦ୍ଧା ସମସ୍ୟାର ସମାଧାନ ପାଇଁ ସମୟ ଦିଆଯାଇଥିଲା, ହେଲେ ଦୁଃଖର ବିଷୟ ପ୍ରଶାସନ ରକ୍ତ ଭଣ୍ଡାର ଚାଲୁ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଥିବା ନେଇ ଆଜି ଜନପ୍ରତିନିଧି ଠାରୁ ଆରମ୍ଭ କରି ଜନସାଧାରଣ ଧାରଣାରେ ବସିଥିଲେ । ଏପରିକି ଲାଇସେନ୍ସ ନବୀକରଣ ଅବହେଳା ଯୋଗୁଁ ରକ୍ତ ଭଣ୍ଡାର ବନ୍ଦ ରହିବା ଫଳରେ ଆମ ଅଞ୍ଚଳର ଗରୀବ ରୋଗୀ, ଗର୍ଭବତୀ ମହିଳା, ଦୁର୍ଘଟଣାଗ୍ରସ୍ତ ଏବଂ ଜରୁରୀକାଳୀନ ରୋଗୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଧାରଣାରେ ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ସମିତିସଭ୍ୟ ପ୍ରବୀଣ କୁମାର ପ୍ରଧାନ, ଯୁବ ନେତା ଉମେଶ ଦେହୁରୀ ପ୍ରମୁଖ ଧାରଣାରେ ବସିଥିଲେ ।ଧାରଣା ସ୍ଥଳକୁ ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମିରଂଜନ ମହନ୍ତ ପହଂଚି ପ୍ରତିଶ୍ରୁତି ଦେବା ପରେ ଧାରଣା ସ୍ଥଗୀତ ହୋଇଥିଲା।

# ରେଙ୍ଗାଲି ବ୍ଲକରେ ଜନ ଅଭିଯୋଗ ଶୁଣାଣି

ସମ୍ବଲପୁର, (ସବ୍ୟୁ): ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବ୍ଲକ କାର୍ଯ୍ୟାଳୟରେ ମିଳିତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୁ ଯୋଗ ଦେଇଥିଲେ। ଏହି ଅବସରରେ ମୋଟ ୧୧୭ଟି ଆବେଦନ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୬୯ ଟି ଆବେଦନ ବ୍ୟକ୍ତିଗତ, ୪୫ ଟି ଗୋଷ୍ଠୀ ସମସ୍ୟା ସହିତ ଜଡିତ ଥିଲା। ସେହିପରି ସିଏମଆରଏଫ ଅଧୀନରେ ସହାୟତା ପାଇଁ ୩ ଜଣ ହିତାଧିକାରୀଙ୍କୁ ୨୫ ହଜାର ଟଙ୍କା ପ୍ରଦାନ କରାଯାଇଛି। ଏଥିସହ ମଧୁବାବୁ ପେନସନ ଯୋଜନା ଅଧୀନରେ ୧୨ ଜଣ ହିତାଧିକାରୀଙ୍କୁ ଭତ୍ତା ମଞ୍ଜୁର କରାଯାଇଛି। ଏଥିମଧ୍ୟରେ ୮ଜଣ ବାର୍ଦ୍ଧକ୍ୟ ଭତ୍ତା, ୧ ଜଣ ବିଧବା ଭତ୍ତା, ୧ ଜଣ ତୃତୀୟ ଲିଙ୍ଗୀ ଏବଂ ୨ଜଣ ଅବିବାହିତ ମହିଳା ହିତାଧିକାରୀ ସାମିଲ ଅଛନ୍ତି। ସେହିପରି ଇନ୍ଦିରା ଗାନ୍ଧୀ ଜାତୀୟ ପେନସନ ଯୋଜନାରେ ୮୪ ଜଣ ନୂତନ ହିତାଧିକାରୀଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି। ଏହାବ୍ୟତୀତ ୩ ଜଣ ଦିବ୍ୟାଙ୍ଗଙ୍କୁ ଚଳପ୍ରଚଳ ସୁବିଧା ନିମନ୍ତେ ହ୍ୱିଲ୍ ଚେୟାର ବଣ୍ଟନ କରାଯାଇଥିଲା। ଏହି ଶୁଣାଣି ଶିବିରରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରସନ୍ନ କୁମାର ପାତ୍ରଙ୍କ ସମେତ ଅନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ବରଗଡ଼ରେ ଏମ୍ଏମ୍ଡିଆର -୨ ବିରୋଧରେ ମଶାଲ ଶୋଭାଯାତ୍ରା

ବରଗଡ଼, (ସବ୍ୟୁ): ଓଡ଼ିଶାକୁ ସର୍ବସ୍ୱାନ୍ତ କରିବାକୁ ଯାଉଥିବା କଳା ଆଇନ ଏମଏମଡିଆର-୨ ପ୍ରତ୍ୟାହାର ଦାବିରେ ଆଜି ବରଗଡ଼ରେ ସର୍ବଦଳୀୟ ବିଶାଳ ମଶାଲ ଯାତ୍ରା ଅନୁଷ୍ଠିତ ହୋଇଛି। ପୂର୍ବ ନିଷ୍ପତ୍ତି ଅନୁଯାୟୀ ଆଜି ମଙ୍ଗଳବାର ସନ୍ଧ୍ୟା ୬ଟା ସମୟରେ କଲ୍ୟାଣ ମଣ୍ଡପ (ଉପ-ଜିଲ୍ଲାପାଳଙ୍କ ବାସଭବନ ନିକଟ) ଠାରୁ ଏହି ମଶାଲ ଶୋଭାଯାତ୍ରା ବାହାରି ବରଗଡ଼ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ଦେଇ ଗାନ୍ଧୀ ଛକ (ଗୋଶାଳା ଛକ) ଠାରେ ପହଞ୍ଚି ଏକ ସାଧାରଣ ସଭାରେ ପରିଣତ ହୋଇଥିଲା। ବରଗଡ଼ ଜିଲ୍ଲା କଂଗ୍ରେସ କମିଟି ସଭାପତି ହରଦୀପ ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କଂଗ୍ରେସ ଦଳ ଓ ଇଣ୍ଡିଆ ମେଣ୍ଟର ସମସ୍ତ ସହଯୋଗୀ ଦଳର ନେତା ଓ କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ସଭାରେ ବକ୍ତାମାନେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ଦୃଢ଼ ଅଭିମତ ରଖି ପ୍ରସ୍ତାବିତ ଏମଏମଡିଆର-୨ ଖଣି ଆଇନକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ଦାବି କରିଥିଲେ। ପରେ ଗାନ୍ଧୀ ଛକରେ ଏହି ପ୍ରସଙ୍ଗରେ ନୀରବ ରହିଥିବା ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଲୋକସଭାରେ ମୁହଁ ଖୋଲି ନଥିବା ଓଡ଼ିଶାର ୨୦ ବିଜେପି ସାଂସଦଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ସାଧୁ ଚରଣ ନେପାକ, କିଶୋର ଦଫାଦାର, ବ୍ରହ୍ମା ମହାକୁଡ଼, ଯୁଗଳ ପ୍ରସାଦ ସିଂହ, ସରୋଜ କୁମାର ଷଡଙ୍ଗୀ, ପ୍ରଦୀପ ଦେବତା, ରାଜେଶ ମାହାପାତ୍ର, ରମେଶ ପଣ୍ଡା, ଦିଲିପ ନନ୍ଦ, ଅନିଲ ପ୍ରଧାନ , ଫରୱାର୍ଡ ବ୍ଲକ ନେତା ଗୋପାଳ ଅଗ୍ରୱାଲ, ନିପନ କୁମାର ଦାଶ, ଆନନ୍ଦ ପ୍ରଧାନ, ରବିନାରାୟଣ ଦାଶ, ପାଣ୍ଡବ କର୍ଣ୍ଣ, କିଶୋର ସାହୁ, ରବିନାରାୟଣ ପଣ୍ଡା, ସୁନିତା ବାଗ, ଦିଲିପ ପଣ୍ଡା, ସଂଗ୍ରାମ ନେପାକ, ରବି ପତି, ଉପେନ୍ଦ୍ର ଗିଭିଲା, ଗଙ୍ଗାଧର ପୁଝାରୀ, ଅମନ ଦିୱାଦୀ, ପ୍ରଭାଜିତ ସିଂହ, ସୁଶିଲ କୁମାର ଭୋଇ, ପ୍ରଦୀପ ରାୟ, ବୈକୁଣ୍ଠ ଷଡଙ୍ଗୀ, ପ୍ରମୋଦ ସାହୁ, ଗଣେଶ ସାହୁ, ଅବଦୁଲ ଗଫାର, ଅବଦୁଲ ଜମିଲ, ବଡ ସାହୁ, ମହମ୍ମଦ ଅଜିମ୍, ମହମ୍ମଦ ସମସୁଦ୍ଦିନ, ରୋହିତ ସେଠି, ଫିରୋଜ କନ୍ଦର, ସୁରଜ ପ୍ରଧାନ, ଗୁଣନିଧି ମିଶ୍ର, ଆନନ୍ଦ ପ୍ରଧାନ, ଫଗୁନୁ ମହାନନ୍ଦ, ରଥି କୁମ୍ଭାର, ମହରଗୁ, ନିହାର ରଞ୍ଜନ ସେଠ୍, ତୁଳସୀ ବେହେରା, ସୁଦାମ ବେହେରା, ଶୁନିଲ ଦାଶ, ରବି ରାଉତ, ମୁରଲି ରାଉତ, ନାରାୟଣ ବର୍ଗେ, ସୁନ୍ଦର ନାୟକ , ଗୁଣ ମଣି ସାହୁ, ନିତ୍ୟା ସାହୁ ପ୍ରମୁଖ ସାମିଲ ଥିଲେ।


## ସମ୍ବଲପୁର ବିଶ୍ୱବିଦ୍ୟାଳୟର ନୂଆଁ ଗବେଷଣା

# ଚାଷୀଙ୍କ ଭାଗ୍ୟ ବଦଳାଇବ ବଣୁଆ ଧାନ



ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ବିଶ୍ୱବିଦ୍ୟାଳୟ ଜୀବ ବିଜ୍ଞାନ ବିଭାଗ ପକ୍ଷରୁ ଚାଷୀଙ୍କ ହିତରେ ନୂଆଁ ଗବେଷଣା ଜାରି ରହିଛି। ଅଦରକାରୀ ଝରା ବା ବଣୁଆ ଧାନକୁ ନେଇ ଗବେଷଣା କରାଯାଉଛି। ଏହି ଧାନରେ ଦୀର୍ଘ ସୁପ୍ତ ରହିବା କ୍ଷମତା ରହିଛି। ଫଳରେ ଏହା ବାତଯା ଓ ବନଯାରେ ନଷ୍ଟ ହେବ ନାହିଁ। ଏପରିକି ଅମଳ ପରେ ମଧଯ ମଣ୍ଡିରେ ଭିଜି ଗଜା ହେବ ନାହିଁ। ତେଣୁ ଏହି ଗବେଷଣାରେ ନୂଆଁ ଆଶା ଦେଖା ଦେଇଛି। ଅଧିକ ଅମଳ କିସମର ପାରମ୍ପରିକ ଏବଂ ବଣୁଆ ଧାନ ମିଶ୍ରଣରେ ନୂତନ କିସମ ବିକଶିତ କରାଗଲେ ଏହା କୃଷିରେ ବୈପ୍ଳବିକ ପରିବର୍ତ୍ତନ ଆଣିବ। ଅଦିନିଆ ବର୍ଷା ସହଣି ଧାନ ବିହନ ରାଜ୍ୟ ଓ ଦେଶର ଚାଷୀଙ୍କ ଭାଗଯ ବଦଳାଇ ଦେବ ବୋଲି ଗବେଷକମାନେ ଦାବି କରିଛନ୍ତି। ପ୍ରଫେସର ଏକାମ୍ବର କରିଆଲିଙ୍କ ପ୍ରତଯକ୍ଷ ତତ୍ତ୍ୱାବଧାନରେ ଧାନର ଅଙ୍କୁରୋଦଗମ୍ କ୍ଷମତା ଉପରେ ଗବେଷଣା ଆରମ୍ଭ ହୋଇଛି। ଅମଳ ସମୟରେ ହେଉଥିବା ଅଦିନିଆ ବର୍ଷାରେ ସବୁ ଧାନ ସମାନ ଭାବେ ଅଙ୍କୁରିତ ହୁଏ ନାହିଁ। ଅନେକ କିସମର ଧାନ ନିଜକୁ ସୁପ୍ତ ରଖିପାରନ୍ତି। ଅର୍ଥାତ୍ ସୁପ୍ତ ସମୟ ଯେତେ ଅଧିକ ହେବ ଧାନ ଅଙ୍କୁରୋଦଗମ୍ ପ୍ରକ୍ରିୟା ସେତେ ବିଳମ୍ବ ହେବ। ଓରାଇଜା ନିଭାରା, ଓରା ରାଇଜା ରୁଫି ପାଗନ ଭଳି ବଣୁଆ ଧାନରେ ଏହି ଗୁଣ ରହିଛି । ବିହନ ମାସ ମାସ ପାଣିରେ ବୁଡ଼ି ରହିଲେ ମଧ ସହଜରେ ଗଜା ହୁଏନାହିଁ। ବର୍ଷାରତୁ ଆରମ୍ଭ ହିଁ ଏହି ଧାନ ସ୍ୱତଃପ୍ରବୃର୍ତ୍ତ ଗଜା ହୋଇଥାଆନ୍ତି। ଓଡ଼ିଶା ଚାଷୀଙ୍କୁ ଅଦିନିଆ ବର୍ଷା ଦାଉ ସାଧୁଛି। ଏହାଦ୍ୱାରା ବିଶେଷ ଭାବେ ଧାନ ଫସଲ ନଷ୍ଟ ହେଉଛି। କେତେବେଳେ ମଣ୍ଡିରେ ତ ପୁଣି କେତେବେଳେ ବିଲରେ ଧାନ ଗଜା ହେଉଛି। ସେହିପରି ପରିବେଶ ସାମାନଯ ଆର୍ଦ୍ର ହେଲେ କିମ୍ବା ଝଡ଼ି ବର୍ଷା ଲାଗି ରହିଲେ ବସ୍ତା ଭିତରେ ଧାନ ଗଜା ଫିଟି ଗଛ ହୋଇ ଯାଉଛି। ଏସବୁ ସମସଯାର ସମାଧାନର ବାଟ ବାହାରିଛି। ବଣୁଆ ଧାନରେ ଦୀର୍ଘ ସୁପ୍ତ ରହିବା କ୍ଷମତା ଥିବାରୁ ଅମଳ ସମୟରେ ବର୍ଷା ହେଲେ ବି ଗଜା ହେବା ଆଶଙ୍କା ନାହିଁ। ଗବେଷକଙ୍କ କହିବା କଥା, ଅନେକ ସମୟରେ ଧାନ ଅମଳ ପୂର୍ବରୁ କେଣ୍ଡାରେ ବିହନ ଅଙ୍କୁରିତ ହୋଇଯାଏ । ଏହାକୁ 'ଅମଳ ପୂର୍ବ ଅଙ୍କୁରୋଦଗମ୍' କୁହାଯାଏ। ଧାନ ପାଚିବାର ପ୍ରାୟ ୧୦ ରୁ ୧୫ ଦିନ ପୂର୍ବରୁ ଅଦିନିଆ ବର୍ଷା ହେଲେ ଏହି ସମସ୍ୟା ଦେଖା ଦେଇଥାଏ। ଅମଳ ପରେ ଓ ମଣ୍ଡିରେ ମଧ ଏଭଳି ସମସଯା ଉପଜିଥାଏ। ବିଶେଷ କରି ଧାନ ଚାଷର ହବ୍ ପଶ୍ଚିମ ଓଡ଼ିଶାରେ ଏହି କାରଣରୁ ଚାଷୀ ବିପୁଳ କ୍ଷତି ସହୁଛି। ଏହା ଚାଷୀଙ୍କ ପାଇଁ ମୁଣ୍ଡ ବିନ୍ଧାର କାରଣ ଅଟେ। ଏଭଳିସ୍ଥଳେ ଏହି ଗବେଷଣାରୁ ନୂଆଁ ସମ୍ଭାବନା ଦେଖାଯାଇଛି। ତେବେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଏହି ଗବେଷଣା ଚାଷୀଙ୍କ କ୍ଷତି ହ୍ରାସ କରିବାରେ ବେଶ ସହାୟକ ହେବ ବୋଲି ଆଶା କରାଯାଉଛି।

# ବ୍ରହ୍ମାକୁମାରୀଜ ପକ୍ଷରୁ ରକ୍ଷା ସୂତ୍ର ବନ୍ଧନ



କଲମପୁର, (ସବ୍ୟୁ): ଛାତ୍ରଛାତ୍ରୀମାନଙ୍କ ମନରେ ଏକ ସକାରାତ୍ମକ ବିଚାର ଧାରା ଆଣିବା ଲକ୍ଷ ନେଇ ଅମୋହମଣୀ ଯୁକ୍ତ ୨ ମହାବିଦ୍ୟାଳୟରେ ଆତ୍ମ ଚିନ୍ତନ ଶିବିର ତଥା ଈଶରୀୟ ରକ୍ଷା ବନ୍ଧନ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟାପକ ବିଭୂତି ଭୂଷଣ ପଟ୍ଟନାୟକଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଦୁଲେଶ୍ୱର ମାଝୀ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ ।ଏଥିରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ କଲମପୁର ଉପସେବାକେନ୍ଦ୍ର ସଞ୍ଚାଳିକା ରୋଜି ଭଉଣୀ ଯୋଗଦେଇ ଆତ୍ମ ଚିନ୍ତନ ର ପ୍ରଶିକ୍ଷଣ ଦେବା ସହିତ ଈଶ୍ୱରୀୟ ରକ୍ଷା ସୂତ୍ର ବାନ୍ଧିଥିଲେ। ଶତାଧିକ ଛାତ୍ରଛାତ୍ରୀ ଏହି ପ୍ରଶିକ୍ଷଣ ଦ୍ୱାରା ନିଜକୁ ସୁଖ ଶାନ୍ତି ଓ ସମୃଦ୍ଧି ର ପଥ ଅନୁସରଣ କରି ସକାରାତ୍ମକ ବିଚାର ଧାରା ଅନୁସାରେ ଗଢ଼ିବାକୁ ଆଗ୍ରହ କରିଥିଲେ ଏବଂ ହାତରେ ଈଶରୀୟ ରକ୍ଷା ସୂତ୍ର ବାନ୍ଧିଥିଲେ।ସେହିଭଳି କଲମପୁର ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଠାରେ ମଧ ସୁପର ଭାଇଜର ବାସନ୍ତୀ ଦେବୀଙ୍କ ଅଧ୍ୟକ୍ଷତାରେ ବଡକୁଟୁରୁ ଏବଂ କଲମପୁର ସେକ୍ଟରର ୫୨ଜଣ ଅଙ୍ଗନୱାଡି ଦିଦିମାନଙ୍କୁ ରକ୍ଷା ସୂତ୍ର ବନ୍ଧାଯାଇଥିଲା।ବରିଷ୍ଠ ଭ୍ରାତା ପ୍ରେମ ଶର୍ମା,ଶଙ୍କର୍ଷଣ ବେହେରା, ମନିଷା ବେହେରା ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

## ସମ୍ପାଦକୀୟ

# ଗୋଟିଏ ଦଶନ୍ଧିର ଡିଜିଟାଲ କାରବାର

ଆର୍ଥିକ, ବ୍ୟବସାୟିକ ଓ ସାମାଜିକ କ୍ଷେତ୍ରରେ ଭାରତକୁ ଆତ୍ମନିର୍ଭରଶୀଳ କରିବାକୁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯେପରି ଉଦ୍ୟମ ଆରମ୍ଭ କରିଛନ୍ତି, ତାହା ସ୍ୱାଗତଯୋଗ୍ୟ । ଭାରତ ଏବେ ନୂତନ ଭାରତରେ ପରିଣତ ହୋଇଛି । ଟେଲିଫୋନ, ଖେଳନା ପ୍ରଭୃତି ଉତ୍ପାଦନ କ୍ଷେତ୍ରରେ ସମଗ୍ର ବିଶ୍ୱରେ ଭାରତ ବ୍ୟବସାୟିକ ସୁନାମ ଅର୍ଜନ କରି ପାରିଛି । ଆଗରୁ ଭାରତ ଏ ସବୁ କ୍ଷେତ୍ରରେ ଚାଇନା ନିର୍ମିତ ଦ୍ରବ୍ୟ ବ୍ୟବହାର କରି ଆସୁଥିଲା । ମାତ୍ର ଏବେ ଆଉ ସେ ପରିସ୍ଥିତି ନାହିଁ । 'ମେଡ୍ ଇନ୍ ଚାଇନା' ଆଜି ପଛକୁ ପଡ଼ିଯାଇଛି । ଅଥଚ ସାରା ବିଶ୍ୱରେ ଚାଇନା ଏ ସବୁ କ୍ଷେତ୍ରରେ ଦିନେ ଆଗୁଆ ଥିଲା । ଏବେ ଭାରତରେ 'ମୋଦି ଯୁଗ' ବୋଲି କୁହାଯାଉଛି । ବିକାଶଶୀଳ ଭାରତକୁ ଉପରକୁ ଉଠାଇ ବିକଶିତ ଭାରତରେ ପରିଣତ କରିବାକୁ ତାଙ୍କ ସଙ୍କଳ୍ପ ପ୍ରକୃତରେ ପ୍ରଶଂସନୀୟ । ମାତ୍ର ବାର ବର୍ଷର ପ୍ରଧାନମନ୍ତ୍ରିତ୍ୱ କାଳରେ ସେ ଅନେକ କିଛି ଉଲ୍ଲେଖନୀୟ ସଫଳତା ହାସଲ କରି ପାରିଛନ୍ତି । ତନ୍ମଧ୍ୟରୁ ଆଉ ଗୋଟିଏ ହେଉଛି, ବିଶ୍ୱର ସବୁଠାରୁ ଆର୍ଥିକ ଡିଜିଟାଲ କାରବାର କ୍ଷେତ୍ରରେ ଭାରତ ଆଜିଠାରୁ ଗୋଟିଏ ଦଶନ୍ଧି ଅତିକ୍ରମ କରିବାକୁ ଯାଉଛି । ଏ କମ୍ ବଡ଼ ସଫଳତା ନୁହେଁ । ଏଥିପାଇଁ ଭାରତକୁ ବିଶ୍ୱର ସ୍ୱୀକୃତି ମଧ୍ୟ ମିଳି ପାରିଛି । ଭାରତରେ ୧ କୋଟି ୭୮ ଲକ୍ଷ ଡିଜିଟାଲ କାରବାର ବୃଦ୍ଧି ପାଇଁ ୨୪, ୧୬୨ କୋଟିରେ ଉପନୀତ ହୋଇ ପାରିଛି । କାରବାର ସଂଖ୍ୟାରେ ହିସାବ କଲେ ଏହା ୧୩, ୦୦୦ ଗୁଣ ବୃଦ୍ଧି ପାଇଥିବା ଏକ ଅଭୁତପୂର୍ବ ସଫଳତା ।

ୟୁପିଆଇ (ୟୁନିଫାଏଡ୍ ପେମେଣ୍ଟସ୍ ଇଣ୍ଟରଫେସ୍ଟ) ବିଗତ ୨୫ ଅଗଷ୍ଟ ୨୦୧୬ରେ, ଦଶବର୍ଷ ତଳେ ଆରମ୍ଭ ହୋଇଥିଲା । ଏହି ଦଶବର୍ଷ ମଧ୍ୟରେ ୟୁପିଆଇ ଭାରତରେ ଡିଜିଟାଲ ପେମେଣ୍ଟ କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣି ପାରିଛି ।

**ଆଜି ଏହା ଭାରତର କୋଟି କୋଟି ବ୍ୟବହାରକାରୀଙ୍କ ପାଇଁ ପସନ୍ଦ ଓ ସୁବିଧାରେ ଅର୍ଥ ଦେବା ବା ପେମେଣ୍ଟର ମାଧ୍ୟମ ପାଲଟିଛି । ଏଥିରେ ସନ୍ଦେହ ନାହିଁ । ପେମେଣ୍ଟ ବେଳେ ଖୁଚୁରା ପଇସାକୁ ନେଇ ଉଭୟ ଗ୍ରାହକ ଓ ବ୍ୟବସାୟୀଙ୍କ ପାଇଁ ଏହି ନୂତନ ଭାରତରେ ଏକ ସୁବିଧାଜନକ ବ୍ୟବସ୍ଥା ହୋଇ ପାରିଛି । ଭାରତର ଏହି ପଦ୍ଧତି ଏବେ ବିଶ୍ୱର ୧୧ଟି ରାଷ୍ଟ୍ରରେ ପ୍ରଚଳିତ ହୋଇ ଆଦୃତ ହୋଇ ପାରିଥିବା ସଫଳତାର ଅନ୍ୟ ଏକ ଅଧ୍ୟାୟ ବୋଲି କୁହାଯାଇ ପାରିବ ।**

ଅର୍ଥନୀତିଜ୍ଞମାନଙ୍କ ଭାଷାରେ କହିବାକୁ ଗଲେ ଭାରତରେ ଏହି ଡିଜିଟାଲ ପେମେଣ୍ଟ ବ୍ୟବସ୍ଥା ଭାରତୀୟ ଅର୍ଥନୀତିର ମେରୁଦଣ୍ଡ ହେବା ସହିତ ଆର୍ଥିକ ଅନ୍ତର୍ଭୁକ୍ତୀକରଣର ଏକ ପ୍ରମୁଖ ଚାଳକ ଭାବରେ ଉଭା ହୋଇ ପାରିଛି । ଅନୁଧ୍ୟାନରୁ ଜଣାଯାଇଛି ଯେ ଭାରତୀୟ ରିଜର୍ଭ ବ୍ୟାଙ୍କର ନିୟାମକ ତଦାରଖରେ ନେସନାଲ ପେମେଣ୍ଟ କର୍ପୋରେସନ ଅଫ୍ ଇଣ୍ଡିଆ (ଏନ୍.ପି.ସି.ଆଇ) ଦ୍ୱାରା ଗତ ଦଶ ବର୍ଷ ତଳେ ୨୦୧୬ ଅଗଷ୍ଟ ୨୫ରେ ଏହି ବ୍ୟବସ୍ଥା ଆରମ୍ଭ ହୋଇଥିଲା । ଆଉ ଏହି ଦଶବର୍ଷ ମଧ୍ୟରେ ୟୁପିଆଇ ଅସାଧାରଣ ଅଭିବୃଦ୍ଧି ଏବଂ ସକ୍ରିୟତା ପ୍ରତିପାଦିତ କରି ପାରିଛି । ଏହାର ବାର୍ଷିକ ଆର୍ଥିକ କାରବାର ୨୦୧୬-୧୭ ମସିହାରେ ମାତ୍ର ୧ କୋଟି ୭୮ ଲକ୍ଷ ଥିବା ବେଳେ ଆର୍ଥିକ ବର୍ଷ ୨୦୨୫-୨୬ରେ ଏହା ବୃଦ୍ଧି ପାଇ ୨୪, ୧୬୨ କୋଟିରୁ ଅଧିକ ହୋଇ ପାରିଛି ଏବଂ କାରବାର ପରିମାଣରେ ଏହା ୧୩, ୦୦୦ ଗୁଣ ବୃଦ୍ଧି ପାଇ ପାରିଛି । ସେହିପରି ମୋଟ କାରବାର ମୂଲ୍ୟ ଆର୍ଥିକ ବର୍ଷ ୨୦୧୬-୧୭ରେ ୦.୦୭ ଲକ୍ଷ କୋଟି ଟଙ୍କା ଥିବାବେଳେ ୨୦୨୫-୨୬ ସୁଦ୍ଧା ଏହା ପ୍ରାୟ ୪,୦୦୦ ଗୁଣ ବୃଦ୍ଧି ପାଇ ୩୧୪ ଲକ୍ଷ କୋଟିରେ ଉପନୀତ ହୋଇ ପାରିଛି ।

ୟୁପିଆଇ ମଧ୍ୟ ଭାରତର ସାର୍ବଜନୀନ ଡିଜିଟାଲ ଭିତ୍ତିଭୂମିର ଅନ୍ୟତମ ସଫଳ ସ୍ତମ୍ଭ ଭାବରେ ଉଭା ହୋଇଛି ଏବଂ ଏହା ପରସ୍ପର ସହ ସଂଯୁକ୍ତ, ରିଅଲ ଟାଇମ ପେମେଣ୍ଟ ପ୍ଲାଟଫର୍ମ ପ୍ରଦାନ କରିଥାଏ, ଯାହା ଗୋଟିଏ ଦରଖାସ୍ତ ମାଧ୍ୟମରେ ସହଜରେ ବ୍ୟକ୍ତିରୁ ବ୍ୟକ୍ତି ଓ ବ୍ୟକ୍ତିରୁ ବ୍ୟବସାୟିକ କାରବାର କରିବାକୁ କ୍ଷମ ହୋଇଥାଏ ।

ଆଜି ଏହା ଭାରତର କୋଟି କୋଟି ବ୍ୟବହାରକାରୀଙ୍କ ପାଇଁ ପସନ୍ଦ ଓ ସୁବିଧାରେ ଅର୍ଥ ଦେବା ବା ପେମେଣ୍ଟର ମାଧ୍ୟମ ପାଲଟିଛି । ଏଥିରେ ସନ୍ଦେହ ନାହିଁ । ପେମେଣ୍ଟ ବେଳେ ଖୁଚୁରା ପଇସାକୁ ନେଇ ଉଭୟ ଗ୍ରାହକ ଓ ବ୍ୟବସାୟୀଙ୍କ ପାଇଁ ଏହି ନୂତନ ଭାରତରେ ଏକ ସୁବିଧାଜନକ ବ୍ୟବସ୍ଥା ହୋଇ ପାରିଛି । ଭାରତର ଏହି ପଦ୍ଧତି ଏବେ ବିଶ୍ୱର ୧୧ଟି ରାଷ୍ଟ୍ରରେ ପ୍ରଚଳିତ ହୋଇ ଆଦୃତ ହୋଇ ପାରିଥିବା ସଫଳତାର ଅନ୍ୟ ଏକ ଅଧ୍ୟାୟ ବୋଲି କୁହାଯାଇ ପାରିବ ।

**କର୍ତ୍ତବ୍ୟ ସାଧନରୁ ସ୍ୱାଭାବିକ ଭାବରେ ଯେଉଁ ଶକ୍ତି ଉତ୍ପନ୍ନ ହୁଏ, ତାହା ସତ୍ୟାଗ୍ରହରୁ ଜାତ ଅହିଂସା ଓ ଅପରାଜେୟ ଶକ୍ତି ।**

**ମହାତ୍ମା ଗାନ୍ଧି**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।

## ଆଜିର ଅନୁଚିନ୍ତା :

# ପୁନର୍ନବ ଅଭିମନ୍ୟୁ



**ରତ୍ନାକର ରାଉତ**

କିଛିଦିନ ତଳେ ମୁଁ ଗୋଟେ କବିତା ଲେଖିଥିଲି , ସେ କବିତାର ଶୀର୍ଷକ ଥିଲା 'ଅଭିମନ୍ୟୁ' । ଓଡ଼ିଶାର ଲବ୍ଧ ପ୍ରତିଷ୍ଠ ମହାନ୍ ସାହିତ୍ୟିକ ବୈଷ୍ଣବ ଚରଣ ସାମଲ ସାର୍ କବିତାଟି ପଢ଼ିଲା ପରେ ବାଲେଶ୍ୱରରେ ଏକ ସାହିତ୍ୟିକ ସମ୍ମିଳନୀରେ ସେ କବିତାଟି ମୁଁ ପଢ଼ିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ । ମୁଁ ବିନମ୍ରତାର ସହ ତାଙ୍କୁ ସେଠାରେ କବିତା ନ ପଢ଼ିବା ପାଇଁ ମନା କରିଥିଲି, କାରଣ ସାର୍ ଓ ମୁଁ ଉଭୟ ସେହି ଉତ୍ସବରେ ଅତିଥି ଥିଲୁ । ମୁଁ ବିଚାର କଲି, ଯେଉଁ କବିମାନେ ବହୁ ଦୂରଦୂରାନ୍ତରୁ କବିତା ପଢ଼ିବା ପାଇଁ ଆସିଛନ୍ତି, ସେମାନେ ସମସ୍ତେ ପଢ଼ିବାକୁ ସୁଯୋଗ ପାଆନ୍ତୁ । ମୁଁ ନିଜ କବିତା ପଢ଼ିବା ଅପେକ୍ଷା ସେମାନଙ୍କୁ ଶୁଣିବାକୁ ଉଚିତ ମନେକଲି ।

'ଅଭିମନ୍ୟୁ' କବିତା ସଂପର୍କରେ ଉପକ୍ରମଣିକା ଦେବାର ଉଦ୍ଦେଶ୍ୟ ହେଲା, ପାଞ୍ଚ ହଜାର ବର୍ଷ ତଳେ ଏହି ଭାରତ ଭୂଖଣ୍ଡରେ ଏପରି ଜଣେ ମହାନାୟକ ଜନ୍ମ ନେଇଥିଲା, ଯିଏ ମାତ୍ର ସତର ବର୍ଷ ବୟସରେ ଅଧର୍ମ, ଅନ୍ୟାୟ ବିରୁଦ୍ଧରେ ଯେଉଁ ମହାସଂଗ୍ରାମ ହୋଇଥିଲା ଧର୍ମ, ନ୍ୟାୟ ଓ ଶାନ୍ତିର ପ୍ରତିଷ୍ଠା ପାଇଁ, ସେହି ମହାଯୁଦ୍ଧରେ ସେହି ସତର ବର୍ଷର ବାଳୁତ ଅବା କିଶୋର ତାକୁ କୁହନ୍ତୁ, ସପ୍ତରଥୀଙ୍କ ଚକ୍ରବ୍ୟୂହ ଭେଦକରି ନ ପାରି ଅନ୍ୟାୟ ଯୁଦ୍ଧରେ ବୀରତ୍ୱର ସହିତ ରକ୍ତସ୍ନାନ କରୁ କରୁ ଜୀବନକୁ ଉତ୍ସର୍ଗ କରଦେଇ ମରଣକୁ ବରଣ କରିନେଲା ।

କିନ୍ତୁ ଶରୀରରେ ଶେଷ ରକ୍ତବିନ୍ଦୁ ଥିବାଯାଏଁ ନା ଅସ୍ତ୍ରତ୍ୟାଗ କଲା ନା ସେହି ଦୁର୍ମଦ ଦୁରାଚାରୀଙ୍କ ନିକଟରେ ଜୀବନ ଭିକ୍ଷା କଲା । ଯିଏ ଥରେ ମରଣକୁ ବରଣ କରିନେଇଛି ମନେ ମନେ ନିଜ ଅଟଳ ବିଶ୍ୱାସରେ, ସିଏ ମୃତ୍ୟୁଞ୍ଜୟୀ । କେଉଁ ଅପଶକ୍ତିର ସାମର୍ଥ୍ୟ ଅବା ସାହାସ ନାହିଁ ସେପରି ମରଣବିଜୟୀ ବୀରକୁ ମାରିଦେଇ ତାର ନିରଙ୍କୁଶ ଶାସନକୁ ସମାଜ ଉପରେ ଲଦିଦେବ ।

ସେହି କବିତାରେ ଭଗତ୍ ସିଂ ମଧ୍ୟ ଏକ ଚରିତ୍ର, ଯିଏ ମାତ୍ର ୨୩ ବର୍ଷ ବୟସରେ ହସି ହସି ନିଜ ଆଦର୍ଶ ଓ ଇସ୍ତାହାରର ଦାୟରେ ଫାଶୀଖୁଣ୍ଟରେ ଜୀବନକୁ ଉତ୍ସର୍ଗ କରିଦେଲା । ମାତ୍ର ଲୁଣ୍ଠନକାରୀ ଓ ଅତ୍ୟାଚାରୀ ଉପନିବେଶବାଦୀ ଇଂରେଜ ଶାସକମାନଙ୍କ ପାଖରେ ସେ ନା ଜୀବନ ଭିକ୍ଷା କଲା ନା ମୁଣ୍ଡ ନୂଆଁଇଲା, ବରଂ କାଳ କାଳ ପାଇଁ ଯୁବଶକ୍ତି ଆଗରେ ମିଶାଲ ବନିଗଲା ।

ସେମାନେ ଯେଉଁ ଉଦାହରଣ ଥୋଇ ଦେଇ ଯାଇଛନ୍ତି, ଯୁଗେ ଯୁଗେ ଯୁବଶକ୍ତି ତାଙ୍କର ଆଦର୍ଶରେ ଅନୁପ୍ରାଣୀତ ହୋଇ ସେହି ପଥକୁ ଅନୁସରଣ କରିବେ, ଏଥିରେ ସନ୍ଦେହର ଅବକାଶ ନାହିଁ । ଯେତେ ଯେତେ ବ୍ୟବସ୍ଥା, କାଠକୁ ଭିତରେ ଭିତରେ ଘୁଣପୋକ ଓ ଉଈ ଭଳି କୀଟ ସବୁ ଚରିଚରି ଫମ୍ପା ଏବଂ ପୋଲା କରିଦେଲା ଭଳି, ନଷ୍ଟ, ଭ୍ରଷ୍ଟ, ଅନୁପଯୁକ୍ତ ହୋଇଯିବ, ସେତେବେଳେ ବ୍ୟବସ୍ଥାକୁ ସୁଧାରିବାର ଉତ୍ତରଦାୟିତ୍ୱ ଯୁବପିଢ଼ିଙ୍କ କାନ୍ଧରେ ପଡ଼ିବ, ଏହା ସୃଷ୍ଟିର ନିୟମ ଏବଂ ସ୍ୱାଭାବିକ ।

ଆଜି ଯୁବପିଢ଼ି ଆଗରେ ଅନେକ ଆହ୍ୱାନ । ସେମାନଙ୍କ ଭବିଷ୍ୟତ ଅନିଶ୍ଚିତ । ବ୍ୟବସ୍ଥା କଳୁଷିତ । ଏହି ପିଢ଼ିର ଜୀବନ ଓ ଭବିଷ୍ୟକୁ ଦେଖି ଦେଖି ଜଣେ କବି ଲେଖିଛନ୍ତି, 'ଜୀବନ ନୁହେଁ ସେ ଜୀବନ ଯେଉଁଠି/ ଶୂନ୍ୟ ପ୍ରୀତିର ଝୁଲ/ ଜୀବନ ଜୁଆରେ ମରଣ ଦୁଆରେ/ ମରଣର ମୂଳ ଭଲ ।'

ସେମାନଙ୍କୁ ଶୂନ୍ୟ ପ୍ରୀତି ଦେଖେଇଲେ କିଛି ଲାଭ ନାହିଁ । ସେମାନେ ଜାଣିଛନ୍ତି ଏ ସବୁ ଦେଖାଣିଆ ପ୍ରୀତି ଛଳନାରେ ଭରା । ଏଥିରେ ସେମାନଙ୍କ ଶୂନ୍ୟ ଭବିଷ୍ୟ ପୂର୍ଣ୍ଣତାରେ ଭରିଯିବ ନାହିଁ । ତାଙ୍କ ଆଗରେ ନିରାଶା, ଅବଶୋସ, ଖାଁ ଖାଁ ଶୂନ୍ୟତା । ଏ ପ୍ରଚଳିତ ବ୍ୟବସ୍ଥା ତାଙ୍କ ସ୍ୱପ୍ନ ପୂରଣ ନିମନ୍ତେ ସଂପୂର୍ଣ୍ଣ ଅନୁପଯୁକ୍ତ । ସେମାନେ କପର୍ଦ୍ଦକଶୂନ୍ୟ, ରୋଜଗାରହୀନ । ଭବିଷ୍ୟତ ଅନିଶ୍ଚିତ, ରୋଜଗାର ପାଇବାର ଆଶା କ୍ଷୀଣ । ସବୁଠି ଅନ୍ୟାୟ, ଶୋଷଣ, କଷଣ, ଦୁର୍ନୀତି, ଦୁରାଚାର, ବ୍ୟଭିଚାର, ହତ୍ୟା, ରକ୍ତପାତ, ଲୁଣ୍ଠନରେ ପରିପୂର୍ଣ୍ଣ । ଜୀବନ ମୂଲ୍ୟହୀନ । ତୁଚ୍ଛା ଭାଷଣ ଓ ପ୍ରତିଶ୍ରୁତି କେବଳ ମିଛ ପ୍ରଲୋଭନ । ଭବିଷ୍ୟତ ଅନ୍ଧକାରାଚ୍ଛନ୍ନ, ତମସାଘେରରେ ଜୀବନ ବିପନ୍ନ ଏବଂ ପ୍ରତି ମୁହୂର୍ତ୍ତ କଠିନ ପରୀକ୍ଷାରେ ସମ୍ମୁଖୀନ ।

ଏ ପରିସ୍ଥିତିରେ ଜୀବନ ବଞ୍ଚେଇ ରଖିବା ନୀତି ପ୍ରତି ଏକ ବିରାଟ ଆହ୍ୱାନ । ଜଣେ କବିଙ୍କ ଭାଷାରେ, 'କଣା ପକେଟରୁ ଚଣା ତ' ଗଲାଣି ସରି/ ସବୁଜ କବିର ଗୋଲାପୀ ପରୀକୁ ଦେଖ/ ତତଲା ବାଲିରେ ଟାଣୁଅଛି ବସି ବିଡ଼ି ।' ବର୍ତ୍ତମାନ ଯୁବପିଢ଼ି ଏହି ଭଳି କଠୋର ସମୟ ଦେଇ ଗତି କରୁଛି । ପକେଟ କଣା, ଜୀବନର ସାମାନ୍ୟ ସମ୍ବଳ ଚଣା ମଧ୍ୟ ଶେଷ, ସେ ତତଲା ବାଲିରେ ବସିବା ଭଳି ଏକ ଜଟିଳ ପରିସ୍ଥିତିର ସମ୍ମୁଖୀନ ହୋଇ ନିଜର ଅସହାୟତାକୁ ମୁହୂର୍ତ୍ତଟେ ପାଇଁ ପାଶୋରି ଯିବା ପାଇଁ ବିଡ଼ି ଖଣ୍ଡେର ସାହାରା ନେଇ ତାକୁ ଟାଣୁଛି । ଠିକ୍ ସେହି ସମୟରେ ସବୁଜ ଅର୍ଥାତ୍ ରୋମାଣ୍ଟିକ କବିମାନେ ଗୋଲାପୀ ପରୀଙ୍କ ରୂପ ବର୍ଣ୍ଣନାରେ ବିଭୋର । ଠିକ୍ ସବୁଜ କବିଙ୍କ ପରି ସ୍ୱପ୍ନବିଳାସୀ ନେତୃମଣ୍ଡଳୀ ସେମାନଙ୍କୁ ସୁନେଲି ଭବିଷ୍ୟତର ଏକ କାଳ୍ପନିକ ଛବି ଦେଖେଇଲେ ତାହା କଣ ସେମାନଙ୍କ ତୁରନ୍ତ ଆବଶ୍ୟକତାକୁ ପୂରଣ କରିପାରିବ ? ଏହା ସମୟର ଚରମ ରସିକତା ବ୍ୟତିରେକ ଅନ୍ୟ କଣ ହୋଇପାରେ ? ମିଥ୍ୟା ପ୍ରଲୋଭନରେ କେତେଦିନ ବିବଶ ଓ ମୁହ୍ୟମାନ ହୋଇ ରହିବେ ସଂପ୍ରତି ଯୁବ ପିଢ଼ି ।

ଆଜିର ଯୁବପିଢ଼ି ଏକ ସୁନ୍ଦର ଭବିଷ୍ୟତର ସ୍ୱପ୍ନ ଦେଖିବା କଣ ଭୁଲ? ସେମାନଙ୍କ କଥା କହିବା କଣ ଭୁଲ? ଅବ୍ୟବସ୍ଥା ବିରୋଧରେ ସ୍ୱର ଉଠେଇବା କଣ ଭୁଲ? ପ୍ରିୟାପ୍ରୀତି ତୋଷଣ, ଦୁର୍ନୀତି, ପକ୍ଷପାତିତା, ଅସାଧୁତା, ଅନ୍ୟାୟ ଉପରେ ପ୍ରତିକ୍ରିୟା ପ୍ରକାଶ କରିବା କଣ ଭୁଲ?

**ଆମେ ଯେଉଁମାନେ ନୀତି ନୈତିକତା କଥା ଉଚ୍ଚ କଣ୍ଠରେ କହି ନିଜର ମୁରବୀପଣିଆ, ଅଭିଭାବକତ୍ୱ ତଥା ଗୁରୁଜନଗିରି ଦେଖେଇ ନାନାଦି ଉପଦେଶ ଦେବାକୁ ସତତ ବ୍ୟଗ୍ର ଏବଂ ଉନ୍ମୁଖ, କେବେ ଥରେ 'ଗୋଦରୀ ଲୋ ନିଜ ଗୋଡ଼କୁ ଅନା' ନ୍ୟାୟରେ ନିଜକୁ କିମ୍ବା ନିଜ ନିଜର କାର୍ଯ୍ୟକଳାପକୁ ଅନୁଶୀଳନ କି ବିଶ୍ଳେଷଣ କରି ଆପଣାକୁ ଆପେ ପଚାରିଛନ୍ତି କି ଦେଶ ସ୍ୱାଧୀନ ହେବାର ୮୦ ବର୍ଷ ପୂରଣ ହେଉ ହେଉ ଦେଶ ମଧ୍ୟରେ ଯେଉଁ ଆବର୍ଜନା ସମଗ୍ର ବ୍ୟବସ୍ଥା ଭିତରେ ଭର୍ତ୍ତି ହୋଇଛି, ଯାହାକି ଆଗାମୀ ପିଢ଼ି ସ୍ୱଚ୍ଛନ୍ଦରେ ଜୀବନ ଯାପନ ପାଇଁ ସଂପୂର୍ଣ୍ଣ ଅନୁପଯୁକ୍ତ ? ସେଥିପାଇଁ କିଏ ଦାୟୀ?**

ଆମେ ଯେଉଁମାନେ ନୀତି ନୈତିକତା କଥା ଉଚ୍ଚ କଣ୍ଠରେ କହି ନିଜର ମୁରବୀପଣିଆ, ଅଭିଭାବକତ୍ୱ ତଥା ଗୁରୁଜନଗିରି ଦେଖେଇ ନାନାଦି ଉପଦେଶ ଦେବାକୁ ସତତ ବ୍ୟଗ୍ର ଏବଂ ଉନ୍ମୁଖ, କେବେ ଥରେ 'ଗୋଦରୀ ଲୋ ନିଜ ଗୋଡ଼କୁ ଅନା' ନ୍ୟାୟରେ ନିଜକୁ କିମ୍ବା ନିଜ ନିଜର କାର୍ଯ୍ୟକଳାପକୁ ଅନୁଶୀଳନ କି ବିଶ୍ଳେଷଣ କରି ଆପଣାକୁ ଆପେ ପଚାରିଛନ୍ତି କି ଦେଶ ସ୍ୱାଧୀନ ହେବାର ୮୦ ବର୍ଷ ପୂରଣ ହେଉ ହେଉ ଦେଶ ମଧ୍ୟରେ ଯେଉଁ ଆବର୍ଜନା ସମଗ୍ର ବ୍ୟବସ୍ଥା ଭିତରେ ଭର୍ତ୍ତି ହୋଇଛି, ଯାହାକି ଆଗାମୀ ପିଢ଼ି ସ୍ୱଚ୍ଛନ୍ଦରେ ଜୀବନ ଯାପନ ପାଇଁ ସଂପୂର୍ଣ୍ଣ ଅନୁପଯୁକ୍ତ ? ସେଥିପାଇଁ କିଏ ଦାୟୀ?

ବର୍ତ୍ତମାନ ଯେଉଁମାନେ ନିଜକୁ ମୁରବୀ, ଅଭିଭାବକ, ଗୁରୁଜନ ବୋଲି ଦାବି କରୁଛନ୍ତି, ସେହି ବୃଦ୍ଧ, ପ୍ରୌଢ଼ ଓ ଉତ୍ତର ଯୌବନରେ ପାଦ ଦେଇଥିବା ପିଢ଼ି ଏଥିପାଇଁ ଦାୟୀ ନା ଅନ୍ୟ କେଉଁ ଗ୍ରହର ଏଲିଅନ୍‌ମାନେ ଦାୟୀ? ଯଦି ଆମେ ଦାୟୀ, ତେବେ ତାହାକୁ ସୁଧାରିବାର ଦାୟିତ୍ୱ କାହାର? ଚାଲୁଥିଲା ସେହିପରି ଯେ ଯାବତ୍, ସବୁ ଠିକ୍ ଲାଗୁଥିଲା । ଏବେ ଯେତେବେଳେ ହଜାରେ ଛିଦ୍ର ଦେଖାଗଲାଣି, ସେ ଛିଦ୍ର ସବୁ କେମିତି ବନ୍ଦ କରାଯାଇ ବ୍ୟବସ୍ଥାରେ ସୁଧାର ଆସିବ, ସେଥିପାଇଁ ପ୍ରୟାସ କରାଯିବା ଜରୁରୀ ନା ଯେଉଁମାନେ ଆମପରି ଅନ୍ଧ, ମୂକ, ବଧିର ଓ ସ୍ଥବିରମାନଙ୍କୁ ଆଖି ଖୋଲି ଦେଖେଇଦେଲେ ବ୍ୟବସ୍ଥାର ଅଗଣନ ଛିଦ୍ର, ତାଙ୍କୁ ପ୍ରଥମେ ସହୃଦୟତାର ସହ ସ୍ନେହ, ପ୍ରେମ, ସଦିଚ୍ଛାରେ ଶୁଣିବା ଅବା ତାଙ୍କୁ ଦମନ କରିବା ପାଇଁ ମୁରବୀତ୍ୱ ଦେଖେଇ ଲାଠି, ଗୁଳି,ଗୋଳା, ଲୁହାବୁହା ଗ୍ୟାସ୍, ପେଲେଟ ଗନ୍, ୱାଟର କ୍ୟାନନ୍ ଆଦି ପ୍ରୟୋଗ କରି ଶକ୍ତି ପ୍ରଦର୍ଶନ କରିବା । କେଉଁ ମାର୍ଗଟା ଠିକ୍?

ଯେଉଁମାନେ ମରଣକୁ ବରଣ କରିବା ପାଇଁ ପଣ କରିସାରିଛନ୍ତି, ମନେରଖିବାକୁ ହେବ ମରଣ ତାଙ୍କ ପାଖରେ ମଥାନତ କରି ହାରି ସାରିଛି । ମୃତ୍ୟୁବିଜୟୀଙ୍କ ପାଇଁ କେଉଁ ଶକ୍ତିର ପ୍ରୟୋଗ କରି ତାଙ୍କୁ ତୁମେ ଆୟତ୍ତକୁ ଆଣିବ ? ଜଣେ ମଲେ ପଣେ ଆସି ଗୁଳି ଖାଇବାକୁ ଛାତି ଦେଖେଇବେ ହସିହସି । ତାର ଟ୍ରେଲର ସଭିଏଁ ଦେଖି ସାରିଛନ୍ତି ନିକଟ ଅତୀତରେ ଦେଶରେ ଘଟିଥିବା ଛାତ୍ର ଯୁବ ଆନ୍ଦୋଳନରେ । ସେମାନେ ସବୁ ଆମ ଭଳି ପୂର୍ବପିଢ଼ି ତିଆରି କରିଥିବା ଆବର୍ଜନାରୁ ସୃଷ୍ଟି । ସେମାନେ ସଗର ବଂଶ । ନିଜକୁ ଅସରପା କହିବାରେ ତାଙ୍କର ନା ଅଛି ତିଳେ ମାତ୍ର ଦ୍ୱିଧା ନା କୁଣ୍ଠା । ସେମାନେ ରକ୍ତବୀର୍ଯ୍ୟ । ତାଙ୍କୁ ତୁମେ ନିପାତ କରିପାରିବ ନାହିଁ, ଯେ ଯାବତ୍ ସଫା ନ କରିଛ ପୁଞ୍ଜିଭୂତ ଅଳିଆ ଓ ପୂତିଗନ୍ଧମୟ ନରକ ତୁଲ୍ୟ ପରିସ୍ଥିତି ଓ ପରିବେଶ ।

ସେମାନଙ୍କୁ ସୁଧାରିବା ପୂର୍ବରୁ ନିଜେ ସୁଧୁରି ଯିବା ଶ୍ରେୟସ୍କର । ନିଜ ଆଚରଣ ଓ ଉଚ୍ଚାରଣକୁ ଠିକ୍ ରଖିବା ଜରୁରୀ । ବୁଝିବାକୁ ହେବ, ଏ ସଂସାର କାହାର ଜାଗିର ନୁହେଁ କିମ୍ବା ସବୁଦିନ କାହାର ମନମାନି ଚଳିବ ନାହିଁ ଏଠାରେ । ତୁମର ମିଥ୍ୟା ଭେଳିକିରେ ଆଉ ସେମାନେ ଭଳିବେ ନାହିଁ । ସେମାନେ ବଦ୍ଧପରିକର, କାରଣ ଏହା ସମୟର ଆହ୍ୱାନ, ନିୟତିର ନିର୍ଦ୍ଦେଶ । ବ୍ୟବସ୍ଥାର ଆମୂଳଚୂଳ ପରିବର୍ତ୍ତନ ତାଙ୍କର ଲକ୍ଷ୍ୟ । ସେମାନଙ୍କ ପାଇଁ ସମୟ ଦିଅ ଓ ଧୈର୍ଯ୍ୟର ସହ ସେମାନଙ୍କୁ ଶୁଣ, ତାଙ୍କ ସହିତ ଆଲୋଚନା କର, ତାଙ୍କ ପରାମର୍ଶ ନିଅ, ଶାସନରେ ତାଙ୍କୁ ଭାଗୀଦାର କର, ତାଙ୍କ ଭବିଷ୍ୟତ ମହତ୍ୱପୂର୍ଣ୍ଣ ଓ ସଫଳ କରିବାର ଗୁରୁଦାୟିତ୍ୱ ନିଷ୍ଠା, ପ୍ରତିବଦ୍ଧତା, ସାଧୁତା, ସଚ୍ଚୋଟତା ଓ ସ୍ୱଚ୍ଛତାର ସହ ନିଜର କର୍ମ ଓ ଧର୍ମ ଭାବରେ ବିବେଚନା କରି ଯିଏ ଯେଉଁ ସ୍ଥାନରେ ଗାଦିରେ ଆସୀନ ଅଛ, ସେଠାରେ ନିଜ ନିଜର ଦାୟିତ୍ୱ ଠିକ୍ ଭାବେ ନିର୍ବାହ କରିବା ନିମନ୍ତେ ପ୍ରତିଶ୍ରୁତିବଦ୍ଧ ହୁଅ । ନଚେତ୍ 'ନେଡ଼ି ଗୁଡ଼ କହୁଣୀକୁ ବହିଗଲେ', 'ଦେଖ ଘଳିଆ ପଡ଼ିଲାଣି ବନ୍ଧରେ', ପରନ୍ତୁ ଏହି ଅବସ୍ଥାରେ ବନ୍ଧ ସମ୍ଭାଳି ରଖିବା ତୁମ ସାମର୍ଥ୍ୟ ଓ କର୍ତ୍ତୃତ୍ୱ ବାହାରକୁ ଚାଲିଯିବ । ବେଳହୁଁ ସାଧୁ ସାବଧାନ ହୁଅ ।

**(ଲେଖକ ଭାରତୀୟ ପ୍ରଶାସନିକ ସେବାର ଜଣେ ଅବସରପ୍ରାପ୍ତ ଅଧିକାରୀ ଓ ସୁଲେଖକ)**
**ପ୍ଲଟ ନମ୍ବର -୭୬୭(ପାର୍ଟ)ଜୟଦୁର୍ଗା ନଗର,ଭୁବନେଶ୍ୱର,ପିନ୍-୭୫୧୦୦୬,**
**ମୋ- ୯୪୩୭୩୮୨୨୮୧**

# ପାଠପଢ଼ା ଏକାଳର ଓ ସେକାଳର



**ସଚ୍ଚିଦାନନ୍ଦ ଦାଶ**

ଶିକ୍ଷା ପ୍ରତ୍ୟେକ ମଣିଷର ଏକ ଅଂଶ ବିଶେଷ । ଶିକ୍ଷା ବିନା ମଣିଷର ପ୍ରଗତି ଅସମ୍ଭବ । ସାଧାରଣତଃ ଶିକ୍ଷା ଆମମାନଙ୍କୁ ବିକାଶର ଆଲୋକ ଦେଖାଇଥାଏ । ତେଣୁ ଶିକ୍ଷା ମାଧ୍ୟମରେ ଜ୍ଞାନ ଅର୍ଜନ କରିବା ପାଇଁ ପାଠପଢ଼ା ଜରୁରୀ । ପାଠପଢ଼ା କହିଲେ, ବହି ପଢ଼ିବା ଓ ତା' ସଙ୍ଗେ ସଙ୍ଗେ ପଢ଼ାକୁ ବୁଝି ବିଚାରି ହୃଦୟଙ୍ଗମ କରିବା, ନିଜ ଭାବନାର ପରିପ୍ରକାଶରେ ଲେଖିବା, ଶିକ୍ଷକ, ଗୁରୁଜନ ଓ ଜ୍ଞାନୀ ବ୍ୟକ୍ତିମାନଙ୍କଠାରୁ ପାଠ ଶୁଣିବା ଏବଂ ସେଗୁଡ଼ିକୁ ଲେଖି ନିଜ ମନରେ ବାନ୍ଧି ରଖିବା ଇତ୍ୟାଦିକୁ ବୁଝାଯାଏ । ଏତଦ୍‌ବ୍ୟତୀତ ପାଠପଢ଼ା ଅର୍ଥ ପାଠପଢ଼ିବା ଓ ପଢ଼େଇବାକୁ ବୁଝାଏ । ଯେଉଁଥିରେ ଉଭୟ ପିଲା ବା ଛାତ୍ର ଓ ଶିକ୍ଷକ ଅର୍ନ୍ତଭୁକ୍ତ ଥାନ୍ତି ।

ଯାହା ହେଉ, ଏଠାରେ ସିଦ୍ଧାନ୍ତ ନିଆଯାଇପାରେ ଯେ, ଛାତ୍ରାବସ୍ଥା ପାଠପଢ଼ିବା ପାଇଁ ଉଦ୍ଦିଷ୍ଟ ଥିଲାବେଳେ ଶିକ୍ଷକମାନେ ପାଠ ପଢ଼େଇବା ପାଇଁ ନିଜକୁ ନିୟୋଜିତ କରିଥାନ୍ତି । ମାତ୍ର ସମୟର ଚକ୍ର ଉହାଡ଼ରେ ପୁରାତନ କାଳର ପାଠପଢ଼ା ଢ଼ାଞ୍ଚାରେ ପରିବର୍ତ୍ତନ ହୋଇ ଚାଲିଛି । ସମୟର ପରିବର୍ତ୍ତନ ସହିତ ଆଜି ଆମ ପାଠପଢ଼ାର ରୂପରେଖ ବଦଳି ଯାଇଛି । ସେ ବେଳର ପାଠପଢ଼ା ତଥା ଶିକ୍ଷା ବ୍ୟବସ୍ଥା ଓ ଏବକାର ପାଠପଢ଼ାର ଢ଼ାଞ୍ଚାର ଏକ ତୁଳନାତ୍ମକ ଚିତ୍ରକୁ ନେଇ ଆଲୋଚନା କରାଯାଉ । ପୁରାତନ କାଳରେ ଆମେ ପଢ଼ିଲାବେଳେ କେତେ ଅଭାବ ଅସୁବିଧା ଭିତରେ ଶିକ୍ଷାଲାଭ କରୁଥିଲୁ, ତାହା ଆଜି ବି ମନେ ପଡ଼ିଗଲେ କଷ୍ଟ ଲାଗେ । ବାପାଙ୍କ ସ୍ୱଳ୍ପ ଉପାର୍ଜିତ ଆୟ ହିଁ ଅଧିକାଂଶ ପରିବାରର ଏକମାତ୍ର ପାଠପଢ଼ାର ଭରସା ଥିଲା । ବେଳେ ବେଳେ ଯୌଥ ପରିବାର ଭିତରେ ରହି ଖାଇବା, ପିଇବା ଓ ପୋଷକପତ୍ରଠୁ ଆରମ୍ଭ କରି ପାଠପଢ଼ା କ୍ଷେତ୍ରରେ ଆମମାନଙ୍କୁ ମାପଚୁପ୍‌ରେ ଚଳିବାକୁ ପଡୁଥିଲା । ପରିବାର ଭିତରେ ଯେତେବେଳେ ଯାହାର ବହି, ଖାତା ଇତ୍ୟାଦି ପଢ଼ିବା ସରଞ୍ଜାମ ଦରକାର ହେଉଥିଲା, ବାପା ଆଣି ଦେଉଥିଲେ । ଆଉ ସେତିକିରେ ଆମ ପୁଅଝିଅଙ୍କୁ ସନ୍ତୁଷ୍ଟ ହେବାକୁ ପଡୁଥିଲା । ରାଗରୋଷ ନଥିଲା କି ପ୍ରତିବାଦ ନଥିଲା । ଯେଉଁ ବହି ପଢ଼ିବାକୁ ନ ମିଳେ, ସାଙ୍ଗମାନଙ୍କ ଠାରୁ ଆଣି ନୋଟ୍ ଖାତା ବନେଇ ଦବାକୁ ପଡୁଥିଲା । ଛୁଟିଦିନଗୁଡ଼ିକରେ ଚିନି ଲଗେଇ ରୁଟି ହଉ ବା ପିଠା ହେଉ ଖାଇ ଦେଇ ବହି ଖାତା ଧରି ପାଠ ପଢ଼ିବାକୁ ବସି ଯାଉଥିଲୁ । ଅନ୍ୟ ଦିନେ ୯ଟା ବେଳକୁ କଂସାଏ ପଖାଳ ଓ ଆଳୁଭରତା ଖାଇ ସ୍କୁଲକୁ ବାହାରି ପଡୁଥିଲୁ ।

ଆଜିକାଲି ପରି ସେତେବେଳେ ପାଠ ପଢ଼ିଯିବାକୁ ରାସ୍ତାଘାଟ କି ସ୍କୁଲ କଲେଜରେ ପର୍ଯ୍ୟାପ୍ତ ସୁବିଧା ସୁଯୋଗ ନଥିଲା । ପାଦରେ ଚାଲି ଚାଲି କିଆବୁଦା ଅତିକ୍ରମ କରି ସ୍କୁଲ ଯିବାକୁ ପଡୁଥିଲା । ସେତେବେଳ ପାଠପଢୁଆ ପିଲାମାନଙ୍କ ପାଇଁ ଚାକିରି ମିଳି ଯାଉଥିଲା । ମାଟ୍ରିକ ପଢ଼ା ସରିବା ପରେ କିରାଣୀ ଚାକିରି ମିଳି ଯାଉଥିଲା । ଏମ.ଏ. ପାସ କଲେ ଅଧ୍ୟାପକ ଚାକିରି ସହଜରେ ମିଳି ଯାଉଥିଲା । ଡାକ୍ତରୀ ଓ ଇଂଜିନିୟରିଂ ପାଠ ପଢ଼ିବା ପାଇଁ ବିଶେଷ ପ୍ରତିଯୋଗିତା କରିବାକୁ ପଡୁନଥିଲା । କାରଣ କ୍ରମିକ ନମ୍ବର ଓ ମେଧା ଅନୁସାରେ ଛାତ୍ରମାନଙ୍କୁ ସିଟ୍ ମିଳି ଯାଉଥିଲା । ଯେଉଁମାନେ ଚାକରି ପାଉ ନଥିଲେ, ସେମାନେ ବାପା, ଦାଦାମାନଙ୍କ ସଙ୍ଗେରେ ଚାଷ କାମରେ ନିଜକୁ ନିୟୋଜିତ କରୁଥିଲେ ।

ସନ୍ଧ୍ୟା ସମୟ ହେଲେ ଘଣ୍ଟ ଓ ଶଙ୍ଖ ବଜାଇ ଈଶ୍ୱରଙ୍କୁ ପ୍ରାର୍ଥନା କରିବାରେ ମାତି ଯାଉଥିଲୁ । ପ୍ରାର୍ଥନାପରେ ଲଣ୍ଠଣ ବା ଲ୍ୟାମ୍ପ ଆଲୁଅରେ ପଢ଼ାରେ ମଜି ଯାଉଥିଲୁ । ଶ୍ରେଣୀ ଶିକ୍ଷକଙ୍କଦ୍ୱାରା ଦିଆଯାଇଥିବା ହୋମ୍ ୱାର୍କ (ଗୃହକାର୍ଯ୍ୟ) କରିଚାଲୁ । ଆଗକାଳରେ ଶିକ୍ଷକ ମାନଙ୍କର ମଧ୍ୟ ନୈତିକ ମୂଲ୍ୟବୋଧ ଥିଲା । ଯାହା ଫଳରେ ପଢ଼ାରେ ଦୁର୍ବଳ ଥିବା ଛାତ୍ରକୁ ଘରକୁ ଡାକି ପାଠ ବୁଝାଇ ଦେଉଥିଲେ ଶିକ୍ଷକମାନେ । ସେତେବେଳେ ଶିକ୍ଷକ ଓ ଛାତ୍ରଙ୍କ ମଧ୍ୟରେ ସମ୍ପର୍କ ମଧୁର ଥିଲା । ଛାତ୍ରମାନଙ୍କର ଶିକ୍ଷକମାନଙ୍କ ପ୍ରତି ଭୟ ଓ ଭକ୍ତି ଥିଲା, ଯାହା ଛାତ୍ରମାନଙ୍କୁ ପାଠପଢ଼ିବାର ପ୍ରେରଣା ଓ ଉତ୍ସାହ ଯୋଗାଉଥିଲା । ବାପାମାନେ ଆମ ପାଠପଢ଼ା ପାଖରେ ବସି ପାଠ ତଦାରଖ କରିବା ସଙ୍ଗେ ସଙ୍ଗେ ସତ୍ ପରାମର୍ଶ ଦେଉଥିଲେ ଏବଂ ନୀତିବାଣୀ ଶୁଣାଉଥିଲେ । ପୁରାତନ କାଳରେ ପିଲାମାନେ ଅତ୍ୟନ୍ତ ସାଧୁତାର ସହିତ ପରୀକ୍ଷା ଦେଉଥିଲେ । ପରୀକ୍ଷାରେ କପି କରିବାକୁ ଭୟ କରୁଥିଲେ । ପିଲାମାନେ ଉଭୟ ପିତାମାତା ଓ ଶିକ୍ଷକଙ୍କ ଠାରୁ ନୈତିକ ଶିକ୍ଷା ଲାଭ କରୁଥିଲେ । ଶିକ୍ଷକମାନେ ମଧ୍ୟ ନିଷ୍ଠାର ସହିତ ପାଠ ପଢ଼ାଉଥିଲେ । ଏହା ତ ଗଲା ସେ ବେଳର ପାଠପଢ଼ା ।

ଏଥର ଏ ବେଳର ପାଠପଢ଼ାକୁ ଆଲୋଚନାର ପରିସରକୁ ନବା । ଆଜିର ବେଳ ହେଲା କମ୍ପ୍ୟୁଟର, ଏ.ଆଇ ଓ ମୋବାଇଲର ଯୁଗ । ପ୍ରତି ଛାତ୍ର ହାତରେ ମୋବାଇଲ । କରୋନା ପରଠାରୁ ମୋବାଇଲରେ ପାଠପଢ଼ା ଆରମ୍ଭ ହୋଇଯାଇଛି । ପିଲାମାନେ ବହିପଢ଼ି ନିଜ ବୌଦ୍ଧିକ ଭାବନାରେ ପ୍ରଶ୍ନର ଉତ୍ତର ଲେଖିବା ପରିବର୍ତ୍ତେ ଇଣ୍ଟରନେଟ୍‌ରୁ ଉତ୍ତର ଦେଖି ନେଉଛନ୍ତି । ପିଲାମାନଙ୍କର ବହି ପଢ଼ିବା ଅଭ୍ୟାସ କେବେଠାରୁ ଗଲାଣି । ବର୍ତ୍ତମାନ ସ୍ଥିତିରେ ଛାତ୍ରମାନେ ଉପର ଠାଉରିଆ ଭାବେ ଯେତିକି ପାରୁଛନ୍ତି ସେତିକି ବହି ପଢୁଛନ୍ତି । ଦୁରଦୂରାନ୍ତ ଗ୍ରାମରେ ଛାତ୍ରମାନେ ଉନ୍ନତମାନର ଶିକ୍ଷା ପାଇ ପାରୁନାହାନ୍ତି, କାରଣ ଅନେକ ଗ୍ରାମରେ ଇଣ୍ଟରନେଟ୍‌ର ସୁବିଧା ନାହିଁ । ଆଜିର ଯୁଗରେ ଇଣ୍ଟରନେଟ୍ ଓ ଡିଜିଟାଲ ଟେକ୍‌ନୋଲୋଜିର ବ୍ୟବହାର ପିଲାମାନଙ୍କ ଚିନ୍ତନ ତଥା ବୌଦ୍ଧିକ ଶକ୍ତି କମାଇ ଦେଲାଣି । ଛାତ୍ରମାନଙ୍କଠାରୁ ସୃଜନଶୀଳତା ଓ ନୂତନତ୍ୱ ଉଦ୍‌ଭାବନର କ୍ଷମତା ଆସ୍ତେ ଆସ୍ତେ ଅପସରି ଯାଉଛି ।

ଅତିରିକ୍ତ ମୋବାଇଲର ବ୍ୟବହାର ଦ୍ୱାରା ପିଲାମାନଙ୍କର ବାକ୍‌ଶକ୍ତି ଓ ଶ୍ରବଣଶକ୍ତି ମଧ୍ୟ କ୍ଷତିଗ୍ରସ୍ତ ହେଉଛି । ଫଳରେ ପରୋକ୍ଷରେ ପିଲାମାନଙ୍କର ପାଠପଢ଼ାରେ ବ୍ୟାଘାତ ଘଟୁଛି । ପିଲାମାନେ ବିଶୃଙ୍ଖଳିତ ହେବାରୁ ନିବୃତ୍ତ ହେଉ ନାହାନ୍ତି । ଘର ଓ ପରିବାର ମଧ୍ୟରେ ବାର୍ତ୍ତାଳାପ ଓ କଥା ବିନିମୟ ଇତ୍ୟାଦି ଆଉ ଭଲ ଅବସ୍ଥାରେ ନାହିଁ । ସମସ୍ତେ ମୋବାଇଲର ଯାଦୁରେ କବଳିତ ହୋଇ ଏକରକମ ମୂକ ପାଲଟି ଗଲେଣି । **ପିଲାମାନେ ନୈତିକ ଶିକ୍ଷା ଭୁଲିଗଲେଣି । ପାଠପଢିବାକୁ କଲେଜ ନ ଯାଇ ଅନ୍ୟସାଙ୍ଗ ସାହାଯ୍ୟରେ ପ୍ରକ୍ସିର ବ୍ୟବସ୍ଥା କରି ଦିଅନ୍ତି । ଶିକ୍ଷକ ଓ ଅଧ୍ୟାପକମାନଙ୍କୁ ବେଖାତିର କରି ଚାଲିଛନ୍ତି। ଛାତ୍ରମାନେ ପାଠପଢ଼ାରେ ମନ ନ ଦେଇ ଖରାପ ଆଚରଣ ପ୍ରଦର୍ଶନରେ ନିଜକୁ ହଜେଇ ଦିଅନ୍ତି । ପରିବାରରେ ପିଲାମାନେ ନୈତିକତାର ମୂଲ୍ୟକୁ ଭୁଲିଯାନ୍ତି ।** ସେମାନେ ନିଜ ଇଚ୍ଛାରେ ପରିଚାଳିତ ହୁଅନ୍ତି । ପାଠପଢ଼ାକୁ ଖାମଖିଆଲ ଭାବରେ ନିଅନ୍ତି । ସେମାନେ ପରିବାରରେ ବାପା ମା, ଗୁରୁଜନମାନଙ୍କୁ ଭୟ କରନ୍ତି ନାହିଁ । ଆଉ ମଧ୍ୟ ଭାବିନିଅନ୍ତି ଯେ, 'ଆମେ ନିଜ ହାତରେ ନିଜେ ଚଉଦ ପା' । ପାଠପଢ଼ାରେ ମନଧ୍ୟାନ କମିଯିବାରୁ ସେମାନଙ୍କ ପାଇଁ ଦରକାର ପଡ଼େ ଟିଉସନ ଓ କୋଚିଂ । ସ୍କୁଲ କଲେଜ ଯିବାକୁ ଗାଡ଼ିର ପ୍ରୟୋଜନ ହୋଇପଡ଼େ ।

ବାପାମା'ଙ୍କ ପାଖରେ ଗାଡ଼ି କିଣିବା ପାଇଁ ଜିଦ୍ ଧରି ବସନ୍ତି । ଅନେକ ପିଲା କୋଚିଂ ସେଣ୍ଟରରେ ଯାଇ ପାଠରେ ମନ ନଦେଇ ଅନ୍ୟାନ୍ୟ କାର୍ଯ୍ୟ କରି ଚାଲନ୍ତି । ମୋଟ ଉପରେ କହିବାକୁ ଗଲେ, ଆଧୁନିକ ପାଠପଢ଼ାରେ ଆଧ୍ୟାତ୍ମିକତା, ନୈତିକ ଆଦର୍ଶ ଓ ସଂସ୍କାରର ଅଭାବ ରହିଛି । ପାଠପଢ଼ା କେବଳ ପଦାର୍ଥବାଦୀ ଚିନ୍ତାଧାରା ଓ ଅର୍ଥପ୍ରାପ୍ତି ମଧ୍ୟରେ ସୀମିତ ରହୁଛି । ଛାତ୍ରଛାତ୍ରୀମାନେ ପାଠ୍ୟକ୍ରମର ବିଷୟବସ୍ତୁକୁ ବୁଝିବା ବଦଳରେ ରଟଣାବିଦ୍ୟାକୁ ଆବୋରି ବସୁଛନ୍ତି । ବାସ୍ତବ ଜୀବନରେ କାମରେ ଆସୁଥିବା ବ୍ୟବହାରିକ ଓ ଶରୀରିକ ଶ୍ରମଭିତ୍ତିକ ଜ୍ଞାନ ଏଥିରେ ମିଳୁନାହିଁ । ଆଜିର ଶିକ୍ଷା ତଥା ପାଠପଢ଼ା ବାଣିଜ୍ୟକରଣ ହେବା ଫଳରେ ସାଧାରଣ ଓ ଗରିବପିଲାମାନେ ଉଚ୍ଚମାନର ଶିକ୍ଷାରୁ ବଞ୍ଚିତ ହେଉଛନ୍ତି ।

ଶେଷରେ ଆସନ୍ତୁ ଆଧୁନିକ ଶିକ୍ଷାକୁ ଗ୍ରହଣ କରିବା ସଙ୍ଗେ ସଙ୍ଗେ ପୁରାତନ ପାଠପଢ଼ାର ଆଦର୍ଶକୁ କେତେକାଂଶରେ ଆପଣେଇ ଚାଲିବା । ଫଳରେ ପିଲାଙ୍କ ପାଠପଢ଼ା ବ୍ୟବସ୍ଥା କିଛିଟା ସୁଧୁରିଯିବ ।

**ସିଡ଼ିଏ., କଟକ**
**ମୋ - ୭୦୦୮୬୫୦୬୯୩**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ମହାନଦୀରେ...

ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ଅନୁଯାୟୀ, ଗାଙ୍ଗେୟ ପଶ୍ଚିମବଙ୍ଗ ଓ ଏହାର ସଂଲଗ୍ନ ଝାଡ଼ଖଣ୍ଡ ଏବଂ ଉତ୍ତର ଓଡ଼ିଶା ଅଞ୍ଚଳ ଉପରେ ରହିଥିବା ଲଘୁଚାପ କ୍ଷେତ୍ର ସମାନ ଅଞ୍ଚଳରେ ସକ୍ରିୟ ରହିଛି । ଏହା ସହିତ ସଂପୃକ୍ତ ଘୂର୍ଣ୍ଣିବଳୟ ପ୍ରବାହ ସମୁଦ୍ର ପତ୍ତନଠାରୁ ପ୍ରାୟ ୭.୬ କିଲୋମିଟର ଉଚ୍ଚତା ପର୍ଯ୍ୟନ୍ତ ବିସ୍ତୃତ ରହିଛି । ଆସନ୍ତା ୨୪ ଘଣ୍ଟାରେ ଏହି ପ୍ରଣାଳୀ ଝାଡ଼ଖଣ୍ଡ ଓ ଉତ୍ତର ଓଡ଼ିଶା ଦେଇ ପ୍ରାୟ ଉତ୍ତର-ପଶ୍ଚିମ ଦିଗକୁ ଗତି କରିବାର ସମ୍ଭାବନା ରହିଛି ।

ରାଜ୍ୟର କେତେକ ଜିଲ୍ଲାରେ ବଜ୍ରପାତ ସହ ଘଡ଼ଘଡ଼ି ଏବଂ ଘଣ୍ଟା ପ୍ରତି ୩୦ରୁ ୪୦ କିଲୋମିଟର ବେଗରେ ଝଟକା ପବନ ବହିବାର ସମ୍ଭାବନା ରହିଛି । ଏଥିପାଇଁ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, କେନ୍ଦୁଝର, ମୟୂରଭଞ୍ଜ, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ ଜିଲ୍ଲା ପ୍ରଶାସନକୁ ସଜାଗ ରହିବାକୁ ପରାମର୍ଶ ଦିଆଯାଇଛି ।

ଗତ ୨୪ ଘଣ୍ଟାରେ ରାଜ୍ୟରେ ହାରାହାରି ୧୭.୫ ମିଲିମିଟର ବର୍ଷା ରେକର୍ଡ ହୋଇଛି । ଦେବଗଡ଼ ଜିଲ୍ଲାର ବାରକୋଟ ବ୍ଲକରେ ସର୍ବାଧିକ ୧୬୨.୨ ମିଲିମିଟର ବର୍ଷା ହୋଇଛି । ଚାରୋଟି ବ୍ଲକରେ ୧୦୦ ମିଲିମିଟରରୁ ଅଧିକ ଏବଂ ୯ଟି ବ୍ଲକ ଓ ଗୋଟିଏ ପୌରାଞ୍ଚଳରେ ୫୦ରୁ ୧୦୦ ମିଲିମିଟର ବର୍ଷା ରେକର୍ଡ ହୋଇଛି । ଅଗଷ୍ଟ ୧ରୁ ୨୫ ତାରିଖ ପର୍ଯ୍ୟନ୍ତ ରାଜ୍ୟର ସମୁଦାୟ ବର୍ଷା ୩୪୪.୪ ମିଲିମିଟର ରହିଥିବା ବେଳେ ସ୍ୱାଭାବିକ ବର୍ଷା ୨୮୭.୧ ମିଲିମିଟର ତୁଳନାରେ ୨୦ ପ୍ରତିଶତ ଅଧିକ । ଜୁନ୍୧ରୁ ଅଗଷ୍ଟ ୨୫ ପର୍ଯ୍ୟନ୍ତ ସମୁଦାୟ ବର୍ଷା ୧୧୦୦.୬ ମିଲିମିଟର ହୋଇଥିବା ବେଳେ ସ୍ୱାଭାବିକ ୮୩୧.୫ ମିଲିମିଟର ତୁଳନାରେ ୩୨.୪ ପ୍ରତିଶତ ଅଧିକ ରହିଛି ।

ବର୍ତ୍ତମାନ ଭଦ୍ରକ, ଯାଜପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାର କେତେକ ଅଞ୍ଚଳ ବନ୍ୟା ପ୍ରଭାବିତ ହୋଇଛି । ଭଦ୍ରକ ଜିଲ୍ଲାର ତିହିଡ଼ି ଓ ଚାନ୍ଦବାଲି ବ୍ଲକର ୧୮ଟି ଗ୍ରାମ ପଞ୍ଚାୟତ ଅଧୀନ ୭୦ଟି ଗ୍ରାମର ୭୫,୪୩୨ ଜଣ ଲୋକ ପ୍ରଭାବିତ ହୋଇଛନ୍ତି । ଯାଜପୁର ଜିଲ୍ଲାର ବରୀ, ବିଂାରପୁର ଓ ଦଶରଥପୁର ବ୍ଲକର ୧୫ଟି ଗ୍ରାମ ପଞ୍ଚାୟତ ଅଧୀନ ୪୧ଟି ଗ୍ରାମର ୨୧,୦୧୦ ଜଣ ଲୋକ ପ୍ରଭାବିତ ହୋଇଥିବା ବେଳେ ୬୭ଟି ରିଲିଫ୍ କ୍ୟାମ୍ପ ଚାଲୁ ରହିଛି । କେନ୍ଦ୍ରାପଡ଼ା ଜିଲ୍ଲାର ୫ଟି ବ୍ଲକ, ଗୋଟିଏ ପୌରାଞ୍ଚଳ, ୧୧ଟି ୱାର୍ଡ, ୩୫ଟି ଗ୍ରାମ ପଞ୍ଚାୟତ ଓ ୬୪ଟି ଗ୍ରାମର ୫,୪୭୫ ଜଣ ଲୋକ ପ୍ରଭାବିତ ହୋଇଛନ୍ତି । ସେଠାରେ ୧୩ଟି ରିଲିଫ୍ କ୍ୟାମ୍ପ ଚାଲୁ ରହିଛି । ଅତ୍ୟଧିକ ବର୍ଷା ଯୋଗୁ କେନ୍ଦୁଝର, ନବରଙ୍ଗପୁର ଓ କୋରାପୁଟ ଜିଲ୍ଲାର କେତେକ ଅଞ୍ଚଳ ମଧ୍ୟ ପ୍ରଭାବିତ ହୋଇଛି । ନବରଙ୍ଗପୁର ଜିଲ୍ଲାର ୯ଟି ବ୍ଲକ୍ ପ୍ରଭାବିତ ହୋଇଥିବା ବେଳେ ୧,୬୨୨ ଜଣଙ୍କୁ ସ୍ଥାନାନ୍ତର କରାଯାଇ ରିଲିଫ୍ କ୍ୟାମ୍ପରେ ରଖାଯାଇଛିଛ କୋରାପୁଟରେ ୬୬୦ ଜଣଙ୍କୁ ସ୍ଥାନାନ୍ତର କରାଯାଇଛି । ପ୍ରଭାବିତ ଅଞ୍ଚଳରେ ତ୍ୱରିତ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ପାଇଁ ମୋଟ ୭୯ଟି ଉଦ୍ଧାରକାରୀ ଦଳ ନିୟୋଜିତ ହୋଇଛନ୍ତି । ଏଥିରେ ୨୮ଟି ଓଡ୍ରାଫ୍ ଟିମ୍, ୧ଟି ଏନ୍ଡିଆର୍ଏଫ୍ ଟିମ୍ ଏବଂ ୫୦ଟି ଅଗ୍ନିଶମ ଓ ଜରୁରୀକାଳୀନ ସେବା ଟିମ୍ ସାମିଲ ଅଛନ୍ତି ।

## ଦିନକରେ...

କାଟୁଥିବା ନେଇ ବାପାଙ୍କୁ କହିଥିଲେ । କିଛି ସମୟ ପରେ ଭଉଣୀ ସାଇରେନ ମଧ୍ୟ ସମାନ ଅଭିଯୋଗ କରିଥିଲେ । ପରିବାର ଲୋକେ ଉଭୟଙ୍କୁ ପ୍ରଥମେ ସ୍ଥାନୀୟ ହସ୍ପିଟାଲ ଓ ପରେ ରାଉରକେଲା ସରକାରୀ ଡାକ୍ତରଖାନାକୁ ନେଇଥିଲେ । ହେଲେ ଉଭୟଙ୍କୁ ବଞ୍ଚାଇବା ସମ୍ଭବ ହୋଇନଥିଲା । ଏଭଳି ଭାବେ କେଇ ଘଣ୍ଟା ମଧ୍ୟରେ ସୁନ୍ଦରଗଡ଼ ମାଟିରୁ ୪ଟି ନିରୀହ ଜୀବନ ଚାଲିଯାଇଛି । ଘଟଣା ପରେ ଦୁଇ ପରିବାରରେ ଶୋକର ଛାୟା ଖେଳିଯାଇଛି ।

ଅନ୍ୟପଟେ ସୁବର୍ଣ୍ଣରେଖା ନଦୀରେ ବନ୍ୟା ପରେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳରେ ସାପ ଆତଙ୍କ ବଢ଼ିଛି । ବାଲିଆପାଳ ଥାନା ଅନ୍ତର୍ଗତ ବିଷ୍ଣୁପୁର ଗାଁରେ ସର୍ପାଘାତରେ ନନ୍ଦିତା ପ୍ରାମାଣିକ ନାମକ ଜଣେ ନାବାଳିକାଙ୍କ ମୃତ୍ୟୁ ହୋଇଛି । ପରିବାର ଲୋକଙ୍କ ସହ ଘର ବାହାରେ ଶୋଇଥିବା ବେଳେ ତାଙ୍କୁ ବିଷାକ୍ତ ସାପ କାମୁଡ଼ିଥିଲା । ଗୁରୁତର ଅବସ୍ଥାରେ ତାଙ୍କୁ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସେହିପରି ଭଦ୍ରକ ଜିଲ୍ଲା ଚାନ୍ଦବାଲି ଅଞ୍ଚଳରେ ମଧ୍ୟ ସାପ କାମୁଡ଼ାରେ ଜଣେ ନାବାଳିକାଙ୍କ ଜୀବନ ଯାଇଛି । ମୃତକ ହେଲେ ଉଟ୍‌କୁଡ଼ା ପଞ୍ଚାୟତ ମୃଗଣୟନୀ ଗାଁର ଖଗେଶ୍ୱର ବେହେରାଙ୍କ ୧୧ ବର୍ଷୀୟ ଝିଅ ସମ୍ପୂର୍ଣ୍ଣା ବେହେରା । ସୋମବାରି ରାତିରେ ତାଙ୍କୁ ସାପ କାମୁଡ଼ିଥିବା ଜଣାପଡ଼ିଥିଲା । ମଙ୍ଗଳବାର ସକାଳେ ପରିବାର ଲୋକେ ତାଙ୍କୁ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଗୋଟିଏ ଦିନରେ ସାପ କାମୁଡ଼ାରେ ୬ ଜଣଙ୍କ ମୃତ୍ୟୁ ଘଟଣା ଚିନ୍ତା ବଢ଼ାଇଛି । ବିଶେଷକରି ବନ୍ୟା ଓ ବର୍ଷା ସମୟରେ ସାପ ଭୟ ବଢୁଥିବାରୁ ଲୋକଙ୍କୁ ସତର୍କ ରହିବା ସହ ସାପ କାମୁଡ଼ିଲେ ତୁରନ୍ତ ନିକଟସ୍ଥ ହସ୍ପିଟାଲରେ ଚିକିତ୍ସା ନେବା ଜରୁରି ।

## ୪୫୨ ଶୈବପୀଠରେ...

ଭଳି ଅଘଟଣ ସାମ୍ନାକୁ ଆସିନାହିଁ । ଶ୍ରଦ୍ଧାଳୁଙ୍କ ଆଗମନକୁ ଆଧାର କରି ବିଭିନ୍ନ ଶୈବପୀଠରେ ଆବଶ୍ୟକତା ଅନୁସାରେ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା । ବଲାଙ୍ଗୀର, ବାଲେଶ୍ୱର, କୋରାପୁଟ, ଭୁବନେଶ୍ୱରରେ ଥିବା ଶୈବପୀଠ ଗୁଡ଼ିକରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । କେନ୍ଦ୍ରାଞ୍ଚଳ କଟକ ଅଧୀନରେ ଲୋକନାଥ ଦେବ, ଯୋଡିଲିଙ୍ଗ ଶୈବପୀଠ, ବାଲିକପିଳେଶ୍ୱର ଓ ଧବଳେଶ୍ୱର ଭଳି ପ୍ରମୁଖ ଶୈବପୀଠରେ ମଧ୍ୟ ବ୍ୟାପକ ପୋଲିସ ଫୋର୍ସ ନିୟୋଜିତ ହୋଇଥିଲେ । ଶ୍ରାବଣ ମାସର ପ୍ରତ୍ୟେକ ସୋମବାର ପୂର୍ବରୁ କମିଶନରେଟ୍ ପୋଲିସ ଓ ଜିଲ୍ଲା ପୋଲିସ ପକ୍ଷରୁ ଆଗୁଆ ଯାତାୟାତ ପରାମର୍ଶ ଜାରି କରାଯାଇଥିଲା । ରବିବାର ସନ୍ଧ୍ୟାରୁ ସୋମବାର ଅପରାହ୍ଣ ପର୍ଯ୍ୟନ୍ତ ସମ୍ଭାବ୍ୟ ଭିଡକୁ ଆକଳନ କରି ସମ୍ବେଦନଶୀଳ ଅଞ୍ଚଳରେ ଆବଶ୍ୟକ ଯାତାୟାତ କଟକଣା ଲାଗୁ ହୋଇଥିଲା । ଗଡଗଡିଆ ଘାଟ ଓ ମଧୁସୂଦନ ସେତୁ ଭଳି ସ୍ଥାନରେ ଯାତାୟାତକୁ ସୂଚାରୁ ଭାବେ ନିୟନ୍ତ୍ରଣ କରାଯିବା ସହ ଜରୁରୀକାଳୀନ ଯାନବାହନର ଚଳାଚଳ ନିରବଚ୍ଛିନ୍ନ ରଖାଯାଇଥିଲା । ପ୍ରମୁଖ ଶୈବପୀଠ ଗୁଡିକରେ ଅତ୍ୟଧିକ ଭିଡକୁ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ଭିଡ ନିୟନ୍ତ୍ରଣ ଦଳ, କୁଇକ୍ ରେସ୍‌ପନ୍ସ ଟିମ୍‌କୁ ସଜାଗ ରଖାଯାଇଥିବା ରାଜ୍ୟ ପୋଲିସ ମୁଖ୍ୟାଳୟ ସୂତ୍ରରୁ ପ୍ରକାଶ ।

ମହିଳା, ବରିଷ୍ଠ ନାଗରିକ, ଶିଶୁ ଓ ଦିବ୍ୟାଙ୍ଗ ଭକ୍ତଙ୍କ ପାଇଁ ପ୍ରମୁଖ ଶୈବପୀଠ ଗୁଡିକରେ ସ୍ୱତନ୍ତ୍ର ସୁରକ୍ଷା ଓ ସହାୟତା ବ୍ୟବସ୍ଥା କରାଯାଇଥିଲା । ନଦୀ ଓ ଅନ୍ୟାନ୍ୟ ଜଳପଥ ନିକଟରେ ମଧ୍ୟ ସୁରକ୍ଷାକୁ ସୁଦୃଢ଼ କରାଯାଇଥିବା ପୋଲିସ କହିଛି । ମନ୍ଦିର ସେବାୟତ, ସ୍ୱେଚ୍ଛାସେବୀ ଓ ସ୍ଥାନୀୟ ଲୋକଙ୍କ ସହଯୋଗରେ ଭକ୍ତମାନଙ୍କ ସୁରକ୍ଷା ଓ ସୁବିଧାକୁ ଅଧିକ ଗୁରୁତ୍ୱ ଦିଆଯାଇଥିଲା । ଶ୍ରାବଣ ମେଳା ପରିଚାଳନା ନୀତିକୁ ଅନୁସରଣ କରାଯିବା ସହ ବିଭିନ୍ନ ପର୍ଯ୍ୟାୟରେ ଏକାଧିକ ସମନ୍ୱୟ ବୈଠକ ଆୟୋଜନ କରାଯାଇଥିଲା । ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ ନିରନ୍ତର ଯୋଗାଯୋଗ, ସୂଚନାର ଆଦାନପ୍ରଦାନ ଯୋଗୁ ସମଗ୍ର ମେଳା ପରିଚାଳନା ସୂଚାରୁରୂପେ ସମ୍ପନ୍ନ ହୋଇଥିଲା । ସୁଚିନ୍ତିତ ଯୋଜନା ସବୁ ପୋଲିସ ରେଞ୍ଜ୍ ମଧ୍ୟରେ ଉତ୍ତମ ସମନ୍ୱୟ ଏବଂ ଶ୍ରଦ୍ଧାଳୁଙ୍କ ସହଯୋଗ ଯୋଗୁ ଶ୍ରାବଣ ମାସ ସୋମବାର ଗୁଡିକରେ ଶୃଙ୍ଖଳିତ ଭାବେ ଜଳଲାଗି କାର୍ଯ୍ୟ ସମାପିତ ହୋଇଛି ବୋଲି ଡିଜିପି ଶ୍ରୀ ମିଶ୍ର କହିଛନ୍ତି ।

## ମୁଖ୍ୟମନ୍ତ୍ରୀଙ୍କ...

କରିଥିଲେ । ପୋଲିସ ସେମାନଙ୍କୁ ସେଠାରେ ଅଟକାଇଥିଲା । ଛାତ୍ର ଏବଂ ବରିଷ୍ଠ ଅଧିକାରୀଙ୍କ ମଧ୍ୟରେ ଏହି ସମୟରେ ଆଲୋଚନା ହୋଇଛି । ଆଶା କରାଯାଉଛି ଏହାର କିଛି ସମାଧାନ ଆସିବ । ଛାତ୍ରଛାତ୍ରୀମାନଙ୍କର ଦାବି ହେଉଛି ଯେ ୭୦ତମ ବିପିଏସ୍‌ସି ପରୀକ୍ଷା ବାତିଲ କରାଯାଉ । କଂଗ୍ରେସ ନେତା ସୁଶିଲ କୁମାର କହିଛନ୍ତି ଯେ ଆମେ ମଧ୍ୟ ଶିକ୍ଷକ ନିଯୁକ୍ତି ପରୀକ୍ଷା ୪.୦କୁ ବାତିଲ କରିବାକୁ ଚାହୁଁଛୁ । ବିହାର ଷ୍ଟାଫ୍ ସିଲେକ୍ସନ୍ କମିଶନ ଓ ସବ୍‌ଇନ୍‌ସପେକ୍ଟର ନିଯୁକ୍ତି ପରୀକ୍ଷାରେ ଅନିୟମିତତା ହୋଇଛି । ଏହି ପରୀକ୍ଷାକୁ ବାତିଲ କରାଯାଉ । ସରକାରଙ୍କ ପକ୍ଷରୁ କୌଣସି ପ୍ରତିଶ୍ରୁତି ମିଳିନାହିଁ । ମୁଖ୍ୟମନ୍ତ୍ରୀ ଆସି ଆଲୋଚନା କରିବାକୁ ଆମେ ଦାବି କରୁଛୁ ।

## ସଞ୍ଜୟ ବିଶ୍ୱାଳ...

ଅଫିସର ଆରାଧନା ଦାସଙ୍କୁ ଜଙ୍ଗଲ ପରିବେଶ ବିଭାଗର ଅତିରିକ୍ତ ଶାସନ ସଚିବ ଭାବେ ନିଯୁକ୍ତି ମିଳିଛି । ସେହିଭଳି ୨୦୧୫ ବ୍ୟାଚର ଆଇଏଏସ୍ ଯୁଗଳେଶ୍ୱରୀ ଦାସଙ୍କୁ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ୨୦୧୫ ବ୍ୟାଚର ଆଇଏଏସ୍ ଅର୍ଚ୍ଚନା ପଟ୍ଟନାୟକଙ୍କୁ ଆୟୁଷ ନିର୍ଦ୍ଦେଶକ ଭାବେ ନିଯୁକ୍ତି କରାଯାଇଛି ।୨୦୧୫ ବ୍ୟାଚର ଆଇଏଏସ୍ ଅଞ୍ଜନା ପଣ୍ଡାଙ୍କୁ ଅବକାରୀ ବିଭାଗର ଅତିରିକ୍ତ ଶାସନ ସଚିବ ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ୨୦୨୦ ବ୍ୟାଚର ଆଇଏଏସ୍ ସୁନ୍ଦର ମାଧବ ପାଢୀଙ୍କୁ ଓଡିଶା ନୌବାଣିଜ୍ୟ ବୋର୍ଡର ମୁଖ୍ୟ ପରିଚାଳନା ଅଧିକାରୀ ଭାବେ ନିଯୁକ୍ତି ମିଳିଛି । ଶ୍ରୀ ପାଢୀଙ୍କୁ ଓଡିଶା ରାଜ୍ୟ ସଡକ ପରିବହନ ନିଗମର ମଧ୍ୟ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି ।

## ଟିଏମ୍‌ସି...

ଏବେ ଲୋକସଭା ବାଚସ୍ପତିଙ୍କ ନିକଟରେ ପଡିରହିଛି ।

ତେବେ ସୁପ୍ରିମକୋର୍ଟ ଲୋକସଭା ବାଚସ୍ପତିଙ୍କୁ କୌଣସି ନୋଟିସ ଦେଇନାହାଁନ୍ତି । ପ୍ରଧାନବିଚାରପତି ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ଥିବା ଖଣ୍ଡପୀଠ ଜଷ୍ଟିସ୍ ଜୟମାଲା ବାଗଚି ଓ ଜଷ୍ଟିସ୍ ଭି ମୋହନା ଏହି ମାମଲାର ଶୁଣାଣି କରିଥିଲେ । ତେବେ ଲୋକସଭା ବାଚସ୍ପତିଙ୍କୁ ନୋଟିସ ଦେବା ପାଇଁ ଶୁଣାଣି ସମୟରେ ଯୁକ୍ତି ବଢାଯିବାରୁ ସଲିସେଟର ଜେନେରାଲ ତୁଷାର ମେହେଟା କହିଥିଲେ ଯେ, ସେ ଲୋକସଭା ବାଚସ୍ପତିଙ୍କ ପକ୍ଷରୁ ପକ୍ଷ ରଖିବେ । ସେ କହିଥିଲେ ଯେ, ଲୋକସଭା ବାଚସ୍ପତି ଅଯୋଗ୍ୟ ଆବେଦନ ଉପରେ ନୋଟିସ ଦେଇଛନ୍ତି । ଜଷ୍ଟିସ୍ ବାଗଚି କହିଥିଲେ ଯେ, ସାମ୍ବିଧାନିକ କର୍ତ୍ତୃପକ୍ଷଙ୍କ ବିରୋଧରେ ଆମେ କୌଣସି ନିର୍ଦ୍ଦେଶ ଦେଇପାରିବୁ ନାହିଁ । ମାତ୍ର ଏହା ସୁନିଶ୍ଚିତ ହେବା ଦରକାର ଯେ, ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଏହାଶେଷ ହେବା ଉଚିତ । ପ୍ରଶ୍ନ ନୋଟିସ ଦେବାର ନୁହେଁ, କିନ୍ତୁ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ହେଉ । ତୃଣମୂଳ ଟିଏମସିର ବିଦ୍ରୋହୀ ସାଂସଦ ସାଓନି ଘୋଷ, କାକୋଲି ଘୋଷ ଦସ୍ତିଦାର, ସୁଦୀପ ବନ୍ଦୋପାଧ୍ୟାୟ, ସହାଦୀ ରାୟ, ଅରୁଣ ଚକ୍ରବର୍ତ୍ତୀ, ଯାସୁଦ ପଠାନଙ୍କ ସହ ୨୦ ବିଦ୍ରୋହୀ ସାଂସଦଙ୍କୁ ନୋଟିସ ଜାରି କରାଯାଇଛି । ଏହି ସାଂସଦମାନେ ଟିଏମସି ପ୍ରାର୍ଥୀ ହେବା ସହ ଦଳୀୟ ଚିହ୍ନରେ ନିର୍ବାଚନ ଜିତିଥିଲେ । ପରେ ଏକ ଅଜଣା ଅଶୁଣା ପାଟି ଏମସିପିଆଇରେ ସେମାନେ ମେ ମାସରେ ଯୋଗ ଦେଲେ ବୋଲି ଘୋଷଣା କରିଥିଲେ । ବିଦ୍ରୋହୀ ସାଂସଦମାନେ ସେମାନଙ୍କୁ ଲୋକସଭାରେ ପୃଥକ ଗୋଷ୍ଠୀର ମାନ୍ୟତା ପାଇଁ ଦାବି କରିଥିଲେ ଓ ନିକଟରେ ଶେଷ ହୋଇଥିବା ମୌସୁମୀ ଅଧିବେଶନରେ ସେମାନଙ୍କୁ ପୃଥକ ଆସନ ଦିଆଯାଇଥିଲା ।

## ମିଳିଲା...

ନୌସେନା, କୋଷ୍ଟଗାର୍ଡ ଓ ବାୟୁ ସେନାର ସ୍ୱତନ୍ତ୍ର ବିମାନ ଦୀର୍ଘ ଚାରିଦିନ ହେବ ଏହି ସର୍ଚ୍ଚ ଅପରେସନରେ ସାମିଲ ହୋଇଥିବା ବେଳେ ଏବେବି କୌଣସି ସୁଫଳ ମିଳିପାରିନାହିଁ । ପାରାଦୀପରୁ ପଣ୍ୟ ନେଇ ଚାଇନା ଅଭିମୁଖେ ଯାଉଥିବା ଏହି ଜାହାଜରେ ୨୦ ଚାଇନିଜ , ୩ ମିଆଁମାର ଓ ଜଣେ ବାଂଲାଦେଶୀ ନାବିକ ଥିଲେ । ସେଥିମଧ୍ୟରୁ ୨ ଚାଇନିଜଙ୍କୁ ଲାଇଫ ରାଫ୍ଟରେ ଭାସୁଥିବା ବେଳେ ଜୀବନ୍ତ ଉଦ୍ଧାର କରାଯାଇଥିବା ବେଳେ ଅନ୍ୟମାନଙ୍କ ପତ୍ତା ମିଳୁନାହିଁ । ଚାଇନା ସରକାର ଏହି ଘଟଣାକୁ ଗୁରୁତର ସହ ନେଇ ଆଜି ଏହି ସର୍ଚ୍ଚ ଅପରେସନରେ ଦୁଇ ଭେସେଲକୁ ସାମିଲ କରିଥିବା କୁହାଯାଉଛି । ସେପଟେ ଜାହାଜ କଣ ପାଇଁ ବୁଡ଼ିଲା, ଏହାର କାରଣ ଖୋଜିବା ନିମନ୍ତେ ପାରାଦୀପରେ ଦୁଇ ତଦନ୍ତକାରୀ ସଂସ୍ଥା ପହଁଚିଥିବା ଜଣାପଡିଛି । ଡାଇରେକ୍ଟ ଜେନେରାଲ ସିପିଙ୍ଗ କଲିକତା ଶାଖାର ଏକ ଟିମ ଓ ଏମଏମଟି ସର୍ଭେୟର ସଂସ୍ଥାର ଏକ ଟିମ ପାରାଦୀପରେ ପହଂଚି ତଦନ୍ତ ପ୍ରକ୍ରିୟା ଆରମ୍ଭ କରିଛନ୍ତି । ଗତ ୨୦ ତାରିଖ ରାତି ପ୍ରାୟ ୧୦ଟା ୪୩ ମିନିଟ ସମୟରେ ପାରାଦୀପ ପୋତାଶ୍ରୟ ମଧ୍ୟରେ ଥିବା ସି କ୍ୱିୟୁ- ୨ ବର୍ଥରୁ ୭୧ ହଜାର ୨୦୦ ମେଟ୍ରିକ ଟନ ଆଇରନଓର ନେଇ ଚାଇନା ଅଭିମୁଖେ ଯାଇଥିବା ଜାହାଜର ସମସ୍ତ କାଗଜ ଯାଞ୍ଚ ସହ କିଭଳି ଆଇରନଓର ସେଥିରେ ଲୋଡିଂ ହୋଇଥିଲା ଓ ତାର ଆଦ୍ରତା କେତେ ଏବଂ ଜାହାଜ ପୋତାଶ୍ରୟ ଛାଡିବା ପୂର୍ବରୁ ତାର ବିଧିବଦ୍ଧ ତନଖି କରାଯାଇଥିଲା କି ନାହିଁ ତାହାର ତଦନ୍ତ ଆରମ୍ଭ ହୋଇଛି । ସେପଟେ ସର୍ଚ୍ଚ ଅପରେସନରେ ସାମିଲ ଥିବା କୋଷ୍ଟଗାର୍ଡ଼ର ଭିଜିତ ଓ ଅନମୋଲ ଫେରି ଆସିଥିବା ବେଳେ ତାଙ୍କ ଜାଗାରେ ଜାହାଜ ବିଶ୍ୱସ୍ତ ସାମିଲ ହୋଇଛି । ପୂର୍ବପରି ଥିବା ଜାହାଜ ଭରଦ ସର୍ଚ୍ଚ ଅପରେସନ ଜାରି ରଖିଛି । ୧୦୦ ଘଣ୍ଟା ବିତିଥିଲେ ମଧ୍ୟ ନାବିକ କିମ୍ବା ଜାହାଜର ସନ୍ଧାନ ମିଳି ପାରୁନାହିଁ କିନ୍ତୁ ବୋଟ ମିଳିଛି । ଏକ ପ୍ରକାର ଅନିଶ୍ଚିତତା ମଧ୍ୟ ଦେଇ ସମସ୍ତେ ଗତି କରୁଥିବା ବେଳେ ଏବେ ଜାହାଜ କିଭଳି ବୁଡିଗଲା ତାହାର କାରଣ ଖୋଜିବାରେ ଲାଗିଛନ୍ତି । ୧୯୯୮ ମସିହାରେ ନିର୍ମିତ ଏହି ଜାହାଜଟି ୨୮ ବର୍ଷରେ ପହଂଚି ଥିବା ବେଳେ ଓଭର ଲୋଡିଂ ଏବଂ ଅତ୍ୟଧିକ ପୁରୁଣା ହେତୁ ସହନଶୀଳ କ୍ଷମତା ହରାଇଥିବା କାରଣରୁ ହଠାତ ଭାଙ୍ଗି ଦୁଇ ଖଣ୍ଡ ହୋଇ ଯାଇଥିବା ମଧ୍ୟ ଅନୁମାନ କରାଯାଇ ପାରେ । ଭାରତୀୟ କୋଷ୍ଟଗାର୍ଡ, ଭାରତୀୟ ନ୍ୟାଭି ଓ ସେହି ରୁଟ ଦେଇ ଯାଉଥିବା ଏବଂ ଆସୁଥିବା ସମସ୍ତ ପଣ୍ୟବାହୀ ଜାହାଜ ଏହି ଅପରେସନରେ ସାମିଲ ଥିବା ବେଳେ ସେଥିରେ ଚାଇନାର ଦୁଇ ଭେସେଲ ସାମିଲ ହୋଇଥିବାରୁ ସର୍ଚ୍ଚ ଅପରେସନ ଆହୁରି ଜୋରଦାର ହେବ ବୋଲି ଜଣାପଡିଛି । ପୋର୍ଟ ବ୍ଲେୟାର ଦ୍ୱୀପପୁଞ୍ଜ ପାଖରେ ଥିବା ବେଳେ ଜାହାଜଟି କୌଣସି କାରଣରୁ ଦୁର୍ଘଟଣାର ଶିକାର ହୋଇ ବୁଡି ଯାଇଛି ବୋଲି ସନ୍ଦେହ କରାଯାଉଛି । ଅନ୍ୟପକ୍ଷେରେ ଉଦ୍ଧାର ହୋଇଥିବା ଦୁଇ ଚାଇନିଜ ନାବିକଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଯାଞ୍ଚ କରିବା ନିମନ୍ତେ ତାଙ୍କୁ ଡାକ୍ତରଖାନାରେ ଭର୍ତି କରାଯାଇଥିବା ବେଳେ ସେମାନଙ୍କ ସହ ଘଟିଥିବା ଘଟଣା କିଭଳି ଥିଲା ଓ କେଉଁ ପରିସ୍ଥିତିରେ ଜାହାଜ ମଝି ସମୁଦ୍ରରେ ବୁଡିଗଲା ତାହାର ସବିଶେଷ ତଥ୍ୟ ଜାଣିବା ପାରେ ତଦନ୍ତ ପ୍ରକ୍ରିୟା ଆହୁରି ଜୋରଦାର ହେବ ବୋଲି କୁହାଯାଉଛି ।

## ଡିଆର୍‌ଡିଓ...

କରିବ । ଏହା ଦ୍ୱାରା କ୍ଷେପଣାସ୍ତ୍ର ବିକାଶ ଓ ବୃହତ୍ତ ପରିମାଣରେ ଶିଳ୍ପ ଉତ୍ପାଦନ ମଧ୍ୟରେ ଥିବା ବ୍ୟବଧାନ ଦୂର ହେବ । ଏହି ବ୍ୟବସ୍ଥା କ୍ଷେପଣାସ୍ତ୍ର ପ୍ରଣାଳୀରେ ବିକାଶକୁ ସଫଳତାର ସହ ଶିଳ୍ପ ଉତ୍ପାଦନ ପର୍ଯ୍ୟାୟକୁ ନେବାରେ ସହାୟକ ହେବ । ଏହି ପଦକ୍ଷେପ ଦେଶରେ ସ୍ୱଦେଶୀ ପ୍ରତିରକ୍ଷା ଉତ୍ପାଦନ କ୍ଷମତା ମଜଭୁତ କରିବା ସହ ପ୍ରତିରକ୍ଷା ଶିଳ୍ପ ଭିତ୍ତିଭୂମିକୁ ଆହୁରୀ ବ୍ୟାପକ କରିବ । ଏହାଦ୍ୱାରା ଏମଏସଏମଇ ଓ ଅନ୍ୟାନ୍ୟ ଟେକ୍ନୋଲୋଜି ସହଯୋଗୀ ସଂସ୍ଥାଗୁଡିକ ପାଇଁ କ୍ଷେପଣାସ୍ତ୍ର ଯୋଗଣ କ୍ଷେତ୍ରରେ ଅଧିକ ଭାଗଦାରି ସୃଷ୍ଟି ହେବ ।

## ବିଦ୍ୟୁତ ଆଘାତରେ ଟେଣ୍ଟ କର୍ମଚାରୀଙ୍କ ମୃତ୍ୟୁ

ସୋର, (ସବ୍ୟୁ): ସୋର ପୌରପାଳିକା ଅନ୍ତର୍ଗତ ପାରମହଲା ଛକ ନିକଟରେ ଟେଣ୍ଟ କାମ କରୁଥିବା ବେଳେ ବିଦ୍ୟୁତ ଆଘାତରେ ଜଣେ ଶ୍ରମିକଙ୍କର ମୃତ୍ୟୁ ହୋଇଯାଇଛି । ମଙ୍ଗଳବାର ସନ୍ଧ୍ୟାରେ ପାରମହାଲ ଛକ ନିକଟରେ ଟେଣ୍ଟରେ ଏଲଇଡି ବୋର୍ଡ଼ ସଜାଉଥିବା ବେଳେ ବିଦ୍ୟୁତ ଆଘାତ ଲାଗିଥିଲା ।


**AFFIDAVIT**

By virtue of an affidavit sworn before Executive Magistrate,Bhapur Odisha on dated 21.05.2026 I, Jyotirmayee Pradhan D/o -Purna Chandra Pradhan Resident of Village - Boragaon P.O- Purusottamprasad P.S- Fategarh Dist-Nayagarh,PIN-752077 declare that I have changed my name from Jyotimayee Pradhan to Jyotirmayee Pradhan Henceforth, I shall be known as Jyotirmayee Pradhan for all purposes.

Sd/- Jyotirmayee Pradhan

**AFFIDAVIT**

By virtue of an Affidavit sworn before the Executive Magistrate, Jharsuguda, I, **Rameti Devi Agarwal**, aged about 76 years, W/O: Bajarang Lal Agarwal resident of At: Hospital Road, Marwadi Pada, Jharsuguda, Odisha-768201 declare by this Affidavit No.: 11863, Dated: 25.08.2026, That I have changed my name from Ramabati Agarwal to **Rameti Devi Agarwal** Henceforth I shall be known as **Rameti Devi Agarwal** for all future purposes.

13001/1654/2627

**KATAKA MUNICIPAL CORPORATION**

**"e" PROCUREMENT NOTICE**

**Tender Call Notice No. 8117 (PW) Date.24.08.2026**

**Tender ID : 2026_ORULB_139520**

Date and Time schedule :

| Start | End | Opening |
|---|---|---|
| 11.00 AM on dt. 25.08.2026 | 5.00 PM on dt. 05.09.2026 | 11:00 A.M. on dt.07.09.2026 |

Tender Details : can be seen from the procurement portal: **www.tendersorissa.gov.in**

Sd/- Executive Engineer
City Division-III, KMC

OIPR : 13001/13031/1/26-27/0057

**ଦ.ପୂ. ରେଳପଥ-ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପକ୍ଷରୁ ଏବଂ ପାଇଁ କାର୍ଯ୍ୟ କରୁଥିବା ବରିଷ୍ଠ ଡିଭିଜନାଲ ସିଗନାଲ ଏବଂ ଟେଲିକମ୍ ଇଞ୍ଜିନିୟର ଦ.ପୂ. ରେଳପଥ, ଚକ୍ରଧରପୁର ୧୪.୦୯.୨୦୨୬ ତାରିଖ ଦିନ ୧୫:୦୦ ଘଣ୍ଟାରେ ଖୋଲାଯିବା ହେତୁ ନିମ୍ନରେ ଉଲ୍ଲେଖିତ ଟେଣ୍ଡର ନଂ ବିରୁଦ୍ଧରେ ଇ-ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି । କ୍ର.ନଂ. ଟେଣ୍ଡର ନୋଟିସ ନଂ, କାର୍ଯ୍ୟର ନାମ, ଟେଣ୍ଡର ମୂଲ୍ୟ, ଅମାନତ ଅର୍ଥ ଯଥାକ୍ରମେ (୧) **ଏସଟି-ସିକେପି-ଓଟି-୨୬-୨୭-୨୪**: ଏସଏସଇ/ସିଗ୍ /ଚକ୍ରଧରପୁର ଅଧୀନରେ ସିଗନାଲିଂ ଗିଅର୍ସ ଏବଂ ସ୍ୱତନ୍ତ୍ର କାର୍ଯ୍ୟର ରକ୍ଷଣାବେକ୍ଷଣ ପାଇଁ ଦୁଇ ବର୍ଷ ପାଇଁ ଚୁକ୍ତିଭିତ୍ତିକ କର୍ମଚାରୀ ନିଯୁକ୍ତି, ଟ. ୧,୨୩,୬୦,୩୬୦.୦୦ ଟ. ୨,୧୧,୮୦୦.୦୦ (୨) **ଏସଟି-ସିକେପି-ଓଟି-୨୬-୨୭-୨୬**: ୦୩ ଟି ପୂର୍ଣ୍ଣ ଇଲ ଷ୍ଟାଟିଂ ଲାଇନ ନିର୍ମାଣ ସହିତ ଜଡିତ ଏସ ଆଣ୍ଡ ଟି କାର୍ଯ୍ୟ ଆଦିତ୍ୟପୁରରେ କୋଚିଂ ଡେକ୍ ପାଇଁ ଡିଏନ ଗ୍ରାଉ୍ ଏବଂ ଅତିରିକ୍ତ ଷ୍ଟାବଲିଂ ଲାଇନ୍ ଟ. ୬,୬୨,୧୮,୩୩୯.୦୭, ଟ. ୧୩,୨୪,୪୦୦.୦୦ (୩) **ଏସଟି-ସିକେପି-ଓଟି-୨୬-୨୭-୨୭**: ଝାରସୁଗୁଡା ଷ୍ଟେସନରେ ସିପିଓଏନ ପ୍ରଯୁକ୍ତିବିଦ୍ୟା ଏବଂ ୱାଇ-ଫାଇ ସହିତ ରେଲନେଟ୍ ସଂଯୋଗର ବ୍ୟବସ୍ଥା । ଟ. ୭୧,୪୪,୫୪୭.୬୭, ଟ ୧,୪୨,୯୦୦.୦୦ (୪) **ଏସଟି-ସିକେପି-ଓଟି-୨୬-୨୭-୨୮**: ୪ ସେକ୍ସନରେ ସିମ୍ ଆଧାରିତ ୱାୟାରଲେସ୍ ସଂଯୋଗ ମାଧ୍ୟମରେ ନିୟନ୍ତ୍ରଣ ଯୋଗାଯୋଗ ପାଇଁ ସୁରକ୍ଷା ପଥ ବ୍ୟବସ୍ଥା ,ଟ୧୬,୭୯,୦୦୦.୦୦/-, ଟ. ୩୩,୬୦୦.୦୦/- । **ଟେଣ୍ଡର ଡକ୍ୟୁମେଣ୍ଟ ମୂଲ୍ୟ**: ଟ. ୫,୦୦୦.୦୦ /-(କ୍ର.ନଂ.୧ ପାଇଁ) ଏବଂ ଶୂନ୍ୟ (କ୍ର.ନଂ.୨ ରୁ ୪ ପାଇଁ) , **ସମାପ୍ତି ଅବଧି**: ୨୪ (ଚବିଶ) ମାସ (କ୍ର. ନଂ ୧ ପାଇଁ) ଏବଂ ୦୬ (ଛଅ) ମାସ (କ୍ର. ନଂ.୨ ରୁ ୪ ପାଇଁ), ଟେଣ୍ଡର ନୋଟିସ୍ ନଂ: **ଏସଟି-ସିକେପି-ଓଟି-୨୬-୨୭-୨୪** ଦୁଇ ପ୍ୟାକେଟ୍ ସିଷ୍ଟମ୍ (**କଣ୍ଟ୍ରାକ୍ଟ ପ୍ରକାର- ସେବା ଟେଣ୍ଡର**) ରେ ରହିବ । ଟେଣ୍ଡର ବିବରଣୀ ୱେବସାଇଟ୍ http:/ www.ireps.gov.in ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରମାନଙ୍କର ଶ୍ରେଣୀ ୩ ଡିଜିଟାଲ୍ ସ୍ୱାକ୍ଷର ପ୍ରମାଣପତ୍ର ରହିବା ଆବଶ୍ୟକ ଏବଂ ଆଇଆରଇପିଏସ୍ ପୋର୍ଟାଲରେ ପଞ୍ଜୀକୃତ ହେବା ଆବଶ୍ୟକ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଟେଣ୍ଡର ନୋଟିସ୍ ନଂ. ଏସଟି-ସିକେପି-ଓଟି-୨୬-୨୭-୨୬, ୨୭ ଏବଂ ୨୮ ପାଇଁ ଇ ଟେଣ୍ଡର ଫର୍ମ ମାଗଣାରେ ଜାରି କରାଯିବ । ଏହି ଟେଣ୍ଡର ବିରୁଦ୍ଧରେ ମାନୁଆଲ୍ ପ୍ରସ୍ତାବଗୁଡ଼ିକୁ ଅନୁମତି ଦିଆଯାଇ ନାହିଁ ଏବଂ ଏପରି କୌଣସି ମାନୁଆଲ୍ ପ୍ରସ୍ତାବକୁ ଅଣଦେଖା କରାଯିବ । (PR-667)

**ODISHA HYDRO POWER CORPORATION LTD.**
O/o Sr. GENERAL MANAGER,
HIRAKUD HYDRO ELECTRIC PROJECT 4001/274/2627
ADMINISTRATIVE OFFICE BUILDING, NEAR BURLA POWER HOUSE,
BURLA - 768017, DISTRICT: SAMBALPUR (ODISHA), INDIA
PHONE: 0663-2910721(O), 2950765(R), E-Mail: srgmhps_burla@yahoo.co.in
CIN : U40101OR1995SGC003963

No. HHEP/Tech-WK-46/2 (Vol - IV) / 6310 Date : 21.08.2026

**NOTICE INVITING TENDER NO. HHEP- 67 /2026**

Sealed Tenders are invited in two part i.e. (i) Techno Commercial bid & price bid in separate sealed envelopes from Govt, registered Contractors / Agencies having eligibility criteria only for execution of the following work.

| Description of work | Cost of tender paper (Non-refundable) in Rs. | EMD in shape of DD/BC only (Refundable) in Rs. |
|---|---|---|
| Annual Maintenance Contract for Hydro Generating Units, their auxiliaries and other equipment of Burla Power House for a period one year (as per section - IV). | 11,800/- (Rs. 10000/- + GST @ 18% | 73,130/- |

- Period of Sale / Download of tender paper : 28.08.2026 (10.30AM) to 11.09.2026 up to 03:00PM
- Laste Date & Time of Receipt of tender document : 11.09.2026 up to 03:30PM
- Date & time of opening of bid : 11.09.2026 at 04:00PM

Further details of the tender documents, terms and conditions please visit our website www.ohpc.co.in

OIPR : 4001/4007/1/26-27/0024 Sd/- C & P Head, HHEP, Burla

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
13001/1638/2627 ଫୋନ୍ : (୦୬୭୪) ୨୩୯୩୫୨୪
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବସାଇଟ୍ https://oshb.org

ପତ୍ର ସଂଖ୍ୟା ୧୨୮ **ବିଜ୍ଞାପନ** ତା : ୧୨.୦୮.୨୦୨୬

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ. ଏଲ.ଆଇ.ଜି-୧୬୮୪ (LIG-1684)) ବୁଢ଼ୁବୁଢ଼ା, ୨ୟ ପର୍ଯ୍ୟାୟ, ଭୁବନେଶ୍ୱର ଗୃହ ନିର୍ମାଣ ପ୍ରକଳ୍ପରେ ହସିନା ଖାତୁନ, ସ୍ୱାମୀ-ଅସଲମ ଖାନ, ସା/ପୋ-ଖାନପୁର, ଥାନା-କାଜଟପୁର, ଜିଲ୍ଲା-ପୁରୀଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ହସିନା ଖାତୁନ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଇକ୍ଷିକୁଲସମ ବେଗମ, ସ୍ୱାମୀ- ଜାହାଙ୍ଗୀର ଖାନ, ସା-ମୁସଲିମ୍ ସାହି, ପୋ-ବଡହନୁଆଡ, ଥାନା-ବାଣପୁର, ଜିଲ୍ଲା-ଖୋର୍ଦ୍ଧାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତାହେଲେ ଏହି ନୋଟିସ୍ ପ୍ରକାଶନର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତଦ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ ।

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR : 13001/13030/1/26-27/0214

**GOVERNMENT OF ODISHA** 32001/751/2627
**OFFICE OF THE EXECUTIVE ENGINEER**
**Tel Irrigation Division, Sonepur**
**E-mail: eeteldivn2022@gniall.com**

**E-procurement Notice No - EE. TID. SNP - 07/2026-27**

The Executive Engineer, Tel Irrigation Division, Sonepur on behalf of Governor of Odisha invites online Percentage rate tenders in Double cover system to be received in online mode only for the works as detailed below.

| | | |
|---|---|---|
| 1 | Name/Nature of the work | Flood Protection Embankment Works |
| 2 | No of Works | 08 No |
| 3 | Class of Contractor | As mentioned in Col. No. 4 of NIT |
| 4 | Bid Identification No. | EE, TID, SNP-07/2026-27 |
| 5 | Approximate Estimated Cost | From Rs. 58.75 lakhs to Rs. 83.21 lakhs (Excluding GST) |
| 6 | Period of Completion | As per mentioned in Col No. 7 of NIT |
| 7 | Date & time of availability of bid documents in the Portal. | **From 01.09.2026 (10.00 AM) to 19.09.2026(05.30 PM)** |
| 8 | Last date/time for receipt of bids in the Portal | In portal -19.09.2026 up to 05.30 P.M. |
| 9 | Date of Opening of Bid | **On Date 21.09.2026(11.00 AM onwards in the Office of the undersigned)** |
| 10 | Name of the Officer inviting Bid | Executive Engineer, Tel Irrigation Division, Sonepur (Dist.-Subarnapur) |

Further details can be seen from the e-Procurement portal **https://tendersodisha.gov.in.**

OIPR : 32001/32362/1/26-27/0006 Sd/- Executive Engineer
Tel Irrigation Division, Sonepur

**OFFICE OF THE DEAN & PRINCIPAL**
**VEER SURENDRA SAI INSTITUTE OF MEDICAL SCIENCES & RESEARCH,**
**BURLA, DIST: SAMBALPUR (ODISHA) PIN-768017**
**Email: vssmcburlaorissa@gmail.com | Website: www.vimsar.ac.in**
**No. 7090 /Indent/Dean/VIMSAR, Burla Dated : 24.8.2026**

10001/484/2627 **CORRIGENDUM**

In continuation of the Tender Call Notice No.6569/VIMSAR dated 23.07.2026 for procurement of Portable Ultrasound with Colour Doppler System (1 No.) for the National Emergency Life Support (NELS) Skill Centre, VIMSAR. Burla, it is hereby notified that :

The last date for receipt of sealed tenders, originally fixed for **24.08.2026** up to **5:30 PM**, is now extended up to 02.09.2026 at 5:30 PM.

The Technical Bid shall be opened on **03.9.2026** at **11:30 AM** in the Conference Hall of the Office of the Dean & Principal. VIMSAR, Burla.

All other terms and conditions of the aforesaid tender shall remain **unchanged.**

Dean and Principal
VSS Institute of Medical Sciences & Research, Burla

OIPR : 10001/10012/1/26-27/0004

ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ଖଣ୍ଡ, ବରଗଡ଼
ସରକାରୀ ଶିଳ୍ପ ତାଲିମ କେନ୍ଦ୍ର ନିକଟରେ ବରଗଡ଼-୭୬୮୦୨୮
**OFFICE OF THE SUPERINTENDING ENGINEER**
**RWS&S DIVISION, BARAGADA**
Infront of Government ITI, Baragada-768028
Ph. 06646-233220 (O) 234626 (FAX)
E-mail : eerwss_bgh@nic.in
eerwssBaragada@gmail.com
25001/1023/2627

No. 2368 Date : 20.08.2026

**Quotation Call Notice**

The Superintending Engineer, RWS&S Division, Baragada on behalf of the Governor of Odisha invites sealed Quotation from the Reputed Firms/Agencies/ Manufacturer for Supplying, Erection, Testing & Commissioning of R.O Based Defluoridation & Water Treatment Drinking Water Station Capacity 2M3/Hour including one year Maintenance cost on Trunkey basis in different places of different villages under Baragada District as per Annexure 'A","B","C" and "D" for finalization of rate.

1 Date of receipt of the Quotation (Tender Box /Postal) :- Dt. 28.08.2026 to Dt 17.09.2026 up to 5.00 PM
2 Last Date of receipt of the Quotation (Tender Box /Postal) :- Dt. 17.09.2026 up to 5.00 P.M
3 Date & time of Opening of Quotation : - Dt 18.09.2026 at 11.00 A.M.
4. Estimated Cost for Single Unit is **18.83 Lakhs (Approximate)**
5. Name and address of the Officer Inviting Quotation : - **Superintending Engineer, RWS&S Division, Baragada, District : -** Baragada.

Further details (Annexure A, B, C & D) can be collected from office of the Superintending Engineer, RWS&S Division Baragada. The authority reserves the right to reject any or all the tenders without assigning any reason thereof.

Sd/- Superintending Engineer,
RWS&S Division, Baragada

OIPR : 25001/25018/1/26-27/0006

25001/1018/2627

**OFFICE OF THE EXECUTIVE ENGINEER**
**RURAL WORKS DIVISION, MOHANA**

No-3664 Date : 24.08.2026

**1st CORRIGENDUM**

In continuation to this office bid identification No.Online Tender 08/MOHANA/2026-27. Invited vide this office letter no.3436 dtd 06.08.2026, partial modification of TCN has been made as follows.

| Sl. No. | Item | Time schedule as per Original TCN | Time schedule as per Corrigendum Notice |
|---|---|---|---|
| 1 | Availability to tender online for bidding | Dt. 18.08.2026 at 11.00 A.M. to Dt. 03.09.2026 Up to 5.00 P.M. | Dt. 02.09.2026 at 11.00 A.M. to Dt. 10.09.2026 Up to 5.00 P.M. |
| 2 | Date & time of seeking tender clarification if any | Dt. 01.09.2026 up to 5.00 P.M. | Dt. 09.09.2026 Up to 5.00 P.M. |
| 3 | Date & time of Opening of tender (Technical Bid) | Dt. 05.09.2026 at 11.00 A.M. | Dt. 11.09.2026 at 11.00 A.M. |
| 4 | Date & time of opening of tender (Price Bid) | Will be intimated later on to the successful bidders | Will be intimated later on to the successful bidders |

All other terms and conditions are remain unchanged.

OIPR : 25001/25148/1/26-27/0015 Sd/- Executive Engineer
R.W. Division, Mohana

19001/218/2627

**OFFICE OF THE PANCHAYAT SAMITI, BANTA**
At/PO- Banta, Dist- Bhadrak, PIN- 756114
E-mail id- orl-Bonth@nic.in

Letter no-3760 Date-25.08.2026

**Tender for Construction of Additional Classroom at Jngannath Sanskrit Degree College, Kantia, Ganijanga GP**

1. Name of the Work :- : Const. of Addl. Classroom at Jagannath Sanskrit Degree College
2. Total No. of Work : 01 no.
3. Approximate Estimated Cost : As per DTCN
4. Class Contractor : 'D' & 'C
5. Period of Completion : Six Calendar Months
6. Other Details : The Details are as follows

| Sl. No. | Bid Identification No. | Available Tender On-line for bidding From | Available Tender On-line for bidding To | Last date for receipt of Bids | Date & Time of Opening of Bid |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | PSB-01/2026-27 | 31.08.2026 10 AM | 11.09.2026 5 PM | 11.09.2026 5 PM | 17.09.2026 12.00 PM |

1. Further details can be seen from the website portal **http://bhadrak.odisha.gov.in**
2. Any other changes/ Corrigendum/Addendum may be seen only in website **http.://bhadrak.odisha.gov.in**

Sd/- Block Development Officer
Bonth

OIPR : 19001/19150/1/26-27/0004

OFFICE OF THE DEPUTY DIRECTOR,
NANDANKANAN ZOOLOGICAL PARK
P.O-BARANG,DIST-KHURDA,PIN-754005
PHONE NO- 9437022023
Email: deputydirector.kanan@gmail.com
Web: www.nandankanan.org

NANDANKANAN
CONSERVE | EDUCATE | INSPIRE

8001/280/2627 **TENDER NOTICE**

**Notice No. 33 /NKZP/2026-27 Date : 24.08.2026**

The Nandankanan Zoological Park Authority, Bhubaneswar invites Tender in sealed cover from reputed distributor/ stockiest/ firms for the Supply of laboratory Consumables to Nandankanan Zoological Park for the year, 2026-27 for use in Centre for Conservation Research and Training, Nandankanan Zoological Park (**CCRT**). The detailed terms and conditions alongwith tender documents shall be available at the website: **www.nandankanan.org** from **25.08.2026** onwards. The last date of submission of bid is 17.09.2026 at 05.00 PM and date of opening of Bid will be on **18.09.2026 at 11.30 AM**

Sd/- Deputy Director
Nandankanan Zoological Park

OIPR : 8001/8070/1/26-27/0006



**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ- ୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୭୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାରଦାସ- ୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତମୋହନମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ- ୯୪୩୯୫୬୬୭୨୨, କେନ୍ଦୁଝର- ରବିନାରାୟଣରାଜ୍- ୯୪୩୭୩୩୭୨୦୦, ମାଲକାନଗିରି-କେଶବନାଏକ- ୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ- ୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ- ୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷମିଶ୍ର- ୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଲ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୮ ।

# ଏମ୍ଏମ୍‌ଡିଆର୍ ବିଲ ପ୍ରତ୍ୟାହାର ଦାବିରେ ଇଣ୍ଡି ମେଣ୍ଟର ବିକ୍ଷୋଭ ଶୋଭାଯାତ୍ରା

କଟକ, (ସବ୍ୟୁ):ଖଣି ଓ ଖଣିଜ ପଦାର୍ଥ ସଂଶୋଧନ ଆଇନ ୨୦୨୬କୁ ରଦ୍ଦ କରିବା ଦାବିରେ ଓଡ଼ିଶାର ଇଣ୍ଡିଆ ବ୍ଲକର ସହଯୋଗୀ ଦଳ ମାନଙ୍କ ପକ୍ଷରୁ କଟକ ଜିଲ୍ଲା କଂଗ୍ରେସ କମିଟିର ସଭାପତି ପ୍ରଦିପ୍ତ କୁମାର ଦାସଙ୍କ



ନେତୃତ୍ୱରେ ଏକ ବିକ୍ଷୋଭ ଶୋଭାଯାତ୍ରା, ଗ୍ରାମାଞ୍ଚଳ ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିବା ପରେ ସେଠାରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଓଡ଼ିଶାର ଖଣିଜ ସମ୍ପଦ ରାଜସ୍ୱ ଲୁଟ୍ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏମଏମଡିଆର, ୨୦୨୬ କଳା ଆଇନ ପାରିତ ହୋଇଥିବାରୁ ନେତୃମଣ୍ଡଳୀ ଏହାର ତୀବ୍ର ନିନ୍ଦା କରିଥିଲେ। ରାଜ୍ୟର ସ୍ୱାର୍ଥ ରକ୍ଷା କରିବା ଦିଗରେ ବିଜେପିର ୨୫ ଜଣ ସାଂସଦ ସଂସଦର ଉଭୟ ଗୃହରେ ଚୁପ୍ ରହିବା କ୍ଷୋଭର ବିଷୟ ବୋଲି ନେତୃମଣ୍ଡଳୀ ଅଭିହିତ କରିଥିଲେ। ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ୨୦୨୪ ମସିହାରେ ୯ ଜଣ ବିଶିଷ୍ଟ ସାମ୍ବିଧାନିକ ବେଞ୍ଚ ଦେଇଥିବା ନିଷ୍ପତିକୁ କେନ୍ଦ୍ର ସରକାର ମାଡ଼ି ମକଚି ଅଳିଆ ଗଦା କୁ ଫିଙ୍ଗି ଦେଇଥିବାରୁ ଡବଲ ଇଞ୍ଜିନ ସରକାରର ଅସଲି ମୁଖା ଖୋଲି ଯାଇଛି ବୋଲି ନେତୃମଣ୍ଡଳୀ ତୀବ୍ର ସମାଲୋଚନା କରିଥିଲେ। ଏହି ବିଲ୍ ଯୋଗୁ ରାଜ୍ୟ ପ୍ରତିବର୍ଷ ୧୨ ହଜାର କୋଟିର ଦେୟ ହରାଇବା ସହ ପିଛିଲା ଦେୟ ୧ ଲକ୍ଷ କୋଟି ଟଙ୍କା ହରାଇବ। ଓଡ଼ିଆ ଅସ୍ମିତାକୁ ନେଇ ଡିଣ୍ଡିମ ପିଟୁ ଥିବା କେନ୍ଦ୍ର ଓ ରାଜ୍ୟ ସରକାର ରାଜନୈତିକ ଇତିହାସ ପୃଷ୍ଠାରେ ଏକ କଳା ଅଧ୍ୟାୟ ଯୋଡ଼ିଛନ୍ତି ବୋଲି ମତ ପ୍ରକାଶ ପାଇଥିଲା। ପ୍ରତିବାଦ ସଭାରେ କଟକ ଜିଲ୍ଲା କଂଗ୍ରେସ କମିଟି ସଭାପତି ପ୍ରଦିପ୍ତ କୁମାର ଦାସ, ବରିଷ୍ଠ କଂଗ୍ରେସ ନେତା ବିଶ୍ୱଜିତ ଦାସ, ସିପିଆଇ(ଏମ୍) ରାଜ୍ୟ ସଂପାଦକ ମଣ୍ଡଳୀ ସଭ୍ୟ ବଦ୍ରି ନାରାୟଣ ଦାସ, ରବି ନାରାୟଣ ମଲ୍ଲିକ, ପ୍ରଦେଶ କଂଗ୍ରେସ ସାମାଜିକ ଗଣମାଧ୍ୟମର ଅଧକ୍ଷ ବିଶ୍ୱଜିତ ମହାନ୍ତି, କଂଗ୍ରେସ ନେତା ମହମ୍ମଦ ଆରିଫ୍‌ଉଦ୍ଦିନ ଖାନ, ସିପିଆଇ(ଏମ୍) ନେତା ପ୍ରତାପ ମହାପାତ୍ର, ବିଷ୍ଣୁ ବେହେରା, ମନମୋହନ ପତି, ସିପିଆଇ ର ନେତା ପ୍ରସନ୍ନ ମହାପାତ୍ର, ଅମାରେନ୍ଦୁ ମହାନ୍ତି, ସୁଶାନ୍ତ ମହାପାତ୍ର, ଜିଲ୍ଲା କଂଗ୍ରେସ କୃଷକ ସେଲ୍ ସଭାପତି ନିମାଇ ରାଉତରାୟ ପଟ୍ଟନାୟକ, ସୀତାକାନ୍ତ ପଣ୍ଡା, ମମତା ସିଂହ, ପ୍ରମୁଖ ଏହି ପ୍ରତିବାଦ ସଭାରେ ଉପସ୍ଥିତ ଥିଲେ।

# ରାଜଧାନୀରେ ମାଲ ମାଲ ଅବୈଧ ଅଟୋ : ଜବତ ୩୫୪ ରୁ ୧୫୦ ବିନା ପରମିଟରେ ଚାଲିଥିଲା

ଭୁବନେଶ୍ୱର , (ପ୍ରଦୀପ୍ତ କୁମାର ଦାସ): ରାଜଧାନୀ ଭୁବନେଶ୍ୱରରେ ଅନଲାଇନ୍ ଅଟୋ ସଂଘର ସାମ୍ପ୍ରତିକ ବିବାଦ,ସାଧାରଣ ଯାତ୍ରୀଙ୍କ ସହ ଦୁର୍ବ୍ୟବହାର ଏବଂ ପରବର୍ତ୍ତୀ ସମୟରେ ପୋଲିସ ଓ ପରିବହନ ବିଭାଗର କାର୍ଯ୍ୟାନୁଷ୍ଠାନ ଏବେ ସହରର ସୁରକ୍ଷା ଓ ଶାସନ ବ୍ୟବସ୍ଥା ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି ।ତେବେ ଏହି ଘଟଣାକ୍ରମ,ଏହାର ଆଇନଗତ ଦିଗ ଏବଂ ସାଧାରଣ ନାଗରିକଙ୍କ ନିରାପତ୍ତା ସମ୍ବନ୍ଧରେ ଆଲୋକପାତ କଲେ ନିକଟରେ ଘଟିଥିବା ଏହି ଅଭାବନୀୟ ଘଟଣା ଓ ବିଭାଗୀୟ କାର୍ଯ୍ୟାନୁଷ୍ଠାନ,ଆଳୁ ଖୋଳୁ ଖୋଳୁ ନ୍ୟାୟରେ ଏକ ବିରାଟ ବଡ଼ ପ୍ରଶାସନିକ ବ୍ୟତିକ୍ରମକୁ ପଦାରେ ପକାଇଛି ।ଏବେ ଏହା ଉପରେ ତର୍ଜମା କଲେ ଏହି ଘଟଣାକ୍ରମ ଓ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ହୋଇଥିବା ଧରପଗଡ଼ରୁ କମିଶନରେଟ ପୋଲିସ ଏବଂ ସ୍ଥାନୀୟ ଦୁଇ ଆରଟିଓ ପକ୍ଷରୁ ମିଳିତ ଭାବେ ଯାଞ୍ଚ କରାଯାଇ ମୋଟ ୩୫୪ ଟି ଅଟୋକୁ ଜବତ କରାଯାଇଥିଲା ।ଜବତ ଗାଡ଼ିଗୁଡ଼ିକର କାଗଜପତ୍ର ଯାଞ୍ଚ ପରେ ଜଣାପଡ଼ିଛି ଯେ ସେଥିମଧ୍ୟରୁ ୧୫୦ ଟି ଅଟୋ(ପ୍ରାୟ ୪୨%)ପାଖରେ କୌଣସି ବୈଧ ପରମିଟ୍ ନଥିଲା ।ତେଣୁ ଆଇନଗତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ବେଆଇନ ଭାବେ ଗାଡ଼ି ଚଳାଉଥିବା, ଫିଟ୍‌ନେସ୍/ଇନ୍‌ସୁରାନ୍ସ/ମିଟର/ପିୟୁସିସି ଓ ଡିଏଲ ଇତ୍ୟାଦି ନଥିବା ଏବଂ ଗଣ୍ଡଗୋଳରେ ସାମିଲ ଥିବା ଚାଳକମାନଙ୍କ ଉପରେ ଜରିମାନା ସହ ଆଇନଗତ ମାମଲା ରୁଜୁ କରାଯାଇଛି ।ମାତ୍ର ଏବେ ସୃଷ୍ଟି ହୋଇଥିବା ପ୍ରମୁଖ ପ୍ରଶ୍ନ ଓ ଆଶଙ୍କାର ମୁଖ୍ୟ ବିନ୍ଦୁ ସହ ବିବରଣୀକୁ ଦୃଷ୍ଟି ଦେଲେ ସହରର ସଚେତନ ନାଗରିକଙ୍କ ମହଲରେ ନାନା ପ୍ରଶ୍ନବାଚୀ ଉଙ୍କି ମାରିଛି।ତାହା ହେଲା ଏପରି ବେଆଇନ ଗାଡ଼ିଗୁଡ଼ିକର ଆକଳନ ଅନୁଯାୟୀ ରାଜଧାନୀରେ ଚାଲୁଥିବା ମୋଟ ପ୍ରାୟ ୪୫,୦୦୦ ଯାତ୍ରୀବାହି ଓ ମାଲବାହି ଅଟୋ ମଧ୍ୟରୁ ଯଦି ଜବତ ହୋଇଥିବା ୩୫୪ ଗାଡ଼ିରୁ ଅବୈଧ ଭାବେ ୧୫୦ ଟି( ୪୨%) ଅଟୋ ବିନା ପରମିଟ୍‌ରେ ଚାଲିଆସୁଥିଲା,ତେବେ ସହରରେ ଏପରି ହଜାର ହଜାର ବେଆଇନ ଅଟୋ ଚାଲୁଥିବା ଏଥିରୁ ସ୍ପଷ୍ଟ ଭାବେ ବାରି ହେଉଛି ।ତେଣୁ ଏହାର ମୁଖ୍ୟ କାରଣ ହେଲା ପ୍ରଶାସନିକ କୋହଳତା ।ପ୍ରତିଦିନ ସହରର ବିଭିନ୍ନ ଛକରେ ଯାଞ୍ଚ ହେଉଥିବା ସତ୍ତ୍ୱେ ଏତେ ସଂଖ୍ୟକ ବିନା ପରମିଟ୍ ଅଟୋ ବର୍ଷ ବର୍ଷ ଧରି ପ୍ରଶାସନର ଆଖିରେ ଧୂଳି ଦେଇ କିପରି ଚାଲୁଥିଲା ? ଏହାଛଡ଼ା ଏମାନଙ୍କୁ ଏପରି ଲଗାମଛଡ଼ା ଭାବେ ଦାଦାଗିରି କରିବାକୁ କିଏ ସବୁ ପ୍ରଶ୍ରୟ ଦେଇ ଆସୁଥିଲେ ? ଏହି ବେଆଇନ ଅଟୋ ଚାଳକମାନେ କାହା ପୃଷ୍ଠପୋଷକତା ଓ ସଂଘୀୟ ବଳରେ ବଳୀୟାନ ହୋଇ ସାଧାରଣ ଯାତ୍ରୀ



ଓ ଅନ୍ୟ କ୍ୟାବ୍ ଚାଳକଙ୍କ ଉପରେ ଦାଦାଗିରି ଚଳାଉଥିଲେ,ଏପରିକି ପରିବହନ ବିଭାଗ ଓ କମିଶନରେଟ ପୋଲିସକୁ ମଧ୍ୟ ଖାତିର କରୁନଥିଲେ ତାର ନିରପେକ୍ଷ ଓ ପୁଙ୍ଖାନୁପୁଙ୍ଖ ତଦନ୍ତ ହେବା ନିହାତି ଆବଶ୍ୟକ ।ଦୁର୍ବଳ ଯାତ୍ରୀ ସୁରକ୍ଷା ସହ ବିନା ପରମିଟ୍,ଫିଟ୍‌ନେସ୍ କିମ୍ବା ବିନା ପୋଲିସ ଭେରିଫିକେସନ୍‌ରେ ଚାଲୁଥିବା ଅଟୋଗୁଡ଼ିକରେ ମହିଳା ଓ ସାଧାରଣ ଯାତ୍ରୀଙ୍କ ସୁରକ୍ଷା ନେଇ ମଧ୍ୟ ଗମ୍ଭୀର ଆଶଙ୍କା ଦେଖାଦେଇଛି ।ଏହି ପରିପ୍ରେକ୍ଷୀରେ ରାଜଧାନୀ ସ୍ମାର୍ଟ ସିଟିର ସାଧାରଣ ନାଗରିକ ମହଲରେ ଏବେ କେତେକ ପ୍ରମୁଖ ଦାବି ଉପସ୍ଥାପନା କରାଯାଇଛି। ଏଥି ସହିତ ସହରରେ କେତେ ବୈଧ ଓ କେତେ ବେଆଇନ ଅଟୋ ଚାଲୁଛି,ତାର ମଧ୍ୟ ସଠିକ୍ ତଥ୍ୟ ପରିବହନ ବିଭାଗ ସାର୍ବଜନୀନ କରୁ ।ଏଥିସହ କଠୋର ଦଣ୍ଡବିଧାନ ସ୍ୱରୂପ ବିନା କାଗଜପତ୍ରରେ ଗାଡ଼ି ଚଳାଉଥିବା ମାଲିକ/ଚାଳକ ଏବଂ ସେମାନଙ୍କୁ ପ୍ରଶ୍ରୟ ଦେଉଥିବା ଗୋଷ୍ଠୀ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ।ଡିଜିଟାଲ୍‌ସ୍କାନିଂ ବ୍ୟବସ୍ଥା ଅନୁଯାୟୀ ସ୍ମାର୍ଟ ସିଟିର ସିସିଟିଭି ଏବଂ ସ୍ୱୟଂଚାଳିତ ନମ୍ବର ପ୍ଲେଟ୍ ଚିହ୍ନଟ (ଏଏନପିଆର ) ସିଷ୍ଟମ ମାଧ୍ୟମରେ ବିନା ପରମିଟ୍‌ର ଗାଡ଼ିଗୁଡ଼ିକୁ ତୁରନ୍ତ ଚିହ୍ନଟ କରାଯାଉ।

## ଶବ ଆସିଲେ ଶ୍ମଶାନ ଚାବି ପାଇଁ ଫୋନ କଲ୍ ଭରସା

# ସଠିକ୍ କାର୍ଯ୍ୟ ନକରି ଠିକାସଂସ୍ଥା ହାତଉଛି ବିଲ୍

କଟକ, (ସ୍ୱପ୍ର) : କଟକ ସହରରେ କିଛି ନିର୍ଦ୍ଦିଷ୍ଟ ମୁଖ୍ୟ ଶ୍ମଶାନକୁ ଛାଡି ଦେଲେ ଅନେକ ୱାର୍ଡରେ ଥିବା ଛୋଟବଡ ଶ୍ମଶାନର ଉନ୍ନତିକରଣ, ରକ୍ଷଣାବେକ୍ଷଣ ଦାୟିତ୍ୱ କେଏମସି କରୁଥିବା ବେଳେ ଏଥିରେ ସୁରକ୍ଷା ଦାୟିତ୍ୱରେ କାର୍ଯ୍ୟ କରୁଥିବା ଠିକାସଂସ୍ଥା କେବଳ ନାମକୁ ମାତ୍ର କାଗଜପତ୍ରରେ କାର୍ଯ୍ୟ ଦର୍ଶାଇ ସଠିକ କାର୍ଯ୍ୟ ନକରି କେଏମସି ଅଧିକାରୀଙ୍କୁ ହାତ କରି ବିଲ୍ ନେଉଛି । ଏହାର ତଥ୍ୟ ସୂଚନାଅଧିକାର ଆଇନରେ ଧାର୍ଯ୍ୟ ସମୟରେ ମିଳୁନାହିଁ ।କଟକ ୫୩ନଂ ୱାର୍ଡ କଲ୍ୟାଣୀନଗର କେନାଲରୋଡ କଡରେ ଥିବା ଏକ ଶ୍ମଶାନ ରହିଥିବା ବେଳେ ଏହି ଶ୍ମଶାନ ୪୨ନଂ ୱାର୍ଡର କେଏମସି ଅଧିନରେ ଅଛି ବୋଲି କେଏମସି ବହୁମୁଖୀ ପରିମଳ ନିରୀକ୍ଷକ ତ୍ରୈଲୋକ୍ୟ ସାହୁ କହିଛନ୍ତି । ଶ୍ମଶାନରେ ଏକ ଠିକାସଂସ୍ଥା ଏଜେନ୍ସିର ୨ଜଣ କର୍ମଚାରୀ ଡ୍ୟୁଟି ଦାୟିତ୍ୱରେ ରହିଛନ୍ତି ।ଶ୍ମଶାନକୁ ଶବ ଆସିଲେ ମୃତବ୍ୟକ୍ତିଙ୍କ ଆଧାରକାର୍ଡ, ଶବଦାହ କରିବା ପାଇଁ ଆସିଥିବା ବ୍ୟକ୍ତିଙ୍କ ଆଧାରକାର୍ଡ ଓ ମେଡିକାଲ କାଗଜପତ୍ର ଉକ୍ତ କର୍ମଚାରୀ




ନିରୀକ୍ଷଣ କରିବା ପରେ ଶ୍ମଶାନରେ ଶବଦାହ କରାଯାଇଥାଏ । କିନ୍ତୁ ବଡ ଦୁଃଖ ଓ ଆଶ୍ଚର୍ଯ୍ୟର ବିଷୟ ଦିନ ହେଉ କି ରାତି ଶ୍ମଶାନକୁ ଶବ ଆସିଲେ ଖୋଜା ପଡେ ଏଠାରେ ସୁରକ୍ଷାଦାୟିତ୍ୱରେ ଥିବା କର୍ମଚାରୀଙ୍କୁ । ଶ୍ମଶାନ କାନ୍ଥରେ ୨ଜଣଙ୍କ ନମ୍ବର ଲେଖି ଡ୍ୟୁଟି କରନ୍ତି ନାହିଁ । ଫୋନ୍ କଲେ ଆସିଥାନ୍ତି । କୌଣସି ଯାନ୍ତ୍ରିକ ତ୍ରୁଟିରୁ କେତେବେଳେ ଫୋନ ଲାଗିବ କି ନାହିଁ ତାହା କିଏ କହିପାରିବ । ଦୂରରୁ ଶବଦାହ କରିବା ପାଇଁ ଆସିଥିବା ବ୍ୟକ୍ତିମାନେ ଶବକୁ ଶ୍ମଶାନରେ ରଖି ଚାହିଁ ବସିଥାନ୍ତି କେତେବେଳେ ସେହି କର୍ମଚାରୀ ଆସି କାଗଜପତ୍ର ଦେଖି ଶବଦାହ ହେବ । ଏହି ଶ୍ମଶାନ ଦାୟିତ୍ୱରେ ଥିବା ପରିମଳ ନୀରିକ୍ଷକ କହିଛନ୍ତି ଯେ ଶ୍ମଶାନରେ ଠିକାସଂସ୍ଥା କର୍ମଚାରୀ ସବୁବେଳେ ଉପସ୍ଥିତ ରହି ଡ୍ୟୁଟି କରିବା କଥା । କୌଣସି ଫୋନ ନମ୍ବର କାନ୍ଥରେ ଲେଖିବା ନିୟମ ନାହିଁ । ହେଲେ ବିଭାଗୀୟ ଅଧିକାରୀ ସଠିକ ତଦାରଖ କରୁନଥିବା ଯୋଗୁଁ ଏଭଳି ମନମୁଖି କାର୍ଯ୍ୟ ହେଉଥିବା ଦେଖାଯାଉଛି । ଶ୍ମଶାନର ପ୍ରବେଶ ପଥ ଘଞ୍ଚଜଙ୍ଗଲ ପାଲଟିଥିବା ବେଳେ ଶ୍ମଶାନରେ କର୍ମଚାରୀଙ୍କ ଅନୁପସ୍ଥିତି ଓ କୌଣସି ଅଚିହ୍ନା, ଅପମୃତ୍ୟୁ କିମ୍ବା କୌଣସି ଅଘଟଣ ଘଟି ଶବଦାହ କିଛି ଜାଣିବା ମୁସ୍କିଲ୍ । ଶ୍ମଶାନରେ ନିଯୁକ୍ତି ଦେଇଥିବା ଠିକାସଂସ୍ଥା ଓ ତଦାରଖ ଦାୟିତ୍ୱରେ ଥିବା କେଏମସି କର୍ମଚାରୀଙ୍କ ବିରୁଦ୍ଧରେ କଟକ ମହାନଗର ନିଗମ କମିଶନର, ମେୟର କିପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ନା ନୀରବ ରହିବେ ଏହା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି । କଟକ ସହରରେ ଥିବା ସମସ୍ତ ଶ୍ମଶାନ ରକ୍ଷଣାବେକ୍ଷଣ ଦାୟିତ୍ୱ ଓ ସଠିକ ତଦାରଖ କରିବା ପାଇଁ ଦାବି ହେଉଛି ।

### ତମାଖୁ ବର୍ଜନ ସଚେତନତା କାର୍ଯ୍ୟକ୍ରମ

ଖଣ୍ଡପଡ଼ା ,(ସବ୍ୟୁ): ଖଣ୍ଡପଡ଼ା ସହରସ୍ଥିତ ପିଏମଶ୍ରୀ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ଭାରତ ସ୍କାଉଟ୍ସ ଓ ଗାଇଡ୍ସ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ତମାଖୁ ସେବନ ବର୍ଜନ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି ।ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ପରିସରରୁ ହାତରେ ପ୍ଲାକାର୍ଡ ଧରି ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିବା ଅବସରରେ ତମାଖୁ ସେବନର ଭୟାବହତା ନେଇ ସହରବାସୀ ଓ ଯୁବ ପିଢୀଙ୍କୁ ସଚେତନ କରିଥିଲେ ।ସେହିପରି ତମାଖୁ ସେବନ ବର୍ଜନ ନେଇ ଛାତ୍ରଛାତ୍ରୀମାନେ ଶୋଭାଯାତ୍ରା ଜରିଆରେ ସବୁ ବର୍ଗର ଲୋକମାନଙ୍କୁ ଅନୁରୋଧ କରିଥିଲେ ।ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଲିପସା ନନ୍ଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓ ସ୍କାଉଟ୍ସ ଶିକ୍ଷକ ପ୍ରତାପ କୁମାର ବେହେରା, ଗାଇଡ୍ସ କ୍ୟାପଟେନ କବିତା ଜେନା,ସହକାରୀ ଶିକ୍ଷକ ରାଜକିଶୋର ବେହେରାଙ୍କ ଗହଣରେ ଛାତ୍ରଛାତ୍ରୀମାନେ ଶୋଭାଯାତ୍ରାରେ ସାମିଲ ହୋଇଥିଲେ ।

# ଟ୍ରିମ୍ସରେ ଜରୁରୀକାଳୀନ ଜୀବନ ରକ୍ଷାକାରୀ ସିପିଆର୍ ପ୍ରଶିକ୍ଷଣ

କଟକ, (ସ୍ୱପ୍ର) : ଟ୍ରିମ୍ସ ବିଶ୍ୱବିଦ୍ୟାଳୟ ଅଧିନସ୍ଥ ସ୍କୁଲ ଅଫ ଆଲାଏଡ୍ ଓ ହେଲଥ୍ କେୟାର ସାଇନ୍ସ ପକ୍ଷରୁ ହୃଦଘାତ କିମ୍ବା ଶ୍ୱାସକ୍ରିୟା ବନ୍ଦ ହେବା ଭଳି ଜଟିଳ ପରିସ୍ଥିତିରେ ପ୍ରାଥମିକ ଜୀବନ ରକ୍ଷାକାରୀ ସିପିଆର ପ୍ରକ୍ରିୟା ସମ୍ବନ୍ଧୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ



ଅନୁଷ୍ଠିତ ହୋଇଯାଇଛି । ପ୍ରବାସୀ ଓଡିଆ ଡାକ୍ତର ତଥା ଆମେରିକାନ୍ ହାର୍ଟ ଆସୋସସିଏସନ୍ ଓ ରେଡକ୍ରସର ପ୍ରଶିକ୍ଷିକା ଡା. ସୁଚୀସ୍ମିତା ସ୍ୱାଇଁ ବିଶେଷଜ୍ଞ ବକ୍ତା ଭାବରେ ଯୋଗଦେଇ କହିଲେ ପ୍ରତ୍ୟେକଟି ଜୀବନ ମୂଲ୍ୟବାନ୍ । କୌଣସି ବ୍ୟକ୍ତିଙ୍କର ଯଦି ହଠାତ୍ ନିଶ୍ୱାସ ବନ୍ଦ ହୋଇଯାଏ କିମ୍ବା ହୃଦଘାତର ଶୀକାର ହୁଅନ୍ତି ସେତେବେଳେ ପ୍ରାଥମିକ ଚିକିତ୍ସା ସ୍ୱରୂପ ସିପିଆର ଚିକିତ୍ସା ମାଧ୍ୟମରେ ତାଙ୍କର ଜୀବନ ରକ୍ଷାକରିବା ଅତ୍ୟନ୍ତ ଜରୁରୀ ହୋଇଥାଏ । ଏନେଇ ସଚେତନ ହେବା ସହିତ ସଠିକ୍ କୌଶଳ ସମ୍ବନ୍ଧରେ ସେ ପ୍ରାୟୋଗିକ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଏହି ଅବସରରେ ଟ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଛାତ୍ରଛାତ୍ରୀମାନେ ପ୍ରଶିକ୍ଷଣ ଲାଭ କରି ଅନ୍ୟର ଜୀବନ ରକ୍ଷା କରିବାରେ ସମର୍ଥ ହୋଇପାରିବେ ବୋଲି ଆଶା ପ୍ରକାଶ କରିବା ସହିତ ଡା. ସ୍ୱାଇଁଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ପ୍ରଫେସର ଡା. ଶକ୍ତି ପ୍ରସାଦ ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷାନୁଷ୍ଠାନର ଡିନ୍ ଡା. ଦୁର୍ଗା ପ୍ରସାଦ ମିଶ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ପ୍ରାଧାପିକା ଡା. ଶ୍ରୁତି ମହାପାତ୍ର ଓ ପ୍ରାଧାପିକା ଡା. ଉଦିତା ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ଉପ କୁଳପତି ପ୍ରଫେସର ଡ. ରମାକାନ୍ତ ପାଣିଗ୍ରାହୀ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ନିର୍ଦ୍ଦେଶକ (ଛାତ୍ର ସଂପର୍କ) ଲୋକନାଥ ବେହେରା, ଅବସରପ୍ରାପ୍ତ ଆରକ୍ଷୀ ଅଧୀକ୍ଷକ ନିରଂଜନ ସ୍ୱାଇଁ ପ୍ରଶିକ୍ଷଣର ଉପାଦେୟତା ଉପରେ ଗୁରୁତ୍ୱାରୋପ ସହ ଡା. ସ୍ୱାଇଁଙ୍କୁ ତାଙ୍କର ଶିକ୍ଷାଦାନ ପାଇଁ ଶୁଭେଚ୍ଛା ଜଣାଇଥିଲେ । ଶିକ୍ଷାନୁଷ୍ଠାନର ଅଧ୍ୟାପକ, ଅଧ୍ୟାପିକା କାର୍ଯ୍ୟକ୍ରମ ପରିଚାଳନା ଓ ଲୋକ ସଂପର୍କ ଅଧିକାରୀ ନିରାକାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅଜିମ ପ୍ରେମଜୀ ଫାଉଣ୍ଡେସନରେ ୨୦ ହଜାର ବାଳିକାଙ୍କୁ ବୃତ୍ତି ପ୍ରଦାନ

ଭୁବନେଶ୍ୱର (ସବ୍ୟୁ): ଅଜିମ ପ୍ରେମଜୀ ଫାଉଣ୍ଡେସନ ଦିଲ୍ଲୀ (ଏନସିଟି) ନିମନ୍ତେ ଅଜିମ ପ୍ରେମଜୀ ସ୍କଲାରସିପ୍ (ବୃତ୍ତି) ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି। ଏହି ବୃତ୍ତି ଦିଲ୍ଲୀରେ ଚଳିତ ବର୍ଷ ୨୦,୦୦୦ ବାଳିକାଙ୍କୁ ସେମାନଙ୍କର ଉଚ୍ଚଶିକ୍ଷା ଜାରି ରଖିବା ନିମନ୍ତେ ସମର୍ଥନ ଯୋଗାଇଦେବ। ପ୍ରତ୍ୟେକ ମନୋନୀତ ଛାତ୍ରୀଙ୍କୁ କଲେଜରେ ପ୍ରଥମ ବର୍ଷରୁ ସେ ତାଙ୍କର ଅଣ୍ଡରଗ୍ରାଜୁଏଟ ଡିଗ୍ରୀ ଅଥବା ଡିପ୍ଲୋମା ସମ୍ପୂର୍ଣ୍ଣ କରିବା ପର୍ଯ୍ୟନ୍ତ ବର୍ଷକୁ ୩୦,୦୦୦ ଟଙ୍କା ମିଳିବ। ପାଠ୍ୟକ୍ରମର ଅବଧି ଦୁଇରୁ ପାଞ୍ଚବର୍ଷ ପର୍ଯ୍ୟନ୍ତ ସମୟ ଉପରେ ନିର୍ଭର କରି ଜଣେ ଛାତ୍ରୀ ୧.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୃତ୍ତି ପାଇପାରିବେ। ଏହି ବୃତ୍ତି ଅର୍ଥକୁ କଲେଜ ଦେୟ ପୈଠ ଏବଂ ଅନ୍ୟାନ୍ୟ ଶିକ୍ଷା ସମ୍ପର୍କିତ ଖର୍ଚ୍ଚ ନିମନ୍ତେ ବ୍ୟବହାର କରାଯାଇପାରିବ। ୨୦୨୪ରେ ପ୍ରଚଳନ କରାଯାଇଥିବା ଏହି ବୃତ୍ତି




ସମ୍ପ୍ରତି ଆନ୍ଧ୍ରପ୍ରଦେଶ, ଅରୁଣାଚଳ ପ୍ରଦେଶ, ଆସାମ, ବିହାର, ଛତିଶଗଡ, ଦିଲ୍ଲୀ (ଏନସିଟି), ଝାଡଖଣ୍ଡ, କର୍ଣ୍ଣାଟକ, ମଧ୍ୟ ପ୍ରଦେଶ, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ଓଡ଼ିଶା, ପୁଡୁଚେରୀ, ରାଜସ୍ଥାନ, ସିକ୍କିମ, ତେଲେଙ୍ଗାନା, ତ୍ରିପୁରା, ଉତ୍ତର ପ୍ରଦେଶ ଏବଂ ଉତ୍ତରାଖଣ୍ଡ ଆଦି ୨୧ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ମଧ୍ୟରୁ ଯେକୋ÷ଣସି ସ୍ଥାନରେ ସେମାନଙ୍କର ସ୍କୁଲ ଶିକ୍ଷା ସମାପ୍ତ କରିଥିବା ବାଳିକାମାନଙ୍କ ନିମନ୍ତେ ଉନ୍ମୁକ୍ତ ହୋଇଛି। ଏଥିପାଇଁ ଯୋଗ୍ୟ ବିବେଚିତ ହେବା ସକାଶେ ଜଣେ ଛାତ୍ରୀ ଉପରୋକ୍ତ ରାଜ୍ୟ / କେନ୍ଦ୍ରଶାସିତ ଅଞ୍ଚଳର ଏକ ସରକାରୀ ବିଦ୍ୟାଳୟରୁ ୧୦ମ ଓ ୧୨ଶ ଶିକ୍ଷା ସମ୍ପୂର୍ଣ୍ଣ କରିଥିବେ ଏବଂ ଭାରତର ଯେକୌଣସି ସ୍ଥାନରେ ଏକ ସ୍ୱୀକୃତିପ୍ରାପ୍ତ ଶିକ୍ଷାନୁଷ୍ଠାନରେ ଅଣ୍ଡର ଗ୍ରାଜୁଏଟ ଡିଗ୍ରୀ ଅଥବା ଡିପ୍ଲୋମା ପାଠ୍ୟକ୍ରମର ପ୍ରଥମ ବର୍ଷରେ ନାମ ଲେଖାଇଥିବେ।

# କୋଟାକ ବିଜ୍‌ଲାବ୍ସ ତୃତୀୟ ସଂସ୍କରଣ ଜାତୀୟ ସ୍ତରରେ ପ୍ରସାରିତ, ୧୦୦ରୁ ଅଧିକ ଷ୍ଟାର୍ଟଅପକୁ ସହାୟତା ଯୋଗାଇବ

ଭୁବନେଶ୍ୱର (ସବ୍ୟୁ): କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ଼ ("କେଏମବିଏଲ"/କୋଟାକ୍") ଆଜି ପାରମ୍ଭିକ ଅବସ୍ଥାରେ ରାଜସ୍ୱ ଅର୍ଜନ କରୁଥିବା ଏହାର ଷ୍ଟାର୍ଟଅପ ଗୁଡ଼ିକ ପାଇଁ ପ୍ରମୁଖ ସିଏସଆର ପଦକ୍ଷେପ କୋଟାକ୍ ବିଜ୍‌ଲାବ ଆକ୍ସିଲରେଟର କାର୍ଯ୍ୟକ୍ରମ ତୃତୀୟ ସଂସ୍କରଣର ଘୋଷଣା କରିଛି। ଏହି ତୃତୀୟ ସଂସ୍କରଣ ଅଗଷ୍ଟ ୨୦୨୬ରୁ ଅକ୍ଟୋବର ୨୦୨୭ ପର୍ଯ୍ୟନ୍ତ ·ଲିବ ଏବଂ ସାରା ଭାରତରେ ରହିଥିବା ଏହାର ୧୦୦ରୁ ଅଧିକ ଷ୍ଟାଟଅପକୁ ମାର୍ଗଦର୍ଶନ ଇକୋସିଷ୍ଟମ ଗ୍ରହଣକାରୀତା ଏବଂ ଅନୁଦାନ ସହାୟତା ମାଧ୍ୟମରେ ସହଯୋଗ କରିବ। ଏହି ତୃତୀୟ ସଂସ୍କରଣରେ ୫ଟି ଇନକ୍ୟୁବେସନର ସହଯୋଗୀ ଏକାଠି ହୋଇଛନ୍ତି ଯାହା ମଧ୍ୟରେ ରହିଛି: ଆଇଆଇଏମ କଲିକତା ଇନୋଭେସନ ପାର୍କ, ସିଆଇଆଇଇ ଇନିସିଏଟିଭ (ଆଇଆଇଏମଏ ଭେନଚ୍ୟୁଅର), ଆଇଆଇଏମ ବାଙ୍ଗାଲୁରଠାରେ ଅବସ୍ଥାପିତ ଆଇଆଇଏମବିଆଇ/ଏନଏସଆରସିଇଏଲ, ଟି-ହବ ଏବଂ ଆଇଆଇଟି ଦିଲ୍ଲୀଠାରେ ଅବସ୍ଥାପିତ ଏଫଆଇଟିଟି। ଏହାର ଶୁଭାରମ୍ଭ ପରଠାରୁ, କୋଟାକ୍ ବିଜଲାବ୍ସ ଆକ୍ସିଲରେଟର ବା ତ୍ୱରାନ୍ୱିତ ପ୍ରୋଗ୍ରାମ ସମଗ୍ର ଭାରତରେ ରହିଥିବା ଷ୍ଟାର୍ଟଅପଗୁଡ଼ିକ ଠାରୁ ୪,୫୦୦ରୁ ଅଧିକ ଆବେଦନ ପାଇଛି ଯାହା ମଧ୍ୟରୁ ୧୨୫ରୁ ଅଧିକ ଉଚ୍ଚ ସମ୍ଭାବନାସମ୍ପନ୍ନ ଉଦ୍ୟୋଗକୁ ଏହା ତ୍ୱରାନ୍ୱିତ କରିଛି ଏବଂ ୧୦୦ରୁ ଅଧିକ ଷ୍ଟାର୍ଟଅପକୁ ଏହା ଅନୁଦାନ ପ୍ରଦାନ କରିଛି।

# ଜଟଣୀରେ ନିଶାମୁକ୍ତ ପ୍ରତିଜ୍ଞା ଅଭିଯାନର ଲହର

ଜଟଣୀ, (ସବ୍ୟୁ): ଜଟଣୀର ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ତରଫରୁ ନିଶାମୁକ୍ତ ଭାରତ ପ୍ରତିଜ୍ଞା ଅଭିଯାନର ଲହର ଦେଖିବାକୁ ମିଳିଛି । ବ୍ରହ୍ମାକୁମାରୀ ଅନୁଷ୍ଠାନର ପୂର୍ବତନ ପ୍ରଶାସିକା ରାଜଯୋଗିନୀ ଦାଦି ପ୍ରକାଶମଣିଙ୍କର ୧୯ତମ ପୁଣ୍ୟତିଥି ଅବସରରେ ସେବାକେନ୍ଦ୍ରର ସଂଚାଳିକା ବ୍ରହ୍ମାକୁମାରୀ ଜ୍ୟୋତି ଭଉଣୀଙ୍କ ନେତୃତ୍ୱରେ ଜଟଣୀର ପ୍ରାୟ ସମସ୍ତ ସରକାରୀ ବେସରକାରୀ ବିଦ୍ୟାଳୟ ମହାବିଦ୍ୟାଳୟ ଯଥା କୁଦିଆରୀ ହାଇସ୍କୁଲ, ହରିରାଜପୁର ହାଇସ୍କୁଲ, ଜଟଣୀ ପି.ଏନ୍ ହାଇସ୍କୁଲ, ବାଛରା ହାଇସ୍କୁଲ, ଜଟଣୀ ମହାବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, କେନ୍ଦ୍ରୀୟ ବିଦ୍ୟାଳୟ, ବଡ଼ତୋଟା ବେଲପଡ଼ା ହାଇସ୍କୁଲ, କୁଶୁମାଟି ହାଇସ୍କୁଲ, ଜାଭିୟର ସ୍କୁଲ, ଶିଶୁଶିକ୍ଷା ନିକେତନ, ରେଳବାଇ ସ୍କୁଲ୍, ଅରଗୁଳ ସ୍ଥିତ ଅନ୍ଧ ମୂକ ବଧିର ସ୍କୁଲ, ଖୋର୍ଦ୍ଧାରୋଡ



ଡିଭିଜନର ରେଳବାଇ କର୍ମଚାରୀ, ତରାବୋଇ ତିରିମଲ ହାଇସ୍କୁଲ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବାବା କଲେଜ , ଆଦର୍ଶ ବିଦ୍ୟାଳୟ, ସେଞ୍ଚୁରିଆନ୍ ମହାବିଦ୍ୟାଳୟ, ଆଇଆଇଟି ଭୁବନେଶ୍ୱର, ଗୋଡ଼ିପୁଟ ମାଟିଆଗଡା ହାଇସ୍କୁଲ୍, କନ୍ତିଆ ମହିଳା ମହାବିଦ୍ୟାଳୟ, ଏଡିଏସ ବିଦ୍ୟାଳୟ, ଅରୁଗୁଳ ହାଇସ୍କୁଲ, ନୀଳକଣ୍ଠ ହାଇସ୍କୁଲ,ଆଇଡିଆଲ ଇଞ୍ଜିନିୟରିଂ ପବ୍ଲିକ ସ୍କୁଲ, ଶରତ ପାଇକରାୟ କଲେଜ , ସ୍ୱସ୍ତିଜ୍ୟୋତି ସ୍କୁଲ, ତଥା ଜଟଣୀର ସମସ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମାନଙ୍କୁ ଯାଇ ବ୍ରହ୍ମାକୁମାର ବ୍ରହ୍ମାକୁମାରୀ ଭାଇ ଓ ଭଉଣୀ ମାନେ ନିଶାମୁକ୍ତ ଭାରତ ଗଠନରେ ନିଜ ନିଜର ଯୋଗଦାନ ଦେବା ପାଇଁ ପ୍ରତିଜ୍ଞା କରିଥିଲେ।

# 'ଆଜିର ଶିକ୍ଷା, କାଲିର ନେତୃତ୍ୱ': ସିଟି ମହିଳା କଲେଜରେ ଆଇଡବ୍ଲ୍ୟୁସିର କର୍ମଶାଳା

ଭୁବନେଶ୍ୱର (ସବ୍ୟୁ): ଇନର ୱିଲ୍ କ୍ଲବ୍ (ଆଇଡବ୍ଲ୍ୟୁସି), ଭୁବନେଶ୍ୱର ପକ୍ଷରୁ ସିଟି ମହିଳା କଲେଜ ପରିସରରେ 'ଆଜିର ଶିକ୍ଷା, କାଲିର ନେତୃତ୍ୱ' ଶୀର୍ଷକ ଏକ




ପ୍ରେରଣାଦାୟୀ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ନିରନ୍ତର ଶିକ୍ଷା ଓ ସଠିକ୍ ଅଭ୍ୟାସ ଗଠନ ଦ୍ୱାରା ଯୁବପିଢ଼ି କିପରି ଭବିଷ୍ୟତର ସଫଳ ନେତା ହୋଇପାରିବେ, ସେ ନେଇ ଏହି କାର୍ଯ୍ୟକ୍ରମରେ ଗୁରୁତ୍ୱାରୋପ କରାଯାଇଥିଲା। ଏଥିରେ କଲେଜର +୨ ଶ୍ରେଣୀର ୬୦ରୁ ଊର୍ଦ୍ଧ୍ୱ ଛାତ୍ରୀ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସେଞ୍ଚୁରିଆନ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ ୟୁନିଭରସିଟିର କୁଳପତି ଡ. ସୁପ୍ରିୟା ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ଦିଗଦର୍ଶନ ଦେଇଥିଲେ। ବାସ୍ତବ ଜୀବନର ବିଭିନ୍ନ ଉଦାହରଣ ଦେଇ ସେ କହିଥିଲେ ଯେ, ପିଲାଦିନରୁ ଆତ୍ମନିର୍ଭରଶୀଳତା ଓ ନିଜ ଭିତରେ ଥିବା ସୁପ୍ତ ପ୍ରତିଭାର ବିକାଶ କରିପାରିଲେ ଜଣେ ଦକ୍ଷ ନେତା ହୋଇପାରିବ। ପ୍ରକଳ୍ପ ଅଧ୍ୟକ୍ଷା ମଧୁମିତା ଦାସ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇ ଜ୍ଞାନ ଆହରଣର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଆଇଡବ୍ଲ୍ୟୁସି ଭୁବନେଶ୍ୱରର ସଭାପତି ଜୟଶ୍ରୀ ପଟ୍ଟନାୟକଙ୍କ ସ୍ୱାଗତ ଭାଷଣ ସହ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଡିଷ୍ଟ୍ରିକ୍ଟ ଇଏସଓ ପୁଷ୍ପା ହରିଚନ୍ଦନ କ୍ଲବ୍‌ର ବିଭିନ୍ନ ସାମାଜିକ ଲକ୍ଷ୍ୟ ସମ୍ପର୍କରେ ବୁଝାଇଥିବା ବେଳେ ସମ୍ପାଦିକା ମଧୁମିତା ମିତ୍ର ମୁଖ୍ୟ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। କଲେଜର ଅଧ୍ୟକ୍ଷା, ଅଧ୍ୟାପିକା ଓ କ୍ଲବର ସଦସ୍ୟାମାନଙ୍କ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଶେଷରେ ପୂର୍ବତନ ସଭାପତି ପ୍ରତିମା ନଳିନୀ ପତି ଧନ୍ୟବାଦ ଅର୍ପଣ କରିଥିଲେ। ନାରୀ ସଶକ୍ତୀକରଣ ଓ ଯୁବ ବିକାଶ ଦିଗରେ ଆଇଡବ୍ଲ୍ୟୁସିର ଏହି ପ୍ରୟାସକୁ ଛାତ୍ରୀମାନେ ଉଚ୍ଚ ପ୍ରଶଂସା କରିବା ସହ ଆଗାମୀ ଦିନରେ ଏଭଳି ଆହୁରି କର୍ମଶାଳା ଆୟୋଜନ ପାଇଁ ନିବେଦନ କରିଥିଲେ।

## ଏମ୍‌ବିଏରେ ନାମଲେଖା ପାଇଁ ସ୍ନାପ ୨୦୨୬ରେ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି

ଭୁବନେଶ୍ୱର, (ସବ୍ୟୁ): ସିମ୍ବାୟୋସିସ ଇଂଟରନ୍ୟାସନାଲ (ଡିମଡ ୟୁନିଭର୍ସିଟି) ପକ୍ଷରୁ ଏମ୍. ବି.ଏ. ଆଶାୟୀଙ୍କ ପାଇଁ ଜାତୀୟସ୍ତରୀୟ ପ୍ରବେଶିକା ପରୀକ୍ଷା ସିମ୍ବାୟୋସିସ ନ୍ୟାସନାଲ ଆପ୍ଟିଟ୍ୟୁଡ୍ ଟେଷ୍ଟ (ସ୍ନାପ ୨୦୨୬) ପାଇଁ ଆବେଦନ ପ୍ରକ୍ରିୟା ଆରମ୍ଭ କରିଛି। ପାଂଚ ଦଶନ୍ଧିରୁ ଅଧିକ ସମୟର ଶିକ୍ଷାଗତ ଉତ୍କର୍ଷତା ସହ ସିମ୍ବାୟୋସିସ ବିଶ୍ୱସ୍ତରୀୟ, ଶିଳ୍ପ-ଅନୁକୂଳ ଏବଂ ଗୁଣାତ୍ମକ ପରିଚାଳନା ଶିକ୍ଷା ପାଇଁ ଛାତ୍ରଛାତ୍ରୀଙ୍କ ପସନ୍ଦର ଅନୁଷ୍ଠାନ ଭାବେ ରହିଆସିଛି। ସ୍ନାପ ୨୦୨୬ ପାଇଁ ପଞ୍ଜୀକରଣ ଓ ଫି' ପୈଠ ପ୍ରକ୍ରିୟା ୨୧ ଅଗଷ୍ଟ ୨୦୨୬ (ଶୁକ୍ରବାର) ରୁ ଆରମ୍ଭ ହୋଇ ୨୫ ନଭେମ୍ବର ୨୦୨୬ରେ ଶେଷ ହେବ। କମ୍ପ୍ୟୁଟର-ଆଧାରିତ ପରୀକ୍ଷା (ସିବିଟି) ତିନୋଟି ତାରିଖରେ ଅନୁଷ୍ଠିତ ହେବ। ପ୍ରାର୍ଥୀମାନେ ସର୍ବାଧିକ ତିନିଥର ପରୀକ୍ଷା ଦେଇପାରିବେ ଏବଂ ନାମଲେଖା ପ୍ରକ୍ରିୟାରେ ସର୍ବୋତ୍ତମ ସ୍କୋରକୁ ବିଚାର କରାଯିବ। ସ୍ନାପ ପରୀକ୍ଷା ନିମ୍ନ ତାରିଖ ଗୁଡ଼ିକରେ ୧୩ ଡିସେମ୍ବର ୨୦୨୬ (ରବିବାର), ୧୯ ଡିସେମ୍ବର ୨୦୨୬ (ଶନିବାର. ୨୬ ଡିସେମ୍ବର ୨୦୨୬ (ଶନିବାର) ଅନୁଷ୍ଠିତ ହୋଇ ୧୨ ଜାନୁଆରୀ ୨୦୨୭ (ମଙ୍ଗଳବାର) ଫଳାଫଳ ପ୍ରକାଶ ପାଇବ। ସ୍ନାପ ୨୦୨୬ ଦେଶର ୭୯ଟି ସହରରେ ଅନୁଷ୍ଠିତ ହେବ। ପରୀକ୍ଷାରେ ଅବଜେକ୍ଟିଭ୍ ପ୍ରକାରର ପ୍ରଶ୍ନ ରହିବ ଏବଂ ପ୍ରତ୍ୟେକ ପ୍ରଶ୍ନର ଚାରିଟି ଉତ୍ତର ବିକଳ୍ପ ରହିବ। ପ୍ରତ୍ୟେକ ଭୁଲ ଉତ୍ତର ପାଇଁ ୨୫% ନେଗେଟିଭ୍ ମାର୍କିଂ ରହିବ।

# ବିଦେଶୀ ଛାତ୍ରଛାତ୍ରୀଙ୍କ ପାଇଁ ସୋଆରେ ସ୍ୱତନ୍ତ୍ର ଗ୍ରାଜୁଏସନ୍ ସମାରୋହ

ଭୁବନେଶ୍ୱର, (ସବ୍ୟୁ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଡିମ୍‌ଡ ଟୁ ବି ବିଶ୍ୱବିଦ୍ୟାଳୟରେ ବିଭିନ୍ନ ପାଠ୍ୟକ୍ରମରେ ଅଧ୍ୟୟନ କରି ଶିକ୍ଷା ସମାପ୍ତ କରିଥିବା ୪୬ ଜଣ ବିଦେଶୀ ଛାତ୍ରଛାତ୍ରୀଙ୍କୁ ମଙ୍ଗଳବାର ଏକ ବିଶେଷ କାର୍ଯ୍ୟକ୍ରମରେ ଡିଗ୍ରୀ ପ୍ରଦାନ କରାଯାଇଛି। ପନ୍ଦରଟି ବିଭିନ୍ନ ଦେଶରୁ ଆସିଥିବା ଏହି ଛାତ୍ରଛାତ୍ରୀମାନେ ବି.ଟେକ୍, ଏମ.ଟେକ୍, ବି.ଫାର୍ମ, ବି.ଏସ.ସି (କୃଷି), ବିବିଏ, ମାଷ୍ଟର ଇନ୍ ହସ୍ପିଟାଲ ଆଡମିନିଷ୍ଟ୍ରେସନ ଓ ବି.ଏସ.ସି (ଅପଟୋମେଟ୍ରି) ପାଠ୍ୟକ୍ରମର ଅନ୍ତର୍ଭୁକ୍ତ ଥିଲେ। ଏହି କାର୍ଯ୍ୟକ୍ରମରେ ଇଂଟରନ୍ୟାସନାଲ ଟ୍ରିବ୍ୟୁନାଲ ଫର ଦ ଲ ଅଫ ଦ ସି, ହାମବର୍ଗର ବିଚାରପତି ପ୍ରଫେସର ମରିସ କାମଗା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଦେଶୀ ଛାତ୍ରଛାତ୍ରୀମାନଙ୍କ ସଫଳତା ନିମନ୍ତେ ସେମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ତାଙ୍କ ନିଜ ଦେଶ କ୍ୟାମେରୁନ୍‌ର ଛାତ୍ରଛାତ୍ରୀମାନେ ମଧ୍ୟ ଏହି ସଫଳତା ଲାଭ କରିଥିବାରୁ ସେ ଆନନ୍ଦ ପ୍ରକାଶ କରିଥିଲେ। ସୋଆ ସହିତ କ୍ୟାମେରୁନ୍‌ର ହାନସିଆଟିକ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକନୋଲୋଜି ଆଣ୍ଡ ଆପ୍ଲାଇଡ୍ ସାଇନସେସର ଉଚ୍ଚ ଶିକ୍ଷାରେ ସହଯୋଗ ନିମନ୍ତେ ଏକ ବୁଝାମଣା ସ୍ୱାକ୍ଷରିତ



ହୋଇଥିବା ସେ ପ୍ରକାଶ କରିଥିଲେ।

ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଛାତ୍ରଛାତ୍ରୀମାନଙ୍କୁ ଡିଗ୍ରୀ ପ୍ରଦାନ କରିବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସେ କହିଥିଲେ ଯେ ଏହି ଛାତ୍ରଛାତ୍ରୀମାନେ ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁସ୍‌ନାଲ ର୍‌ୟାଙ୍କିଙ୍ଗ ଫ୍ରେମ୍‌ୱାକ୍ (ଏନଆଇଆରଏଫ୍) ର୍‌ୟାଙ୍କିଙ୍ଗ ଅନୁଯାୟୀ ଭାରତର ୧୫ତମ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟରୁ ଡିଗ୍ରୀ ହାସଲ କରିଥିବାରୁ ଗର୍ବିତ ହେବା ଆବଶ୍ୟକ। ଏହି କାର୍ଯ୍ୟକ୍ରମରେ ଉପକୁଳପତି ପ୍ରଫେସର ଅନୁପ କୁମାର ସାମନ୍ତରାୟ, ପ୍ରଫେସର ପ୍ରଶାନ୍ତ କୁମାର ପାତ୍ର ଓ ପ୍ରଫେସର (ଡ) ନୀତା ମହାନ୍ତି, କଂଟ୍ରୋଲର ଅଫ୍ ଏଗଜାମିନେସନ ପ୍ରଫେସର ମଞ୍ଜୁଲା ଦାସ, ୟୁନିଭର୍ସିଟି ଆଉଟ୍‌ରିଚ ପ୍ରୋଗ୍ରାମ ଓ ଇଂଟରନ୍ୟାସନାଲ ରିଲେନ୍ସ ନିର୍ଦ୍ଦେଶକ ପ୍ରଫେସର ନଚିକେତା କେ. ଶର୍ମା ଓ ସୋଆ ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଂଜନ ଦାସ ଉପସ୍ଥିତ ଥିଲେ।

# ବେଜିଂରେ ଭାରତ -ଚୀନ ସୀମା କଥାବାର୍ତ୍ତା

ନୂଆଦିଲ୍ଲୀ: ଜାତୀୟ ସୁରକ୍ଷା ଉପଦେଷ୍ଟା ଅଜିତ ଡୋଭାଲ ଓ ଚୀନ୍ ବିଦେଶ ମନ୍ତ୍ରୀ ୱାଙ୍ଗ ୟି ମଙ୍ଗଳବାର ବେଜିଂରେ ଭାରତ-ଚୀନ୍ ସୀମା ସଂକ୍ରାନ୍ତରେ ବିଶେଷ ପ୍ରତିନିଧିମାନଙ୍କର ୨୫ତମ ପର୍ଯ୍ୟାୟ ଆଲୋଚନା କରିଛନ୍ତି। ଅରୁଣାଚଳ ପ୍ରଦେଶ ସୀମାନ୍ତରେ ଚୀନ୍ର ପୁନର୍ବାର କାର୍ଯ୍ୟକଳାପକୁ ନେଇ ଚିନ୍ତା ବଢ଼ିଥିବା ବେଳେ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ସମୟରେ ଏହି ବୈଠକ ହୋଇଛି।ନୂଆଦିଲ୍ଲୀ ଓ ବେଜିଂ ୨୦୨୦ର ଗଲୱାନ ସଂଘର୍ଷ ପରେ ପୂର୍ବ ଲଦାଖରେ ଦୀର୍ଘ ସାମରିକ ମୁହାଁମୁହିଁ ସ୍ଥିତି ପରେ ସମ୍ପର୍କରେ ସାବଧାନତାମୂଳକ ସ୍ଥିରତା ଆଣିବାକୁ ଚେଷ୍ଟା କରୁଥିବାବେଳେ ଆଲୋଚନାରେ ସୀମା ପ୍ରଶ୍ନ, ଦ୍ୱିପାକ୍ଷିକ ସମ୍ପର୍କ ଏବଂ ଆଞ୍ଚଳିକ ଓ ଅନ୍ତର୍ଜାତୀୟ ଘଟଣାବଳୀ ଉପରେ ଗୁରୁତ୍ୱ ଦିଆଯାଇଛି। ସୀମା ଆଲୋଚନା ପାଇଁ ଭାରତର ନିଯୁକ୍ତ ବିଶେଷ ପ୍ରତିନିଧି ଡୋଭାଲ,



ତାଙ୍କ ଚୀନ୍ ପ୍ରତିପକ୍ଷ ୱାଙ୍ଗଙ୍କ ଆମନ୍ତ୍ରଣରେ ଦୁଇଦିନିଆ ଚୀନ୍ ଗସ୍ତରେ ଅଛନ୍ତି। ଡୋଭାଲ ମଧ୍ୟ ଚୀନ୍ ଉପରାଷ୍ଟ୍ରପତି ହାନ୍ ଜେଙ୍ଗଙ୍କ ସହ ସାକ୍ଷାତ୍ କରିଥିଲେ। ଦୁଇ ନେତା ସୀମାରେ ଶାନ୍ତି ଓ ସ୍ଥିରତା ବଜାୟ ରଖିବା ସହିତ ଅର୍ଥନୈତିକ, ରାଜନୈତିକ ଓ ବହୁପକ୍ଷୀୟ ମଞ୍ଚରେ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ସୁଦୃଢ଼ କରିବାର ଉପାୟ ନେଇ ଆଲୋଚନା କରିଥିଲେ। ଏହା ଦୁଇ ଦେଶର ନେତାମାନଙ୍କ ମଧ୍ୟରେ ହୋଇଥିବା ସହମତି ସହ ସମନ୍ୱିତ ଥିଲା।ଉଲ୍ଲେଖଯୋଗ୍ୟ ସେପ୍ଟେମ୍ବର ୧୨ ଓ ୧୩ରେ ନୂଆଦିଲ୍ଲୀରେ ହେବାକୁ ଥିବା ବ୍ରିକ୍ସ ସମ୍ମିଳନୀ ପୂର୍ବରୁ ଡୋଭାଲଙ୍କ ବୈଠକର ଗୁରୁତ୍ୱ ଆହୁରି ବଢ଼ିଛି। ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ ଏଥିରେ ଯୋଗଦେବେ ବୋଲି ଆଶା କରାଯାଉଛି, ଯଦିଓ ବେଜିଂ ଏପର୍ଯ୍ୟନ୍ତ ଜିନପିଙ୍ଗଙ୍କ ଗସ୍ତ ସଂକ୍ରାନ୍ତରେ ଆନୁଷ୍ଠାନିକ ଭାବେ କିଛି ସ୍ପଷ୍ଟ କରିନାହିଁ। ପ୍ରଧାନମନ୍ତ୍ରୀ ମୋଦୀ ଓ ସି ଜିନପିଙ୍ଗ ଶେଷଥର ପାଇଁ ଅଗଷ୍ଟ ୨୦୨୫ରେ ତିଆନଜିନ୍ରେ ହୋଇଥିବା ସାଂଘାଇ ସହଯୋଗ ସଂଗଠନ ସମ୍ମିଳନୀ ଅବସରରେ ସାକ୍ଷାତ୍ କରିଥିଲେ।ଚୀନ୍ ସମଗ୍ର ଭାରତୀୟ ରାଜ୍ୟ ଅରୁଣାଚଳ ପ୍ରଦେଶ ଉପରେ ଦାବି କରୁଛି ଏବଂ ଏହାକୁ 'ଜାଙ୍ଗନାନ' ବା ଦକ୍ଷିଣ ତିବ୍ବତ ବୋଲି କହୁଛି। ଭାରତ ଏହି ଦାବିକୁ ନିରନ୍ତର ଭାବେ ପ୍ରତ୍ୟାଖ୍ୟାନ କରିଆସିଛି ଏବଂ କହିଛି ଯେ ଅରୁଣାଚଳ ପ୍ରଦେଶ ଆମ ଦେଶର ଏକ ଅବିଭାଜ୍ୟ ଅଂଶ। ଅରୁଣାଚଳ ପ୍ରଦେଶର ଉପର ସୁବନସିରି ଅଞ୍ଚଳରେ ଚୀନ୍ର ସାମରିକ କାର୍ଯ୍ୟକଳାପ ବୃଦ୍ଧି ଓ ଆକ୍ରମଣାତ୍ମକ ଆଭିମୁଖ୍ୟ ସମ୍ପର୍କିତ ରିପୋର୍ଟ ପରେ ପୂର୍ବ କ୍ଷେତ୍ରଟି ପୁନର୍ବାର ଗୁରୁତ୍ୱ ପାଇଛି। ଏହି ଘଟଣାବଳୀ ନୂଆଦିଲ୍ଲୀ ଓ ବେଜିଂର ଦ୍ୱିପାକ୍ଷିକ ସମ୍ପର୍କ ସୁଧାରିବାର ପ୍ରୟାସକୁ ଆହୁରି ଜଟିଳ କରିଛି। ଭାରତ ନିରନ୍ତର ଭାବେ କହିଆସିଛି ଯେ ସୀମାରେ ଶାନ୍ତି ଓ ସ୍ଥିରତା ବ୍ୟାପକ ଦ୍ୱିପାକ୍ଷିକ ସମ୍ପର୍କ ପାଇଁ ମୌଳିକ ଆବଶ୍ୟକତା। ଡୋଭାଲ-ୱାଙ୍ଗ ବୈଠକ ପୂର୍ବରୁ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ମଧ୍ୟ ଏହି ମତକୁ ଦୋହରାଇଥିଲେ।

# ଚୀନର ଗ୍ଲାଇଡ୍ କ୍ଷେପଣାସ୍ତ୍ର : ଚିନ୍ତାରେ ଆମେରିକା

ବେଜିଂ: ଚୀନ୍ ସେନା ଏପରି ହାଇପରସୋନିକ୍ ଗ୍ଲାଇଡ୍ ଯାନ ବିକଶିତ କରିଛି ଯାହା ଆକାଶରୁ ଆକାଶରେ ନିକ୍ଷେପ ହେଉଥିବା କ୍ଷେପଣାସ୍ତ୍ର ଉତ୍କ୍ଷେପଣ କରିବାକୁ ସକ୍ଷମ। ଏହା ହଜାର ହଜାର ମାଇଲ୍ ଦୂରରେ କମାଣ୍ଡ-ଏଣ୍ଡ-କଣ୍ଟ୍ରୋଲ୍ ବିମାନ ଭଳି ଗୁରୁତ୍ୱପୂର୍ଣ୍ଣ ଲକ୍ଷ୍ୟସ୍ଥଳର ଲକ୍ଷ୍ୟଭେଦ କରି ପାରିବ। ଚୀନ୍ ପାଖରେ ବିଶ୍ୱର ସର୍ବବୃହତ ଅସ୍ତ୍ରଶସ୍ତ୍ର ଭଣ୍ଡାର ଅଛି। ସେଥିରେ ୩,୧୫୦ ରୁ ଅଧିକ ବାଲିଷ୍ଟିକ୍ ଅସ୍ତ୍ରଶସ୍ତ୍ର ଅଛି। ଅପରପକ୍ଷରେ ଇରାନ ସହିତ ଛଅ ମାସର ଯୁଦ୍ଧ ପରେ ଆମେରିକା ବାୟୁ ପ୍ରତିରକ୍ଷା କ୍ଷେପଣାସ୍ତ୍ର ଏବଂ ଦୂରଗାମୀ ଅସ୍ତ୍ରଶସ୍ତ୍ର ଅଭାବର ସମ୍ମୁଖୀନ ହେଉଛି।ଯଦି ଚୀନ୍ ସହିତ ସଂଘର୍ଷ ହେବ ତେବେ ଆମେରିକାର ବିମାନ ଅଭିଯାନ ପାଇଁ ବିପଦ ସୃଷ୍ଟି ହୋଇପାରେ। ଚୀନ୍ର ଡିଏଫ-୧୭ କ୍ଷେପଣାସ୍ତ୍ରରୁ ଉତକ୍ଷେପଣ କରାଯାଇଥିବା ଏକ ହାଇପରସୋନିକ୍ ଗ୍ଲାଇଡ୍ ଯାନ ପ୍ରାୟ ୧,୫୦୦ ମାଇଲ୍ ବା ୨,୪୧୪ କିଲୋମିଟର) ଦୂରତା ଯାତ୍ରା କରିପାରିବ। ଏହି ଦୂରତା ଚୀନ୍ ଠାରୁ ଆମେରିକାର ପ୍ରମୁଖ ସାମରିକ ଘାଟି ଗୁଆମ୍ ଅଞ୍ଚଳ ପର୍ଯ୍ୟନ୍ତ ଦୂରତାଠାରୁ ଅଳ୍ପ କମ୍। ସେହିପରି ଡିଏଫ-୨୭ କ୍ଷେପଣାସ୍ତ୍ରର ସର୍ବାଧିକ ସୀମା ପ୍ରାୟ ୫,୦୦୦ ମାଇଲ୍ ବା ୮,୦୪୭ କିଲୋମିଟର। ଏହା ହାୱାଇକୁ ନିଜର ପରିସର ମଧ୍ୟରେ ରଖିଛି।ହାଇପରସୋନିକ୍ ଗ୍ଲାଇଡ୍ ଯାନ(ଏଚଜିଭି) ଲକ୍ଷ୍ୟସ୍ଥଳକୁ ଯିବା ସମୟରେ ମଝି ଆକାଶରେ ନିଜର ଦିଗ ପରିବର୍ତ୍ତନ କରି ନିଜ ଆକ୍ରମଣ ପରିସର ବୃଦ୍ଧି କରିବାକୁ ସକ୍ଷମ।



ଫଳରେ ସେମାନଙ୍କୁ ଅଟକାଇବା ଅଧିକ କଷ୍ଟକର ହୋଇଥାଏ। ଚୀନ୍କୁ ଛାଡିଦେଲେ ଅନ୍ୟ କୌଣସି ଦେଶ ପାଖରେ ଏପରି ଅସ୍ତ୍ର ନାହିଁ ଯାହା ଏଚଜିଭି ଏବଂ ଆକାଶରୁ ଆକାଶ କ୍ଷେପଣାସ୍ତ୍ରକୁ ମିଳିତ ଭାବେ ଆକ୍ରମଣରେ ସାମିଲ କରିପାରିବ।

## ପାକିସ୍ତାନ ବିରୋଧରେ ଆନ୍ଦୋଳନ ଡାକଦେଲା ଜେଏଏସି

ମୁଜାଫରାବାଦ : ପାକିସ୍ତାନ-ଅଧିକୃତ କାଶ୍ମୀର (ପିଓକେ)ରେ ଉତ୍ତେଜନା ମଧ୍ୟରେ ଜଏଣ୍ଟ ଅୱାମୀ ଆକ୍ସନ କମିଟି (ଜେଏଏସି) ପୁଣି ଆନ୍ଦୋଳନ ତୀବ୍ର କରିବାକୁ ଘୋଷଣା କରିଛି। ମୌଳିକ ଅଧିକାରର ଉଲ୍ଲଂଘନ, ସ୍ୱାସ୍ଥ୍ୟ ଓ ଶିକ୍ଷା ବ୍ୟବସ୍ଥାର ଅଧୋଗତି ଏବଂ ଆନ୍ଦୋଳନକାରୀଙ୍କୁ ନିର୍ଯାତନା ଦିଆଯାଉଥିବା ଅଭିଯୋଗ କରି କମିଟି ଏହି ନୂଆ କାର୍ଯ୍ୟକ୍ରମ ଘୋଷଣା କରିଛି। ରାୱଲକୋଟରେ ଅନୁଷ୍ଠିତ ବୈଠକରେ ଆଗାମୀ ପ୍ରତିବାଦ ଓ ଜନସମାବେଶର କାର୍ଯ୍ୟସୂଚୀ ଚୂଡ଼ାନ୍ତ ହୋଇଛି। କମିଟିର ଘୋଷଣା ଅନୁଯାୟୀ, ବୁଧବାର ସାରା ଅଞ୍ଚଳରେ 'କ୍ରାନ୍ତିର ପୟଗମ୍ବର ସମ୍ମେଳନ' ସହ ପ୍ରତିବାଦ କରାଯିବ। ଏଥିରେ ଧାର୍ମିକ ବିଦ୍ୱାନମାନେ ଯୋଗଦେଇ ପୟଗମ୍ବର ମହମ୍ମଦଙ୍କ ଶିକ୍ଷା ଏବଂ ଅତ୍ୟାଚାର, ଅଜ୍ଞାନତା ଓ ଶୋଷଣ ବିରୋଧୀ ତାଙ୍କ ସଂଘର୍ଷ ଉପରେ ଆଲୋଚନା କରିବେ।ଏହାର ତିନି ଦିନ ପରେ, ୨୯ ଅଗଷ୍ଟରେ 'ମୋ ପାଇଁ ସ୍ୱାସ୍ଥ୍ୟ ଓ ଶିକ୍ଷା କାହିଁକି ନାହିଁ?' ସ୍ଲୋଗାନରେ ବିକ୍ଷୋଭ ହେବ। ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟ ଓ ଚିକିତ୍ସା ସୁବିଧାରେ ଥିବା ଅଭାବକୁ ଏହି ପ୍ରଦର୍ଶନରେ ପ୍ରମୁଖତା ଦିଆଯିବ। ମହିଳା ଓ ଛାତ୍ରମାନଙ୍କୁ ଏଥିରେ ସାମିଲ ହେବାକୁ ଜେଏଏସି ଆହ୍ୱାନ ଦେଇଛି। ରାୱଲକୋଟ ଧାରଣାରେ ଯୋଗଦେବାକୁ ଥିବା ଲୋକଙ୍କୁ ୟୁନିଫର୍ମରେ ଆସିବାକୁ ମଧ୍ୟ କୁହାଯାଇଛି। ଏଥିସହ ରାୱଲକୋଟ, ଇସଲାମପୁର ସମେତ ଅନ୍ୟ ଅଞ୍ଚଳରୁ ନିଖୋଜ ହୋଇଥିବା ଲୋକଙ୍କୁ ଖୋଜି ତୁରନ୍ତ ମୁକ୍ତ କରିବାକୁ ଦାବି ହୋଇଛି। କୋଟଲି କମିଟି ସଦସ୍ୟ ଜିଆ-ଉଲ୍-ମଲିକ, ଫୈସଲ ମନ୍ନା ଓ ମହମ୍ମଦ ବିଲାୱଲଙ୍କ ନାମ ଏଥିରେ ଉଲ୍ଲେଖ କରାଯାଇଛି।କୋର କମିଟି ସଦସ୍ୟ ଶୌକତ ନୱାଜ ମୀରଙ୍କୁ ଅବୈଧ ଭାବେ ଅଟକ ରଖାଯାଇଥିବା ଅଭିଯୋଗ କରି ତାଙ୍କୁ କୋର୍ଟରେ ହାଜର କରିବା ଓ ପରିବାର ସହ ସାକ୍ଷାତ୍ କରିବାର ସୁଯୋଗ ଦେବାକୁ କମିଟି ଦାବି କରିଛି। ରାୱଲପିଣ୍ଡି ଓ ଇସଲାମାବାଦରେ ଗିରଫ ମହିଳା ଓ ଛାତ୍ରଙ୍କ ସମେତ ଶାନ୍ତିପୂର୍ଣ୍ଣ ପ୍ରଦର୍ଶନକାରୀଙ୍କୁ ଛାଡ଼ିବାକୁ ମଧ୍ୟ କୁହାଯାଇଛି।

# ଇ ୨୦ ପେଟ୍ରୋଲରେ କ୍ଲୋରାଇଡ୍ ମାତ୍ରା କମିବ


ନୂଆଦିଲ୍ଲୀ : ଦେଶରେ ଇଥାନଲ ମିଶ୍ରିତ ପେଟ୍ରୋଲବ୍ୟବହାର ବଢ଼ୁଥିବା ବେଳେ ଇନ୍ଧନର ଗୁଣବତ୍ତା ନେଇ ସରକାରକଡ଼ା ପଦକ୍ଷେପ ନେବାକୁ ଯାଉଛନ୍ତି। ଇ୨୦ ପେଟ୍ରୋଲରେ କ୍ଲୋରାଇଡ୍ର ସର୍ବାଧିକ ସୀମାକୁ ବାଧ୍ୟତାମୂଳକ କରିବା ଉପରେ ସରକାର ବିଚାର କରୁଛନ୍ତି। ବର୍ତ୍ତମାନ ଏହି ମାନଦଣ୍ଡ ସ୍ୱେଚ୍ଛାଧୀନ ଗୁଣବତ୍ତା ନିୟମ ଅଧୀନରେ ରହିଛି। ତୈଳ କମ୍ପାନି ସମେତ ଇନ୍ଧନ ଯୋଗାଣ ବ୍ୟବସ୍ଥାରେ ସାମିଲ ସମସ୍ତ ପକ୍ଷଙ୍କ ପାଇଁ ଇ ୨୦ ପେଟ୍ରୋଲରେ କ୍ଲୋରାଇଡ୍ ମାତ୍ରା ୩ ପାର୍ଟସ୍ ପର୍ ମିଲିୟନ୍ (ପିପିଏମ୍)ରୁ କମ୍ ରଖିବାକୁ ବାଧ୍ୟତାମୂଳକ କରାଯାଇପାରେ। ଭାରତୀୟ ମାନକ ବ୍ୟୁରୋ (ବିଆଇଏସ୍) ଏହି ନିୟମକୁ ବାଧ୍ୟତାମୂଳକ କରିବା ଦିଗରେ କାମ କରୁଛି।ଇ୨୦ ପେଟ୍ରୋଲ୍ର ଗୁଣବତ୍ତାକୁ ନେଇ




ଅଟୋମୋବାଇଲ ଶିଳ୍ପ ପକ୍ଷରୁ ଚିନ୍ତା ପ୍ରକାଶ ପାଇବା ପରେ ସରକାରଙ୍କ ଏହି ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି। କିଛି ଇନ୍ଧନ ନମୁନାରେ ଅଧିକ କ୍ଲୋରାଇଡ୍ ମାତ୍ରା ଓ ଅତିରିକ୍ତ ଆର୍ଦ୍ରତା ଥିବା ନେଇ ଅଟୋ ନିର୍ମାତାମାନେ ଅଭିଯୋଗ କରିଥିଲେ। ଏହାଦ୍ୱାରା ଗାଡ଼ିର ଯନ୍ତ୍ରାଂଶ ଖରାପ ହେବା ଆଶଙ୍କା ରହିଛି ବୋଲି ସେମାନେ କହିଥିଲେ।ଭାରତ ନିର୍ଦ୍ଧାରିତ ସମୟସୀମାର ପ୍ରାୟ ପାଞ୍ଚ ବର୍ଷ ପୂର୍ବରୁ ପେଟ୍ରୋଲରେ ୨୦% ଇଥାନଲ ମିଶ୍ରଣ ଲକ୍ଷ୍ୟ ହାସଲ କରିଛି। ଇ୨୦ ଅର୍ଥାତ୍ ୮୦% ପେଟ୍ରୋଲ ସହ ୨୦% ଇଥାନଲର ମିଶ୍ରଣ। ଇଥାନଲ ବ୍ୟବହାର ବଢ଼ାଇବା ଦ୍ୱାରା ଆମଦାନି ହେଉଥିବା ଅଶୋଧିତ ତେଲ ଉପରେ ନିର୍ଭରଶୀଳତା କମ୍ କରିବା, ବିଦେଶୀ ମୁଦ୍ରା ସଞ୍ଚୟ ଓ କାର୍ବନ ନିର୍ଗମନ ହ୍ରାସ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି।କିନ୍ତୁ ଦେଶ ଉଚ୍ଚ ଇଥାନଲ ମିଶ୍ରଣ ଦିଗରେ ଆଗକୁ ବଢ଼ୁଥିବାରୁ ଇନ୍ଧନର ଗୁଣବତ୍ତା ନିଶ୍ଚିତ କରିବା ଏବେ ଅଧିକ ଗୁରୁତ୍ୱ ପାଇଛି। ସରକାରଙ୍କ ନୂଆ ପଦକ୍ଷେପ ଲାଗୁ ହେଲେ ତେଲ କମ୍ପାନି ଓ ଅନ୍ୟ ଯୋଗାଣକାରୀଙ୍କୁ ଇନ୍ଧନର ମାନ ନେଇ ଅଧିକ ଦାୟିତ୍ୱବାନ ହେବାକୁ ପଡ଼ିବ। ଭବିଷ୍ୟତରେ ପେଟ୍ରୋଲରେ ଆହୁରି ଅଧିକ ଇଥାନଲ ମିଶ୍ରଣ ନେଇ ନୀତି ନିର୍ଦ୍ଧାରକ ଓ ଶିଳ୍ପ ମଧ୍ୟରେ ଆଲୋଚନା ଚାଲିଛି।

## ଆତ୍ମସମର୍ପଣ କରିବାକୁ ତରୁଣ ତେଜପାଲଙ୍କୁ ନିର୍ଦ୍ଦେଶ

ନୂଆଦିଲ୍ଲୀ : ୨୦୧୩ ଯୌନ ନିର୍ଯାତନା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ୧୦ ବର୍ଷ ଜେଲ୍ ଦଣ୍ଡାଦେଶ ପାଇଥିବା "ତେହେଲକା"ର ପୂର୍ବତନ ସମ୍ପାଦକ ତରୁଣ ତେଜପାଲଙ୍କୁ ମଙ୍ଗଳବାର ସୁପ୍ରିମକୋର୍ଟ ବଡ଼ ଝଟ୍କା ଦେଇଛନ୍ତି। ଅପିଲର ଶୁଣାଣି ପୂର୍ବରୁ ଜେଲରେ ଆତ୍ମସମର୍ପଣ ନ କରିବା ପାଇଁ ସେ କରିଥିବା ଆବେଦନକୁ କୋର୍ଟ ଖାରଜ କରିଦେବା ସହ ଦୁଇ ସପ୍ତାହ ମଧ୍ୟରେ ସରେଣ୍ଡର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।ଜଷ୍ଟିସ୍ ଆଲୋକ ଅରାଧେଙ୍କ ଖଣ୍ଡପୀଠ ତେଜପାଲଙ୍କ




ଆବେଦନକୁ ଅଗ୍ରାହ୍ୟ କରି ଆତ୍ମସମର୍ପଣ ପ୍ରମାଣପତ୍ର ଦାଖଲ କରିବାକୁ କହିଛନ୍ତି। ସେପ୍ଟେମ୍ବର ୨୨ କିମ୍ବା ତା' ପୂର୍ବରୁ ଏହି ସାର୍ଟିଫିକେଟ୍ ଦାଖଲ ହେଲେ, ସେହି ଦିନ ତାଙ୍କ ଅପିଲର ଶୁଣାଣି ତାଲିକାଭୁକ୍ତ କରାଯିବ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି। ତେଜପାଲଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ କପିଳ ସିବଲ ଓ ଅମନ ଲେଖୀ କୋର୍ଟରେ ଯୁକ୍ତି ଦର୍ଶାଇଥିଲେ ଯେ, ଅପିଲ୍ ଶୁଣାଣି ପୂର୍ବରୁ ଆସାମୀ ଆତ୍ମସମର୍ପଣ କରିବା କୌଣସି ଆଇନଗତ ବାଧ୍ୟତାମୂଳକ ନୁହେଁ। ବମ୍ବେ ହାଇକୋର୍ଟଙ୍କ ଅଗଷ୍ଟ ୬ ତାରିଖର ରାୟକୁ ଆଧାର କରି ସିବଲ କହିଥିଲେ ଯେ, ଏହି ମାମଲାଟି ୧୩ ବର୍ଷ ତଳର ଏବଂ ତେଜପାଲ ଏବେ ଜଣେ ବରିଷ୍ଠ ନାଗରିକ, ତେଣୁ ଅପିଲ୍ ଶୁଣାଣି ପୂର୍ବରୁ ମାତ୍ର କିଛି ଦିନ ପାଇଁ ତାଙ୍କୁ ଜେଲ୍ ପଠାଇବାର କୌଣସି ଯୌକ୍ତିକତା ନାହିଁ।

# ରୁଷରେ ଲ୍ୟାଣ୍ଡ କଲା ରହସ୍ୟମୟ ଆମେରିକା ଯୁଦ୍ଧ ବିମାନ

ନୂଆଦିଲ୍ଲୀ : ହଠାତ୍ ରୁଷ ଏୟାରପୋର୍ଟରେ ଲ୍ୟାଣ୍ଡ କରିଛି ଆମେରିକା ଯୁଦ୍ଧ ବିମାନ। ୟୁକ୍ରେନ ଯୁଦ୍ଧକୁ ନେଇ ରୁଷ ଓ ଆମେରିକା ବିବାଦ ଚରମ ସୀମାରେ ପହଞ୍ଚି ଥିବା ବେଳେ ମଙ୍ଗଳବାର ଘଟିଛି ଏମିତି ଘଟଣା। ଏହାର କାରଣ ଜଣାପଡ଼ି ନଥିଲେ ହେଁ ରହସ୍ୟମୟ ଆମେରିକା ଯୁଦ୍ଧ ବିମାନର ଲ୍ୟାଣ୍ଡିଂକୁ ନେଇ ଭିନ୍ନଭିନ୍ନ ଚର୍ଚ୍ଚା ଆରମ୍ଭ ହୋଇ ଯାଇଛି। ରୁଷର ଭ୍ନୁକୋଭୋ ଏୟାରପୋର୍ଟରେ ସମ୍ଭବତଃ ଲ୍ୟାଣ୍ଡ କରିଛି ଆମେରିକାର ବୋଇଂ ସି-୧୭ ଗ୍ଲୋବମାଷ୍ଟର ୩। ଏହା ଏକ ପରିବହନ ଯୁଦ୍ଧ ବିମାନ। ଆମେରିକା ବାୟୁସେନା ଦୂରଗାମୀ ପରିବହନ ପାଇଁ ଏହାକୁ କରିଥାଏ ବ୍ୟବହାର। ସେନା କର୍ମଚାରୀଙ୍କ ଠାରୁ ଆରମ୍ଭ କରି ସାମରିକ ସାମଗ୍ରୀ ଓ ବିଭିନ୍ନ ଜିନିଷ ଏଥିରେ ପରିବହନ କରାଯାଏ। ମଙ୍ଗଳବାର ସକାଳ ପ୍ରାୟ ୮.୫୦ରେ କଲ ସାଇନ ଆରସିଏଚ୪୫୫୫ ଆମେରିକା ଯୁଦ୍ଧ ବିମାନ



ଲାଟଭିଆର ରାଜଧାନୀ ରିଗାରୁ ଉଡ଼ାଣ ଭରିଥିଲେ। ଏହାର ପଞ୍ଜୀକୃତ ନମ୍ବର ହେଉଛି ୦୭-୭୧୮୧।ସକାଳ ୮.୫୦ରୁ ସେଠାରୁ ଉଡ଼ାଣ ଭରିଥିବା ବିମାନଟି ବେଶ ଅପ୍ରତ୍ୟାଶିତ ଢଙ୍ଗରେ ଦିନ ପ୍ରାୟ ୧୦ଟା ବେଳକୁ ମସ୍କୋରେ ଲ୍ୟାଣ୍ଡ କରିଛି। ତେବେ ଏପରି ଅପ୍ରତ୍ୟାଶିତ ଓ ରହସ୍ୟମୟ ଲ୍ୟାଣ୍ଡିଂ ଏଯାଏ ଜଣାପଡ଼ି ନାହିଁ। ଆମେରିକା କିମ୍ବା ରୁଷ ପକ୍ଷରୁ ଏ ସମ୍ପର୍କରେ କିଛି ବି କୁହାଯାଇ ନାହିଁ। ରୁଷର ପ୍ରତିରକ୍ଷା କେନ୍ଦ୍ର କ୍ରେମଲିନ ଆମେରିକା ଯୁଦ୍ଧ ବିମାନ ଲ୍ୟାଣ୍ଡ ସମ୍ପର୍କରେ କୌଣସି ଖବର ନଥିବା କହିଛି।ରୁଷରେ ଲ୍ୟାଣ୍ଡ କରିଥିବା ଆମେରିକା ବିମାନ ଅଗଷ୍ଟ ୨୩ରେ ରିଗାରେ ପହଞ୍ଚିଥିଲା। ଏହାପୂର୍ବରୁ ଏହା ଆମେରିକାର ଆଣ୍ଡ୍ରୁସ ଏୟାରଫୋର୍ସ ବେସ୍ର କ୍ୟାମ୍ପ ସ୍ପିର୍ଗସରୁ ଉଡ଼ାଣ ଭରିଥିଲା। ରିଗାରୁ ଆମେରିକା ଯିବା ବଦଳରେ ବଡ଼ ସାମରିକ ବିମାନ ରୁଷରେ ଅବତରଣ କରିବା ବିଭିନ୍ନ ଆକଳନକୁ ଜନ୍ମ ଦେଇଛି।ଆମେରିକାର ଆଣ୍ଡ୍ରୁସ ଏୟାରଫୋର୍ସ ବେସ ହେଉଛି ବରିଷ୍ଠ ଆମେରିକା ଅଧିକାରୀଙ୍କ ଉଡ଼ାଣ କରିବା ସ୍ଥାନ। ସାମରିକ ବିମାନ ରୁଷରେ ପହଞ୍ଚିବାର ଅର୍ଥ ଏହା ମଧ୍ୟରେ ବରିଷ୍ଠ ଅଧିକାରୀମାନେ ରହିଛନ୍ତି କି ବୋଲି ପ୍ରଶ୍ନ ଉଠିଛି। କିନ୍ତୁ କିଛି ବି ସ୍ପଷ୍ଟ ହୋଇନି।

# ୭ ଦିନରେ ୧୮୭ ଭୂକମ୍ପ, ରିଙ୍ଗ୍ ଅଫ୍ ଫାୟାରରେ ଆତଙ୍କ

ନୂଆଦିଲ୍ଲୀ: ପ୍ରଶାନ୍ତ ମହାସାଗରକୁ ଘେରି ରହିଥିବା 'ରିଙ୍ଗ୍ ଅଫ୍ ଫାୟାର' ଅଞ୍ଚଳରେ ଭୂକମ୍ପୀୟ ଗତିବିଧି ପୁଣି ଚର୍ଚ୍ଚାକୁ ଆସିଛି। ଗତ ୭ ଦିନ ମଧ୍ୟରେ ସମଗ୍ର ବିଶ୍ୱରେ ୪.୫ କିମ୍ବା ତା'ଠାରୁ ଅଧିକ ତୀବ୍ରତାର ୧୮୭ଟି ଭୂକମ୍ପ ରେକର୍ଡ ହୋଇଛି। ଏଥିରୁ ଅନେକ ଭୂକମ୍ପ ରିଙ୍ଗ୍ ଅଫ୍ ଫାୟାରରେ ହୋଇଛି। ଜାପାନ, ଇଣ୍ଡୋନେସିଆ, ଆଲାସ୍କା ଓ ଆମେରିକାର ପଶ୍ଚିମ ଅଞ୍ଚଳରେ ଲଗାତାର ଝଟକା ଅନୁଭୂତ ହୋଇଛି। ତେବେ ୧୮୭ଟି ଭୂକମ୍ପ କେବଳ ରିଙ୍ଗ୍ ଅଫ୍ ଫାୟାରରେ ହୋଇନାହିଁ। ଏହା ସମଗ୍ର ବିଶ୍ୱର ଏକ ସପ୍ତାହର ତଥ୍ୟ।ଏହି ସମୟ ମଧ୍ୟରେ ସବୁଠାରୁ ଶକ୍ତିଶାଳୀ ଭୂକମ୍ପ ଇଣ୍ଡୋନେସିଆ ନିକଟରେ ହୋଇଥିଲା। ଏହାର ତୀବ୍ରତା ରିକ୍ଟର ସ୍କେଲରେ ୭.୭ ଥିଲା। ଏହା ପରେ ଉତ୍ତର ଇଣ୍ଡୋନେସିଆରେ ୬.୯ ଓ ଦକ୍ଷିଣ ପେରୁରେ ୬.୭ ତୀବ୍ରତାର ଭୂକମ୍ପ ହୋଇଥିଲା। ଏଥିସହ ଜାପାନ, ଆଲାସ୍କା ଓ



ଆମେରିକାର ପଶ୍ଚିମ ଭାଗରେ ମଧ୍ୟ ୪.୫ରୁ ଅଧିକ ତୀବ୍ରତାର ଅନେକ ଝଟକା ରେକର୍ଡ ହୋଇଛି। ପ୍ରଶାନ୍ତ ମହାସାଗର ଚାରିପଟେ ପ୍ରାୟ ୪୦ ହଜାର କିଲୋମିଟର ଲମ୍ବା ଅଞ୍ଚଳକୁ ରିଙ୍ଗ୍ ଅଫ୍ ଫାୟାର୍ କୁହାଯାଏ। ଏଠାରେ ପୃଥିବୀର ଅନେକ ବଡ଼ ଟେକ୍ଟୋନିକ୍ ପ୍ଲେଟ୍ ପରସ୍ପର ନିକଟରେ ରହିଛି। ଏହି ପ୍ଲେଟ୍ଗୁଡ଼ିକ ଧୀରେଧୀରେ ଗତି କରୁଥିବାରୁ ଭୂକମ୍ପ ଓ ଆଗ୍ନେୟଗିରିର ସମ୍ଭାବନା ଏଠାରେ ଅଧିକ। ଜାପାନ, ଇଣ୍ଡୋନେସିଆ, ନ୍ୟୁଜିଲାଣ୍ଡ, ଆଲାସ୍କା ଓ ଆମେରିକାର ପଶ୍ଚିମ ଉପକୂଳ ଏହି ଭୂକମ୍ପୀୟ ବଳୟର ଅଂଶ। ବଡ଼ ଭୂକମ୍ପ ପରେ ଛୋଟ ଛୋଟ ଝଟକା ଆସିବା ସାଧାରଣ ଘଟଣା। ଏଗୁଡ଼ିକୁ 'ଆଫ୍ଟରଶକ୍' କୁହାଯାଏ। ତେଣୁ ଗତ ସପ୍ତାହର ଭୂକମ୍ପଗୁଡ଼ିକର ସଂଖ୍ୟା ବଢ଼ିଥିବାରୁ ତାହାକୁ ନିକଟ ଭବିଷ୍ୟତରେ ଆଉ ଏକ ବଡ଼ ଭୂକମ୍ପର ସିଧାସଳଖ ସଙ୍କେତ ବୋଲି କୁହାଯାଇପାରିବ ନାହିଁ। ବୈଜ୍ଞାନିକମାନଙ୍କ ମତରେ, କୌଣସି ଭୂକମ୍ପର ନିର୍ଦ୍ଦିଷ୍ଟ ତାରିଖ, ସ୍ଥାନ ଓ ତୀବ୍ରତା ପୂର୍ବରୁ ସଠିକ୍ ଭାବେ କହିବା ସମ୍ଭବ ନୁହେଁ। ତେଣୁ ୭ ଦିନରେ ୧୮୭ଟି ଭୂକମ୍ପର ତଥ୍ୟ ଚିନ୍ତା ବଢ଼ାଇଥିଲେ ମଧ୍ୟ ଏହାକୁ କୌଣସି ବଡ଼ ଭୂକମ୍ପର ପୂର୍ବାଭାସ ବୋଲି ଧରିବାର ବୈଜ୍ଞାନିକ ଆଧାର ନାହିଁ।

# ଆଇଆରଇଡିଏରର ଉଲ୍ଲେଖନୀୟ ଆର୍ଥିକ ସଫଳତା ହାସଲ

ନୂଆଦିଲ୍ଲୀ : ରାଷ୍ଟ୍ରାୟତ୍ତ ଭାରତୀୟ ଅକ୍ଷୟ ଶକ୍ତି ବିକାଶ ସଂସ୍ଥା (ଆଇଆରଇଡିଏ) ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ଉଲ୍ଲେଖନୀୟ ଆର୍ଥିକ ସଫଳତା ହାସଲ କରିଛି । ଋଣ ବିତରଣରେ ବୃଦ୍ଧି, ସୁଧ ଆୟ ବୃଦ୍ଧି ଏବଂ ସମ୍ପତ୍ତିର ଗୁଣବତ୍ତାରେ ସୁଧାର ଯୋଗୁଁ କମ୍ପାନୀର ନିଟ୍ ଲାଭ ବାର୍ଷିକ ଆଧାରରେ ୩୭ ପ୍ରତିଶତ ବଢ଼ି ୩୩୭ କୋଟି ଟଙ୍କାରେ ପହଞ୍ଚିଛି । ୨୦୨୬-୨୭ ଆର୍ଥିକ ବର୍ଷର ଏପ୍ରିଲ-ଜୁନ୍ ତ୍ରୈମାସିକରେ ଆଇଆରଇଡିଏର କର ପରବର୍ତ୍ତୀ ଲାଭ (ପିଏଟି) ୩୩୭ କୋଟି ଟଙ୍କା ରହିଛ ।ପୂର୍ବବର୍ଷର ସମାନ ଅବଧିରେ ଏହା ୨୪୭ କୋଟି ଟଙ୍କା ଥିଲା । ସେହିପରି କମ୍ପାନୀର ପରିଚାଳନା ଆୟ ୧୫ ପ୍ରତିଶତ ବଢ଼ି ୨,୨୫୦ କୋଟି ଟଙ୍କାରେ ପହଞ୍ଚିଛି, ଯାହା ଗତବର୍ଷ ୧,୯୬୦ କୋଟି ଟଙ୍କା ଥିଲା । ଜୁନ୍ ୩୦, ୨୦୨୬ ସୁଦ୍ଧା କମ୍ପାନୀର ଋଣ ପୁସ୍ତକ ବାର୍ଷିକ ଆଧାରରେ ୧୯ ପ୍ରତିଶତ ବଢ଼ି ୯୪,୯୩୬ କୋଟି ଟଙ୍କାରେ ପହଞ୍ଚିଛି । ଏକ ବର୍ଷ ପୂର୍ବରୁ ଏହା ୭୯,୯୪୧ କୋଟି ଟଙ୍କା ଥିଲା । ସୌରଶକ୍ତି, ପବନ ଶକ୍ତି, ଜଳବିଦ୍ୟୁତ, ଗ୍ରୀନ୍ ହାଇଡ୍ରୋଜେନ୍



ଏବଂ ଅନ୍ୟ ଉଦୀୟମାନ ସ୍ୱଚ୍ଛ ଶକ୍ତି ପ୍ରଯୁକ୍ତି କ୍ଷେତ୍ରରେ ଅର୍ଥାୟନ ପାଇଁ ବଢ଼ୁଥିବା ଚାହିଦା ଏହି ବୃଦ୍ଧିର ପ୍ରମୁଖ କାରଣ ।କମ୍ପାନୀର ଆର୍ଥିକ ସ୍ଥିତି ମଧ୍ୟ ମଜବୁତ ହୋଇଛି । ଏହାର ନିଟ୍ ମୂଲ୍ୟ ୧୨,୪୦୨ କୋଟି ଟଙ୍କାରୁ ବଢ଼ି ୧୪,୧୩୩ କୋଟି ଟଙ୍କାରେ ପହଞ୍ଚିଛି । ଭବିଷ୍ୟତରେ ଋଣ ବିତରଣ ବୃଦ୍ଧି ପାଇଁ ଏହା କମ୍ପାନୀକୁ ଅତିରିକ୍ତ ପୁଞ୍ଜି ଯୋଗାଇବ ।ଏହି ସମୟରେ ଆଇଆରଇଡିଏର ସମ୍ପତ୍ତିର ଗୁଣବତ୍ତାରେ ମଧ୍ୟ ସୁଧାର ଦେଖାଦେଇଛିଛ କମ୍ପାନୀର ନିଟ୍ ଏନପିଏ ଗତବର୍ଷର ୨.୦୬ ପ୍ରତିଶତରୁ ହ୍ରାସ ପାଇ ୧.୨୩ ପ୍ରତିଶତରେ ପହଞ୍ଚିଛି । ଦ୍ରୁତ ଗତିରେ ଋଣ ବ୍ୟବସାୟ ବଢ଼ୁଥିଲେ ମଧ୍ୟ ଋଣ ଆଦାୟ ଏବଂ କ୍ରେଡିଟ୍ ନିରୀକ୍ଷଣରେ ସୁଧାର ଏହାକୁ ସମ୍ଭବ କରିଛି । କମ୍ପାନୀର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ତଥା ନିର୍ଦ୍ଦେଶକ (ଅର୍ଥ) ବିଜୟ କୁମାର ମହାନ୍ତି କହିଛନ୍ତି ଯେ, କମ୍ପାନୀର ମଜବୁତ ବ୍ୟବସାୟିକ ଭିତ୍ତିଭୂମି ଏବଂ ସୁନିୟନ୍ତ୍ରିତ ଅଭିବୃଦ୍ଧି ରଣନୀତି ଏହି ଫଳାଫଳରେ ପ୍ରତିଫଳିତ ହୋଇଛି । ନିଟ୍ ଲାଭରେ ୩୭ ପ୍ରତିଶତ ବୃଦ୍ଧି ଏବଂ ଋଣ ପୁସ୍ତକରେ ୧୯ ପ୍ରତିଶତ ବୃଦ୍ଧି ସାରା ଦେଶରେ ଅକ୍ଷୟ ଶକ୍ତି ଅର୍ଥାୟନ ପାଇଁ ନିରନ୍ତର ଚାହିଦାକୁ ଦର୍ଶାଉଛି ।

# ନୂଆଦିଲ୍ଲୀରେ ସୂଚନା ଓ ଲୋକସମ୍ପର୍କ ବିଭାଗ ସଚିବଙ୍କ ଜାତୀୟ ସମ୍ମିଳନୀ

ନୂଆଦିଲ୍ଲୀ : ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ନୂଆଦିଲ୍ଲୀରେ ରାଜ୍ୟ ଏବଂ କେନ୍ଦ୍ରଶାସିତ ପ୍ରଦେଶଗୁଡ଼ିକର ସୂଚନା ଓ ଲୋକସମ୍ପର୍କ ବିଭାଗର ସଚିବମାନଙ୍କ ଏକ ଜାତୀୟ ସମ୍ମିଳନୀ ଆୟୋଜିତ ହୋଇଯାଇଛି । ଏହି ସମ୍ମିଳନୀରେ କେନ୍ଦ୍ର ଏବଂ ରାଜ୍ୟଗୁଡ଼ିକର ବରିଷ୍ଠ ଅଧିକାରୀମାନେ ଯୋଗଦେଇ ସୂଚନା, ପ୍ରସାରଣ, ଗଣମାଧ୍ୟମ ଏବଂ ସୃଜନଶୀଳ ଅର୍ଥବ୍ୟବସ୍ଥା କ୍ଷେତ୍ରରେ ପ୍ରମୁଖ ପଦକ୍ଷେପଗୁଡ଼ିକ ଉପରେ ବିଚାରବିମର୍ଶ କରିଛନ୍ତି । ସମ୍ମିଳନୀରେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସମନ୍ୱୟକୁ ସୁଦୃଢ଼ କରିବା ପାଇଁ ସହମତି ହୋଇଛି । ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟର ସଚିବ ଚଞ୍ଚଲ କୁମାର ସମ୍ମିଳନୀର ଅଧ୍ୟକ୍ଷତା କରିଥିଲେ। ସେ ଅଂଶଗ୍ରହଣକାରୀ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଅଧିକାରୀଙ୍କ ସହିତ ମତ ବିନିମୟ କରିଥିଲେ। କୁମାର ପ୍ରଧାନମନ୍ତ୍ରୀଙ୍କ ସପ୍ତଧାରା ଦୃଷ୍ଟିକୋଣର ଉଲ୍ଲେଖ କରିଥିଲେ। ଏହା ଅଧୀନରେ ଭାରତର ସଫ୍ଟ ପାୱାର ଏବଂ ସୃଜନଶୀଳ ଅର୍ଥବ୍ୟବସ୍ଥାକୁ ଜାତୀୟ ରାଜ୍ୟ ମଧ୍ୟରେ ଅଧିକ ଦୃଢ଼ ଓ ଢାଞ୍ଚାଗତ ସହଯୋଗର ଆବଶ୍ୟକତା ରହିଛି । ସେ କହିଥିଲେ, ସଂସ୍କୃତି, ସୃଜନଶୀଳତା ଓ ବାଣିଜ୍ୟକୁ ନେଇ ସୃଜନଶୀଳ ଅର୍ଥବ୍ୟବସ୍ଥା ଆଧାରିତ।




ପ୍ରଗତିର ୭ଟି ଧାରା ମଧ୍ୟରେ ସ୍ଥାନିତ କରାଯାଇଛି । ମନ୍ତ୍ରଣାଳୟର ସଚିବ କହିଥିଲେ, ଭାରତର ବିଶାଳ ସୃଜନଶୀଳ ସମ୍ଭାବନାକୁ ଉପଯୋଗ କରିବା ଏବଂ ଗଣ ଯୋଗାଯୋଗକୁ ସୁଦୃଢ଼ କରିବା ପାଇଁ କେନ୍ଦ୍ର ଓ ଏହି କ୍ଷେତ୍ରରେ ନିଯୁକ୍ତି ସୃଷ୍ଟି କରିବା, ନିବେଶକୁ ଆକର୍ଷିତ କରିବା ଏବଂ ଭାରତର ବୈଶ୍ୱିକ ପ୍ରଭାବକୁ ବୃଦ୍ଧି କରିବାର ସମ୍ଭାବନା ରହିଛି । ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ବିବିଧ ଶକ୍ତି ଉପରେ ଆଲୋକପାତ କରି ସଚିବ କହିଥିଲେ ଯେ ସୃଜନଶୀଳ ଅର୍ଥବ୍ୟବସ୍ଥାର ଅଭିବୃଦ୍ଧି ପାଇଁ ଗୋଟିଏ ମଡେଲ ଯଥେଷ୍ଟ ନୁହେଁ । ପ୍ରତ୍ୟେକ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ସାଂସ୍କୃତିକ ଶକ୍ତି, ସଂସ୍ଥାଗତ କ୍ଷମତା ଏବଂ ଆଞ୍ଚଳିକ ପ୍ରତିଭାକୁ ଏହାର ସୃଜନଶୀଳ ସମ୍ଭାବନାକୁ ସାକାର କରିବା ପାଇଁ ବ୍ୟବହାର କରାଯିବା ଆବଶ୍ୟକ ବୋଲି ସେ ଗୁରୁତ୍ୱାରୋପ କରି କହିଥିଲେ । ସେ କେନ୍ଦ୍ର-ରାଜ୍ୟ ସହଯୋଗ ବୃଦ୍ଧି ପାଇଁ ଭିତ୍ତିଭୂମି, ବ୍ୟବସାୟିକ ସୁଗମତା, କ୍ଷମତା ନିର୍ମାଣ, ଆଞ୍ଚଳିକ ବିଷୟବସ୍ତୁ ଏବଂ ସୃଜନଶୀଳ ପରିଦୃଶ୍ୟ ଭଳି କ୍ଷେତ୍ର ଉପରେ ମଧ୍ୟ ଆଲୋକପାତ କରିଥିଲେ। ୱେଭ୍ସ ୨୦୨୭, ୱେଭ୍ସ ବଜାର, ୱେଭ୍ସ ଏକ୍ସ ଏବଂ କ୍ରିଏଟ୍ ଇନ୍ ଇଣ୍ଡିଆ ଚାଲେଞ୍ଜ ଭଳି ଜାତୀୟ ପ୍ଲାଟଫର୍ମଗୁଡ଼ିକ ସାରା ଦେଶର ସୃଜନଶୀଳସ୍ରଷ୍ଟା ଏବଂ ଷ୍ଟାର୍ଟ-ଅପ୍ଗୁଡ଼ିକୁ ବଜାର, ନିବେଶକ, ପ୍ରଯୁକ୍ତିବିଦ୍ୟା ଏବଂ ବିଶ୍ୱ ସହଭାଗୀତା ପାଇଁ ଅଧିକ ସୁଯୋଗ ପ୍ରଦାନ କରିପାରିବେ। ଅଂଶଗ୍ରହଣକାରୀ ରାଜ୍ୟ ଏବଂ କେନ୍ଦ୍ର ଶାସିତ ପ୍ରଦେଶର ଅଧିକାରୀମାନେ ବିଭିନ୍ନ ପଦକ୍ଷେପର କାର୍ଯ୍ୟକାରିତା ସମ୍ପର୍କରେ ସେମାନଙ୍କର ଅଭିଜ୍ଞତା ଓ ଦୃଷ୍ଟିକୋଣ ବାଣ୍ଟିଥିଲେ। ଏଥିସହିତ ମନ୍ତ୍ରଣାଳୟ ସହ ସମନ୍ୱୟ ଓ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ପାଇଁ ଉପାୟଗୁଡ଼ିକ ଉପରେ ଆଲୋଚନା କରିଥିଲେ। ରାଜ୍ୟ ସ୍ତରରେ କ୍ଷମତା ନିର୍ମାଣର ଆବଶ୍ୟକତା ଉପରେ ମଧ୍ୟ ଆଲୋକପାତ କରାଯାଇଥିଲା । ରାଜ୍ୟଗୁଡ଼ିକ ବର୍ଦ୍ଧିତ ଯୋଗାଯୋଗ, ଲୋକସମ୍ପର୍କ ଏବଂ ନିୟମିତ ସମ୍ମିଳନୀ ମାଧ୍ୟମରେ ମନ୍ତ୍ରଣାଳୟଠାରୁ ଅଧିକ ସମର୍ଥନ ଲୋଡ଼ିଥିଲେ। ଅଧିକାରୀମାନେ ମଧ୍ୟ ମନ୍ତ୍ରଣାଳୟ ସହିତ ଅଧିକ ଘନିଷ୍ଠ ଭାବରେ ସହଯୋଗ କରିବା ଏବଂ ଅରେଞ୍ଜ ଇକୋନୋମିକୁ ସୁଦୃଢ଼ କରିବାରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିବାର ଆଗ୍ରହ ପ୍ରକାଶ କରିଥିଲେ।

## କଲମ୍ବୋ ଟେଷ୍ଟ

# ଶ୍ରୀଲଙ୍କା ପାଇଁ ଏକା ଲଢିଲେ ଦିନୁଶା

କଲମ୍ବୋ, ୨୫।୮ (ଏଜେନ୍ସି) : ବର୍ଷା ଯୋଗୁଁ ଟେଷ୍ଟର ତୃତୀୟ ଦିନ ସମ୍ପୂର୍ଣ୍ଣ ହୋଇପାରିନାହିଁ। ଶ୍ରୀଲଙ୍କା ୮୩.୪ ଓଭର ବ୍ୟାଟିଂ କରି ୮ ୱିକେଟ ବିନିମୟରେ ୨୬୫ ରନ କରିଛି। ଏବେବି ଭାରତର ପ୍ରଥମ ଇନିଂସ ୫୦୩/୯ ଜବାବରେ ଶ୍ରୀଲଙ୍କା ୨୩୮ ରନ ପଛରେ ରହିଛି। ତୃତୀୟ ଦିନ ଶ୍ରୀଲଙ୍କା ୮୦.୪ ଓଭର ବ୍ୟାଟିଂ କରି ୨୫୭/୬ ରନ କରିଥିଲା। ଶ୍ରୀଲଙ୍କା ପାଇଁ ପ୍ରଥମ ଟେଷ୍ଟ ଭଳି ଦ୍ୱିତୀୟରେ ମଧ୍ୟ ଯୁବ ତାରକା ସୋନାଲ ଦିନୁଶା ୮୫ ରନର ଇନିଂସ ଖେଳି ଲଢିଛନ୍ତି। ଦିନୁଶାଙ୍କୁ ପୂର୍ଣ୍ଣ ସମର୍ଥନ ଦେଇଥିଲେ ପାସିନ୍ଦୁ ସୂର୍ଯ୍ୟ ବନ୍ଦରା ଉଭୟ ଭାରତର ବୋଲିଂକୁ ସମ୍ଭାଳି ଶ୍ରୀଲଙ୍କାପାଇଁ ଲଢିଥିଲେ। ତଥାପି ଶ୍ରୀଲଙ୍କା ଭାରତର ପ୍ରଥମ ଇନିଂସ ଠାରୁ ୨୩୮ ରନର ପଛରେ ରହିଛି। ଦଳର ଫଲୋ ଅନ୍ ଏଡାଇବାକୁ ୩୮ ରନ ଦରକାର ଥିବା ବେଳେ ହାତରେ ଆଉ ୨ ରନ ରହିଛି। ତୃତୀୟ ଦିନ ଷ୍ଟମ୍ପ ଅପସାରଣ ବେଳକୁ ସୋନାଲ ଦିନୁଶା ୮୫ ଓ ଲାହିରୁ କୁମାରା ୫୦ ବଲରୁ ୮ ରନ କରି ଅପରାଜିତ ଅଛନ୍ତି। ଭାରତ ମଧ୍ୟ ନୂଆ ବଲ ନେଇସାରିଛି। ଚତୁର୍ଥ ଦିନ ଭାରତୀୟ ଦଳ ଯଥାଶୀଘ୍ର ଶ୍ରୀଲଙ୍କାକୁ



ଅଲଆଉଟ୍ କରିବାକୁ ଚାହିଁବ। ଶ୍ରୀଲଙ୍କା ମଧ୍ୟ ଦିନୁଶାଙ୍କ ଉପରେ ନିର୍ଭର କରିବ।

ତୃତୀୟ ଦିନ ଅସମାପ୍ତ ଇନିଂସ ୮/୨ ରୁ ଶ୍ରୀଲଙ୍କା ଅଭିଯାନ ଆରମ୍ଭ କରିଥିଲା। ଦିବସର ସପ୍ତମ ଓଭରରେ ପ୍ରସିଦ୍ଧ କ୍ରୀଷ୍ଣା ୧୯ ରନ କରିଥିବା କାମିଲା ମିସରାଙ୍କୁ ଆଉଟ୍ କରି ଶ୍ରୀଲଙ୍କାକୁ ପ୍ରଥମ ଝଟକା ଦେଇଥିଲେ। କିନ୍ତୁ ଏହାପରେ ପାସିନ୍ଦୁ ଓ କାମିନ୍ଦୁ ମେଣ୍ଡିସ୍ ସ୍ଥିତି ସମ୍ଭାଳିଥିଲେ। ପାସିନ୍ଦୁ ପ୍ରଥମ ଟେଷ୍ଟର ଦ୍ୱିତୀୟ ଇନିଂସରେ ଦିନେଶ ଚାଣ୍ଡିମଲଙ୍କ ସବ୍ଷ୍ଟିଚ୍ୟୁଟ୍ ଭାବେ ଡେବ୍ୟୁ କରିଥିଲେ। ତେଣୁ ତାଙ୍କୁ ପ୍ରଥମ ବଲରେ ଆଉଟ୍ ହେବାକୁ ପଡିଥିଲା। ଦ୍ୱିତୀୟ ଟେଷ୍ଟର ପ୍ରଥମ ଇନିଂସରେ ସେ ତାଙ୍କ ଦକ୍ଷତାର ପରିଚୟ ଦେଇଛନ୍ତି। ପାସିନ୍ଦୁ ଓ ମେଣ୍ଡିସ୍ ଚତୁର୍ଥ ୱିକେଟ୍ ପାଇଁ ୮୭ ରନ ଯୋଡିଥିଲେ। ଉଭୟ ଭଲ ଲୟରେ ଥିବାବେଳେ ଦଳୀୟ ସ୍କୋରକୁ ୧୨୨ ରେ ପହଞ୍ଚାଇଥିଲେ। ଏତିକି ବେଳେ ୩୨ ରନ କରିଥିବା ମେଣ୍ଡିସ୍ଙ୍କୁ ପ୍ରସିଦ୍ଧ କ୍ରୀଷ୍ଣା ଆଉଟ୍ କରିଥିଲେ। ପଡିଆକୁ ଆସିଥିବା ଧନଞ୍ଜୟ ଡିସିଲଭା କେବଳ ୮ ରନ କରିପାରିଥିଲେ। ତାଙ୍କୁ ମାନବ ସୁତାର ଆଉଟ୍ କରିଥିଲେ। ଶ୍ରୀଲଙ୍କା ୧୩୭ ରନରେ ୫ ୱିକେଟ ହରାଇଥିଲା। ହେଲେ ପାସିନ୍ଦୁ ନିଜର ଅର୍ଦ୍ଧଶତକ ହାସଲ କରିଥିଲେ। ଦଳୀୟ ସ୍କୋର ୧୭୧ ରନ ବେଳେ ପାସିନ୍ଦୁ ବ୍ୟକ୍ତିଗତ ୮୦ ରନ କରି ରବିନ୍ଦ୍ର ଜାଡେଜାଙ୍କ ଶିକାର ହୋଇଥିଲେ। ନିରସାନ ଡିକୱେଲାଙ୍କୁ ବିନା ସ୍କୋରରେ ଆଉଟ୍ କରିଥିଲେ ମହମ୍ମଦ ସିରାଜ। ଲାଗୁଥିଲା ଭାରତ ଶ୍ରୀଲଙ୍କାର ପ୍ରଥମ ଇନିଂସରେ ଯଥାଶୀଘ୍ର ପୂର୍ଣ୍ଣଚ୍ଛେଦ ପକାଇବ। କିନ୍ତୁ ଦିନୁଶା ଓ କେଶରା ନୁଆନ୍ଥା ଦଳୀୟ ସ୍କୋରକୁ ୨୩୦ ରନରେ ପହଞ୍ଚାଇଥିଲେ। ୫୦ ରନ ପୂରଣ କରିଥିବା ବେଳେ ନୁଆନ୍ଥା ୧୮ ରନ କରି ମାନବ ସୁତାରଙ୍କ ଶିକାର ହୋଇଥିଲେ। ଶ୍ରୀଲଙ୍କା ୮ ୱିକେଟ ହରାଇଥିଲେ ହେଁ ଦିନୁଶା ଓ ଲାହିରୁ କୁମାରା ଦଳୀୟ ସ୍କୋରକୁ ଆଗେଇନେଇଥିଲେ। ଭାରତ ବାରମ୍ବାର ବୋଲିଂ ପରିବର୍ତ୍ତନ କରିଥିଲେ ମଧ୍ୟ ବର୍ଷା ଯୋଗୁଁ ଖେଳ ବନ୍ଦ ହେବା ଯାଏ ଦୁହେଁ ଆଉ କ୍ଷତି ଘଟାଇବାକୁ ଦେଇନଥିଲେ। ଦିନୁଶା ୮୫ ଓ କୁମାରା ୮ ରନ କରିଥିବା ବେଳେ ବର୍ଷା ଆରମ୍ଭ ହୋଇଥିଲା। ତେଣୁ ଅମ୍ପାୟାର ବାଧ୍ୟ ହୋଇ ଖେଳକୁ ଯଥେଷ୍ଟ ଆଗରୁ ବନ୍ଦ କରିଦେଇଥିଲେ। ଭାରତର ମାନବ ଓ ପ୍ରସିଦ୍ଧ କ୍ରୀଷ୍ଣା ୩ ଟି ଲେଖାଏଁ ନେଇଥିବା ବେଳେ ଜାଡେଜା ଓ ମହମ୍ମଦଙ୍କୁ ଗୋଟିଏ ଲେଖାଏଁ ୱିକେଟ୍ ସଫଳତା ମିଳିଛି। ଭାରତ ପ୍ରଥମ ଇନିଂସରେ ୯ ୱିକେଟ୍ ହରାଇ ୫୦୩ ରନ କରି ପାଳି ଘୋଷଣା କରିଥିଲା। ଭାରତ ୧-୦ରେ ଆଗୁଆ ଥିବାରୁ ଶୃଙ୍ଖଳା ପୋଛି ନେବାର ଯଥେଷ୍ଟ ସମ୍ଭାବନା ରହିଛି।

# ଚର୍ଚ୍ଚାରେ ଜୁରେଲଙ୍କ ଟାଟୁ



କମମ୍ବୋ, ୨୫।୮ (ଏଜେନ୍ସି) : କଲମ୍ବୋ ଟେଷ୍ଟରେ ଭାରତ ଦମଦାର ପ୍ରଦର୍ଶନ ଦେଖାଇଛି। ଏହି ମ୍ୟାଚରେ ଭାରତର ପ୍ରମୁଖ ଆକର୍ଷଣ ଥିଲେ ଧ୍ରୁବ ଜୁରେଲ ଓ ରିଷଭ ପନ୍ତ। ଧ୍ରୁବ ନିଜ ଟେଷ୍ଟ କ୍ୟାରିୟର ଦ୍ୱିତୀୟ ଶତକ ହାସଲ କରିବା ସହ ଅପରାଜିତ ୧୧୫ ରନର ଏକ ଚମତ୍କାର ଇନିଂସ ଖେଳିଛନ୍ତି। ଶତକ ପୂରଣ କରିବା ପରେ ହେଲମେଣ୍ଟ ଓହ୍ଲାଇ ହାତରେ ଥିବା ଜୟଯବାନ ଜୟ କିଶାନ ଟାଟୁ ଦେଖାଇ ବିଶେଷ ଶୈଳିରେ ଶତକ ଉତ୍ସବ ପାଳିଥିଲେ। ତେବେ ୯୯ ରନରୁ ୧୦୦ ରନରେ ପହଞ୍ଚିବା ପାଇଁ ତାଙ୍କୁ ୧୩ ଟି ବଲ ଅପେକ୍ଷା କରିବାକୁ ପଡିଥିଲା। ଶ୍ରୀଲଙ୍କା ମାଟିରେ ୭ କିମ୍ବା ତାଠାରୁ ତଳ କ୍ରମରେ ବ୍ୟାଟିଂ କରି ଶତକ ହାସଲ କରିବାରେ ଜୁରେଲ ଦ୍ୱିତୀୟ ଭାରତୀୟ ହୋଇଛନ୍ତି। ଅନ୍ୟପଟରେ ରିଟାୟାର୍ଡ ହର୍ଟ ହୋଇଥିବା ପନ୍ତ ଦ୍ୱିତୀୟ ଦିନରେ ବ୍ୟାଟିଂ ପାଇଁ ମଇଦାନକୁ ଓହ୍ଲାଇଥିଲେ। ସେ ୮୯ ବଲରୁ ୬୩ ରନର ଧମାକାଦାର ଇନିଂସ ଖେଳିଥିଲେ। ଏହି ସମୟରେ ଲାହେରୁ କୁମାରଙ୍କ ବଲରେ ସେ ୯୫ ମିଟରର ବିଶାଳ ଛକା ମାରି ଷ୍ଟାଡିୟମ ଛାତରେ ଲଗାଯାଇଥିବା ସୋଲାର ପ୍ୟାନେଲରେ ବାଜିଥିଲା। ଯାହା ଫଳରେ ନୂଆ ବଲ ମଗାଇବାକୁ ପଡିଥିଲା। ଏହି ସୁନ୍ଦର ଇନିଂସ ବଳରେ ପନ୍ତ ଏକ ବଡ ରେକର୍ଡ ନିଜ ନାଁରେ କରିଛନ୍ତି। ବିଦେଶ ମାଟିରେ ଭାରତୀୟ ୱିକେଟ କିପର ଭାବେ ସର୍ବାଧିକ ଟେଷ୍ଟ ରନ ସଂଗ୍ରହ ମାମଲାରେ ସେ ମହେନ୍ଦ୍ର ସିଂ ଧୋନୀକୁ ପଛରେ ପକାଇଛନ୍ତି। ପନ୍ତ ବିଦେଶରେ ଟେଷ୍ଟ ରନ ୨୫୩୪ରେ ପହଞ୍ଚିଛି। ଏହାସହ ଟେଷ୍ଟ କ୍ରିକେଟରେ ୧୦୨ଟି ଛକା ମାରି ସେ ଆଡାମ ଗିଲକ୍ରିଷ୍ଟଙ୍କୁ ପଛରେ ପକାଇ ତୃତୀୟ ସ୍ଥାନ ହାସଲ କରିଛନ୍ତି।

# ଭାରତୀୟ ରଗବୀ ଦଳରେ କିସ୍‌ର ୫ ଛାତ୍ର

ଭୁବନେଶ୍ୱର, ୨୫।୮ (ସବ୍ୟୁ) : ଓଡିଶା ରଗବୀ ପାଇଁ ମଙ୍ଗଳବାର ଶୁଭ ଖବର ଆସିଛି। ଏସିଆନ ରଗବୀ ଏମିରେଟସ୍ ସେଭେନ୍ସ ସିରିଜ ପାଇଁ ଘୋଷିତ ଭାରତୀୟ ଦଳରେ ୬ ଜଣ ଓଡିଆ ସ୍ଥାନ ପାଇଛନ୍ତି। ଏମାନଙ୍କ ମଧ୍ୟରେ ୫ ଜଣ କିସ୍‌ର। ପୁରୁଷ ଦଳରେ ଦୁଇଜଣ ଓ ମହିଳା ଦଳରେ ୪ ଜଣ ସାମିଲ ହୋଇଛନ୍ତି। ଆଶିଷ ଶବର ଓ ଗଣେଶ ଡାଙ୍ଗରା ମାଝି ପୁରୁଷ ଦଳରେ ସ୍ଥାନ ପାଇଥିବା ବେଳେ ମହିଳା ଦଳରେ ଡୁମିନି ମାରାଣ୍ଡି, ମାମା ନାଏକ, ନିର୍ମାଲ୍ୟ ରାଉତ ଓ ସନ୍ଧ୍ୟାମଣି ଟୁଡୁଙ୍କୁ ସୁଯୋଗ ମିଳିଛି। ସନ୍ଧ୍ୟାମଣିଙ୍କୁ ବାଦ୍ ଦେଲେ ଅନ୍ୟ ୫ ଜଣ ଯାକ ସମସ୍ତେ କିସ୍‌ର ଛାତ୍ର।

ଏହି ଅନ୍ତର୍ଜାତୀୟ ପ୍ରତିଯୋଗିତା ଅଗଷ୍ଟ ୨୯ ରୁ ୩୦ ତାରିଖ ଦୁଇଦିନ ଧରି ଚୀନର ସୁଯୌରେ ଖେଳାଯିବ। ଆଗାମୀ ବୁଧବାର ଭାରତୀୟ ଦଳ ଚୀନ ଗସ୍ତ କରିବ। ୩୧ ତାରିଖରେ ଦଳ ପତ୍ୟାବର୍ତ୍ତନ କରିବ। ପରେ ଏହି ସିରିଜର




ଦ୍ୱିତୀୟ ଚରଣ ଅକ୍ଟୋବରରେ ଶ୍ରୀଲଙ୍କାରେ ଖେଳାଯିବ। ଓଡିଶା ରଗବୀ ଫୁଟବଲ ସଂଘ ସଭାପତି ପ୍ରିୟଦର୍ଶୀ ମିଶ, ଉପସଭାପତି ଉପେନ୍ଦ୍ର ମହାନ୍ତି ସମସ୍ତ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏତଦ୍ ବ୍ୟତୀତ କିଟ୍ ଓ କିସ୍ ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ, କିଟ୍‌ର କ୍ରୀଡା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ଏବଂ ରୁଦ୍ରକେଶ ଜେନା ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

# ବୈଭବ ଗୋଟିଏ ଓଭରରେ ନେଲେ ଦୁଇ ୱିକେଟ

ବେଙ୍ଗାଲୁରୁ, ୨୫।୮ (ଏଜେନ୍ସି) : ବ୍ୟାଟିଂରେ ଫ୍ଲପ୍ ହୋଇଥିଲେ ବି ବୋଲିଂରେ କମାଲ କରିଛନ୍ତି ବିହାରର ବିସ୍ମୟ ବାଳକ ବୈଭବ ସୂର୍ଯ୍ୟବଂଶୀ। ବେଙ୍ଗାଲୁରୁରେ ଖେଳାଯାଉଥିବା ଦୁଲୀପ ଟ୍ରଫି କ୍ୱାର୍ଟର ଫାଇନାଲରେ ବୈଭବ ଚମକିଛନ୍ତି। ବ୍ୟାଟିଂରେ ସେ ବିଫଳ ହୋଇଥିଲେ।କିନ୍ତୁ ଦମଦାରବୋଲିଂ କରି ଗୋଟିଏ ଓଭରରେ ୨ ୱିକେଟ ହାସଲ କରିଛନ୍ତି। ଇଷ୍ଟଜୋନ୍ ପକ୍ଷରୁ ଖେଳୁଥିବା ବୈଭବ ଦ୍ୱିତୀୟ ପାଳିରେ ଗୋଟିଏ ଓଭରରେ ଦୁଇଟି ୱିକେଟ ନେଇ ବିପକ୍ଷ ଦଳର ମେରୁଦଣ୍ଡ ଭାଙ୍ଗିଦେଇଛନ୍ତି । ପ୍ରଥମ ପାଳିରେ ନର୍ଥ ଜୋନ୍ ୧୧୧ ରନ କରିପାରିଥିଲା। ଜବାବ୍‌ରେ ଇଷ୍ଟଜୋନ୍ ୪୬୭ ରନର ବଡ ସ୍କୋର କରିଥିଲା। ଫଲୋ ଅନର ଶିକାର ହୋଇଥିଲା ନର୍ଥଜୋନ। ଦ୍ୱିତୀୟ ପାଳିରେ ବି ଟିମ୍ ଲଗାତାର ୱିକେଟ ହରାଇଥିଲା। ବାମହାତୀ ସ୍ପିନର ବୈଭବ ୨୭ତମ ଓଭର ବୋଲିଂ କରିବାକୁ ଆସିଥିଲେ। ଏହି ଓଭରରେ ସେ ଦୁଇଟି ୱିକେଟ ଅକ୍ତିଆର କରିଥିଲେ। ସେ ଦ୍ୱିତୀୟ ବଲରେ କିଶାନ ଲିଙ୍ଗଦୋହଙ୍କୁ ପାଭିଲିୟନ ପଠାଇଥିଲେ। ଓଭରର ପଞ୍ଚମ ବଲରେ ବୈଭବ ଇମଲିବାଟି ଲେମଚୁରଙ୍କୁ ଆଉଟ୍ କରିଥିଲେ। ଲେମଚୁର ମାତ୍ର ୩ ବଲରେ ଖେଳି ୪ ରନ କରିଥିଲେ। ଏହିଭଳିଭାବେ ବୈଭବ ଗୋଟିଏ ଓଭରରେ ୨ ବଡ ୱିକେଟ ନେଇ ନର୍ଥଇଷ୍ଟକୁ ଅକଳରେ ପକାଇଥିଲେ। ବୈଭବ ୩ ଓଭର ବୋଲିଂ କରି ୧୧ ରନ ଦେଇ ୨ ୱିକେଟ ନେଇଥିଲେ।

## ଆଫଗାନିସ୍ତାନ ବିପକ୍ଷ ଶୃଙ୍ଖଳା

# ଅଭିଶେକଙ୍କ ସ୍ଥାନରେ ଖେଳିବେ ସଞ୍ଜୁ



ନୂଆଦିଲ୍ଲୀ, ୨୫।୮ (ଏଜେନ୍ସି) : ଆଫଗାନିସ୍ତାନ ବିପକ୍ଷ ଟି -୨୦ ଶୃଙ୍ଖଳା ପାଇଁ ଭାରତୀୟ ଦଳ ଘୋଷଣା ନେଇ କ୍ରିକେଟ ପ୍ରେମୀଙ୍କ ମଧ୍ୟରେ ଉତ୍ସୁକତା ବଢିଛି। ସମ୍ଭାବ୍ୟ ଦଳକୁ ନେଇ ସାମ୍ନାକୁ ଆସିଥିବା ରିପୋର୍ଟ ଅନୁଯାୟୀ ଦଳରେ କିଛି ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଦେଖିବାକୁ ମିଳିବ। ୱିକେଟ୍ କିପର ବ୍ୟାଟର ସଞ୍ଜୁ ସାମସନ ପୁଣି ଥରେ ଦଳକୁ ଫେରିପାରନ୍ତି। ଅନ୍ୟପଟେ ଆଶାନୁରୂପ ପ୍ରଦର୍ଶନ କରିବାରେ ବିଫଳ ହୋଇଥିବା ଯୁବ ବିସ୍ଫୋରକ ଓପନର ଅଭିଶେକ ଶର୍ମାଙ୍କୁ ଟିମ୍ ମ୍ୟାନେଜମେଣ୍ଟ ବାହାରେ ଚିନ୍ତା କରୁଥିବା କୁହାଯାଉଛି। ଏହା ସହ ଅଭିଜ୍ଞ ଦ୍ରୁତ ବୋଲର ଭୁବନେଶ୍ୱର କୁମାରଙ୍କୁ ସସ୍‌ପେନ୍ସ ଜାରି ରହିଛି। କାରଣ ଚୟନକର୍ତ୍ତା ଯୁବ ଦ୍ରୁତ ବୋଲରଙ୍କ ଉପରେ ଅଧିକ ଭରସା ଦେଖାଉଛନ୍ତି।

ଚୟନ କମିଟି ଆଗାମୀ ବଡ ପ୍ରତିଯୋଗିତାଗୁଡିକୁ ଦୃଷ୍ଟିରେ ରଖି ଦଳରେ ସନ୍ତୁଳନ ଆଣିବାକୁ ଚେଷ୍ଟା କରୁଛି। ବୋଲିଂ ବିଭାଗରେ ଯୁବ ଦ୍ରୁତ ବୋଲରଙ୍କୁ ସୁଯୋଗ ମିଳିବା କାରଣରୁ ଭୁବନେଶ୍ୱର କୁମାରଙ୍କ ଦଳକୁ ଫେରିବା ବାଟ ବନ୍ଦ ଥିବା ପରି ମନେ ହେଉଛି। ଚୂଡାନ୍ତ ୧୫ ଜଣିଆ ଦଳ ଘୋଷଣା ହେବା ପରେ ହିଁ ସଞ୍ଜୁ ସାମସନଙ୍କ ଭୂମିକା ସ୍ପଷ୍ଟ ହେବ। ଏବେ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡର ଆନୁଷ୍ଠାନିକ ଘୋଷଣାକୁ ଚାହିଁ ରହିଛନ୍ତି। ଭାରତୀୟ ପୁରୁଷ ଦଳ ସେପ୍ଟେମ୍ବରରେ ଆଫଗାନିସ୍ତାନ ବିପକ୍ଷରେ ୩ ଟି ଟି -୨୦ ମ୍ୟାଚ ଖେଳିବ।

# ଭାରତ ହକି ବିଶ୍ୱକପରୁ ବିଦା

## କଡା ସମାଲୋଚନା କଲେ ଶ୍ରୀଜେଶ



ନୂଆଦିଲ୍ଲୀ, ୨୫।୮ (ଏଜେନ୍ସି) : ଉଭୟ ମହିଳା ଓ ପୁରୁଷ ଦଳ ହକି ବିଶ୍ୱକପରୁ ବିଦାୟ ନେଇଛନ୍ତି। ଉଭୟ ଟିମ୍ ସେମିଫାଇନାଲରେ ମଧ୍ୟ ପହଞ୍ଚିପାରନଥିଲେ। ଏହାକୁ ନେଇ ଦଳର ପୂର୍ବତନ ଗୋଲ କିପର ଏବଂ ଦୁଇଥର ଅଲିମ୍ପିକ୍ ବ୍ରୋଞ୍ଜ ପଦକ ବିଜେତା ପିଆର ଶ୍ରୀଜେଶ ଭାରତୀୟ ହକି ମହାସଂଘକୁ ସମାଲୋଚନା କରିଛନ୍ତି। ଦଳର ମ୍ୟାନେଜମେଣ୍ଟର ଉତ୍ତର ଏବଂଭୂମିକାକୁ ନେଇ ସେ ପ୍ରଶ୍ନ କରିଛନ୍ତି। ଭାରତୀୟ ପୁରୁଷ ଦଳ ଗତ ସୋମବାର ଆର୍ଜେଣ୍ଟିନା ଠାରୁ ୫-୩ ଗୋଲରେ ହାରିଥିଲା। ନେଦରଲାଣ୍ଡସ୍‌ରେ ବିଶ୍ୱକପ୍ ଖେଳାଯାଉଛି। ଭାରତକୁ ସେମି ଆଶା ଉଦ୍‌ଜୀବିତ ରଖିବାକୁ ଏହି ମ୍ୟାଚ ଜିତିବା ଜରୁରୀ ଥିଲା। କିନ୍ତୁ ଦଳ ଜିତିବାରେ ଅସମର୍ଥ ହୋଇଥିଲା। ଏବେ ଦଳ ସପ୍ତମ ସ୍ଥାନ ପାଇଁ ବେଲଜିୟମକୁ ଭେଟିବ। ଭାରତ ପରାଜୟର ବଡ କାରଣ ହେଉଛି ପେନାଲ୍ଟି କର୍ଣ୍ଣର। ଦଳ ୭ ଟି ପେନାଲ୍ଟି କର୍ଣ୍ଣର ପାଇଥିଲା କିନ୍ତୁ ସବୁ ବେକାର ଯାଇଥିଲା। ବଲ ଉପରେ ଖେଳାଳି ନିୟନ୍ତ୍ରଣ ରଖିଥିଲେ ମଧ୍ୟ ଗୋଲ କରିପାରିନଥିଲେ। ଏସବୁକୁ ନେଇ ଶ୍ରୀଜେଶ କଟାକ୍ଷ କରି କହିଛନ୍ତି ଯେ, ଚିନ୍ତା କରନ୍ତୁ ନାହିଁ ବିଶ୍ୱକପ୍ କିଛି ଫରକ ପକାଏନାହିଁ, ଏସିଆନ ଗେମ୍ସ ଆସୁଛି। ଏସିଆନ ଗେମ୍ସ ଜିତନ୍ତୁ ମେଡାଲ ପାଆନ୍ତୁ। ଏହା ପରେ ହିଁ ଅଲିମ୍ପିକ ପାଇଁ ସ୍ୱପ୍ନଦେଖିହେବ। ବିଶ୍ୱକପରେ ଯାହା କ୍ଷତି ହେଲା ତାହାକୁ ଏସବୁ ଟୁର୍ଣ୍ଣାମେଣ୍ଟ ଭରଣ କରିଦେବ ବୋଲି ଶ୍ରୀଜେଶ କହିଛନ୍ତି।

## ଜୟନ୍ତ ମହାପାତ୍ର ସ୍ମାରକୀ ଆନ୍ତଃସ୍କୁଲ ଫୁଟବଲ

# ୟୁନିଟ୍ ୧ ବିଦ୍ୟାଳୟ ବିଜୟୀ




ଭୁବନେଶ୍ୱର, ୨୫।୮ (ସବ୍ୟୁ) : ୟୁନିଟ୍ ୧ ସ୍ଥିତ ଫୁଟବଲ ଷ୍ଟାଡିୟମରେ ୟୁନିଟ୍ ଆଥଲେଟିକ ଆସୋସିଏସ୍ ପକ୍ଷରୁ ଆୟୋଜିତ ୩୫ତମ ଜୟନ୍ତ ମହାପାତ୍ର ସ୍ମାରକୀ ଆନ୍ତଃସ୍କୁଲ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ମଙ୍ଗଳବାର ୟୁନିଟ୍ ସରକାରୀ ହାଇସ୍କୁଲ ବିଜୟୀ ହୋଇଛି। ବର୍ଷା କାରଣରୁ ଦ୍ୱିତୀୟ ମ୍ୟାଚଟି ସ୍ଥଗିତ ରହିଥିଲା। ପ୍ରଥମ ମ୍ୟାଚରେ ୟୁନିଟ୍ ୩ ସରକାରୀ ହାଇସ୍କୁଲ ୪-୧ ଗୋଲରେ ୟୁନିଟ୍ ସରକାରୀ ହାଇସ୍କୁଲକୁ ପରାଜିତ କରିଥିଲା। ବିଜୟୀ ଦଳର ନରେନ୍ଦ୍ର ରାଓ, ମନୋରଞ୍ଜନ ସୋରେନ, ରତ୍ନମଣି ହେମ୍ବ୍ରମ ଓ ସୂର୍ଯ୍ୟକୁମାର ଜାଇପାଇ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ୟୁନିଟ୍ ୩ ହାଇସ୍କୁଲର ଗୋରାବରଡା ଏକମାତ୍ର ଗୋଲ ପରିଶୋଧ କରିଥିଲେ। ଅତିଥି ରଞ୍ଜିତ ମହାନ୍ତି ୟୁନିଟ୍ ୧ ହାଇସ୍କୁଲର ମନୋରଞ୍ଜନ ସୋରୋନଙ୍କୁ ପ୍ଲେୟାର ଅଫ ଦ ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ରେଫରୀ ଆଲୋକ ଦେହୁରୀ, ସୁଶାନ୍ତ କୁମାର ମିଶ୍ର, ସାଇଗ୍ରାମ କିସ୍କୁ, ସୁଜିତ କୁମାର ପାତ୍ରୋ ମ୍ୟାଚ ପରିଚାଳନା କରିଥିଲେ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / କ୍ଷୁଦ୍ରାଙ୍କୀ ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ। ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୦୩୮୫୩୩୧୬୪ / ଇମେଲ୍: classifiedsamaya@gmail.com ରେ ପଠାଇ ପାରିବେ। ଅଧିକ ସୂଚନା ପାଇଁ ୭୦୩୮୫୩୩୧୬୪ରେ ଯୋଗାଯୋଗ କରନ୍ତୁ।

# ଏସୀୟ କ୍ରୀଡ଼ା ପାଇଁ ୧୦୦ ଜଣଙ୍କୁ ପଠାଇବ ଉତ୍ତର କୋରିଆ



ନୂଆଦିଲ୍ଲୀ/ଟୋକିଓ, ୨୫।୮ (ଏଜେନ୍ସି) : ଆସନ୍ତା ୨୦୨୬ ଏଚି-ନାଗୋୟା ଏସୀୟ କ୍ରୀଡ଼ା ପାଇଁ ଉତ୍ତର କୋରିଆ ପ୍ରାୟ ୧୦୦ ଜଣ କ୍ରୀଡ଼ାବିତଙ୍କୁ ପଠାଇବାକୁ ଯୋଜନା କରିଛି। ଏହି କ୍ରୀଡ଼ାବିତ୍ମାନେ ୧୪ଟି ବିଭିନ୍ନ କ୍ରୀଡ଼ାରେ ଦେଶ ପାଇଁ ପଦକ ଜିତିବାକୁ ପ୍ରତିଯୋଗିତା କରିବେ। ଉତ୍ତର କୋରିଆର ଜାତୀୟ ଅଲିମ୍ପିକ୍ କମିଟି ର ସାଧାରଣ ସମ୍ପାଦକ କୋ ଚୋଲ-ହୋ କହିଛନ୍ତି ଯେ, ଏଥର ଦଳର ଆକାର ଛୋଟ ହୋଇଥିଲେ ମଧ୍ୟ ପୂର୍ବ ଏସୀୟ କ୍ରୀଡ଼ା ତୁଳନାରେ ଅଧିକ ପଦକ ଜିତିବା ଲକ୍ଷ୍ୟ ରହିଛି। ପୂର୍ବ ଏସୀୟ କ୍ରୀଡ଼ାରେ ଭଲ ପ୍ରଦର୍ଶନ ୨୦୨୨ ମସିହାର ହାଙ୍ଗଜୋ ଏସୀୟ କ୍ରୀଡ଼ାରେ ଉତ୍ତର କୋରିଆ ୧୮ଟି କ୍ରୀଡ଼ାରେ ୧୮୫ ଜଣ କ୍ରୀଡ଼ାବିତଙ୍କୁ ପଠାଇଥିଲା। କୋଭିଡ୍-୧୯ ମହାମାରୀ କାରଣରୁ ଏହି କ୍ରୀଡ଼ା ୨୦୨୩ରେ ଅନୁଷ୍ଠିତ ହୋଇଥିଲା। ସେଠାରେ ଉତ୍ତର କୋରିଆ ୧୧ଟି ସ୍ୱର୍ଣ୍ଣ, ୧୮ଟି ରୌପ୍ୟ ଓ ୧୦ଟି କାଂସ୍ୟ, ମୋଟ ୩୯ଟି ପଦକ ଜିତିଥିଲା। ଏଥର କ୍ରୀଡ଼ାବିତ୍ଙ୍କ ସଂଖ୍ୟା ପ୍ରାୟ ଅଧା ହୋଇଥିଲେ ମଧ୍ୟ ପଦକ ସଂଖ୍ୟା ବଢ଼ାଇବାକୁ ଉତ୍ତର କୋରିଆ ଆଶା ରଖିଛି। ଏଥିପାଇଁ ଗତ କିଛି ବର୍ଷ ଧରି କ୍ରୀଡ଼ାବିତ୍ମାନେ କଠିନ ପରିଶ୍ରମ କରିଆସୁଥିବା ଏନ୍‌ଓସି ପକ୍ଷରୁ କୁହାଯାଇଛି। ଜାପାନରୁ ଦୁଇ କ୍ରୀଡ଼ାବିତ୍ ଏଥର ଉତ୍ତର କୋରିଆ ଦଳରେ ଜାପାନରେ ରହୁଥିବା ଦୁଇଜଣ କୋରିଆନ୍ କ୍ରୀଡ଼ାବିତ୍ ମଧ୍ୟ ସାମିଲ ହେବେ। ସେମାନେ ହେଲେ ଫୁଟବଲ୍ ଖେଳାଳି ରି ସଙ୍ଗ-ଆ ଏବଂ କରାଟେ ଖେଳାଳି ଜୋଙ୍ଗ ସେ-ରି। ୨୦୨୬ ଏସୀୟ କ୍ରୀଡ଼ା ଜାପାନର ଏଚି ପ୍ରିଫେକ୍ଚର ଏବଂ ଏହାର ଆଖପାଖ ଅଞ୍ଚଳରେ ହେବ। ମୁଖ୍ୟ ଆୟୋଜକ ସହର ହେଉଛି ନାଗୋୟା। ଉଦ୍ଘାଟନୀ ସମାରୋହ ସେପ୍ଟେମ୍ବର ୧୯, ୨୦୨୬ରେ ହେବ ଏବଂ ସମାପନୀ ସମାରୋହ ଅକ୍ଟୋବର ୪ରେ ହେବ। ତେବେ ଫୁଟବଲ୍, ବାସ୍କେଟବଲ୍, ହକି ଓ ଭଲିବଲ୍ ଭଳି କିଛି କ୍ରୀଡ଼ାର ପ୍ରାରମ୍ଭିକ ମ୍ୟାଚ୍ ଉଦ୍ଘାଟନୀ ସମାରୋହ ପୂର୍ବରୁ ଆରମ୍ଭ ହୋଇଯିବ।

ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/
store/app/details/
id- com.samayalive.app

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି